

୯୦୦ ଗୋଲ୍ କ୍ଲବ୍‌ରେ ମେସି

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-261 ♦FRIDAY ♦20 MARCH 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୨୬୧ ♦ଶୁକ୍ରବାର ♦୨୦ ମାର୍ଚ୍ଚ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## 'କଳିଙ୍ଗ'ରେ ୨୦୨୮ ବିଶ୍ୱ ଇନଡୋର ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍



■ ଭୁବନେଶ୍ୱର, ୧୯।୩ (ସମିସ): ଓଡ଼ିଶା ତଥା କଳିଙ୍ଗ ଷ୍ଟାଡିୟମ କ୍ରୀଡ଼ା ମାନଚିତ୍ରରେ ଆଉ ଏକ ବିଶ୍ୱସ୍ତରୀୟ ଇଭେଣ୍ଟ ଯୋଡ଼ି ହେବାକୁ ଯାଉଛି। ୨୦୨୮ ବିଶ୍ୱ ଇନଡୋର ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ର ଆୟୋଜନ ଅଧିକାର ଭାରତକୁ ମିଳିଛି। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମସ୍ଥିତ ଇନଡୋର ଆଥ୍‌ଲେଟିକ୍ସ ଷ୍ଟାଡିୟମରେ ଏହି ମେଗା ଇଭେଣ୍ଟ ଆୟୋଜିତ ହେବ। ୱାର୍ଲ୍ଡ ଆଥ୍‌ଲେଟିକ୍ସର ସଭାପତି ସେବାଷ୍ଟିଆନ କୋଏ ଗୁରୁବାର ଏହି ଘୋଷଣା କରିଛନ୍ତି। ପୋଲାଣ୍ଡର ତରୁନଠାରେ ଗୁରୁବାର ୱାର୍ଲ୍ଡ ଆଥ୍‌ଲେଟିକ୍ସର କାଉନସିଲ୍ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୦୨୮ ଓ ୨୦୩୦ ବିଶ୍ୱ ଇନଡୋର ଆୟୋଜନ ଅଧିକାର ଲାଗି ନିଷ୍ପତ୍ତି ନିଆଯାଇଛି। ସୂଚନାଯୋଗ୍ୟ ବିଜୁ ଜନତା ଦଳ ସରକାର ଏହି ଷ୍ଟାଡିୟମ୍ ନିର୍ମାଣ କରିଥିଲେ। ସରକାରଙ୍କ ଏହି ଦୂରଦୃଷ୍ଟି ଓଡ଼ିଶାକୁ ବିଶ୍ୱ କ୍ରୀଡ଼ା ମାନଚିତ୍ରରେ ପୁଣିଥରେ ସ୍ଥାନିତ କରିଛି। ପୂର୍ବରୁ ଏଠାରେ ଏସିଆନ୍ ଆଥଲେଟିକ୍ ମିଟ୍ ୨୦୧୭ରେ ଆୟୋଜିତ ହୋଇଥିଲା।

ୱାର୍ଲ୍ଡ ଆଥ୍‌ଲେଟିକ୍ସର କାଉନସିଲ୍ ବୈଠକ ପରେ ଏହି ଘୋଷଣା କରି ସେବାଷ୍ଟିଆନ କୋଏ କହିଛନ୍ତି, 'ବିଶ୍ୱ ଇନଡୋର ଚାମ୍ପିଅନସିପ୍‌ର ଆଗାମୀ ଦୁଇଟି ସଂସ୍କରଣ ଲାଗି ଭେନ୍ୟୁ ଚୂଡ଼ାନ୍ତ କରାଯାଇଛି। ଓଡ଼ିଶାର ଭୁବନେଶ୍ୱରଠାରେ ୨୦୨୮ ସଂସ୍କରଣ ଏବଂ କାଜାଖସ୍ତାନର ଆଷ୍ଟନରେ ୨୦୩୦ ସଂସ୍କରଣ ଅନୁଷ୍ଠିତ ହେବ।' ସେହିଭଳି ୨୦୨୮ ସଂସ୍କରଣ ଆୟୋଜନ ଅଧିକାର ଭୁବନେଶ୍ୱରକୁ ମିଳିଥିବା ନେଇ ଭାରତୀୟ ଆଥ୍‌ଲେଟିକ ମହାସଂଘ (ଏଏଫ୍‌ଆଇ)ର ସଭାପତି ବାହାଦୁର ସିଂହ ସାଗୋ ନିଶ୍ଚିତ କରିଛନ୍ତି। ଉଲ୍ଲେଖଯୋଗ୍ୟ ଦକ୍ଷିଣ ଏସିଆର ପ୍ରଥମ ଓ ଏକମାତ୍ର ଇନଡୋର ଆଥ୍‌ଲେଟିକ୍ସ ଷ୍ଟାଡିୟମ କଳିଙ୍ଗ ଷ୍ଟାଡିୟମରେ ରହିଛି। ଯେଉଁଠାରେ ଭାରତର ସର୍ବପ୍ରଥମ ଜାତୀୟ ଇନଡୋର ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ଆସନ୍ତା ୨୪ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଉଲ୍ଲେଖଯୋଗ୍ୟ, କଳିଙ୍ଗ ଷ୍ଟାଡିୟମରେ ଏଥିପୂର୍ବରୁ ଦୁଇ ଦୁଇଥର ସିନିଅର ପୁରୁଷ ହକି ବିଶ୍ୱକପ, ଜୁନିଅର ହକି ବିଶ୍ୱକପ, ୧୭ ବର୍ଷରୁ କମ୍ ଫିଫା ବାଳିକା ବିଶ୍ୱକପ, ଏସୀୟ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ଭଳି ବିଶ୍ୱସ୍ତରୀୟ ଇଭେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏବେ ଏହି ତାଲିକାରେ ବିଶ୍ୱ ଇନଡୋର ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ଯୋଡ଼ି ହେବାକୁଯାଉଛି।

# କଲେଜ ଛାତ୍ରୀଙ୍କୁ ଦୁଷ୍କର୍ମ ପରେ ହତ୍ୟା!

ଢେଙ୍କାନାଳରେ ଲଜ୍ଜା



+୨ ପରୀକ୍ଷା ଦେବାକୁ ଯାଇ ଘରକୁ ଫେରି ନ ଥିଲେ

ଜଙ୍ଗଲରୁ କ୍ଷତବିକ୍ଷତ ମୃତଦେହ ଉଦ୍ଧାର

■ କାମାକ୍ଷାନଗର/ଭୁବନ, ୧୯।୩ (ସମିସ): କାମାକ୍ଷାନଗର ଥାନା ସାରୁଆଳି ଗ୍ରାମ ନିକଟ ଜଙ୍ଗଲରୁ ଜଣେ କଲେଜ ଛାତ୍ରୀଙ୍କ କ୍ଷତବିକ୍ଷତ ମୃତଦେହ ଠାବ ହୋଇଛି। ମୃତ ଛାତ୍ରୀଙ୍କ ଘର ଭୁବନ ଥାନା ଅଞ୍ଚଳରେ ହୋଇଥିବା ବେଳେ ସେ କାମାକ୍ଷାନଗର ମହିଳା ମହାବିଦ୍ୟାଳୟରେ ଯୁକ୍ତ ଦୁଇ ପ୍ରଥମ ବର୍ଷରେ ପଢୁଥିଲେ। ପାରିପାର୍ଶ୍ୱିକ ପରିସ୍ଥିତିରୁ, ତାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି।

ଛାତ୍ରୀଜଣଙ୍କ କାମାକ୍ଷାନଗରରେ ତାଙ୍କ ଅଜାଙ୍କ ଘରେ ରହି ପଢୁଥିଲେ। ଗତକାଲି ପରୀକ୍ଷା ଦେବାକୁ କଲେଜ ଯାଇ ଆଉ ଫେରିନଥିଲେ। ପରିବାରଲୋକ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ହେଁ ପାଇନଥିଲେ। ଗୁରୁବାର ସକାଳେ ତାଙ୍କ ମୃତଦେହ ସାରୁଆଳି ଜଙ୍ଗଲ ଭିତରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ତାଙ୍କ ଶରୀରରେ ଏକାଧିକ କ୍ଷତଚିହ୍ନ ରହିଥିବାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ଛାତ୍ରୀଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ପରିବାରଲୋକ ଓ ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ପୁଲିସଘ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଢେଙ୍କାନାଳ ଏସ୍‌ପି ଅଭିନବ ସୋନକାର, କାମାକ୍ଷାନଗର ଏସଡିପିଓ ରଜନୀକାନ୍ତ ସାମଲ, ଥାନା ଅଧିକାରୀ, ଫରେନସିକ ଟିମ, ଡଗ୍ ସ୍କ୍ୱାଡ୍ ଏବଂ ଜିଲ୍ଲା ସାଇଣ୍ଟିଫିକ ଟିମ୍ ପହଞ୍ଚି ଛାନ୍‌ଭିନ୍ କରିଛନ୍ତି। ପୁଲିସ ତୁରନ୍ତ ଅପରାଧୀଙ୍କୁ ଗିରଫ କରି କଠୋର୍ ଦଣ୍ଡ ଦେବାକୁ ପରିବାରଲୋକ ଦାବି କରିଛନ୍ତି। ଅନ୍ୟପଟେ ପୁଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି। ଖୁବ୍‌ଶୀଘ୍ର ଅପରାଧୀଙ୍କୁ ଧରାଯିବ ବୋଲି ଏସ୍‌ପି ସୋନକର କହିଛନ୍ତି।

# ଇରାନର ଚରମ ପ୍ରତିଶୋଧ

## ସାଉଦି, କତାର ଉପରେ ପ୍ରଚଣ୍ଡ ଆକ୍ରମଣ



### ମିଜାଇଲ୍ ମାଡ଼ରେ ହୁତୁହୁତୁ ଜଳୁଛି ତୈଳ ଓ ଗ୍ୟାସ୍ ଭଣ୍ଡାର

### ଇରାନର ଗ୍ୟାସ୍ ପ୍ରତିଷ୍ଠାନ ଉପରେ ଆକ୍ରମଣ କରି ଇସ୍ରାଏଲ ଭୁଲ୍ କରିଛି: ଟ୍ରମ୍ପ

■ ଦୁବାଇ/ରିୟାଦ, ୧୯।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଆମେରିକା- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଦିନକୁ ଦିନ ଭୟଙ୍କର ହେବାରେ ଲାଗିଛି। ଇରାନ ଉପରେ ଆମେରିକା- ଇସ୍ରାଏଲ ଆକ୍ରମଣ କରି ଯେଉଁ ଭୁଲ କରିଛନ୍ତି, ତାହାର ପ୍ରଭାବ ଏବେ ସାରା ବିଶ୍ୱ ଉପରେ ପଡ଼ିବାକୁ ଆରମ୍ଭ କଲାଣି। ପରସ୍ପରର ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣରୁ ଆରମ୍ଭ ହୋଇଥିବା ଏହି ଯୁଦ୍ଧ ଏବେ ଭିନ୍ନ ମୋଡ଼ ନେଇଛି। ଇରାନର ଗୁରୁତ୍ୱପୂର୍ଣ୍ଣ 'ସାଉଥ ପାର୍ସ' ଗ୍ୟାସ୍ ଫିଲ୍ଡ ଉପରେ ଗତକାଲି ଇସ୍ରାଏଲ ଆକ୍ରମଣ କରିବା ପରେ ପୁଣି ରକ୍ତମୁଖା ହୋଇଉଠିଛି ଇରାନ। ▶ପୃଷ୍ଠା-୭

## ସେୟାର ବଜାରରେ କମ୍ପନ

### ୨୫୦୦ ପଏଣ୍ଟ ଖସିଲା ସେନ୍‌ସେକ୍ସ

ନିବେଶକଙ୍କ ଧୋଇଗଲା ୧୨ ଲକ୍ଷ କୋଟି

■ ମୁମ୍ବାଇ, ୧୯।୩ (ଏଜେନ୍ସି): ଦିନକୁ ଦିନ ଘନେଇବାରେ ଲାଗିଛି ମଧ୍ୟ ପ୍ରାଚ୍ୟ ସଙ୍କଟ। ଏହାର ପ୍ରଭାବରେ ଭାରତୀୟ ସେୟାର ବଜାର ଧ୍ୱସ୍ତ ହୋଇଯାଇଛି। ଗୁରୁବାର ବୈଶ୍ୱିକ ଉତ୍ତେଜନା ଓ ତୈଳ ମୂଲ୍ୟରେ ଅଚାନକ ବୃଦ୍ଧି ଯୋଗୁ ଘରୋଇ ସେୟାର ବଜାର ତଳମୁହାଁ ହୋଇଛି। ଆମେରିକା, ଇସ୍ରାଏଲ ଓ ଇରାନ ମଧ୍ୟରେ ଜାରି ସଂଘର୍ଷ ଏବେ ପ୍ରମୁଖ ଶକ୍ତି ଭିତ୍ତିଭୂମିଗୁଡ଼ିକୁ ପ୍ରଭାବିତ କରିଛି। ଏହାର ପ୍ରଭାବରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସେନସେକ୍ସ ଏବଂ ନ୍ୟାସନାଲ ଷ୍ଟକ୍ ▶ପୃଷ୍ଠା-୭

## ଏସ୍‌ସିବି ଅଗ୍ନିକାଣ୍ଡ ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି

# ବିରୋଧୀ ଅଟଳ, ଗୃହ ଅଚଳ, ବୈଠକ ବିଫଳ

### କ୍ରମାଗତ ତୃତୀୟ ଦିନ ପାଇଁ ଗୃହ କାର୍ଯ୍ୟରେ ଭାଗ ନେଲେନି ବିରୋଧୀ

### ବିରୋଧୀଙ୍କ ଅନୁପସ୍ଥିତିରେ ବିଧାନସଭାରେ ଖର୍ଚ୍ଚଦାବି ଆଲୋଚନା

### ଜୋର୍‌ଜବରଦସ୍ତ ସରକାର ଗୃହ ଚଳାଉଥିବା ବିରୋଧୀଙ୍କ ଅଭିଯୋଗ

■ ଭୁବନେଶ୍ୱର, ୧୯।୩ (ସମିସ): ଏସସିବି ହସ୍ପିଟାଲ ଅଗ୍ନିକାଣ୍ଡ ଘଟଣାକୁ ନେଇ କ୍ରମାଗତ ତୃତୀୟ ଦିନ ପାଇଁ ଗୃହ ଅଚଳ କରିଛନ୍ତି ବିରୋଧୀ। ରାଜ୍ୟ ଇତିହାସରେ ପ୍ରଥମ ଥର ପାଇଁ ସରକାରୀ ହସ୍ପିଟାଲରେ ଏତେବଡ଼ ଅଘଟଣ ଘଟିଥିବା ବେଳେ ସ୍ୱାସ୍ଥ୍ୟ ବିଭାଗର ଅବହେଳା ଏଥିରେ ଜଳଜଳ ଦିଶୁଛି। ତେଣୁ ନୈତିକତା ଦୃଷ୍ଟିରୁ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଇସ୍ତଫା ନ ଦେଲା ପର୍ଯ୍ୟନ୍ତ ପ୍ରତିବାଦ ଜାରି ରହିବ ବୋଲି ଗୃହ ବାହାରେ ରୋକଠୋକ ଶୁଣାଇଛନ୍ତି ବିରୋଧୀ। ଗୁରବାର ମଧ୍ୟ ବିରୋଧୀ ବିଜେଡି ଓ କଂଗ୍ରେସ ଗୃହ କାର୍ଯ୍ୟରେ ଆଦୌ ଭାଗ ନେଇ ନ ଥିବା ବେଳେ ଜଳସମ୍ପଦ ବିଭାଗର ଖର୍ଚ୍ଚଦାବି ପାରିତ ହୋଇଛି।

ଗୁରୁବାର ଗୃହ ଆରମ୍ଭରୁ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ହାତରେ ପୋଷ୍ଟର ଓ ବ୍ୟାନର ଧରି ଗୃହର ମଧ୍ୟଭାଗକୁ ମାଡି ଆସିଥିଲେ। 'ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା ଆମର ଦାବି, ରାମ ନାମ ସତ୍ୟ ହେ... ହରି ନାମ ସତ୍ୟ ହେ' ସ୍ଲୋଗାନରେ ଗୃହ କମ୍ପାଇଥିଲେ। ଏହା ମଧ୍ୟରେ ପ୍ରଶ୍ନକାଳ ଜାରି ରହିଥିଲେ ହେଁ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ମଧ୍ୟରେ କିଛି ଶୁଣାଯାଉ ନ ଥିଲା। ଫଳରେ ବାଚସ୍ପତି ଗୃହକୁ ୧୦ ଟା ୪୩ ରୁ ୧୧ ଟା ୩୦ ପର୍ଯ୍ୟନ୍ତ ମୁଲତବି ଘୋଷଣା କରିଥିଲେ।

ଶୂନ୍ୟକାଳରେ ପୁଣି ସମାନ ଢଙ୍ଗରେ ହଟ୍ଟଗୋଳ ଜାରି ରହିଥିଲା ଓ ଏହି ସମୟରେ ବାଚସ୍ପତି ବିଜେପି ବିଧାୟକମାନଙ୍କୁ ଶୂନ୍ୟକାଳରେ ବକ୍ତବ୍ୟ ରଖିବାକୁ ସୁଯୋଗ ପ୍ରଦାନକୁ ବିରୋଧୀ ପ୍ରବଳ ବିରୋଧ କରିଥିଲେ। ବାଚସ୍ପତିଙ୍କ ଚେୟାର ପାଖକୁ ଦୁଇ ପାର୍ଶ୍ୱରୁ ବିଜେଡି ଓ କଂଗ୍ରେସ ବିଧାୟକ ଧସେଇ ପଶିବାକୁ ପ୍ରୟାସ କରିଥିଲେ। ବିଜେଡି ବିଧାୟକ ଯୋଗେଶ ସିଂ, ବିଶ୍ୱ ରଞ୍ଜନ ମଲ୍ଲିକ, ପ୍ରଦୀପ ସାହୁ, ପ୍ରଶାନ୍ତ ବେହେରା, ସାରଦା ଜେନା, ରୋହିତ୍ ଜୋସେଫ ତିର୍କୀ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ମାଧବ ଧଡ଼ା ଓ କଂଗ୍ରେସ ବିଧାୟକ ମଙ୍ଗୁ ଖିଲ ପ୍ରମୁଖ ବାଚସ୍ପତିଙ୍କ ଚେୟାର ଆଡ଼କୁ ଯିବାବେଳେ ତାଙ୍କୁ ସୁରକ୍ଷା କର୍ମୀମାନେ ଅଟକାଇଥିଲେ। ହୋହାଲ୍ଲା ମଧ୍ୟରେ ବିଜେପିର ପ୍ରାୟ ୧୨ ଜଣ ବିଧାୟକ ନିଜ ନିଜ ଅଞ୍ଚଳର ସମସ୍ୟା କଥା ଶୂନ୍ୟକାଳରେ ଉପସ୍ଥାପନ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାସହ ▶ପୃଷ୍ଠା-୭

## ଆଳୁ ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ; ଦୁଇ ମୃତ

■ ସୋର, ୧୯।୩ (ସମିସ): ବାଲେଶ୍ୱର ଜିଲ୍ଲା ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥର ସୋର ଥାନା ଅନ୍ତର୍ଗତ ତଳନଗର ପୋଲ ଉପରେ ଆଜି ଏକ ଦୁର୍ଘଟଣା ୨ଜଣଙ୍କ ଜୀବନ ନେଇଛି। ଏକ ଆଳୁ ବୋଝେଇ ଟ୍ରକ୍ ଡିଭାଇଡର୍‌କୁ ଧକ୍କା ଦେଇ ତଳକୁ ଖସିପଡ଼ିବାରୁ ଟ୍ରକ୍ ଚାଳକ ଏବଂ ଖଲାସୀଙ୍କ ମୃତ୍ୟୁ ହୋଇଛି। ଭୋର୍ ସମୟରେ ଏହି ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ, ଟ୍ରକ୍ ଚାଳକ କାରୁ ରାୟ ଓ ହେଲପର୍ ପ୍ରସନ୍ନଜିତ ସିଂ।



ସୂଚନାନୁଯାୟୀ, ପଶ୍ଚିମବଙ୍ଗରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଉକ୍ତ ଆଳୁ ବୋଝେଇ ଟ୍ରକ୍‌ଟି ତଳନଗର ନିକଟରେ ଅନ୍ୟ ଏକ ଗାଡ଼ିକୁ ଧକ୍କା ଦେବା ସହ ଡିଭାଇଡର୍‌କୁ ପିଟିଥିଲା। ଫଳରେ, ଗାଡ଼ିର ଚାଳକ ଓ ହେଲପର୍ ଆଳୁବସ୍ତା ସହ ପୋଲ ତଳକୁ ଖସି ପଡି ଚାପି ହୋଇ ରହିଥିଲେ। ଖବର ପାଇ ରାଜପଥ ପାଟ୍ରୋଲିଂ ପୁଲିସ ଓ ସୋର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହଯୋଗରେ ଉଭୟଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଘଟଣାସ୍ଥଳରୁ ଗାଡ଼ି ଦୁଇଟିକୁ ଜବତ କରି ଥାନାରେ ରଖିବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଉଭୟଙ୍କ ପରିବାରଲୋକେ ମେଡିକାଲରେ ପହଞ୍ଚି ନ ଥିବାରୁ ଶବ ବ୍ୟବଚ୍ଛେଦ ହୋଇପାରିନାହିଁ।

## ଡାକ୍ତର ଦୁର୍ଗାମାଧବ ଶତପଥୀ ନୂଆ ଡିଏମଇଟି

### ସନ୍ତୋଷ ମିଶ୍ରଙ୍କୁ ଭୁବନେଶ୍ୱର ପିଜିଆଇଏମଇଆରର ନିର୍ଦ୍ଦେଶକ ଦାୟିତ୍ୱ

■ ଭୁବନେଶ୍ୱର, ୧୯।୩ (ସମିସ): ଏସସିବି ଅଗ୍ନିକାଣ୍ଡ ଘଟଣାରେ ସ୍ୱାସ୍ଥ୍ୟ ବିଭାଗ ଏବେ ପ୍ରଶ୍ନଘେରରେ ଥିବା ବେଳେ ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଡକ୍ଟର ଦୁର୍ଗାମାଧବ ଶତପଥୀଙ୍କୁ ନୂଆ ଡିଏମଇଟି(ଡାଇରେକ୍ଟର, ମେଡିକାଲ ଏଜୁକେଶନ ଆଣ୍ଡ ଟ୍ରେନିଂ) ଭାବରେ ନିଯୁକ୍ତି ମିଳିଛି। ପୂର୍ବରୁ ସେ ଏମକେସିଜି ମେଡିକାଲ କଲେଜର ସୁପରିନଟେଣ୍ଡେଣ୍ଟ(ଅଧୀକ୍ଷକ) ଥିଲେ।

ସେହିପରି ଡିଏମଇଟି ଭାବେ କାର୍ଯ୍ୟ କରୁଥବା ଡାକ୍ତର ସନ୍ତୋଷ ମିଶ୍ରଙ୍କୁ ଭୁବନେଶ୍ୱର ପିଜିଆଇଏମଇଆର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି।


SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN CORE ENGINEERING
- Civil Engineering
- Electrical Engineering
- Mechanical Engineering

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


## ବସ୍ତା ବିଧାୟିକାଙ୍କ ବାସଭବନ ସମ୍ମୁଖରେ ବିଜୁ ମହିଳା ଜନତା ଦଳର ପ୍ରତିବାଦ ଶୋଭାଯାତ୍ରା

# ନବୀନଙ୍କ ସହ ବିଶ୍ୱାସଘାତ କରିଛନ୍ତି ସୁବାସିନୀ

■ ଭୁବନେଶ୍ୱର, ୧୯।୩ (ସମିସ): ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରିଥିବା ବିଜେଡିର ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କ ବିଜେବି ନଗର ସ୍ଥିତ ବାସଭବନ ସମ୍ମୁଖରେ ଗୁରବାର ଦୃଢ଼ ପ୍ରତିବାଦ କରିଛି ବିଜୁ ମହିଳା ଜନତା ଦଳ। ଶ୍ରୀମତୀ ଜେନା କରିଥିବା କାର୍ଯ୍ୟକୁ ବିଜେଡି ମହିଳା ନେତ୍ରୀ କଡ଼ା ଶବ୍ଦରେ ନିନ୍ଦା କରିବା ସହ ନବୀନଙ୍କ ସହ ବିଶ୍ୱାସଘାତକତା କରିଥିବା ଅଭିଯୋଗ କରିଛନ୍ତି।




ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି ଯେ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରେ ବିଜୁ ଜନତା ଦଳରୁ ଟିକେଟ ପାଇ ସୁଭାସିନୀ ଜେନା ନିର୍ବାଚିତ ହୋଇଥିଲେ। ଦଳ ପାଣ୍ଠିରେ ସେ ନିର୍ବାଚନ ଲଢ଼ିଥିଲେ। ତାଙ୍କ ପାଇଁ ଦଳର ନେତାମାନେ ବସ୍ତାରେ ପ୍ରଚାର କରିଥିଲେ। ରାଜ୍ୟସଭା ନିର୍ବାଚନ ପୂର୍ବରୁ ଦଳର ସଭାପତିଙ୍କ ନିର୍ଦ୍ଦେଶ ଯାହା ରହିବ, ତାକୁ ମାନିବି ବୋଲି କହୁଥିବା ଶ୍ରୀମତୀ ଜେନା ନିର୍ବାଚନ ଦିନ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଦେବା ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ। ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ବିଜୁ ଜନତା ଦଳ ସହିତ ▶ପୃଷ୍ଠା-୭

# ଭାରତ, ପାକ୍, ଆଫଗାନ୍ ଉପରେ ୧୦୦୦ କିମିର ବର୍ଷା ବଳୟ




ନୂଆଦିଲ୍ଲୀ, ୧୯ ।୩(ଏଜେନ୍ସି): ଭାରତ ସମେତ ପଡୋଶୀ ଦେଶ ପାକିସ୍ତାନ ଓ ଆଫଗାନିସ୍ତାନ ଉପରେ ଏକ ଅତି ବିରଳ ପାଣିପାଗ ଦୃଶ୍ୟ ଦେଖିବାକୁ ମିଳିଛି। ଏକ ୧, ୦୦୦ କିଲୋମିଟର ଲମ୍ବ ସିଧା ବର୍ଷା ବଳୟ ଏହି ତିନୋଟି ଦେଶକୁ ଘୋଡ଼ାଇ ରଖିଛି। ଯାହା ଫଳରେ ଆଗାମୀ କିଛି ଦିନ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସାଧାରଣତଃ ପଶ୍ଚିମା ଝଡ଼ ବକ୍ର ବା ବଙ୍କା ଆକାରର ଥାଏ। କିନ୍ତୁ ଏହା ଏକ ସିଧା ରେଖା ପରି ଦେଖାଯାଉଛି, ଯାହା ଅତ୍ୟନ୍ତ ବିରଳ। ଏହିପରି ସିଧା ସଂରଚନା ଯୋଗୁଁ ପ୍ରବଳ ବଜ୍ରପାତ, ଝଡ଼ବର୍ଷା ଓ ପ୍ରଚଣ୍ଡ ବେଗରେ ପବନ ବହିବାର ଆଶଙ୍କା ରହିଛି। ଏହି ବିରଳ ବଳୟ ଆଫଗାନିସ୍ତାନରୁ ଆରମ୍ଭ ହୋଇ ପାକିସ୍ତାନ ଦେଇ ଭାରତର ଉତ୍ତର ଭାଗ ପର୍ଯ୍ୟନ୍ତ ଲମ୍ବିଛି। ଗତ କିଛି ଦିନ ହେବ ଦିଲ୍ଲୀ ସମେତ ଉତ୍ତର ଭାରତର ଅନେକ ସ୍ଥାନରେ ତାପମାତ୍ରା ୩୭ତ ଡିଗ୍ରୀରେ ପହଞ୍ଚିଥିଲା। ଏହି ନୂତନ ପାଣିପାଗ ପ୍ରଣାଳୀ ଯୋଗୁଁ ତାପମାତ୍ରା ୩ରୁ ୭ ଡ୍ରିଗୀ ହ୍ରାସ ପାଇଛି। ଭାରତୀୟ ପାଣିପାଗ ଅନୁଯାୟୀ, ମାର୍ଚ୍ଚ ୨୦ ପର୍ଯ୍ୟନ୍ତ ଉତ୍ତର-ପଶ୍ଚିମ ଭାରତରେ ମଧ୍ୟମରୁ ପ୍ରବଳ ବର୍ଷା ସହ କୁଆପଥର ମାଡ଼ ହେବାର ସମ୍ଭାବନା ରହିଛି।

## ବର୍ଷା ଓ ଝଡ଼ର ତାଣ୍ଡବ; ୧୬ ମୃତ

କରାଚି, ୧୯ ।୩(ଏଜେନ୍ସି): ପାକିସ୍ତାନର ବନ୍ଦର ସହର କରାଚିରେ ବୁଧବାର ରାତିରେ ହୋଇଥିବା ପ୍ରବଳ ବର୍ଷା ଓ ଭୟଙ୍କର ଝଡ଼ ଯୋଗୁଁ ୧୬ ଜଣଙ୍କର ମୃତ୍ୟୁ ଘଟିଛି। ଏହି ପ୍ରାକୃତିକ ବିପର୍ଯ୍ୟୟ ସମଗ୍ର ସହରର ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ପ୍ରବଳ ବର୍ଷା କାରଣରୁ କରାଚିର ବିଭିନ୍ନ ସ୍ଥାନରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି ଓ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ରୂପେ ବାଧାପ୍ରାପ୍ତ ହୋଇଛି। ଅନେକ ଅଞ୍ଚଳରେ ବିଦ୍ୟୁତ ସେବା ଠପ୍ ହୋଇଯାଇଛି। ପ୍ରଖର ପବନ ଯୋଗୁଁ ବଡ଼ ବଡ଼ ଗଛ ଉପୁଡି ପଡ଼ିବାରୁ ସହରର ମୁଖ୍ୟ ରାସ୍ତାଗୁଡ଼ିକ ବନ୍ଦ ହୋଇଯାଇଛି। ସହରରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଯେଉଁ ମୃତଦେହଗୁଡ଼ିକର ଚିହ୍ନଟ ହୋଇପାରୁନାହିଁ, ସେଗୁଡ଼ିକୁ ଶବ ସଂରକ୍ଷଣ ଗୃହରେ ରଖାଯାଉଛି। ପୂର୍ବରୁ ପାଣିପାଗ ବିଭାଗ ଦେଇଥିବା ସୂଚନା ଅନୁଯାୟୀ, ଏହି ପଶ୍ଚିମା ପ୍ରଭାବ ଆଗାମୀ କିଛି ଦିନ ପର୍ଯ୍ୟନ୍ତ ଏହି ଅଞ୍ଚଳରେ ସକ୍ରିୟ ରହିବ। ସାମାଜିକ ସଂସ୍ଥା ନିଧି ଫାଉଣ୍ଡେସନ ତରଫରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଯେଉଁ ମୃତଦେହଗୁଡ଼ିକ ଚିହ୍ନଟ ହୋଇଛି ସେଗୁଡିକୁ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ବୁଧବାର ରାତିରୁ ଆରମ୍ଭ ହୋଇଥିବା ପ୍ରବଳ ବର୍ଷା ଓ ଝଡ଼ରେ ଅନେକ ଲୋକ ଆହତ ହୋଇଛନ୍ତି। କରାଚିର ବାଲ୍ଦିଆ ଟାଉନ୍ ଅନ୍ତର୍ଗତ ମୱାଚ୍ ଗୋଥ ଅଞ୍ଚଳରେ ଏକ ପରିତ୍ୟକ୍ତ କୋଠାର କାନ୍ଥ ଓ ଛାତ ଭୁଶୁଡିବା ଫଳରେ ସେଠାରେ ଆଶ୍ରୟ ନେଇଥିବା ୧୩ ଜଣ ଲୋକଙ୍କୁ ମୃତ୍ୟୁ ଘଟିଛି। ଲକ୍ଷୀ ମଜିଦ୍ କଲୋନୀରେ କାନ୍ଥ ପଡ଼ି ଜଣେ ଦମ୍ପତିଙ୍କର ମୃତ୍ୟୁ ହୋଇଛି। ସହରରେ ପବନର ତୀବ୍ରତା ଘଣ୍ଟା ପ୍ରତି ୯୦ରୁ ୯୭ କିମି ଥିଲା। ସହରର କିଛି ଅଞ୍ଚଳରେ ୫୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ଆମେରିକାର ଚିନ୍ତା ବଢ଼ାଇଲା ରହସ୍ୟମୟ ଡ୍ରୋନ୍





ୱାସିଂଟନ/ ଦୋହା, ୧୯ ।୩(ଏଜେନ୍ସି): ଇରାନ ସହ ଚାଲିଥିବା ଯୁଦ୍ଧ ମଧ୍ୟରେ ଆମେରିକା ରାଜଧାନୀ ୱାସିଂଟନ ଡିସିରେ ଏକ ବଡ଼ ଧରଣର ସୁରକ୍ଷା ତ୍ରୁଟି ସାମ୍ନାକୁ ଆସିଛି। ଆମେରିକାର ଗୁରୁତ୍ୱପୂର୍ଣ୍ଣ ସାମରିକ ଘାଟି 'ଫୋର୍ଟ ମ୍ୟାକନେୟାର' ଉପରେ ଏକାଧିକ ଅଜ୍ଞାତ ଡ୍ରୋନ ଉଡୁଥିବାର ଦେଖିବାକୁ ମିଳିଛି। ଏହି ସ୍ଥାନରେ ଆମେରିକା ବିଦେଶ ସଚିବ ମାର୍କୋ ରୁବିଓ ଏବଂ ପ୍ରତିରକ୍ଷା ସଚିବ ପିଟ୍ ହେଗ୍‌ସେଥ ରୁହନ୍ତି। ଗତ ୧୦ ଦିନ ମଧ୍ୟରେ ଗୋଟିଏ ରାତିରେ ଏକାଧିକ ଡ୍ରୋନ୍ ଏହି ସେନା ଘାଟି ଉପରେ ଉଡୁଥିବାର ଦେଖାଯାଇଥିଲା। ଏହି ଘଟଣା ପରେ ହ୍ୱାଇଟ୍ ହାଉସ୍‌ରେ ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଫୋର୍ଟ ମ୍ୟାକନେୟାରରେ କେବଳ ରୁବିଓ ଓ ହେଗସେଥ ନୁହଁନ୍ତି, ବରଂ ନିକଟରେ ଟ୍ରମ୍ପ ପ୍ରଶାସନର ଅନେକ ବରିଷ୍ଠ ଅଧିକାରୀ ମଧ୍ୟ ରହିବାକୁ ଆସିଛନ୍ତି। ଏହି ଘାଟି ହ୍ୱାଇଟ ହାଉସ୍‌ଠାରୁ ମାତ୍ର ୩.୨ କିମି ଦୂରରେ ଅବସ୍ଥିତ। ଡ୍ରୋନ ଦେଖାଯିବା ପରେ ସୁରକ୍ଷା ଦୃଷ୍ଟିରୁ ରୁବିଓ ଓ ହେଗସେଥଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଆଲୋଚନା ହୋଇଥିଲା। କିନ୍ତୁ ବର୍ତ୍ତମାନ ସୁଦ୍ଧା ସେମାନେ ସେହି ବାସଭବନରେ ରହୁଛନ୍ତି। ଇରାନ ଓ ଆମେରିକା ମଧ୍ୟ ଯୁଦ୍ଧ ତୀବ୍ର ହେଉଥିବା ବେଳେ ଏହି ଘଟଣାକୁ ବେଶ୍ ଗୁରୁତ୍ୱ ଦିଆଯାଉଛି। ତେବେ ପେଣ୍ଟାଗନ ମୁଖପାତ୍ର ସିନ ପାର୍ନେଲ ଏନେଇ କୌଣସି ସ୍ପଷ୍ଟ ସୂଚନା ଦେବାକୁ ମନା କରିଦେଇଛନ୍ତି।

- **ଆମେରିକା ସାମରିକ ଘାଟି ଉପରେ ଡ୍ରୋନ୍**
- **ଇରାନ ଭୁଲ କଲେ ସର୍ବନାଶ ହେବ: ଟ୍ରମ୍ପଙ୍କ ଚେତାବନୀ**

ପଶ୍ଚିମ ଏସିଆରେ ଯୁଦ୍ଧ ଚାଲିଥିବା ବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ବଡ଼ ମନ୍ତବ୍ୟ ଦେଇଛନ୍ତି। ଇରାନ ପକ୍ଷରୁ କତାରର ଏଲ୍‌ଏନ୍‌ଜି ପ୍ଲାଟ୍ ଉପରେ ହୋଇଥିବା କ୍ଷେପଣାସ୍ତ୍ର ଆକ୍ରମଣ ପରେ ଟ୍ରମ୍ପ ଇରାନକୁ କଡ଼ା ଭାଷାରେ ଚେତାବନୀ ଦେଇଛନ୍ତି। ଟ୍ରମ୍ପ କହିଛନ୍ତି ଯେ ଇରାନର ଗୁରୁତ୍ୱପୂର୍ଣ୍ଣ 'ସାଉଥ ପାର୍ସ' ଗ୍ୟାସ୍ ଫିଲ୍ଡ ଉପରେ ଇସ୍ରାଏଲ ଆଉ ଆକ୍ରମଣ କରିବ ନାହିଁ, ଯଦି ଇରାନ ନିରୀହ କତାର ଉପରେ ଆଉ ଆକ୍ରମଣ ନ କରେ। ଇସ୍ରାଏଲ ପକ୍ଷରୁ ଇରାନର ଗ୍ୟାସ୍ ଫିଲ୍ଡ ଉପରେ ହୋଇଥିବା ଆକ୍ରମଣ ବିଷୟରେ ଆମେରିକା କିଛି ଜାଣି ନ ଥିଲା ଏବଂ ଏଥିରେ କତାରର କୌଣସି ସମ୍ପୃକ୍ତି ନଥିଲା ବୋଲି ଟ୍ରମ୍ପ ସ୍ପଷ୍ଟ କରିଛନ୍ତି। ଯଦି ଇରାନ ପୁଣିଥରେ କତାରର ଏଲ୍‌ପିଜି କେନ୍ଦ୍ରକୁ ଟାର୍ଗେଟ କରେ, ତେବେ ଆମେରିକା ନିଜେ ଇରାନ ସମ୍ପୂର୍ଣ୍ଣ ସାଉଥ ପାର୍ସ ଗ୍ୟାସ୍ ଫିଲ୍ଡକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିଦେବ। ଟ୍ରମ୍ପ କହିଛନ୍ତି, ଏହା ଏପରି ଏକ ଶକ୍ତିଶାଳୀ ଆକ୍ରମଣ ହେବ ଯାହା ଇରାନ ପୂର୍ବରୁ କେବେ ଦେଖି ନଥିବ। ସେପଟେ ଆକ୍ରମଣ ପରେ କତାର ସରକାର ଇରାନର ଦୂତାବାସ ଅଧିକାରୀମାନଙ୍କୁ ୨୪ ଘଣ୍ଟା ମଧ୍ୟରେ ଦେଶ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ତର୍ଜାତୀୟ ବଜାରରେ ତୈଳ ଦର ୫ ପ୍ରତିଶତ ବୃଦ୍ଧି ପାଇଁ ୧୦୮ ଡଲାର ଅତିକ୍ରମ କରିଛି। ଯୁଦ୍ଧ ଆରମ୍ଭରୁ ଦର ପ୍ରାୟ ୫୦ ପ୍ରତିଶତ ବଢ଼ିଲାଣି। ଇରାନ କେବଳ କତାର ନୁହେଁ, ବରଂ ୟୁଏଇର ହବଶାନ ଗ୍ୟାସ ଫିଲ୍ଡକୁ ଟାର୍ଗେଟ କରିଛି, ଯାହାକୁ ୟୁଏଇ ସରକାର ଅତ୍ୟନ୍ତ ବିପଜ୍ଜନକ ବୋଲି କହିଛନ୍ତି। ଇତିମଧ୍ୟରେ ଟ୍ରମ୍ପ ନିଜର ଟ୍ରୁଥ ସୋସିଆଲ ପ୍ଲାଟଫର୍ମରେ ଲେଖିଛନ୍ତି ଯେ ମୁଁ ଏତେ ବଡ଼ ଧରଣର ବିନାଶ ଚାହୁଁନାହିଁ, କିନ୍ତୁ କତାର ଉପରେ ଆକ୍ରମଣ ହେଲେ ଆଦୌ ଦ୍ୱିଧାବୋଧ କରିବି ନାହିଁ।

# ଇରାନ ଯୁଦ୍ଧ ପାଇଁ ଟ୍ରମ୍ପଙ୍କ ବିଶାଳ ପ୍ରତିରକ୍ଷା ବଜେଟ

ୱାସିଂଟନ, ୧୯ ।୩(ଏଜେନ୍ସି): ପଶ୍ଚିମ ଏସିଆରେ ଜାରି ରହିଥିବା ଯୁଦ୍ଧ ପାଇଁ ଆମେରିକାର ପ୍ରତିରକ୍ଷା ବିଭାଗ 'ପେଣ୍ଟାଗନ' ପକ୍ଷରୁ ଏକ ବୃହତ ଆର୍ଥିକ ଅନୁଦାନ ପାଇଁ ଅନୁରୋଧ କରାଯାଇଛି। ତେବେ ଏହି ପ୍ରସ୍ତାବ ଆମେରିକା କଂଗ୍ରେସରେ ଅନୁମୋଦିତ ହେବା ନେଇ ଏବେ ସନ୍ଦେହ ସୃଷ୍ଟି ହୋଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଯୁଦ୍ଧ ପାଇଁ ପୂର୍ବରୁ ୧.୫ ଟ୍ରିଲିୟନ ଅର୍ଥାତ ୧୩୯.୭୯ ଲକ୍ଷ କୋଟି ଟଙ୍କା ପ୍ରତିରକ୍ଷା ବଜେଟ ପାଇଁ ଆହ୍ୱାନ ଦେଇଛନ୍ତି। ଏହା ଗତବର୍ଷ ତୁଳନାରେ ୫୦ ପ୍ରତିଶତ ଅଧିକ। ରିପବ୍ଲିକାନ ସଦସ୍ୟମାନେ ଏହି ଅତିରିକ୍ତ ପାଣ୍ଠିକୁ ସମର୍ଥନ କରୁଥିଲେ ମଧ୍ୟ ସିନେଟ୍‌ରେ '୬୦- ଭୋଟ୍' ନିୟମକୁ ଅତିକ୍ରମ କରିବା ପାଇଁ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ରଣନୀତି ପ୍ରସ୍ତୁତ ହୋଇପାରି ନାହିଁ। ଉପ ପ୍ରତିରକ୍ଷା ସଚିବ ଷ୍ଟିଭେନ ଫାଇନବର୍ଗଙ୍କ ନେତୃତ୍ୱରେ ପେଣ୍ଟାଗନ ଏକାଧିକ ପ୍ୟାକେଜ ପ୍ରସ୍ତୁତ କରିଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆମେରିକାର ଅସ୍ତ୍ରଶସ୍ତ୍ର ଅଭାବ ଦୂର କରିବା ଓ ପ୍ରତିରକ୍ଷା ଶିଳ୍ପକୁ ଗତିଶୀଳ କରିବା। ପୂର୍ବରୁ ଟ୍ରମ୍ପ ନିର୍ବାଚନ ପ୍ରଚାର ବେଳେ ଜୋ ବାଇଡେନ ପ୍ରଶାସନକୁ ୟୁକ୍ରେନ ଯୁଦ୍ଧରେ ଅତ୍ୟଧିକ ଖର୍ଚ୍ଚ କରିବା ନେଇ ସମାଲୋଚନା କରୁଥିଲେ। ୟୁକ୍ରେନ ପାଇଁ ପ୍ରାୟ ୧୮୮ ବିଲିୟନ ଡଲାର ଖର୍ଚ୍ଚ ହୋଇଥିବା ବେଳେ, ବର୍ତ୍ତମାନ ଇରାନ ଯୁଦ୍ଧ ପାଇଁ ପ୍ରସ୍ତାବିତ ଅର୍ଥ ଏହି ସୀମାକୁ ବହୁ ପଛରେ ପକାଇବ। ତେଣୁ ଆମେରିକା ରାଜନୀତିରେ ଏଥି ପାଇଁ ହଇଚଇ ସୃଷ୍ଟି ହୋଇଛି। ଯୁଦ୍ଧ ଆରମ୍ଭ ହେବା ପରଠାରୁ ଆମେରିକା ସେନା ନିଜର ପ୍ରସ୍ତୁତି ଓ ଅସ୍ତ୍ରଶସ୍ତ୍ର ଭଣ୍ଡାରକୁ ସଜାଡ଼ିବା ପାଇଁ ଅତିରିକ୍ତ ଅର୍ଥ ଦାବି କରିଆସୁଛି। ଯୁଦ୍ଧ ଯୋଗୁଁ ଆମେରିକାର ସଠିକ୍ ଗୁଳିଗୋଳା ଭଣ୍ଡାର ହ୍ରାସ ଘଟିଛି, ଯାହାକୁ ପୂରଣ କରିବା ପେଣ୍ଟାଗନ ପାଇଁ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ଯଦି ଏହି ଅନୁଦାନ ମଞ୍ଜୁର ହୁଏ, ତେବେ ଏହା ବିଶ୍ୱ ଇତହାସରେ କୌଣସି ଏକ ନିର୍ଦ୍ଦିଷ୍ଟ ଯୁଦ୍ଧ ପାଇଁ ସବୁଠାରୁ ବଡ଼ ସାମରିକ ଖର୍ଚ୍ଚ ମଧ୍ୟରୁ ଅନ୍ୟତମ ହେବ।

# ଇସ୍ରାଏଲ ହିଁ ଆମେରିକାକୁ ଯୁଦ୍ଧକୁ ଠେଲି ଦେଇଛି: ଟ୍ରମ୍ପଙ୍କ ପୂର୍ବତନ ସହଯୋଗୀ



ୱାଶିଂଟନ, ୧୯ ।୩(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପୂର୍ବତନ ଆତଙ୍କବାଦ ବିରୋଧୀ ମୁଖ୍ୟ ଜୋ କେଣ୍ଟ ଏକ ଚାଞ୍ଚଲ୍ୟକର ମନ୍ତବ୍ୟ ଦେଇଛନ୍ତି। ଇରାନ ଯୁଦ୍ଧ ପ୍ରତିବାଦରେ ନିଜ ପଦରୁ ଇସ୍ତଫା ଦେବା ପରେ, ସେ ଦାବି କରିଛନ୍ତି ଯେ ଇରାନ ପାଖରେ ପରାମାଣୁ ବୋମା ନଥିଲା ଏବଂ ଇସ୍ରାଏଲ ହିଁ ଆମେରିକାକୁ ଏହି ଯୁଦ୍ଧ ଭିତରକୁ ଠେଲି ଦେଇଛି। ପ୍ରସିଦ୍ଧ ପୋଡକାଷ୍ଟର ଟକର କାର୍ଲସେନଙ୍କୁ ଦେଇଥିବା ସାକ୍ଷାତକାରରେ କେଣ୍ଟ କହିଛନ୍ତି ଯେ, ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ହିଁ ଆମେରିକାକୁ ଯୁଦ୍ଧ ପାଇଁ ପ୍ରବର୍ତ୍ତାଇଛନ୍ତି। ଇସ୍ରାଏଲ ଜାଣିଥିଲା ଯେ, ସେମାନେ ଯୁଦ୍ଧ ଆରମ୍ଭ କଲେ ଆମେରିକା ବାଧ୍ୟ ହୋଇ ସେମାନଙ୍କୁ ସାହାଯ୍ୟ କରିବ। ଟ୍ରମ୍ପ ପ୍ରଶାସନ ଦାବି କରିଥିଲା ଯେ ଇରାନ ମାତ୍ର ଦୁଇ ସପ୍ତାହ ମଧ୍ୟରେ ପରମାଣୁ ବୋମା ତିଆରି କରିଦେବ। କିନ୍ତୁ କେଣ୍ଟ ଏହାକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖାନ କରିଛନ୍ତି। ଏମିତି କୌଣସି ବିପଦ ନଥିଲା ବୋଲି ସେ ସ୍ପଷ୍ଟ କରିଛନ୍ତି। ୨୦୦୪ରୁ ଇରାନରେ ଏକ ଫତୱା ଜାରି ହୋଇଛି, ଯାହା ପରମାଣୁ ଅସ୍ତ୍ର ନିର୍ମାଣକୁ ବିରୋଧ କରେ। ଆମେରିକା ପାଖରେ ଏପରି କୌଣସି ଗୁଇନ୍ଦା ସୂଚନା ନଥିଲା ଯେ ଇରାନ ଏହି ନିୟମ ଭାଙ୍ଗୁଛି। ପୁଣି ଇରାନ ସର୍ବୋଚ୍ଚ ଦେନା ଆୟାତୁଲ୍ଲା ଖାମନେଇଙ୍କ ହତ୍ୟା ଆମେରିକା ପାଇଁ ଲାଭ ଦାୟକ ହେବା ପରିବର୍ତ୍ତେ କଠୋରପନ୍ଥୀଙ୍କୁ ଅଧିକ ସକ୍ରିୟ କରିଦେଇଛି ବୋଲି ସେ ମତ ଦେଇଛନ୍ତି। ତେବେ ଜୋ କେଣ୍ଟଙ୍କ ଏହି ଅଭିଯୋଗକୁ ଟ୍ରମ୍ପଙ୍କ ପ୍ରେସ୍ ସଚିବ କାରୋଲିନ ଲିଭିଟ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ ରାଷ୍ଟ୍ରପତି ଟ୍ରମ୍ପ କୌଣସି ବିଦେଶ ଶକ୍ତି ଦ୍ୱାରା ପ୍ରଭାବିତ ନୁହଁନ୍ତି। ସେ ଯାହା ବି ନିଷ୍ପତ୍ତି ନିଅନ୍ତି, ତାହା କେବଳ ଆମେରିକା ସ୍ୱାର୍ଥ ପାଇଁ।

# ଇସ୍‌ଫାହାନରେ ଇରାନର ନୂଆ ଭୂତଳ ପରମାଣୁ କେନ୍ଦ୍ର

**ଆଇଏଇଏ ପାଖରେ ନାହିଁ କୌଣସି ସୂଚନା**

ୱାଶିଂଟନ, ୧୯ ।୩(ଏଜେନ୍ସି): ଆମେରିକା ଓ ଇସ୍ରାଏଲ ଦାବି କରିଥିଲେ ଯେ ସେମାନେ ଇରାନର ପରମାଣୁ କ୍ଷମତାକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦେଇଛନ୍ତି। କିନ୍ତୁ ଏକ ନୂତନ ରିପୋର୍ଟ ଅନୁଯାୟୀ, ଇସଫାହାନରେ ଇରାନ ଏକ ରହସ୍ୟମୟ ଭୂତଳ ପରମାଣୁ ସମ୍ପ୍ରସାରଣ କେନ୍ଦ୍ର ରହିଛି। ଏନେଇ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି (ଆଇଏଇଏ) ପାଖରେ କୌଣସି ସ୍ପଷ୍ଟ ତଥ୍ୟ ନାହିଁ। ଆଇଏଇଏର ମହାନିର୍ଦ୍ଦେଶକ ରାଫାଏଲ ଗ୍ରୋସି କହିଛନ୍ତି ଯେ ଏହି କେନ୍ଦ୍ରଟି ଭୂତଳରେ ଅବସ୍ଥିତ। କିନ୍ତୁ ଏପର୍ଯ୍ୟନ୍ତ ଏଜେନ୍ସିର କୌଣସି ପ୍ରତିନିଧି ସେଠାକୁ ଯାଇନାହାନ୍ତି। ଗତବର୍ଷ ଜୁନମାସରେ ଅପରେସନ ମିଡ୍‌ନାଇଟ୍ ହ୍ୟାମର ଆରମ୍ଭ ହେବା ପୂର୍ବରୁ ଗ୍ରୋସି ସେହିସ୍ଥାନ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଯୁଦ୍ଧ ଯୋଗୁଁ ତାହା ବାତିଲ ହୋଇଥିଲା।

ଗ୍ରୋସିଙ୍କ କହିବା ଅନୁଯାୟୀ, ସେହି ସ୍ଥାନଟି କେବଳ ଏକ ଖାଲି ହଲ୍ କିମ୍ବା ସେଠାରେ ୟୁରାନିୟମ ସମ୍ପ୍ରସାରଣ ପାଇଁ ସେଣ୍ଟ୍ରିଫ୍ୟୁଜ ଲଗାଯାଇଛି, ସେ ବିଷୟରେ କୌଣସି ସୂଚନା ନାହିଁ। ପୂର୍ବରୁ ଆଇଏଇଏ ଚେତାବନୀ ଦେଇଥିଲା ଯେ ଇରାନ ୬୦ ପ୍ରତିଶତ ପର୍ଯ୍ୟନ୍ତ ଶୁଦ୍ଧ ୟୁରାନିୟମ ପ୍ରସ୍ତୁତ କରିସାରିଛି, ଯାହା ପରମାଣୁ ବୋମା ତିଆରି ପାଇଁ ଆବଶ୍ୟକ ମାତ୍ରାର ଅତି ନିକଟତର। ମଙ୍ଗଳବାର ସନ୍ଧ୍ୟାରେ ଇରାନର ବୁଶେହର ପରମାଣୁ ଶକ୍ତି କେନ୍ଦ୍ର ନିକଟରେ କ୍ଷେପଣାସ୍ତ୍ର ମାଡ଼ ହୋଇଥିଲା। ତେବେ ଏଥିରେ କେନ୍ଦ୍ରର କୌଣସି କ୍ଷତି ହୋଇନାହିଁ। ଇତିମଧ୍ୟରେ ନାଟାଞ୍ଜ ସ୍ଥିତ ଭୂତଳ ପରମାଣୁ କେନ୍ଦ୍ର ଉପରେ ମଧ୍ୟ ଆକ୍ରମଣ ହୋଇଥିବାର ସୂଚନା ମିଳିଛି।

# ହର୍ମୁଜ୍ ସମୁଦ୍ର ତଳ କେବୁଲ କାଟି ସାରା ବିଶ୍ୱର ଇଣ୍ଟରନେଟ୍ ବନ୍ଦ କରିବ ଇରାନ!

ନୂଆଦିଲ୍ଲୀ, ୧୯ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ କେବଳ ତୈଳ ଯୋଗାଣ ନୁହେଁ, ବରଂ ବିଶ୍ୱର ଡିଜିଟାଲ ବ୍ୟବସ୍ଥା ଓ ଇଣ୍ଟରନେଟ ପାଇଁ ବିପଦ ସୃଷ୍ଟି କରିଛି। ହର୍ମୁଜ ପ୍ରଣାଳୀ ଓ ଲୋହିତ ସାଗର ଦେଇ ଯାଉଥିବା ଗୁରୁତ୍ୱପୂର୍ଣ୍ଣ ଅଣ୍ଡର ସି ଫାଇବର-ଅପ୍ଟିକ କେବୁଲଗୁଡ଼ିକ ଏବେ ଯୁଦ୍ଧର ଟାର୍ଗେଟରେ ରହିଛି। ସମୁଦ୍ର ତଳେ ବିଛା ଯାଇଥିବା ଏହି ପତଳା କେବୁଲଗୁଡ଼ିକ ବିଶ୍ୱର ପ୍ରାୟ ସମସ୍ତ ଡାଟା, ବ୍ୟାଙ୍କିଙ୍ଗ ଟ୍ରାନ୍ସଫର, ଇମେଲ୍ ଓ ଏଆଇ ସେବା ପରିଚାଳନା କରେ। ଲୋହିତ ସାଗର ଓ ହର୍ମୁଜ ପ୍ରଣାଳୀ ଦେଇ ପ୍ରାୟ ୨୦ଟି ପ୍ରମୁଖ କେବୁଲ ଯାଇଛି। ଏଥି ମଧ୍ୟରେ ଏଏଇ-୧, ଫାଲକନ, ଟାଟା- ଟିଜିଏନ୍ ଗଲ୍ ପରି କେବୁଲ ଅନ୍ତର୍ଭୁକ୍ତ, ଯାହା ଭାରତର ଅନ୍ତର୍ଜାତୀୟ କନେକ୍ଟିଭିଟି ପାଇଁ ଅତ୍ୟନ୍ତ ଜରୁରୀ। ଗୁଗଲ, ମାଇକ୍ରୋସଫ୍ଟ ଓ ଆମାଜାନ ପରି କମ୍ପାନୀଗୁଡ଼ିକ ଉପସାଗରୀୟ ଦେଶଗୁଡ଼ିକରେ ବିଶାଳ ଡାଟା ସେଣ୍ଟର ନିର୍ମାଣ କରିଛନ୍ତି, ଯାହା କେବୁଲ ଉପରେ ନିର୍ଭରଶୀଳ। ଇରାନର ହର୍ମୁଜ ପ୍ରଣାଳୀରେ ସାମୁଦ୍ରିକ ମାଇନ୍ ବିଛା ଯାଇଥିବାରୁ ମରାମତି ଜାହାଜଗୁଡ଼ଇକ ସେହ ଅଞ୍ଚଳକୁ ଯାଇପାରୁନାହାନ୍ତି। ଯଦି କୌଣସି କାରଣରୁ କେବୁଲ କଟିଯାଏ, ତେବେ ଏହାକୁ ଠିକ୍ କରିବା ପାଇଁ ସପ୍ତାହ କିମ୍ବା ମାସମାସ ସମୟ ଲାଗିପାରେ। ଯଦିଓ ଇରାନର ଅନେକ ନୌଜାହାଜ ବୁଡ଼ି ଯାଇଛି, ତଥାପି ସେମାନଙ୍କ ଅଣ୍ଡରୱାଟର ଟିମ୍ ଏବଂ ଶ୍ୟାଡୋ ଫ୍ଲିଟ୍ କେବୁଲ କାଟିବାରେ ସକ୍ଷମ ବୋଲି ଆଶଙ୍କା କରାଯାଉଛି। ଯଦି ଏହି ଚୋକ ପଏଣ୍ଟଗୁଡ଼ିକରେ କେବୁଲ କ୍ଷତିଗ୍ରସ୍ତ ହୁଏ, ତେବେ ଭାରତରେ ଇଣ୍ଟରନେଟ ଗତି ଅତ୍ୟନ୍ତ ଧିମା ହୋଇଯିବ ଓ ଆର୍ଥିକ କାରବାର ବାଧାପ୍ରାପ୍ତ ହେବ।



# ପାକିସ୍ତାନ-ଆଫଗାନିସ୍ତାନ ମଧ୍ୟରେ ସାମୟିକ ଯୁଦ୍ଧ ବିରତି

ଇସଲାମାବାଦ/କାବୁଲ, ୧୯ ।୩(ଏଜେନ୍ସି): ଦକ୍ଷିଣ ଏସିଆର ଦୁଇ ପଡୋଶୀ ଦେଶ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ବଢୁଥିବା ଉତ୍ତେଜନା ମଧ୍ୟରେ ଏକ ଆଶ୍ୱସ୍ତକର ଖବର ସାମ୍ନାକୁ ଆସିଛି। ଆଗାମୀ ମୁସଲିମ ପର୍ବ ଇଦ୍-ଉଲ- ଫିତରକୁ ଦୃଷ୍ଟିରେ ରଖି ଉଭୟ ଦେଶ ନିଜ ମଧ୍ୟରେ ଚାଲିଥିବା ଯୁଦ୍ଧ ଓ ଆକ୍ରମଣକୁ ସାମୟିକ ଭାବେ ବନ୍ଦ କରିବାକୁ ଘୋଷଣା କରିଛନ୍ତି। ସାଉଦି ଆରବ, ତୁର୍କୀ ଓ କତାର ଭଳି ଇସ୍‌ଲାମିକ ଦେଶଗୁଡ଼ିକର ଅନୁରୋଧ କ୍ରମେ ଏହି ଯୁଦ୍ଧବିରତି ନିଷ୍ପତ୍ତି ନିଆଯାଇଛି। ପାକିସ୍ତାନର ସୂଚନା ମନ୍ତ୍ରୀ ଅତାଉଲ୍ଲା ତାରଡ଼ 'ଏକ୍ସ' ମାଧ୍ୟମରେ ଜଣାଇଛନ୍ତି ଯେ, ପାକିସ୍ତାନ ସେନା ଦ୍ୱାରା ଜାରି ରହିଥିବା ଅପରେସନ ଗଜବ-ଲିଲ୍-ହକ୍‌କୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି।

# ଉତ୍ତର କୋରିଆରେ କିମ୍ ଜୋଙ୍ଗ ୯୯.୯୩% ଭୋଟ୍‌ରେ ଜିତିଲେ

ପ୍ୟୋଙ୍ଗୟାଙ୍ଗ୍, ୧୯ ।୩(ଏଜେନ୍ସି): ଉତ୍ତର କୋରିଆରେ ମାର୍ଚ୍ଚ ୧୫ରେ ଅନୁଷ୍ଠିତ ହୋଇଥିବା 'ସୁପ୍ରିମ ପିପୁଲ୍ସ ଆସେମ୍ବ୍ଲି' ନର୍ବାଚନରେ କିମ୍ ଜୋଙ୍ଗ ଉନ୍‌ଙ୍କ ଶାସକ ଦଳ ସମସ୍ତ ଆସନରେ ବିଜୟୀ ହୋଇଛି। ସରକାରୀ ଗଣମାଧ୍ୟମ (କେସିଏନ୍‌ଏ)ର ରିପୋର୍ଟ ଅନୁଯାୟୀ, ଏହି ନିର୍ବାଚନରେ କିମ୍ ଏକପାଖିଆ ଭାବେ ବିଜୟୀ ହେବା ସହ ୯୯.୯୩ ପ୍ରତିଶତ ଭୋଟ୍ ହାସଲ କରିଛନ୍ତି। ଦେଶରେ ମୋଟ୍ ୯୯.୯୯ ପ୍ରତିଶତ ମତଦାନ ହୋଇଥିବା ଦାବି କରାଯାଇଛି। ଏହି ଦେଶରେ ପ୍ରତିଟି ନିର୍ବାଚନୀ ମଣ୍ଡଳୀରେ କେବଳ ଜଣେ ପ୍ରାର୍ଥୀ ହିଁ ଥାନ୍ତି, ଯାହାଙ୍କୁ ସରକାର



ପୂର୍ବରୁ ମନୋନୀତ କରିଥାନ୍ତି। ଭୋଟରଙ୍କ ପାଖରେ କେବଳ ଦୁଇଟି ବିକଳ୍ପ ଥାଏ, ତାହା ହେଲା ହଁ କିମ୍ବା ନାହିଁ। ତେଣୁ ୦.୦୭ ପ୍ରତିଶତ ଭୋଟ୍ କୌଣସି ବିରୋଧୀ ଦଳକୁ ଯାଇନାହିଁ, ବରଂ ଏହା ସେହି ଭୋଟରମାନଙ୍କର ଯେଉଁମାନେ ସରକାରୀ ପ୍ରାର୍ଥୀଙ୍କୁ ପ୍ରତ୍ୟାଖ୍ୟାନ କରିଛନ୍ତି। ୧୯୫୭ ମସିହା ପରଠାରୁ ପ୍ରଥମଥର ପାଇଁ ଉତ୍ତର କୋରିଆ ସରକରା ସର୍ବସାଧାରଣରେ ସ୍ୱୀକାର କରିଛନ୍ତି ଯେ, କିଛି ଲୋକ ତାଙ୍କ ବିରୋଧରେ ବା ନାହିଁ ଭୋଟ ଦେଇଛନ୍ତି। ଏହି ନିର୍ବାଚନକୁ ଗଣତାନ୍ତ୍ରିକ ଦର୍ଶାଇବା ପାଇଁ ଏହା ଏକ ରଣନୀତି ହୋଇଥାଇ ପାରେ ବୋଲି କୁହାଯାଉଛି। ଏହି ମତଦାନରେ ୯୯.୯୯ ପ୍ରତିଶତ ଲୋକ ମତଦାନ କରିଥିଲେ। ତେବେ ମାତ୍ର ୦.୦୦୩୭ ପ୍ରତିଶତ ଲୋକ ଭୋଟ ଦେଇପାରି ନଥିଲେ, ଯେଉଁମାନେ ବିଦେଶରେ ଥିଲେ ଓ ସମୁଦ୍ରରେ କାମ କରୁଥିଲେ। ମୋଟ୍ ୬୮୭ ଜଣ ପ୍ରତିନିଧି ନିର୍ବାଚିତ ହୋଇଛନ୍ତି, ଯେଉଁମାନଙ୍କ ମଧ୍ୟରେ ଶ୍ରମିକ, କୃଷକ, ସାମରିକ ଓ ବୁଦ୍ଧିଜୀବୀ ଅଛନ୍ତି। କିମ ଜୋଙ୍ଗ୍ ୨୦୧୧ରୁ କ୍ଷମତାରେ ଅଛନ୍ତି। ୨୦୧୯ରେ ସମ୍ବିଧାନ ସଂଶୋଧନ ପରେ ତାଙ୍କୁ ଦେଶର ସର୍ବୋଚ୍ଚ ନେତା ଭାବେ ସମ୍ପୂର୍ଣ୍ଣ କ୍ଷମତା ପ୍ରଦାନ କରାଯାଇଛି।

# ଏଡିଆର ରିପୋର୍ଟ; ରାଜ୍ୟସଭାରେ ଦାଗୀ ଓ କୋଟିପତି

ନୂଆଦିଲ୍ଲୀ, ୧୯ ।୩(ଏଜେନ୍ସି): ଆସୋସିଏସନ ଫର ଡେମୋକ୍ରାଟିକ ରିଫର୍ମସ (ଏଡିଆର)ର ଏକ ନୂତନ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ଦେଶର ୨୨୯ ଜଣ ରାଜ୍ୟସଭା ସାଂସଦଙ୍କ ମଧ୍ୟରୁ ୭୩ ଜଣ ଅର୍ଥାତ ୩୨ ପ୍ରତିଶତ ସଦସ୍ୟ ସ୍ୱୀକାର କରିଛନ୍ତି ଯେ, ସେମାନଙ୍କ ନାମରେ ଆପରାଧିକ ମାମଲା ରହିଛି। ସେହିପରି ୧୪ ପ୍ରତିଶତ ସାଂସଦ ଅତି ଧନୀ ବା ବିଲିୟନାରି ରହିଛନ୍ତି। ୭୩ ଜଣ ସାଂସଦଙ୍କ ମଧ୍ୟରୁ ୩୬ ଜଣଙ୍କ ନାମରେ ହତ୍ୟା, ହତ୍ୟା ଉଦ୍ୟମ ଏବଂ ମହିଳାଙ୍କ ବିରୋଧରେ ଅପରାଧ ଭଳି ଗୁରୁତର ମାମଲା ରହିଛି। ବିଜେପିର ସର୍ବାଧିକ ୨୭ ଜଣ ସାଂସଦଙ୍କ ନାମରେ ଆପରାଧିକ ମାମଲା ରହିଛି। ରାଜ୍ୟସଭାରେ ୩୧ ଜଣ ଅର୍ଥାତ ୧୪ ପ୍ରତିଶତ ସାଂସଦ ଅଛନ୍ତି ଯାହାଙ୍କର ସମ୍ପତ୍ତି ୧, ୦୦୦ କୋଟି ଟଙ୍କାର ଅଧିକ। ଜଣେ ରାଜ୍ୟସଭା ସାଂସଦଙ୍କ ହାରାହାରି ସମ୍ପତ୍ତି ୧୨୦.୬୯ କୋଟି ଟଙ୍କା। ଦଳଗତ ହାରାହାରି ସମ୍ପତ୍ତିରେ ଆମ ଆଦମୀ ପାର୍ଟି (ଆପ୍) ସବୁଠାରୁ ଆଗରେ ରହିଛି। ଆପର ହାରାହାରି ସମ୍ପତ୍ତି ସର୍ବାଧିକ ୫୭୪.୦୯ କୋଟି, ବିଜେଡ଼ିର ୧୦୫.୬୩ କୋଟି, କଂଗ୍ରେସର ୧୨୮.୬୧ କୋଟି ଓ ବିଜେପିର ୨୮.୨୯ କୋଟି ଟଙ୍କା ରହିଛି। ବିଆରଏସ୍ ପାର୍ଟିର ସାଂସଦ ବନ୍ଦୀ ପାର୍ଥ ସାରଥିଙ୍କ ନିକଟରେ ସର୍ବାଧିକ ୫, ୩୦୦ କୋଟିରୁ ଅଧିକ ଟଙ୍କା ରହିଛି। ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି ଆପ୍‌ର ରାଜେନ୍ଦ୍ର ଗୁପ୍ତା। ରାଜେନ୍ଦ୍ରଙ୍କ ପାଖରେ ରହିଛି ୫, ୦୫୩ କୋଟି ଟଙ୍କା। ଆପ୍‌ର ସନ୍ଥ ବଲବୀର ସିଂହଙ୍କ ପାଖରେ ସର୍ବନିମ୍ନ ୩ ଲକ୍ଷ ଟଙ୍କା ରହିଛି। ସେହିପରି ମଣିପୁର ମହାରାଜା ସନାଜାଓବା ଲୈଶେମ୍ବା ୫ ଲକ୍ଷ ଟଙ୍କା ସହ ଦ୍ୱିତୀୟ ଗରିବ ସାଂସଦ ବିବେଚିତ ହୋଇଛନ୍ତି।

# ଫାଷ୍ଟ ଟ୍ରାକ କୋର୍ଟକୁ ଗଲା ଜୁବିନ ଗର୍ଗ ମୃତ୍ୟୁ ମାମଲା

ଗୌହାଟୀ, ୧୯ ।୩(ଏଜେନ୍ସି): ଜଣାଶୁଣା ବଲିଉଡ୍ ତଥା ଆସାମ ଗାୟକ ଜୁବିନ ଗର୍ଗଙ୍କ ମୃତ୍ୟୁ ସହିତ ଜଡ଼ିତ ମାମଲାର ଶୁଣାଣି ପାଇଁ ଗୌହାଟୀ ହାଇକୋର୍ଟ ଏକ ସ୍ୱତନ୍ତ୍ର ଫାଷ୍ଟ-ଟ୍ରାକ୍ କୋର୍ଟ ଗଠନ କରିଛନ୍ତି। ଏହି କୋର୍ଟରେ ପ୍ରତିଦିନ ଶୁଣାଣି କରାଯିବ। ବାକ୍ସା ଜିଲ୍ଲାର ଜିଲ୍ଲା ଜଜ୍ ଶର୍ମିଳା ଭୂୟାଁ ଏହି ଫାଷ୍ଟ-ଟ୍ରାକ୍ କୋର୍ଟର ପରିଚାଳନା କରିବେ। ଗୌହାଟୀ ହାଇକୋର୍ଟର ମୁଖ୍ୟ ବିଚାରପତି ଏହି ନିଯୁକ୍ତି କରିଛନ୍ତି। ଗତବର୍ଷ ସେପ୍ଟେମ୍ବର ୧୯ ତାରିଖରେ ସିଙ୍ଗାପୁରର ଲାଜାରସ ଦ୍ୱୀପ ନିକଟରେ ସମୁଦ୍ରରେ ବୁଡ଼ି ଜୁବିନ୍‌ଙ୍କର ଦୁର୍ଭାଗ୍ୟଜନକ ଭାବେ ମୃତ୍ୟୁ ହୋଇଥିଲା। ସେ ସେଠାରେ 'ନର୍ଥ ଇଷ୍ଟ ଇଣ୍ଡିଆ ଫେଷ୍ଟିଭାଲ'ରେ ଯୋଗ ଦେବାକୁ ଯାଇଥିଲେ। ଆସାମ ପୁଲିସର ସିଆଇଡ଼ି ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସଆଇଟି) ଗଠନ କରି ଏହି ମାମଲାର ଯାଞ୍ଚ କରିଥିଲା। ଏହି ଘଟଣାରେ ୭ ଜଣଙ୍କ ନାମରେ ଚାର୍ଜସିଟ୍ ଦାଖଲ କରାଯାଇଛି। ତେବେ ସିଙ୍ଗାପୁରର କରୋନର କୋର୍ଟ ଏହି ମାମଲାରେ କୌଣସି ପ୍ରକାର ଷଡ଼ଯନ୍ତ୍ରକୁ ଅସ୍ୱୀକାର କରିଛନ୍ତି। ଏହି କୋର୍ଟଙ୍କ ରିପୋର୍ଟ ଅନୁଯାୟୀ, ଜୁବିନ ଗର୍ଗ ଅତ୍ୟଧିକ ନିଶାଗ୍ରସ୍ତ ଥିଲେ। ସେ ଲାଇଫ ଜ୍ୟାକେଟ ପିନ୍ଧିବାକୁ ମନା କରିଦେଇଥିଲେ, ଯାହା ଫଳରେ ସମୁଦ୍ରରେ ବୁଡ଼ି ତାଙ୍କର ମୃତ୍ୟୁ ହୋଇଥିଲା।



ବିଭିନ୍ନ ଦାବି ନେଇ ଲୋୟର ପିଏମ୍‌ଜିରେ ଗୁରୁବାର ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ମହାସଂଘର ବିଶାଳ ବିକ୍ଷୋଭ

**ମୟୂରଭଞ୍ଜ ବହଳଦାରେ ଆଦିବାସୀ ନାବାଳିକାଙ୍କୁ ଅସଦାଚରଣ ପ୍ରସଙ୍ଗ**

# ଜାତୀୟ ଅନୁସୂଚିତ ଜାତି ଆୟୋଗର ହସ୍ତକ୍ଷେପ ଦାବିକଲା ବିଜେଡି

ଭୁବନେଶ୍ୱର,୧୯।୩(ସମିସ): ମୟୂରଭଞ୍ଜ ଜିଲ୍ଲାର ବହଳଦାରେ ୧୪ ବର୍ଷୀୟା ଜଣେ ଆଦିବାସୀ ନାବାଳିକାଙ୍କ ସହ ହୋଇଥିବା ଅସଦାଚରଣ ଘଟଣାରେ ଗୁରୁବାର ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ଜାତୀୟ ଅନୁସୂଚିତ ଜାତି ଆୟୋଗର ଅଧ୍ୟକ୍ଷଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛି। ପ୍ରତିନିଧିମଣ୍ଡଳୀ ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ଏସଟି କମିଶନଙ୍କ ଆଞ୍ଚଳିକ କାର୍ଯ୍ୟାଳୟରେ ଜାତୀୟ ଅଧ୍ୟକ୍ଷଙ୍କ ଉଦ୍ଦେଶ୍ୟରେ ଏହି ସ୍ମାରକପତ୍ର ପ୍ରଦାନ କରିଥିଲେ। ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଆଦିବାସୀ ମହିଳା ଓ ନାବାଳିକାଙ୍କ ଉପରେ ଉଦବେଗଜନକ ଅତ୍ୟାଚାର ଘଟଣାମାନ ବୃଦ୍ଧି ପାଉଛି। ଏଭଳି ଘଟଣାରେ ପୁଲିସର ନିଷ୍କ୍ରିୟତା ଓ ପ୍ରଶାସନିକ ଅବହେଳାକୁ କଡ଼ା ନିନ୍ଦା କରିଛି ବିଜୁ ଜନତା ଦଳ।

ବିଜେଡି ପକ୍ଷରୁ କୁହାଯାଇଛି ଯେ ଖାଲି ଏହି ଘଟଣା ନୁହେଁ; ରାୟଗଡା, ମୟୂରଭଞ୍ଜ, କନ୍ଧମାଳ, କୋରାପୁଟ (ବୋରିଗୁମ୍ମା), ଲମତାପୁଟ ଓ ସୁନ୍ଦରଗଡ଼ ଭଳି ଜିଲ୍ଲାରୁ ଏହିପରି ଅନେକ ଘଟଣା ଲୋକଲୋଚନକୁ ଆସିଛି। ଆଦିବାସୀ ସମୁଦାୟଙ୍କୁ ସୁରକ୍ଷା, ମର୍ଯ୍ୟାଦା ଓ ନ୍ୟାୟ ଦେବାରେ ବିଜେପି ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛି। ବହଳଦା ଘଟଣାରେ ପୁଲିସ ଏତଲା ରୁଜୁ କରିବାରେ ବିଳମ୍ବ କରିବା, ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ନ କରିବା, ପୀଡ଼ିତାଙ୍କ ସହ ଅସମ୍ବେଦନଶୀଳ ଭାବେ ବ୍ୟବହାର କରିବା ଓ ଲୋକମାନଙ୍କ ପ୍ରତିବାଦକୁ ଦମନ କରିବାକୁ ନେଇ ବିଜେଡି ନିଜର କ୍ଷୋଭବ୍ୟକ୍ତ କରିବା ସହ ଏନେଇ ସ୍ମାରକପତ୍ରରେ ଉଲ୍ଲେଖ କରିଛି।

ବହଳଦା ଅସଦାଚରଣ ଘଟଣା ଭାରତୀୟ ସମ୍ବିଧାନର ଧାରା ୧୪, ୧୫ ଓ ୨୧ ଅନୁଯାୟୀ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି (ଅତ୍ୟାଚାର ପ୍ରତିରୋଧ) ଆଇନ, ୧୯୮୯ର

**■ ଘଟଣାରେ ଜଡ଼ିତ ପୁଲିସ ଅଧିକାରୀଙ୍କ ବିରୋଧରେ ତୁରନ୍ତ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସୁପାରିସ ଦାବି**

**■ ପୀଡ଼ିତାକୁ ଉଚିତ୍ ନ୍ୟାୟ ଦେବା ପାଇଁ ଏକ ଦୃଢ଼ ନିରୀକ୍ଷଣ ବ୍ୟବସ୍ଥା କରାଯିବାକୁ ଅଧ୍ୟକ୍ଷଙ୍କୁ ସ୍ମାରକପତ୍ର**

ବିଧାନକୁ ଉଲ୍ଲଂଘନ କରୁଛି ବୋଲି ଅଭିଯୋଗ କରିଛି ଦଳ। ଦଳ ପକ୍ଷରୁ ଜାତୀୟ ଅନୁସୂଚିତ ଜାତିଆୟୋଗ ଅଧ୍ୟକ୍ଷଙ୍କୁ ପ୍ରଦତ୍ତ ସ୍ମାରକପତ୍ରରେ କୁହାଯାଇଛି ଯେ ବହଳଦା ଘଟଣାରେ ପୁଲିସର ନିଷ୍କ୍ରିୟତା ପାଇଁ ପୀଡ଼ିତା ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛି। ଏହି ଘଟଣାରେ ଜଡ଼ିତ ପୁଲିସ ଅଧିକାରୀଙ୍କ ବିରୁଦ୍ଧରେ ତୁରନ୍ତ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସୁପାରିସ କରିବା ସହିତ ପୀଡ଼ିତାକୁ ଉଚିତ୍ ନ୍ୟାୟ ଦେବା ପାଇଁ ଏକ ଦୃଢ଼ ନିରୀକ୍ଷଣ ବ୍ୟବସ୍ଥା କରାଯାଉ। ବର୍ତ୍ତମାନ ଓଡ଼ିଶାରେ ଯେପରି ଆଇନଶୃଙ୍ଖଳା ସ୍ଥିତି ରହିଛି, ସେଥିରେ ଆଦିବାସୀ ସମୁଦାୟ ଭୟରେ ରହିବା ସହ ନିଜକୁ ଅସୁରକ୍ଷିତ ମଣୁଛନ୍ତି।

ବିଜେଡିର ଏହି ପ୍ରତିନିଧି ମଣ୍ଡଳୀରେ ମୟୂରଭଞ୍ଜ-୨ର ଜିଲ୍ଲା ସଭାପତି ଡ. ଦେବାଶିଷ ମାରାଣ୍ଡି, ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ପ୍ରିୟବ୍ରତ ମାଝୀ ଓ ଲେନିନ ମହାନ୍ତି, ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସୀତା ସାହୁ, ମୟୂରଭଞ୍ଜ ଜିଲ୍ଲା ବିଜେଡି ସମ୍ପାଦକ ଗଙ୍ଗାଧର ହେମ୍ବ୍ରମ ଓ ନୀଳମାଧବ ସାବର ପ୍ରମୁଖ ଉପସ୍ଥିତ ଥିଲେ। ଆଦିବାସୀ ସମୁଦାୟଙ୍କ ଅଧିକାର, ମର୍ଯ୍ୟାଦା ଓ ସୁରକ୍ଷା ପାଇଁ ବିଜୁ ଜନତା ଦଳ ସର୍ବଦା କାର୍ଯ୍ୟ କରିଆସୁଛି। ନାରୀ ନିର୍ଯାତନାର ଶିକାର ହେଉଥିବା ପୀଡ଼ିତାମାନଙ୍କ ସହ ଓ ତାଙ୍କ ପରିବାରବର୍ଗଙ୍କ ସହ ବିଜୁ ଜନତା ଦଳ ସର୍ବଦା ରହିଆସିଛି ଏବଂ ପୀଡ଼ିତାଙ୍କୁ ନ୍ୟାୟ ଦେବା ପାଇଁ ବିଜେଡି ସର୍ବଦା ଲଢ଼େଇ ଜାରି ରଖିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

# ପ୍ରଚଣ୍ଡ ହେବ ପଶ୍ଚିମା ଝଡ଼

**ଆଜିଠୁ ଦୁଇ ଦିନ ପବନ ସହ ବର୍ଷା, ବିଜୁଳି ଓ କୁଆପଥର ମାଡ଼**

ଭୁବନେଶ୍ୱର,୧୯।୩(ସମିସ): ରାଜ୍ୟରେ ପଶ୍ଚିମା ଝଡ଼ ପ୍ରଚଣ୍ଡ ହେବ। ଆସନ୍ତା ଦୁଇ ଦିନ ଧରି ରାଜ୍ୟର ଅଧିକାଂଶ ଅଞ୍ଚଳରେ ପ୍ରବଳ ବେଗରେ ପବନ ଓ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ଓ କୁଆପଥର ମାଡ଼ର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଦୁଇ ଦିନ ଅର୍ଥାତ ଶୁକ୍ରବାର ଓ ଶନିବାର ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ୨୦ ଓ ୨୧ ତାରିଖରେ ବର୍ଷା ପବନର ପ୍ରଭାବ ସବୁଠୁ ଅଧିକ ରହିବ। ୨୦ ତାରିଖରେ ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, ଝାରସୁଗୁଡ଼ା, ବରଗଡ଼ ଓ ସମ୍ବଲପୁରରେ ପ୍ରବଳ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସାଙ୍ଗକୁ କୁଆପଥର ପଡ଼ିପାରେ। ଏହି ଜିଲ୍ଲାଗୁଡ଼ିକରେ ପବନର ବେଗ ଘଣ୍ଟାପ୍ରତି ୫୦-୬୦ କିମି ପର୍ଯନ୍ତ ରହିବା ନେଇ ପାଣିପାଗ କେନ୍ଦ୍ର କହିଛି। ଅନ୍ୟପଟେ ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, ସୋନପୁର, ବୌଦ୍ଧ, ବଲାଙ୍ଗିର, କନ୍ଧମାଳ, ନୂଆପଡ଼ା, କଳାହାଣ୍ଡି, ରାୟଗଡ଼ା, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସାଙ୍ଗକୁ ପବନର ବେଗ ୩୦-୪୦ କିମି ପର୍ଯ୍ୟନ୍ତ ରହିବା ନେଇ ପାଣିପାଗ କେନ୍ଦ୍ର କହିଛି। ସେହିପରି ୨୧ ତାରିଖରେ ମଧ ଅନେକ ଜିଲ୍ଲାରେ ସମାନ ସ୍ଥିତି ସୃଷ୍ଟି ହେବ। ପବନର ବେଗ ଅଧିକ ରହିବା ହେତୁ ଉତ୍ତର ଉପକୂଳ ଓଡ଼ିଶାର ଗଭୀର ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି।

ଗତ ୩୬ ଘଣ୍ଟାରେ ରାଜ୍ୟର ଅନେକ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହୋଇଥିବା ବେଳେ କୋରାପୁଟରେ ଏହାର ପ୍ରଭାବ ସବୁଠୁ ଅଧିକ ରହିଛି। କୋରାପୁଟରେ ବର୍ଷାର ପରିମାଣ ୫୮ ମିମି ରେକର୍ଡ ହେବା ସହ ମାଲକାନଗିରି ୨୦, ସୋନପୁର ୧୭, ଭବାନୀପାଟଣା ୧୨ ଓ ବଲାଙ୍ଗିରରେ ୯ ମିମି ବର୍ଷା ରେକର୍ଡ ହୋଇଛି।

**ମାଟ୍ରିକ୍ ପରୀକ୍ଷା ଖାତା ମୂଲ୍ୟାୟନ ଆରମ୍ଭ**

# ମେ' ଦ୍ୱିତୀୟ ସପ୍ତାହ ସୁଦ୍ଧା ପରୀକ୍ଷା ଫଳ!

କଟକ, ୧୯ ।୩(ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଆଜିଠାରୁ ରାଜ୍ୟର ୫୧ଟି କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଖାତା ଦେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ମୂଲ୍ୟାୟନ ପ୍ରକ୍ରିୟା ଆସନ୍ତା ଏପ୍ରିଲ୍ ୨ତାରିଖ ସୁଦ୍ଧା ଶେଷ କରିବା ପାଇଁ ବୋର୍ଡ ପକ୍ଷରୁ ସମୟ ଧାର୍ଯ୍ୟ କରାଯାଇଛି। ମାଟ୍ରିକ୍ ସହ ଷ୍ଟେଟ୍ ଓପନ୍ ସ୍କୁଲ୍ ସାର୍ଟିଫିକେଟ୍ (ଏସ୍‌ଓଏସ୍‌ସି) ଏବଂ ସଂସ୍କୃତ ମଧ୍ୟମା ଖାତା ଦେଖା ପାଇଁ ୩୦ଟି ଜିଲ୍ଲାରେ ସମୁଦାୟ ୫୧ଟି ମୂଲ୍ୟାୟନ କେନ୍ଦ୍ର କରାଯାଇଛି। ଏଥିପାଇଁ ବିଭିନ୍ନ ବିଷୟର ପ୍ରାୟ ୧୫ ହଜାର ଶିକ୍ଷକଙ୍କୁ ନିୟୋଜିତ କରାଯାଇଛି। ପୂର୍ବରୁ ଓଏମଆର୍ ସିଟ୍‌ଗୁଡ଼ିକର ମୂଲ୍ୟାୟନ ଶେଷ ହୋଇସାରିଥିବା ବେଳେ ଆଜିଠାରୁ ସବ୍‌ଜେକ୍ଟିଭ୍ ପେପର୍‌ଗୁଡ଼ିକର ମୂଲ୍ୟାଙ୍କନ ଆରମ୍ଭ କରାଯାଇଛି। ନିର୍ଦ୍ଧାରିତ ସମୟସୀମାରେ ଏହା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ମୂଲ୍ୟାୟନ ପ୍ରକ୍ରିୟାକୁ ତ୍ରୁଟିଶୂନ୍ୟ ଏବଂ ସ୍ୱଚ୍ଛ କରିବା ପାଇଁ ବୋର୍ଡ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପ୍ରତି ମୂଲ୍ୟାୟନ କେନ୍ଦ୍ରକୁ ସିସିଟିଭି କ୍ୟାମେରା ଜରିଆରେ ନଜର ରଖାଯାଉଛି ଏବଂ ମୂଲ୍ୟାୟନ କରୁଥିବା ଶିକ୍ଷକମାନଙ୍କୁ କେନ୍ଦ୍ର ଭିତରକୁ ମୋବାଇଲ୍ ଫୋନ୍ ନେବାକୁ ବାରଣ କରାଯାଇଛି। ସେହିପରି କେଉଁ ନୋଡାଲ୍ ସେଣ୍ଟର୍‌ରୁ ଉତ୍ତରଖାତାଗୁଡ଼ିକ କେଉଁ କେନ୍ଦ୍ରକୁ ପଠାଯାଇଛି, ତାହାକୁ ସମ୍ପୂର୍ଣ୍ଣ ଗୋପନୀୟ ରଖାଯାଇଛି।

ସୂଚନାଯୋଗ୍ୟ, ଚଳିତବର୍ଷ ରାଜ୍ୟର ୩,୦୮୨ଟି କେନ୍ଦ୍ରରେ ମୋଟ ୫,୪୬,୫୮୨ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ମେ' ମାସର ଦ୍ୱିତୀୟ ସପ୍ତାହ ସୁଦ୍ଧା ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ କରାଯିବ ବୋଲି ବୋର୍ଡ ଲକ୍ଷ୍ୟ ରଖିଛି। ଅନ୍ୟପକ୍ଷରେ, ଯେଉଁ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କର କିଛି ଜରୁରୀ ସ୍ୱାସ୍ଥ୍ୟଗତ ସମସ୍ୟା ରହିଛି, ସେମାନେ ମେଡିକାଲ ସାର୍ଟିଫିକେଟ୍ ପ୍ରଦାନ କରି ଖାତାଦେଖା କାର୍ଯ୍ୟରୁ ବିରତ ରହିପାରିବେ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

# ଏପ୍ରିଲ୍ ୨ରେ ଶିଶୁବାଟିକାରେ ଖଡ଼ିଛୁଆଁ ଉତ୍ସବ

ଭୁବନେଶ୍ୱର, ୧୯ ।୩(ସମିସ): ଶିଶୁବାଟିକା ପିଲାଙ୍କ ପାଇଁ ଆସନ୍ତା ଏପ୍ରିଲ୍ ୨ ତାରିଖରେ ବିଦ୍ୟାଳୟରେ ଅନୁଷ୍ଠିତ ହେବ ପ୍ରବେଶ ବା ଖଡ଼ିଛୁଆଁ ଉତ୍ସବ। ପ୍ରଥମ ଥର ବିଦ୍ୟାଳୟକୁ ଯାଉଥିବା ଶିଶୁମାନେ ଖଡ଼ି ଛୁଇଁବେ ବା ପାଠପଢ଼ା ଆରମ୍ଭ କରିବେ। ଏଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପିଲାଙ୍କ ପରିବାରକୁ ନିମନ୍ତ୍ରଣ ଦିଆଯାଇଛି। ଏହି ଉତ୍ସବରେ ନିର୍ବାଚିତ ପ୍ରତିନିଧିଙ୍କ ସମେତ ଅଭିଭାବକ, ଅଧିକାରୀ ଏବଂ ସାମାଜିକ କର୍ମକର୍ତ୍ତାମାନେ ଯୋଗଦେଇ ପ୍ରୋତ୍ସାହିତ କରିବେ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତ ପ୍ରକାର ଆୟୋଜନ କରିବାକୁ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି। ସେହିପରି ଏପ୍ରିଲ ୬, ୭ ଓ ୮ରେ ବିଦ୍ୟାଳୟସ୍ତରରେ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏନେଇ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଶିଶୁବାଟିକାରେ ନାମ ଲେଖାଇବାକୁ ଥିବା ଶିଶୁଙ୍କ ପରିବାରକୁ ନିମନ୍ତ୍ରଣ ପତ୍ର ବଣ୍ଟନ କରାଯାଇଛି। ଅନୁରୂପ ଭାବେ ଆସ ସ୍କୁଲଯିବା ୨.୦ ଅଭିଯାନ ଅନୁଯାୟୀ ଡ୍ରପ୍‌ଆଉଟ୍ ବା ସ୍କୁଲ ଯାଉ ନ ଥିବା ଶିଶୁଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବାକୁ ପଦକ୍ଷେପ ନିଆଯାଉଛି।

**୨୫ ବର୍ଷ ପରେ ମିଳିଲା ନ୍ୟାୟ**

# ୨ ହତ୍ୟା ଅଭିଯୁକ୍ତଙ୍କୁ ଦୋଷମୁକ୍ତ କଲେ ହାଇକୋର୍ଟ

କଟକ,୧୯ ।୩(ସମିସ): ଦୀର୍ଘ ୨୫ ବର୍ଷ ପରେ, ଏକ ହତ୍ୟା ମାମଲାରେ ଦୁଇଜଣ ଅଭିଯୁକ୍ତ ସମ୍ପୂର୍ଣ୍ଣ ଦୋଷମୁକ୍ତ ହୋଇଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତଙ୍କ ଆଜୀବନ ଜେଲ ଦଣ୍ଡାଦେଶକୁ ହାଇକୋର୍ଟ କୋହଳ କରିଛନ୍ତି। କଟକ ଦ୍ୱିତୀୟ ଅତିରିକ୍ତ ଦୌରାଅଦାଲତଙ୍କ ଦ୍ୱାରା ଗତ ୨୦୦୧ ଅକ୍ଟୋବର ୧୭ରେ ଆଜୀବନ କାରାଦଣ୍ଡାଦେଶକୁ ରଦ୍ଦ କରିଦେଇଛନ୍ତି ହାଇକୋର୍ଟ। ଜଷ୍ଟିସ୍ ମାନସ ରଞ୍ଜନ ପାଠକ ଓ ଜଷ୍ଟିସ୍ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ପ୍ରଫୁଲ୍ଲ କୁମାର ଦେହୁରୀ ଓ ଅନ୍ୟ ଦୁଇଜଣଙ୍କ ପକ୍ଷରୁ ନିମ୍ନ ଅଦାଲତଙ୍କ ଦଣ୍ଡାଦେଶକୁ ଚାଲେଞ୍ଜ କରି ରୁଜୁ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମୁଖ୍ୟ ଅଭିଯୁକ୍ତଙ୍କ ଦଣ୍ଡାଦେଶକୁ କୋହଳ କରିବା ସହ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଏହି ଘଟଣାଟି ପୂର୍ବ ଯୋଜନାବଦ୍ଧ ନଥିଲା, ବରଂ ଏକ ଆକସ୍ମିକ ଝଗଡ଼ା ଓ ଉତ୍ତେଜନାମୂଳକ ପରିସ୍ଥିତିରେ ଘଟିଥିଲା। ତେଣୁ, ଏହା ଆଇପିସି ଧାରା ୩୦୨ (ହତ୍ୟା) ପରିସରଭୁକ୍ତ ନ ହୋଇ ଧାରା ୩୦୪ ପାର୍ଟ-୧ (ହତ୍ୟା ଶ୍ରେଣୀଭୁକ୍ତ ହେଉ ନଥିବା ମାନବ ହତ୍ୟା) ଅନ୍ତର୍ଗତ ବୋଲି ଅଦାଲତ କହିଛନ୍ତି।

**ମୁଖ୍ୟ ଅଭିଯୁକ୍ତଙ୍କ ଆଜୀବନ ଜେଲ ଦଣ୍ଡାଦେଶ କୋହଳ**

ସୂଚନାଯୋଗ୍ୟ, ଗତ ୧୯୯୯ ଜାନୁଆରୀ ୨୭ ସକାଳେ କଟକ ଜିଲ୍ଲା କାନପୁର ଥାନା ଅନ୍ତର୍ଗତ ନୂଆସୋଲବନ୍ଧ ଗ୍ରାମରେ ଏହି ଘଟଣା ଘଟିଥିଲା। ଘର ଉପରକୁ ପଥର ମାଡ଼କୁ କେନ୍ଦ୍ର କରି ଏହାର ପୂର୍ବଦିନ ଜୀବନ ନାୟକ ଓ ପ୍ରଫୁଲ୍ଲ ଦେହୁରୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ପ୍ରଫୁଲ୍ଲ ଏକ ଟାଙ୍ଗିଆରେ ଜୀବନଙ୍କ ମୁଣ୍ଡକୁ ଆକ୍ରମଣ କରିବାରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପ୍ରାଥମିକ ଏତଲାରେ କେବଳ ମୁଖ୍ୟ ଅଭିଯୁକ୍ତ ପ୍ରଫୁଲ୍ଲ ଦେହୁରୀଙ୍କ ନାମ ଥିଲା। ପରବର୍ତ୍ତୀ ସମୟରେ ଅନ୍ୟ ଦୁଇ ଅଭିଯୁକ୍ତ ପ୍ରତାପ ଓ ପଙ୍କଜଙ୍କ ନାମ ଯୋଡ଼ାଯାଇଥିଲା। ଏହା ସନ୍ଦେହଜନକ ବୋଲି ହାଇକୋର୍ଟ ଦର୍ଶାଇଛନ୍ତି। ଏହି ଘଟଣାରେ ଅଭିଯୁକ୍ତ ପ୍ରଫୁଲ୍ଲ ମଧ ଆହତ ହୋଇଥିଲେ ଏବଂ ଏକ ପ୍ରତିପକ୍ଷ ମାମଲା ରୁଜୁ ହୋଇଥିଲା, ଯାହାକୁ ନିମ୍ନ ଅଦାଲତ ଅଣଦେଖା କରିଥିଲେ। ହାଇକୋର୍ଟ ସମସ୍ତ ପ୍ରମାଣ ଓ ପାର୍ଶ୍ୱପରିସ୍ଥିତିକୁ ବିଚାର କରି ମୁଖ୍ୟ ଅଭିଯୁକ୍ତ ପ୍ରଫୁଲ୍ଲ ଦେହୁରୀଙ୍କୁ ୭ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅନ୍ୟପକ୍ଷରେ, ଉପଯୁକ୍ତ ପ୍ରମାଣ ଅଭାବରୁ ପ୍ରତାପ ଓ ପଙ୍କଜଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି।

**ଚୌଦ୍ୱାର ଜେଲ୍‌ରୁ ଅପରାଧୀ ଫେରାର୍ ଘଟଣା**

# ଡିଆଇଜିଙ୍କ ତଦନ୍ତରେ ନାହାନ୍ତି ହାଇସିକ୍ୟୁରିଟି ସେଲ୍ ଇନ୍‌ଚାର୍ଜ

ଭୁବନେଶ୍ୱର,୧୯ ।୩ (ସମିସ): ଚୌଦ୍ୱାର ଜେଲ୍‌ରୁ ଦୁଇ ଅପରାଧୀ ଫେରାର୍ ଘଟଣାକୁ ଦିନ ଯେତିକି ଗଡ଼ୁଛି, ରହସ୍ୟ ସେତିକି ବଢ଼ୁଛି। ଏହି ସମ୍ବେଦନଶୀଳ ଘଟଣାରେ ଜେଲ୍ କର୍ମଚାରୀ ଓ ଅଧିକାରୀଙ୍କ ଅପାରଗତା ପଦାରେ ପଡ଼ିଥିବା ବେଳେ ଏବେ ତଦନ୍ତ ଓ ଫଳାଫଳ (ଫାଇଣ୍ଡିଂସ୍)କୁ ରହସ୍ୟମୟ କରିଛି। ଫେରାର୍ ଦୁଇ ଅପରାଧୀ ରହୁଥିବା ହାଇ-ସିକ୍ୟୁରିଟି ସେଲ୍‌ର ଇନ୍-ଚାର୍ଜ ତଥା ସବ୍-ଆସିଷ୍ଟାଣ୍ଟ ଜେଲର୍ ସୁବାସ ଚନ୍ଦ୍ର ଦ୍ୱିବେଦୀଙ୍କୁ ତଦନ୍ତ ରିପୋର୍ଟରେ ବାଦ୍ ଦିଆଯିବା କଥା ଏବେ ସାମ୍ନାକୁ ଆସିଛି। ଏଭଳି ସ୍ଥିତିରେ, ପ୍ରକୃତରେ ତାଙ୍କର ଭୂମିକା ନାହିଁ ନା ଜାଣିଶୁଣି ତାଙ୍କୁ ସୁରକ୍ଷା ଦିଆଯାଇଛି, ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ୱାର୍ଡର୍‌ଠାରୁ ଆରମ୍ଭ କରି ଜେଲର୍‌ଙ୍କ ପର୍ଯ୍ୟନ୍ତ ନିଲମ୍ବନ ହୋଇଥିଲେ ମଧ ସେଲ୍ ଇନ୍‌ଚାର୍ଜ କିପରି ବର୍ତ୍ତିଗଲେ, ତାହା ଏବେ ସନ୍ଦେହଘେରକୁ ଆସିଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ଘଟଣାର ବିଭାଗୀୟ ତଦନ୍ତ କରୁଥିବା ଜେଲ୍ ଡିଆଇଜି ଅନସୂୟା ଜେନାଙ୍କ ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏହା ସବ୍-ଆସିଷ୍ଟାଣ୍ଟ ଜେଲର୍‌ଙ୍କ ପ୍ରତି ଅନୁକମ୍ପା ନା ତଦନ୍ତକାରୀ ଅଧିକାରିଣୀଙ୍କ ଅପାରଗତା, ତାହା ମଧ ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନାନୁସାରେ, ୨୦୨୪ ଜୁନ୍ ୨୦ ଓ ଜୁଲାଇ ୩୧ରେ ଚୌଦ୍ୱାର ଜେଲର ତତ୍କାଳୀନ ବରିଷ୍ଠ ଅଧୀକ୍ଷକ ଦୁଇଟି ନିର୍ଦ୍ଦେଶନାମା ଜାରି କରିଥିଲେ। ଦୁଇଟି ଯାକ ନିର୍ଦ୍ଦେଶ ଅନୁସାରେ, ସବ୍-ଆସିଷ୍ଟାଣ୍ଟ ଜେଲର୍ ସୁବାସ ଚନ୍ଦ୍ର ଦ୍ୱିବେଦୀଙ୍କୁ ହାଇ-ସିକ୍ୟୁରିଟି ସେଲର ଇନଚାର୍ଜ ଭାବେ ଦାୟିତ୍ୱ ମିଳିଥିଲା। ଏହି ଦାୟିତ୍ୱ ସହ ଦିନକୁ ଦୁଇଥର ରାଉଣ୍ଡ ବା ପାଟ୍ରୋଲିଂ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହି ସେଲ୍‌ର ସୁରକ୍ଷାରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ ଶ୍ରୀ ଦ୍ୱିବେଦୀ ସମ୍ପୂର୍ଣ୍ଣ ଭାବେ ଦାୟୀ ରହିବେ ବୋଲି ବରିଷ୍ଠ ଅଧୀକ୍ଷକ ଚେତାଇ ଦେଇଥିଲେ।

**ସୁରକ୍ଷା ତ୍ରୁଟି ପରେ ବି ଅନୁକମ୍ପା ଦେଖାଇଥିଲେ ବରିଷ୍ଠ ଅଧୀକ୍ଷକ!**

ଏହାର ପ୍ରାୟ ୬/୭ମାସ ପରେ ଅର୍ଥାତ୍ ୨୦୨୫ ଫେବୃଆରୀ ୧ରେ ପାଣିକୋଇଲି ପଣ୍ଡା ଅଳଙ୍କାର ଦୋକାନ ଲୁଟ୍ ଓ ହତ୍ୟା ମାମଲାର ଦୁଇ ଅଭିଯୁକ୍ତ ମଧୁକାନ୍ତ ରଣା ଓ ରାଜା ସାହାଣୀ ଚୌଦ୍ୱାର ମଣ୍ଡଳ କାରାଗାରକୁ ସ୍ଥାନାନ୍ତର ହୋଇଥିଲେ। ଆଉ ସବ୍-ଆସିଷ୍ଟାଣ୍ଟ ଜେଲର୍ ସୁବାସ ଚନ୍ଦ୍ର ଦ୍ୱିବେଦୀଙ୍କ ଅଧୀନରେ ଥିବା ହାଇ-ସିକ୍ୟୁରିଟି ସେଲ୍‌ରେ ଉଭୟଙ୍କୁ ରଖାଯାଇଥିଲା। ଦୁଇ ଅଭିଯୁକ୍ତ ସଂପୃକ୍ତ ସେଲ୍‌ରେ ରହିବାର ପ୍ରାୟ ଦୁଇ ମାସ ପରେ ଅର୍ଥାତ୍ ମାର୍ଚ୍ଚ ଶେଷ ସପ୍ତାହ ଜେଲ୍ କର୍ମଚାରୀମାନେ ଅଚାନକ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ମଧୁକାନ୍ତ ରହୁଥିବା ହାଇ ସିକ୍ୟୁରିଟି ସେଲ୍ କାନ୍ଥରେ ୮/୯ ଇଞ୍ଚର ଗାତ ଠାବ ହୋଇଥିଲା। ସେହିବର୍ଷ ଜୁଲାଇ ୧୯ ଦିନ ମୁଖ୍ୟ ୱାର୍ଡର୍ ସୁକାନ୍ତ କୁମାର ବେହେରା ଯାଞ୍ଚ କରିବା ବେଳେ ମଧୁକାନ୍ତ ରହୁଥିବା ସେଲରୁ ୨ଟି ନୂଆ ନୂଆ ବ୍ଲେଡ୍ ଓ ହାତ ତିଆରି ଛୁରି ଜବତ ହୋଇଥିଲା। ଏହି ଦୁଇଟି ଘଟଣା ଅଭିଯୁକ୍ତମାନେ ଖସିଯିବାକୁ ଯୋଜନା କରୁଥିବା ଦର୍ଶାଉଥିଲେ ମଧ ସେମାନଙ୍କୁ ଅନ୍ୟ ସେଲକୁ ସ୍ଥାନାନ୍ତର କରାଯାଇନଥିଲା। କେବଳ ଏତିକି ନୁହେଁ, ଜେଲ୍‌ର ବରିଷ୍ଠ ଅଧୀକ୍ଷକ ସୁଜିତ ରାଉଳ ହାଇ-ସିକ୍ୟୁରିଟି ସେଲ୍ ଇନଚାର୍ଜ ଶ୍ରୀ ଦ୍ୱିବେଦୀଙ୍କ ଉପରେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ।

ଅକ୍ଟୋବର ୨/୩ ତାରିଖ ରାତିରେ ମଧୁକାନ୍ତ ଓ ରାଜା ସେଲ୍ ଗ୍ରିଲ୍ କାଟିବା ସହ ଜେଲ୍ ପାଚେରି ଡେଇଁ ଫେରାର୍ ହୋଇଯାଇଥିଲେ। ଜେଲ୍‌ର ବରିଷ୍ଠ ଅଧୀକ୍ଷକ ସୁଜିତ ରାଉଳ ଏହାର ୨ଦିନ ପରେ ହାଇ-ସିକ୍ୟୁରିଟି ସେଲ୍ ଇନଚାର୍ଜ ଶ୍ରୀ ଦ୍ୱିବେଦୀଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି କରିଥିଲେ। ଏହାପରେ ଜେଲ୍ ଡିଆଇଜି ଅନସୂୟା ଜେନା ଘଟଣାର ବିଭାଗୀୟ ତଦନ୍ତ କରି ରିପୋର୍ଟ ଦାଖଲ କରିଥିଲେ। ହେଲେ ଉକ୍ତ ରିପୋର୍ଟରେ ବରିଷ୍ଠ ଅଧୀକ୍ଷକ, ଜେଲର୍, ମୁଖ୍ୟ ୱାର୍ଡର ଓ ୱାର୍ଡରଙ୍କ ଅବହେଳା ରହିଥିଲେ ମଧ ସବ୍ ଆସିଷ୍ଟାଣ୍ଟ ଜେଲର୍ ତଥା ହାଇ ସିକ୍ୟୁରିଟି ସେଲର ଇନଚାର୍ଜ ଶ୍ରୀ ଦ୍ୱିବେଦୀଙ୍କ ବିଷୟରେ ପଦୁଟିଏ ଉଲ୍ଲେଖ ହୋଇନାହିଁ। ସୁରକ୍ଷା ତ୍ରୁଟି ସାମ୍ନାକୁ ଆସିବା ପରେ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିବା ବେଳେ ଡିଆଇଜିଙ୍କ ତଦନ୍ତ ରିପୋର୍ଟରେ ମଧ ତାଙ୍କ ଅବହେଳା ବିଷୟରେ ଉଲ୍ଲେଖ ନ ରହିବା, ତଦନ୍ତ ପ୍ରକ୍ରିୟା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଡ୍ରପ୍‌ଆଉଟ୍ ପାଇଁ ଓଡ଼ିଶାରେ ବଢୁଛି ବାଲ୍ୟ ବିବାହ

ଭୁବନେଶ୍ୱର,୧୯।୩(ସମିସ): ବାଲ୍ୟବିବାହ ସମ୍ପୂର୍ଣ୍ଣରୂପେ ବନ୍ଦ କରିବାକୁ ଓଡ଼ିଶା ସରକାର ମାଳମାଳ ଯୋଜନା ପ୍ରଣୟନ କରୁଛନ୍ତି। ଏଥିପାଇଁ ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ପ୍ରତି ଶନିବାର 'ଅଦ୍ୱିକା' କାର୍ଯ୍ୟକ୍ରମ ଆୟୋଜନ କରାଯାଇ କିଶୋର ବାଳିକା, ବାଳକମାନଙ୍କୁ ବିଭିନ୍ନ ପ୍ରଶିକ୍ଷଣ ସହ ସଚେତନତା ତଥ୍ୟ ପ୍ରଦାନ କରାଯାଉଛି। ୧୨ ମାସରେ ୧୨ଟି ଥିମ୍ ବିଷୟରେ ପିଲାମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ବିଭିନ୍ନ ସମ୍ପ୍ରଦାୟର ମୁଖିଆଙ୍କ ସହ ଜିଲ୍ଲାପାଳଙ୍କ ବୈଠକ ଆୟୋଜନ କରାଯାଇ ବାଲ୍ୟ ବିବାହର କୁପରିଣାମ ବିଷୟରେ ଅବଗତ କରାଯିବା ସହ ନିଜ ସମ୍ପ୍ରଦାୟରେ ଲୋକମାନଙ୍କୁ ସଚେତନ କରାଯିବାକୁ ନିର୍ଦ୍ଦେଶ ରହିଛି। କିନ୍ତୁ ବାଲ୍ୟବିବାହର ହାରାହାରି ସଂଖ୍ୟା ଜାତୀୟହାରଠାରୁ ଆଗରେ ରହି ଓଡ଼ିଶା ଏକ ଅଲୋଡ଼ା ରେକର୍ଡ ସୃଷ୍ଟି କରିଛି। ଏହି ଧାରା ଜାରି ରହିଲେ ୨୦୩୦ ମସିହା ସୁଦ୍ଧା ଓଡ଼ିଶାକୁ 'ବାଲ୍ୟବିବାହ ମୁକ୍ତ ରାଜ୍ୟ' କରିବା ପାଇଁ ସରକାର ଧାର୍ଯ୍ୟ କରିଥିବା ଲକ୍ଷ୍ୟ ପୂରଣ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ସରକାରୀ ଉଦାସୀନତା, ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ଦେଖିବାକୁ ମିଳୁଛି କିନ୍ତୁ, ସାମାଜିକ ବିଧି ବ୍ୟବସ୍ଥା ଓ ଡ୍ରପଆଉଟ୍ କାରଣରୁ ରାଜ୍ୟରେ ବାଲ୍ୟ ବିବାହ ବୃଦ୍ଧି ପାଉଥିବା ଜଣାପଡ଼ିଛି।

ନ୍ୟାସନାଲ୍ ଫ୍ୟାମିଲି ହେଲ୍‌ଥ ସର୍ଭେ-୫' ରିପୋର୍ଟ ଅନୁସାରେ, ବାଲ୍ୟବିବାହର ଜାତୀୟ ହାର ୨୩.୩% ରହିଥିବା ବେଳେ ଓଡ଼ିଶାର ୧୨ଟି ଜିଲ୍ଲାରେ ଏହି ହାର ଆହୁରି ଅଧିକ ରହିଛି। ବାଲ୍ୟ ବିବାହରେ ଉଦ୍‌ବେଗଜନକ ରେକର୍ଡ ସୃଷ୍ଟି କରିଥିବା ଏହି ଜିଲ୍ଲାଗୁଡ଼ିକ ହେଉଛି-ନବରଙ୍ଗପୁରରେ ୩୯.୪%, ନୟାଗଡ଼ରେ ୩୫.୭%, କୋରାପୁଟରେ ୩୫.୫%, ରାୟଗଡ଼ାରେ ୩୩.୨%, ମାଲକାନଗିରିରେ ୩୨.୪%, ମୟୂରଭଞ୍ଜରେ ୩୧.୩%, କେନ୍ଦୁଝରରେ ୨୯%, ଗଜପତିରେ ୨୮.୧%, ବାଲେଶ୍ୱରରେ ୨୬.୪%, ବୌଦ୍ଧରେ ୨୫.୩%,



ଅନୁଗୁଳରେ ୨୫% ରହିଛି। ଗତ ୬ ବର୍ଷରେ ରାଜ୍ୟରେ ୮ ହଜାର ୧୫୯ଟି ବାଲ୍ୟବିବାହ ରେକର୍ଡ କରାଯାଇଥିବା ବେଳେ ଗଞ୍ଜାମ ଜିଲ୍ଲାରେ ୯୬୬ଟି ଏବଂ କୋରାପୁଟରେ ୬୩୬ ବାଲ୍ୟବିବାହ ଅନୁଷ୍ଠିତ ହୋଇଛି। ଏହି ସମୟ ମଧରେ ନବରଙ୍ଗପୁରରେ ସର୍ବାଧିକ ୧୩୪୭ଟି ବାଲ୍ୟ ବିବାହ ହୋଇଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏକଦା ବାଲ୍ୟବିବାହମୁକ୍ତ ଜିଲ୍ଲାର ମାନ୍ୟତା ପାଇଥିବା ଗଞ୍ଜାମ ଓ ଗଜପତି ଜିଲ୍ଲାରେ ପୁଣି ଥରେ ବାଲ୍ୟବିବାହ ହାର ବଢ଼ୁଥିବା ଲକ୍ଷ୍ୟ କରାଯାଉଛି। ତେବେ ବାଲ୍ୟ ବିବାହରେ ସବୁଠାରୁ ଆଗରେ ରହିଥିବା ନବରଙ୍ଗପୁର ଜିଲ୍ଲାରେ ଡ୍ରପ୍‌ଆଉଟ୍ ଏକ ମୁଖ୍ୟ କାରଣ ହୋଇଥିବା ସୂଚନା ରହିଛି। ଏନଏଫ୍‌ଏଚଏସ୍ ରିପୋର୍ଟ ଅନୁସାରେ, ଜିଲ୍ଲାରେ ମାଟ୍ରିକ୍ ପରେ ୧୫% ପ୍ରତିଶତ ଝିଅ ଉଚ୍ଚଶିକ୍ଷା ପାଇଁ ବାହାରକୁ ଯାଉଛନ୍ତି। ବଳକା ଛାତ୍ରୀ ଅର୍ଥାଭାବ ଏବଂ ପରିବାରରେ ସଚେତନତା ଅଭାବରୁ ପାଠପଢ଼ାରେ ଡୋରୀ ବାନ୍ଧୁଛନ୍ତି। ଜିଲ୍ଲାରେ ଶିକ୍ଷା

**■ ସାମାଜିକ ବିଧିବ୍ୟବସ୍ଥା ଅନ୍ୟତମ କାରଣ**

**■ ଆଗରେ ରହିଛି ନବରଙ୍ଗପୁର ଓ ନୟାଗଡ଼**

ବ୍ୟବସ୍ଥା ବେଶ୍ ପଛରେ ରହିଛି। କାରଣ ଏଠାରେ ସମସ୍ତ ଗାଁଗୁଡ଼ିକରେ ବିଦ୍ୟାଳୟ ନଥିବାରୁ ଦୂର ଗାଁର ବିଦ୍ୟାଳୟକୁ ଜଙ୍ଗଲ ରାସ୍ତାରେ କିଶୋରୀ ବାଳିକା ପାଠ ପଢ଼ିବାକୁ ଯାଇଥାନ୍ତି। ଫଳରେ ଝିଅମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏକାକୀ ଛାଡ଼ିବାକୁ ଅଭିଭାବକମାନେ ଅନୁଚିତ୍ ମନେକରି ଅଧାରୁ ପାଠପଢ଼ା ଛାଡ଼ି ବିବାହ କରାଇଥା'ନ୍ତି। ସେହିପରି ଜିଲ୍ଲାରେ ଉଚ୍ଚ ବିଦ୍ୟାଳୟ ସଂଖ୍ୟା କମ୍ ସାଙ୍ଗକୁ କଲେଜ୍ ଗୁଡ଼ିକ ବି ଦୂରରେ ରହିଥିବା ବେଳେ ସିଟ୍ ସଂଖ୍ୟା କମ୍। ପ୍ରତିବର୍ଷ ଜିଲ୍ଲାରେ ପ୍ରାୟ ୧୫ ହଜାର ପିଲା ମାଟ୍ରିକ୍ ପରୀକ୍ଷା ଦେଉଥିବା ବେଳେ ଉଭୟ ସରକାରୀ ଓ ବେସରକାରୀ କଲେଜର ମୋଟ୍ ସିଟ୍ ସଂଖ୍ୟା ୯ ହଜାର। ତେଣୁ ବଳକା ୬ ହଜାର ପିଲାଙ୍କ ମଧ୍ୟରୁ ପ୍ରାୟ ୨ହଜାର ଧନୀ ଶ୍ରେଣୀର ପିଲା ଜିଲ୍ଲା ବାହାରକୁ ପଢ଼ିବାକୁ ଯାଇଥିବା ବେଳେ ୪ହଜାର ପିଲା ମାଟ୍ରିକ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ମଧ ପାଠପଢ଼ାରେ ଡୋରୀ ବାନ୍ଧିବାକୁ ବାଧ ହୋଇଥାନ୍ତି। ଫଳରେ ସେମାନେ ବାଲ୍ୟ ବିବାହର ଶିକାର ହୋଇଥା'ନ୍ତି। ପାଠପଢ଼ିବାରୁ ବଞ୍ଚିତ ହୋଇ ପଡ଼ୋଶୀ ରାଜ୍ୟ ଛତିଶଗଡ଼ରେ ଲଙ୍କା ତୋଳିବା ଅବା ହାଇଦରାବାଦରେ ପ୍ଲମ୍ବର କାମ କରିବାକୁ ଅନେକ ଚାଲିଯାଆନ୍ତି। ସେଠାରେ ଉଭୟ ପୁଅ ଝିଅ ଏକାଠି ରହିଥା'ନ୍ତି। ଯେତେବେଳେ ଉଭୟ ଗାଁକୁ ଫେରିଥା'ନ୍ତି, ଝିଅଟି ଗର୍ଭବତୀ ହୋଇଥିବା ଜଣାପଡ଼େ। ଫଳରେ ପରିବାର ଲୋକେ ବିବାହ କରିବାକୁ ବାଧ ହୋଇଥା'ନ୍ତି।

ରାଜ୍ୟ ସରକାର ପିଲାମାନଙ୍କୁ ବିଦ୍ୟାଳୟ ମୁଖ୍ୟସ୍ରୋତରେ ସାମିଲ କରିବାକୁ 'ଆସ ସ୍କୁଲ ଯିବା' ଅଭିଯାନ ସହ ପିଟିଏମ୍, ପଦଯାତ୍ରା, କ୍ଲଷ୍ଟର ସ୍ତରରେ ଶିକ୍ଷା ସଭା ଆଦି ଆୟୋଜନ କରୁଛନ୍ତି। ଏହାସହ ଟ୍ରାନ୍ସପୋର୍ଟ ସୁବିଧା, ଆବାସିକ ହଷ୍ଟେଲ, ମାଗଣା ୟୁନିଫର୍ମ, ବାଳିକାଙ୍କ ପାଇଁ କେଜିଭିପି ହଷ୍ଟେଲ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ମାଧ୍ୟମିକ ବିଦ୍ୟାଳୟ ଓ ମାଧ୍ୟମିକ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଉନ୍ନୀତ କରିବା ଭଳି ପଦକ୍ଷେପ ନିଆଯାଉଛି। କିନ୍ତୁ ଏହା କେତେଦୂର କାର୍ଯ୍ୟକାରୀ ହେଉଛି ତାହା ଏହି ଜିଲ୍ଲାରେ ସ୍ପଷ୍ଟ ହୋଇଛି।

ସେହିପରି ବାଲ୍ୟ ବିବାହର ଅନ୍ୟଏକ ପ୍ରମୁଖ କାରଣ ହେଉଛି ସାମାଜିକ ବିଧି ବ୍ୟବସ୍ଥା। ଜିଲ୍ଲାରେ ୧୩ ପ୍ରମୁଖ ଜାତି ଏବଂ ଉପଜାତିକୁ ମିଶାଇ ୨୮ଟି ଜାତି ସମାଜ ବସବାସ କରନ୍ତି। ବିଭିନ୍ନ ପ୍ରଜାତିର ଆଦିବାସୀମାନଙ୍କ ଅନେକ ପ୍ରଥା ପରମ୍ପରା ରହିଛି। କୌଣସି ପରିବାରରେ ଝିଅକୁ ୧୫ ବର୍ଷ ହେବା ମାତ୍ରେ ବିବାହ କରିବାକୁ ସମସ୍ତେ ପ୍ରୟାସ ଆରମ୍ଭ କରିଥା'ନ୍ତି। କାରଣ ଏହି ବୟସ ମଧ୍ୟରେ ବିବାହ କରାଗଲେ ଝିଅଟିର ଭବିଷ୍ୟତ ସୁରକ୍ଷିତ ରହିବ, ସେ ଅନ୍ୟ କାହାସହ ଲୁଚି ଘରୁ ପଳେଇ ଯିବାକୁ ସୁଯୋଗ ପାଇବନି ଏବଂ ବିଳମ୍ବ ହେଲେ ଝିଅକୁ ଉପଯୁକ୍ତ ବର ମିଳିବା କଷ୍ଟକର ହୋଇପଡ଼େ ବୋଲି ସେମାନଙ୍କର ବିଶ୍ୱାସ ରହିଛି। ଅନ୍ୟପଟେ ଉଦୁଲିଆ ବା ଏଲୋପ୍‌ମେଣ୍ଟ ପ୍ରଥା ଦେଖିବାକୁ ମିଳେ। ସାଧାରଣତଃ ଇଲୋପ୍‌ମେଣ୍ଟ ବା ଘରୁ ଲୁଚି ପଳେଇଯିବାକୁ ଲଜ୍ଜା ବୋଲି ମନାଯାଉଥିବା ବେଳେ ନବରଙ୍ଗପୁର ଜିଲ୍ଲାରେ କିନ୍ତୁ କେତେକ ଆଦିବାସୀ ସମ୍ପ୍ରଦାୟରେ ଏହାକୁ ପରିବାର ଲୋକେ ସହଜରେ ଗ୍ରହଣ କରିଥାନ୍ତି। ତେଣୁ ଏହା ମଧ ବାଲ୍ୟ ବିବାହ ବୃଦ୍ଧିର ଅନ୍ୟତମ କାରଣ ବୋଲି ସାମାଜିକ କର୍ମୀ ଘାସିରାମ ପଣ୍ଡା କହିଛନ୍ତି।

# ଗ୍ରୀଷ୍ମପ୍ରବାହ ମୁକାବିଲା ନେଇ ଜିଲ୍ଲାସ୍ତରୀୟ ପ୍ରସ୍ତୁତି



କେନ୍ଦୁଝର, ୧୯।୩(ସମିସ): ଆଗାମୀ ଏପ୍ରିଲ ଓ ମେ ମାସରେ ପ୍ରବଳ ଗ୍ରୀଷ୍ମ ପ୍ରବାହର ଆଶଙ୍କାକୁ ଦୃଷ୍ଟିରେ ରଖି ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ଗାଇଡଲାଇନ୍ ଅନୁଯାୟୀ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ କେନ୍ଦୁଝର ଜିଲ୍ଲାପାଳଙ୍କ ବିଶାଲ ସିଂହଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲାସ୍ତରୀୟ ଜରୁରିକାଳୀନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକର ମୁଖ୍ୟ ନିଷ୍ପତ୍ତି ମୁତାବକ, ସକାଳ ୧୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଖରାରେ ଚଳପ୍ରଚଳ ଓ ଶ୍ରମିକ କାର୍ଯ୍ୟ ବନ୍ଦ ରହିବ। ମଧ୍ୟାହ୍ନ ସମୟରେ ବିଦ୍ୟୁତ କାଟ୍ ନିଷେଧ କରାଯାଇଛି। ଜିଲ୍ଲାରେ ୨୪/୭ ନିୟନ୍ତ୍ରଣ କକ୍ଷଖୋଲା ଯିବାକୁ ବୈଠକରେ ଜିଲ୍ଲାପାଳ ସ୍ପଷ୍ଟ କରିଛନ୍ତି ଯେ ଜିଲ୍ଲାରେ ଅଂଶୁଘାତଜନିତ ମୃତ୍ୟୁ ସଂଖ୍ୟାକୁ ଶୂନ୍ୟ ରଖିବା ପ୍ରଶାସନର ପ୍ରଥମ ଦାୟିତ୍ୱ। ଏଥିପାଇଁ ସକାଳ ୧୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ କୌଣସି ପରିବହନ ସେବା କିମ୍ବା ଖଣି ଓ ନିର୍ମାଣ ଶ୍ରମିକଙ୍କ କାର୍ଯ୍ୟ ଜାରି ରହିବ ନାହିଁ। ଯାତ୍ରୀବାହୀ ବସଗୁଡ଼ିକରେ ଡ୍ରାଇଭର ଓ ଯାତ୍ରୀଙ୍କ ସୁରକ୍ଷା ପାଇଁ କୁଲିଂ ବ୍ୟବସ୍ଥା ଓ ଜଳ ସଂରକ୍ଷଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସ୍କୁଲରେ ପିଲାଙ୍କ ସୁରକ୍ଷା ପାଇଁ ସକାଳୁଆ ସ୍କୁଲ ନିୟମ ପାଳନ କରିବାକୁ କୁହାଯାଇଛି। ଜିଲ୍ଲାର ସମସ୍ତ ବ୍ଲକ, ମ୍ୟୁନିସିପାଲିଟି ଏବଂ ଜଳକ୍ଲିଷ୍ଟ ଅଞ୍ଚଳରେ ପର୍ଯ୍ୟାପ୍ତ ଜଳଛତ୍ର ଓ ବନ୍ଦ ରହିଥିବା ବିଶ୍ରାମାଗାର ଖୋଲିବାକୁ କୁହାଯାଇଛି। ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ଅଚଳ ନଳକୂପ ଗୁଡ଼ିକର ତୁରନ୍ତ ମରାମତି ଏବଂ ପାଇପ୍ ଲାଇନ ଲିକ୍‌କୁ ୨୪ ଘଣ୍ଟା ମଧ୍ୟରେ ଠିକ୍ କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟଜନ୍ତୁଙ୍କ ପାଇଁ ଜଙ୍ଗଲ ମଧ୍ୟରେ ପାଣିର ବ୍ୟବସ୍ଥା କରିବାକୁ ବନ ବିଭାଗକୁ ଦାୟିତ୍ୱ ଦିଆଯାଇଛି। ଅଂଶୁଘାତ ରୋଗୀଙ୍କ ପାଇଁ ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱତନ୍ତ୍ର ବେଡ୍, ଏସି ଓ କୁଲର ସୁବିଧା ସହ ଜୀବନ ରକ୍ଷାକାରୀ ଔଷଧ ଓ ଓଆରଏସ ପ୍ୟାକେଟ୍ ପ୍ରସ୍ତୁତ ରଖିବାକୁ ଜିଲ୍ଲାପାଳ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରସ୍ତୁତି ବୈଠକରେ ଜିଲ୍ଲାପାଳଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ରକୁମାର ପ୍ରଧାନ, ଡିଏଫଓ ଏଚଡି ଧନରାଜ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଜିଲ୍ଲାପାଳଅଧିକାରୀ କୁମାର ନାଗଭୂଷଣ, ଉପଜିଲ୍ଲାପାଳ କେନ୍ଦୁଝର ଉମାକାନ୍ତ ଦଳାଇ, ଉପଜିଲ୍ଲାପାଳ ଚମ୍ପୁଆ ଉମାକାନ୍ତ ପରିଡା, ଉପଜିଲ୍ଲାପାଳ ଆନନ୍ଦପୁର ନୀଳମାଧବ ସୁନା, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଅଭିଳାଷ ପୁରୋହିତ, ଜିଲ୍ଲା ସୂଚନା ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟ ଏବଂ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ପ୍ରସୂତିଙ୍କ ମୃତ୍ୟୁନେଇ ହସ୍ପିଟାଲରେ ଉତ୍ତେଜନା

ବାରିପଦା, ୧୯।୩(ସମିସ):





- ଚିକିତ୍ସା ଅବହେଳା ଅଭିଯୋଗ ଆଣିଲେ ପରିବାର
- ଡାକ୍ତରଙ୍କ ବିରୋଧରେ ଥାନାରେ ଅଭିଯୋଗ

ପିଆରଏମ ହସ୍ପିଟାଲରେ ପୁଣି ଚିକିତ୍ସା ଅବହେଳା ପାଇଁ ପ୍ରସୂତି ମହିଳାଙ୍କ ମୃତ୍ୟୁ ହୋଇଛି। ଯାହାକୁ ନେଇ ହସ୍ପିଟାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇଛି। କୁଳିଅଣା ଥାନା ଅନ୍ତର୍ଗତ ପୋଖରିଆ ଗ୍ରାମର ବୁଗାଇ ହାଁସଦାଙ୍କ ପତ୍ନୀ ବାଲ୍ଲିଙ୍କ ପ୍ରସବ ବେଦନା ହେବାରୁ ବୁଧବାର ବାରିପଦାସ୍ଥିତ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପିଲା ଜନ୍ମ ନିମନ୍ତେ ଗୁରୁବାର ଅସ୍ତ୍ରୋପଚାର ହୋଇଥିଲା। କିନ୍ତୁ ଅସ୍ତ୍ରୋପଚାର କରି ଗର୍ଭସ୍ଥ ଶିଶୁକୁ ଜନ୍ମ ସମୟରେ ପ୍ରସୂତି ମହିଳାଙ୍କ ମୃତ୍ୟୁ ହୋଇଥିଲା। ଏହାସହିତ ଜନ୍ମସ୍ଥ ଶିଶୁ ପିଠିରେ କ୍ଷତ ଥିବା ବେଳେ ଗୁରୁତର ରହିଛି। ଅପରେସନ ସରିବା ପରେ ଘଟଣା ବାବଦରେ ମହିଳାଙ୍କ ପରିବାର ଲୋକେ ଜାଣିବା ପରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଅସ୍ତ୍ରୋପଚାର କରିଥିବା ଡାକ୍ତରଙ୍କ ଅବହେଳା ଯୋଗୁଁ ମହିଳାଙ୍କ ମୃତ୍ୟୁ ହୋଇଥିବାର ପରିବାର ଲୋକେ ଅଭିଯୋଗ କରିଥିଲେ। ଚିକିତ୍ସା ଅବହେଳା ପାଇଁ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଶିଶୁ ଗୁରୁତର ହୋଇ ଏସଏନସିୟୁରେ ଚିକିତ୍ସିତ ହେଉଛି। ଡାକ୍ତରଙ୍କ ଅବହେଳା ନେଇ ତାଙ୍କ ବିରୁଦ୍ଧରେ ଥାନାରେ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହାସହିତ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲର ଅଧୀକ୍ଷକଙ୍କୁ ଅଭିଯୋଗ ଜଣାଇଛନ୍ତି। ଚିକିତ୍ସା ଅବହେଳା ନେଇ ଦୃଢ କାର୍ଯ୍ୟାନୁଷ୍ଠାନ ଓ କ୍ଷତିପୂରଣ ଦାବିରେ ପରିବାର ଲୋକେ ଅଡ଼ି ବସିଛନ୍ତି। ତେବେ କର୍ତ୍ତୃପକ୍ଷ ସେମାନଙ୍କୁ ବୁଝାସୁଝା କରିଛନ୍ତି।

# ବାଇକ୍ ଚୋରି ଗ୍ୟାଙ୍ଗ ଠାବ; ୨ ଗିରଫ

ଆନନ୍ଦପୁର, ୧୯।୩ (ସମିସ): ଆନନ୍ଦପୁର ପୁଲିସ ଏସଡିପିଓ କମଳକୁମାର ପଣ୍ଡାଙ୍କ ନେତୃତ୍ୱରେ ପୁଲିସ ଆଜି ଏକ ବାଇକ ଲୁଟେରା ଗ୍ୟାଙ୍ଗକୁ ଠାବ କରିଛି। ଗ୍ୟାଙ୍ଗର ୨ ମୁଖ୍ୟ ଲୁଟେରାଙ୍କୁ କାବୁ କରିବା ସହିତ ତିନିଟି ବାଇକ ଜବତ କରିଛି। ଅଭିଯୁକ୍ତ ଜଣକ ହତିଶୀଳା ଗାଁର ଦୀପକ ରାଉତ ବାଇକକୁ ଚୋରି କରିବା ପରେ ପଥରପଦା ଗାଁର ପାପୁନ ପେରେଇ ନାମକ ଯୁବକକୁ ବିକ୍ରି କରିଥିଲା।



ଉଭୟଙ୍କୁ ପୁଲିସ ଗିରଫ କରି ପଚରାଉଚରା କରିବା ପରେ ମୁଖ୍ୟ ଅଭିଯୁକ୍ତ ଅନେକ ବାଇକ ଚୋରିରେ ସମ୍ପୃକ୍ତ ଥିବା ଜାଣିବାକୁ ପାଇଛି। ଏହି ଘଟଣା ରେ ଅନ୍ୟ ୪ ଜଣ ସାମିଲ ଥିବା ବେଳେ ପୁଲିସ ସେମାନଙ୍କୁ ଖୋଜିବାରେ ଲାଗିଛି। ସୂଚନା ଅନୁସାରେ, ବିଶେଷ ଭାବେ ଟି-ସାର୍ଟ ଧରାଇଦେଲା ବାଇକ ଚୋରଙ୍କୁ। ଫିଲ୍ମ ଷ୍ଟାଇଲରେ ଏକ ଟି-ସାର୍ଟ ବ୍ୟବହାର କରି ଅତି ଚତୁରତାର ସହିତ ଗୋଟିଏ ପରେ ଗୋଟିଏ ବାଇକ ଚୋରି କରି ଅନ୍ୟକୁ ବିକ୍ରି କରିବା ପରେ ଘସିପୁରା ଥାନା ଶୈଳଙ୍ଗ ଛକରେ ଘଟିଥିବା ଏକ ବାଇକ ଚୋରି ଘଟଣାର ଅଭିଯୋଗକୁ ଆଧାର କରି ପୁଲିସ ମାମଲା ରୁଜୁକରି ତଦନ୍ତ କରିବା ପରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରି ସମ୍ପୃକ୍ତ ଚୋର ବ୍ୟବହାର କରୁଥିବା ଏକ ଟି-ସାର୍ଟକୁ ଆଧାର କରି ପୁଲିସ ତାକୁ ଧରିବାରେ ସଫଳ ହୋଇଛି।

# ନାରଦପୁର ଓଭରବ୍ରିଜ୍ ଷ୍ଟ୍ରିଟ୍‌ଲାଇଟ୍ ଅଚଳ

■ ମାସେହେବ ଅନ୍ଧାରରେ



ନାରଦପୁର,୧୯।୩(ସମିସ): ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନାରଦପୁର ଓଭରବ୍ରିଜ୍ ଷ୍ଟ୍ରିଟଲାଇଟ୍ ଅଚଳ ହୋଇପଡ଼ିଛି। ଏହାକୁ ମରାମତି କରିବା ପାଇଁ ବିଭାଗୀୟଙ୍କ ଦୃଷ୍ଟି ପଡୁ ନ ଥିବାରୁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଅନ୍ଧାରରେ ଲୋକେ ଯିବାଆସିବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ୫୨୦ ନଂ ଜାତୀୟ ରାଜପଥ ଉକ୍ତ ଓଭରବ୍ରିଜ୍ ଷ୍ଟ୍ରିଟ ଲାଇଟ୍ ଆଜକୁ ପ୍ରାୟ ମାସେ ହେବ ଜଳୁନାହିଁ। ରାତିସାରା ଅନ୍ଧାର ରହୁଛି। ଫଳରେ ସଂଧ୍ୟା ହେଲେ ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ବ୍ୟାଙ୍କ, ଉଚ୍ଚବିଦ୍ୟାଳୟ, ମାଧ୍ୟମିକ ବିଦ୍ୟାଳୟ, ପଞ୍ଚାୟତ, ଜନସେବା କେନ୍ଦ୍ର ରହିଥିବାରୁ ଦୈନିକ ବଳଭଦ୍ରପୁର, ଦ୍ୱିତୀୟ ଧନୁର୍ଜୟପୁର, ଆଙ୍ଗୁଳିଆ, ଜଗନ୍ନାଥପୁର, ମନୋହରପୁର, ସରାସପଶି, ବାସୁଦେବପୁର, ସୁନାପଶି ଗ୍ରାମର ଲୋକେବିଭିନ୍ନକାମରେନିର୍ଭରକରନ୍ତି।ଏଥିପ୍ରତିଜାତୀୟରାଜପଥବିଭାଗତୁରନ୍ତଦୃଷ୍ଟିଦେବାକୁ ନାରଦପୁର ଗ୍ରାମପଞ୍ଚାୟତ ପୂର୍ବତନ ସରପଞ୍ଚ କିଶୋର କୁମାର ନାଏକ ଦାବି ଜଣାଇଛନ୍ତି।

# ବିଜେପି ରାଜ୍ୟ ଯୁବମୋର୍ଚ୍ଚା ଟିମ୍‌ରେ ଯଜ୍ଞପ୍ରସାଦ

ଆନନ୍ଦପୁର,୧୯।୩(ସମିସ):ଯୁବନେତାଯଜ୍ଞପ୍ରସାଦସାହୁଙ୍କଉପରେରାଜ୍ୟବିଜେପିପୁନର୍ବାରଆସ୍ଥା ପ୍ରକଟ କରିଛି। ଏନେଇ ରାଜ୍ୟ ଯୁବମୋର୍ଚ୍ଚାରେ କେନ୍ଦୁଝର ଜିଲ୍ଲାକୁ ଏକମାତ୍ର ପ୍ରତିନିଧିତ୍ୱ କରିବାର ସୁଯୋଗ ମିଳିଛି। ଘଷିପୁରା ଅଞ୍ଚଳର ଯଜ୍ଞପ୍ରସାଦଙ୍କୁ ରାଜ୍ୟ ଯୁବମୋର୍ଚ୍ଚା ପକ୍ଷରୁ ଗଣମାଧ୍ୟମ ଆବାହକ ଭାବେ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି। ଆଜି ନୂତନ ଦାୟିତ୍ୱ ଘୋଷଣା ହେବା ପରେ ଶ୍ରୀ ସାହୁ ଦଳର ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତାଜ୍ଞାପନ କରିଛନ୍ତି। ପୂର୍ବରୁ ମଧ୍ୟ ଯଜ୍ଞପ୍ରସାଦ ଦୁଇ ପୂର୍ବତନ ଯୁବମୋର୍ଚ୍ଚା ସଭାପତିଙ୍କ ନେତୃତ୍ୱରେ ରାଜ୍ୟ କମିଟିରେ ସ୍ଥାନ ପାଇଥିଲେ। ନୂତନ ଦାୟିତ୍ୱ ଘୋଷଣା ହେବା ପରେ ଶ୍ରୀ ସାହୁଙ୍କୁ ଦଳମତ ନିର୍ବିଶେଷରେ ବିଭିନ୍ନ ମହଲରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଯଜ୍ଞପ୍ରସାଦ ପୂର୍ବରୁ ରାଜ୍ୟର ପ୍ରତିଷ୍ଠିତ ଗଣମାଧ୍ୟମ ସଂସ୍ଥାରେ ଦାୟିତ୍ୱ ନିର୍ବାହ କରିଛନ୍ତି। ଶ୍ରୀ ସାହୁ ବର୍ତ୍ତମାନ ପଶ୍ଚିମବଙ୍ଗ ନିର୍ବାଚନରେ ଦଳ ପକ୍ଷରୁ ଗଡବେତା ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରଚାର ଦାୟିତ ନେଇଛନ୍ତି।



# ଶିଶୁ ମନ୍ଦିରରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ



ଆନନ୍ଦପୁର, ୧୯।୩ (ସମିସ): ଚୈତ୍ର ଶୁକ୍ଳ ପ୍ରତିପଦା ତିଥିରେ ଆନନ୍ଦପୁର ସରସ୍ୱତୀ ଶିଶୁମନ୍ଦିର ବୌଦ୍ଧିକ ମଣ୍ଡପଠାରେ ପବିତ୍ର ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ ହୋଇଛି। ଏହି ଅବସରରେ ପରିଚାଳନା ସମିତିର ସଭାପତି ଉଷାରାଣୀ ଜେନା ଦୀପ ପ୍ରଜ୍ୱଳନ କରିଥିଲେ। ପ୍ରଧାନଆଚାର୍ଯ୍ୟା ଅତିଥି ଅଧିକାରୀଙ୍କ ପରିଚୟ ପ୍ରଦାନ ସହ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ଗୋବିନ୍ଦଚନ୍ଦ୍ର ତ୍ରିପାଠୀ ଦିବସର ମହତ୍ତ୍ୱ ଓ ମାହାତ୍ମ୍ୟ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ଉପସଭାପତି ଜଗନ୍ନାଥ ସିଂ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଗୁରୁଜୀ ପଙ୍କଜ କୁମାର ମହାନ୍ତି ମୁଖ୍ୟ ଶିକ୍ଷକ ଦାୟିତ୍ୱ ନିର୍ବାହ କରିବା ସହିତ କାର୍ଯକ୍ରମ ପରିଚାଳନା କରିଥିଲେ। ହେମନ୍ତ କୁମାର ସାହୁ ଗୈରିକ ଧ୍ୱଜ ଲଗାଇବା ସହ ସଂଘ ପ୍ରାର୍ଥନା ଗାନ କରିଥଲେ। ଗୁରୁଜୀ ହରେକୃଷ୍ଣ ପତି ଓ ବସନ୍ତ କୁମାର ସାହୁ ହିନ୍ଦୁ ନବ ବର୍ଷ ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଗୁରୁମା ଅହଲ୍ୟା ମିଶ୍ର ବ୍ୟକ୍ତିଗତ ଗୀତ ଗାନ କରିଥଲେ। ସମସ୍ତ ଗୁରୁଜୀ ଓ ଗୁରୁମା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

**ଚମ୍ପୁଆ:** ସେହିପରି ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ପ୍ରାତଃ ସମୟରେ ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଶରତଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ରାଷ୍ଟ୍ରୀୟ ନବବର୍ଷ ତଥା ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଏନ୍‌ସିସି ଅଫିସର ବସନ୍ତ କୁମାର ମହାନ୍ତ ବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଶରତଚନ୍ଦ୍ର ପ୍ରଧାନ ଓ ବରିଷ୍ଠ ଆଚାର୍ଯ୍ୟ ଚିତ୍ତରଞ୍ଜନ ମହାନ୍ତ ମଞ୍ଚାସୀନ ଥିଲେ। ଏହି ଅବସରରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ନଗର ପରିକ୍ରମା କରାଯାଇଥିଲା। ସେହିଭଳି ଅପରାହ୍ନରେ ଚମ୍ପୁଆ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଦ୍ୱାରା ହିନ୍ଦୁ ନବବର୍ଷ ତଥା ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଯାଇଛି। ଏଥିରେ ଚମ୍ପୁଆ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସ୍ୱୟଂ ସେବକଙ୍କ ଦ୍ୱାରା ନଗରରେ ପଥ ସଂଚାଳନ କରାଯାଇଥିଲା। ସଭାକାର୍ଯ୍ୟରେ ମୁଖ୍ୟ ଅତିଥିଭାବେ ଚମ୍ପୁଆ ନଗରର ବ୍ୟବସାୟୀ ଭୀମସେନ ପାଣିଗ୍ରାହୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ କେନ୍ଦୁଝର ଜିଲ୍ଲା ସହ ଜିଲ୍ଲା ଶାରୀରିକ ପ୍ରମୁଖ ମଳୟ କୁମାର ଖଣ୍ଡା ଯୋଗ ଦେଇଥିଲେ। ଏଥିରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଚମ୍ପୁଆ ଖଣ୍ଡ କାର୍ଯ୍ୟବାହ ଦୁଷ୍ମନ୍ତ ମହାନ୍ତ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଚମ୍ପୁଆ ନଗରର ଲୋକଙ୍କୁ ନେଇ ଏକ ବନ୍ଧୁ ମିଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ସ୍ୱୟଂ ସେବକ ଯୋଗ ଦେଇଥିଲେ।



# ଆନନ୍ଦ ରାମ ବିଜେପି ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ନୂତନ ଯୁବ ମୋର୍ଚ୍ଚା ସଭାପତି

ବିଶୋଇ,୧୯।୩ (ସମିସ): ବିଜେପି ଯୁବ ମୋର୍ଚ୍ଚାର ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ସଭାପତି ଭାବରେ ଆନନ୍ଦ କୁମାର ରାମଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିର୍ଦ୍ଦେଶକ୍ରମେ ବିଜେପି ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡାଙ୍କ ଅନୁମୋଦନକ୍ରମେ ଶ୍ରୀ ରାମଙ୍କୁ ଏହି ନିଯୁକ୍ତି ପ୍ରଦାନ କରାଯାଇଛି। ନବନିଯୁକ୍ତ ସଭାପତିଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଆଜି ବିଶୋଇ ବ୍ଲକ ବିଜେପି ପକ୍ଷରୁ ବିଶୋଇଠାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ସଭାପତି ଜୁରିଲାଲ ମହାନ୍ତ, ବିଶୋଇ ମଣ୍ଡଳ ସଭାପତି ବନମାଳି ଗିରି, ମଣଦା ମଣ୍ଡଳ ସଭାପତି ପ୍ରଭାତ ରଞ୍ଜନ ଗିରି, ସାଂସଦ ପ୍ରତିନିଧି ଉମାକାନ୍ତ ନନ୍ଦ ସମେତ ବ୍ଲକର ବହୁ ଦଳୀୟ କର୍ମୀ ପୁଷ୍ପଗୁଚ୍ଛ ପ୍ରଦାନ କରି ଆନନ୍ଦ ରାମଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ପରସ୍ପର ମିଠା ଖୁଆଇ ଉତ୍ସବ ମନାଇଥିଲେ। ସୂଚନାଯୋଗ୍ୟ କି, ଆନନ୍ଦ କୁମାର ରାମ ପୂର୍ବରୁ ବିଜେପି ରାଜ୍ୟ ଯୁବ ମୋର୍ଚ୍ଚାର ସ୍ୱତନ୍ତ୍ର ଆମନ୍ତ୍ରିତ ସଦସ୍ୟ ଦାୟିତ୍ୱ ତୁଲାଇ ଦଳରେ ଜଣେ ସକ୍ରିୟ କର୍ମୀ ହୋଇ ଦଳର ମଙ୍ଗ ଧରିଥିଲେ। ଜଣେ ଦକ୍ଷ କର୍ମୀଙ୍କୁ ଜିଲ୍ଲାର ଯୁବ ମୋର୍ଚ୍ଚା ସଭାପତି ଭାବରେ ନିଯୁକ୍ତି ଦେଇଥିବାରୁ ଜିଲ୍ଲା କର୍ମୀଙ୍କ ଗହଣରେ ଖୁସିର ମାହଲ ଖେଳିଯାଇଛି। ସମ୍ବର୍ଦ୍ଧନା ଉତ୍ସବରେ ରଞ୍ଜନ କବାଟ, ଚୈତନ୍ୟ ନାଏକ, ଶଙ୍କର ବେହେରା, ଶଙ୍କରଜିତ ପାତ୍ର, ସଚ୍ଚିଦାନନ୍ଦ ଗିରି, ସତ୍ୟଭାମା ଦେଓ, ଦୀପ୍ତିମୟୀ ରାଜ, ଦୁର୍ଗାଚରଣ ପାଟବନ୍ଧା, ବିମ୍ବାଧର ଧୀର, ଶିବାଶିଷ ବେହେରା, ଆଦିତ୍ୟ ଧଳ, ଶୋଷଧର ଗିରି ସମେତ ଦଳର ବହୁ କର୍ମୀ ଉପସ୍ଥିତ ଥିଲେ।



# ଯୋଡ଼ା ପୁଲିସ ପକ୍ଷରୁ ଶାନ୍ତି କମିଟି ବୈଠକ



ଯୋଡ଼ା, ୧୯।୩(ସମିସ):

କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା କାଉନସିଲ ହଲ୍‌ଠାରେ ସନ୍ଧ୍ୟା ୭ଟା ସମୟରେ ବଡ଼ବିଲ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକଙ୍କ ଅଧ୍ୟକ୍ଷତାରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗକୁ ଇଦ୍ ଓ ରାମନବମୀ ପର୍ବ ଥିବା ବେଳେ ସହରରେ ଶାନ୍ତିଶୃଙ୍ଖଳା ରଖି ଉଭୟ ପର୍ବକୁ ପାଳନ କରିବା ନିମନ୍ତେ ଆଲୋଚନା କରାଯାଇଥିଲା। ବଡ଼ବିଲ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଦେବେନ୍ଦ୍ର ନାଥ ପିଙ୍ଗୁଆ କିପରି ଉକ୍ତ ପର୍ବଗୁଡିକୁ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶରେ ଭାଇଚାରା ବଜାୟ ରଖି ପାଳନ କରାଯାଇ ପାରିବା ସହ ଆଇନଶୃଙ୍ଖଳା ବ୍ୟବସ୍ଥାକୁ ମାନି ଏହି ଶାନ୍ତି କମିଟି ବୈଠକରେ ଆଲୋଚନା ହୋଇଥିଲା। ଯୋଡ଼ା ସହର ଏକ ଭାଇ ଚାରାର ସହର ଓ ଏହାର ଚତୁପାର୍ଶ୍ୱ ଖଣିଜ ସମ୍ପଦରେ ଅଞ୍ଚଳ ହୋଇଥିବାରୁ ଏଠାକାର ସ୍ଥାୟୀ ବାସିନ୍ଦାଙ୍କ ସହ ଦେଶର ବିଭିନ୍ନ ପ୍ରାନ୍ତରୁ ଲୋକେ ଆସି ରହିଛନ୍ତି। ଏଠାରେ ସବୁ ସମ୍ପ୍ରଦାୟର ଲୋକେ ବସବାସ କରୁଥିବା ବେଳେ ସମସ୍ତ ପର୍ବ ପର୍ବାଣୀକୁ ଅତି ହର୍ଷ ଉଲ୍ଲାସ ସହକାରେ ପାଳନ କରାଯାଉଥିବା ଦେଖିବାକୁ ମିଳେ। ପୂର୍ବପରି ଶାନ୍ତିଶୃଙ୍ଖଳା ବଜାୟରଖି କିପରି ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶରେ ଭାଇଚାରାର ସହ ଏହି ପର୍ବଗୁଡିକ ପାଳନ କରାଯିବ ତାକୁ ନେଇ ସମସ୍ତ ସମ୍ପ୍ରଦାୟର ଲୋକଙ୍କୁ ନେଇ ଏହି ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିବା ବଡ଼ବିଲ ଥାନାଧିକାରୀ ଅଶୋକ କୁମାର ନାୟକ ସୂଚନା ଦେଇଛନ୍ତି। ଏହି ଅବସରରେ ଉପସ୍ଥିତ ସମସ୍ତ ବର୍ଗର ଲୋକେ ପ୍ରଶାସନକୁ ସମ୍ପୂର୍ଣ ସହଯୋଗ କରିବା ନିମନ୍ତେ ସହମତି ପ୍ରକାଶ କରିଥିଲେ। ଏହି ବୈଠକରେ ରାମ ନବମୀ ପାଇଁ ଝଣ୍ଡା ନେବାର ରାସ୍ତା ବିଷୟରେ ଉଭୟ ପକ୍ଷରୁ ମତାମତ ନିଆ ଯାଇଥିଲା। କିଛି ବର୍ଷ ପୂର୍ବରୁ ରାମନବମୀ ଉତ୍ସବରେ ଏକ ବଡ଼ଧରଣର ଝାମେଲା ହୋଇ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିବା ବେଳେ ଆଗକୁ ଏହାର ପୁନରାବୃତ୍ତି ନ କରିବାକୁ ବୈଠକରେ ସ୍ଥିର କରାଯାଇଥିଲା। ଏହି ବୈଠକରେ ଉଭୟ ଗୋଷ୍ଠୀର ନେତୃ ସ୍ଥାନୀୟ ଲୋକ, ବୁଦ୍ଧିଜୀବୀଙ୍କ ସହିତ ବଡ଼ବିଲ ଏସ୍‌ଡ଼ିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ, ଯୋଡ଼ା ଥାନାର ଭାରପ୍ରାପ୍ତଅଧିକାରୀ ପ୍ରଶାନ୍ତ କୁମାର ସାମଲ, ଯୋଡ଼ା ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରିଣୀ ଶ୍ୱେତପଦ୍ମା ଧଳ, ଯୋଡ଼ା ବିଡ଼ିଓ ଡେନିସ ବେହେରା ଉପସ୍ଥିତ ଥିଲେ।

# ଖଣି ବିଭାଗ ଚଢ଼ଉ ପରେ ବାଲି ଘାଟ ବନ୍ଦ

ଆନନ୍ଦପୁର, ୧୯।୩ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାତୋ ପଞ୍ଚାୟତରେ ଥିବା ବୈତରଣୀ ନଦୀର ତମ୍ପୋ ବାଲି ଘାଟ ଏବେ ବନ୍ଦ ରହିଛି। ରାତିଅଧିଆ ଖଣି ବିଭାଗର ଅଚାନକ ଚଢ଼ଉ ପରେ ତିନି ଦିନ ଧରି ବାଲି ଘାଟ ଠପ୍ ପଡ଼ିଛି। ଅଞ୍ଚଳବାସୀଙ୍କ ମନରେ ପ୍ରଶ୍ନ ଉଠୁଛି, ଯଦି ବାଲି ଘାଟ ନିୟମିତ ଭାବେ ନିଲାମ ହୋଇଥିଲା, ତେବେ ହଠାତ୍ କାହିଁକି ଚଢ଼ଉ ହେଲା ? କାହା ଗୁପ୍ତ ବୁଝମଣାରେ ଚାଲୁଥିଲା ଏହି ବ୍ୟବସାୟ ? କାହାକୁ କେତେ ମାସିକିଆ ଦେଇ ଚାଲୁଥିଲା ବାଲି ଘାଟ? ବାଲି ଘାଟ ଚାଲିବାରେ କେଉଁ ରାଜନେତାର ରହିଛି ହାତ? କିଏ ସେ ପ୍ରଭାବଶାଳୀ ବ୍ୟକ୍ତି? ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ସରକାରୀ ଜମିରୁ ମାଟି ଖୋଳି ବାଲି ଘାଟକୁ ରାସ୍ତା ତିଆରି କରାଯାଇଥିଲା। ଏହି ବିଷୟରେ ଘଷିପୁରା ତହସିଲ କର୍ତ୍ତୃପକ୍ଷଙ୍କ ଉପରେ ମଧ୍ୟ ପ୍ରଶ୍ନ ଉଠିଛି। ଏହାର ତଦନ୍ତ କରି ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି। ଅନ୍ୟପକ୍ଷରେ, ନିୟମ ଉଲଂଘନ କରି ବାଲି ଉତ୍ତୋଳନ ହେଉଥିବା ମଧ୍ୟ ଅଭିଯୋଗ ଆସୁଛି। ତେବେ ଏପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଚଢ଼ଉ ପରେ ଘାଟ ବନ୍ଦ ହେବାରୁ ସନ୍ଦେହ ଆହୁରି ବଢ଼ିଛି। ସରକାରଙ୍କ ନିୟମ ଅନୁଯାୟୀ ଯଦି ନିଲାମ ପ୍ରକ୍ରିୟା ସଠିକ୍ ଥିଲା, ତେବେ କାହିଁକି ଖଣି ବିଭାଗ ପକ୍ଷରୁ ଚଢ଼ାଉ ହେଲା ? ଯଦି ଅନିୟମିତତା ଥିଲା, ତେବେ ଏତେ ଦିନ ଧରି କାହିଁକି ଚାଲିଥିଲା ବାଲି ଉତ୍ତୋଳନ ? ଏହି ଘଟଣା ସଂପର୍କରେ ଜିଲ୍ଲା ଖଣି ବିଭାଗର ଅଧିକାରୀ ତାରିଣୀ ସିଂଙ୍କୁ ଫୋନରେ ଯୋଗା ଯୋଗ କରିଥିଲେ ହେଁ ସେ ଫୋନ୍ ଉଠାଇ ନଥିଲେ। ଏବେ ଦେଖିବାକୁ ବାକି ରହିଲା ପ୍ରଶାସନ କେବେ ନେବ ଦୃଢ଼ କାର୍ଯ୍ୟାନୁଷ୍ଠାନ।



# ୩୧୫ କୋଟି ଟଙ୍କାର ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ କେବେ?



ଆନନ୍ଦପୁର, ୧୯।୩ (ସମିସ): ଆନନ୍ଦପୁର ନିର୍ବାଚନମଣ୍ଡଳୀରେ ୨୦୧୯ ମସିହାରୁ ଆରମ୍ଭ ହୋଇଥିବା ମେଗା ପାନୀୟଜଳ ପ୍ରକଳ୍ପ କେବେ ଶେଷହେବ ସେନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ବିଧାନସଭାରେ ପ୍ରଶ୍ନ କରି ଜବାବ ମାଗିବା ପରେ ନିର୍ମାଣକାରୀ ଠିକାସଂସ୍ଥା ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିବା ଜଣାଯାଇଛି। ପ୍ରାୟ ୩୧୫ କୋଟି ଟଙ୍କା ବ୍ୟୟରେ ଆରମ୍ଭ ହୋଇଥିବା ମେଗା ପାନୀୟଜଳ ପ୍ରକଳ୍ପ ଦୀର୍ଘ ୭ ବର୍ଷ ବିତିବା ପରେ ମଧ୍ୟ ସମ୍ପୂର୍ଣ୍ଣ ହୋଇ ନଥିବା ନେଇ ଆନନ୍ଦପୁର ବିଧାୟକ ଶ୍ରୀ ସେଠୀ ବିଧାନସଭାରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ମନ୍ତ୍ରୀଙ୍କୁ ପଚାରିଥିଲେ ଯେ ଏହି ପ୍ରକଳ୍ପ ଦୀର୍ଘ ସମୟଧରି ଅସମ୍ପୂର୍ଣ୍ଣ ରହିଥିବା ବିଷୟରେ ସରକାର ଅବଗତ ଅଛନ୍ତି କି ? ଯଦି ସରକାର ସଚେତନ ଅଛନ୍ତି, ତେବେ କେବେ ସୁଦ୍ଧା ଏହାର କାର୍ଯ୍ୟ ସମାପ୍ତ ହେବ ଏବଂ ଲୋକମାନେ ପ୍ରକୃତରେ ପାନୀୟଜଳ ସୁବିଧା ପାଇପାରିବେ, ସେଥିପାଇଁ ସ୍ପଷ୍ଟ ସମୟସୀମା ଦେବାକୁ ଦାବି କରିଥିଲେ। ସେହିପରି, ପ୍ରକଳ୍ପ କାର୍ଯ୍ୟରେ ଠିକାଦାର କିମ୍ବା ସଂସ୍ଥା ପକ୍ଷରୁ ମନମାନି ଭାବେ କାମ ହେଉଥିବା ଓ ନିମ୍ନମାନର କାମ ହେଉଛି ବୋଲି ସାଧାରଣ ଲୋକଙ୍କ ଅଭିଯୋଗ ସତ୍ୟ କି ନାହିଁ, ସେଥିନେଇ ମଧ୍ୟ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ଏହି ପ୍ରଶ୍ନ ମାଧ୍ୟମରେ ଆନନ୍ଦପୁର ଅଞ୍ଚଳର ଦୀର୍ଘଦିନର ପାନୀୟଜଳ ସମସ୍ୟା ଓ ପ୍ରକଳ୍ପର ଧୀର ଗତି ପ୍ରସଙ୍ଗ ପୁନର୍ବାର ଚର୍ଚ୍ଚାରେ ଆସିଛି। ସ୍ଥାନୀୟ ଲୋକମାନେ ଶୀଘ୍ର ପ୍ରକଳ୍ପ ସମାପ୍ତ କରି ପାନୀୟଜଳ ଯୋଗାଣ ସୁନିଶ୍ଚିତ କରିବାକୁ ଦାବି କରୁଛନ୍ତି। ଏହାର ଉତ୍ତର ରଖି ମନ୍ତ୍ରୀ କହିଛନ୍ତି କି, ଏହି ପ୍ରକଳ୍ପ ଆଜି ସୁଦ୍ଧା ସମ୍ପୂର୍ଣ ହୋଇନାହିଁ କାରଣ ଡିପିଆର ପ୍ରସ୍ତୁତିରେ ପ୍ରଥମତଃ ଏହାର ଇନଟେକ ପଏଣ୍ଟ ହଦଗଡ଼ ଜଳ ଭଣ୍ଡାରରେ ହେବାପାଇଁ ସ୍ଥିର ହୋଇଥିବାବେଳେ ତାହା ଅଭୟାରଣ୍ୟ ମଧ୍ୟରେ ଆସୁଥିବାରୁ ବନ ବିଭାଗ ଦ୍ୱାରା ଅନୁମତି ପ୍ରଦାନରେ ବିଳମ୍ବ କରାହେଲା। ୨୦୨୩ ମସିହାରେ ସମ୍ପୂର୍ଣ ଭାବେ ମନାକରି ଦିଆଗଲା। ଏହାପରେ ନୂତନ ଭାବେ ବିଦ୍ୟାଧରପୁର ବ୍ୟାରେଜରେ ଇନଟେକ ପଏଣ୍ଟ କରିବା ପାଇଁ ଅନୁମତି ମିଳିବା ପରେ କାର୍ଯ୍ୟ ସମ୍ପୂର୍ଣ ହୋଇଛି। ୧୭୭ଟି ଗ୍ରାମକୁ ପୂର୍ଣାଙ୍ଗ ଜଳଯୋଗାଣ ହୋଇସାରିଥିବା ବେଳେ ଅବଶିଷ୍ଟ ୨୩ଟି ଗ୍ରାମକୁ ଆସନ୍ତା ଏପ୍ରିଲ ୨୦୨୬ ସୁଦ୍ଧା ସମ୍ପୂର୍ଣ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି।

## ବିଧାନସଭାରେ ପ୍ରଶ୍ନକଲେ ଆନନ୍ଦପୁର ବିଧାୟକ

# ପୋଖରୀ ଉନ୍ନତୀକରଣ ପାଇଁ ଦାବି



କେନ୍ଦୁଝର, ୧୯।୩(ସମିସ): କେନ୍ଦୁଝରଗଡ଼ ପୌରପାଳିକା ଅନ୍ତର୍ଗତ ୧୧ ନମ୍ବର ୱାର୍ଡ ବାଲିଆ ପୋଖରୀ ଉନ୍ନତିକରଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ସଫେଇ କାମ ହେଉ ନଥିବାରୁ ଚତୁପାର୍ଶ୍ୱରେ ଜବରଦଖଲ ବଢି ଚାଲିଥିବା ବେଳେ ଏହି ପୋଖରୀଟି ଅପରିଷ୍କାର ଓ ନର୍ଦ୍ଦମାରେ ପରିଣତ ହୋଇଛି। ଏହି ପୋଖରୀରେ ଲୋକ ବର୍ଜ୍ୟବସ୍ତୁ ପକାଉଥିବାରୁ ଏହା ବ୍ୟବହାର ଉପଯୋଗୀ ହୋଇପାରୁନି। ଫଳରେ ଏହା ମଶା, ମାଛି, କୀଟପତଙ୍ଗଙ୍କ ବାସସ୍ଥଳୀ ପାଲଟିଛି। ଏହା ଅସୁରକ୍ଷିତ ଅବସ୍ଥାରେ ଥିବା ଯୋଗୁଁ ଛୋଟ ଛୋଟ ପିଲାମାନଙ୍କ ପାଇଁ ବିପଦ ସୃଷ୍ଟି କରିଛି। ଏହାଛଡ଼ା ଗାଈଗୋରୁମାନେ ମଧ୍ୟ ବିପଦରେ ପଡୁଛନ୍ତି। ଦୁଇ ଦିନ ତଳେ ଏକ ଗାଈ ପୋଖରୀରେ ପଡ଼ି ଯାଇଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ ଗାଈଟିକୁ ଉଦ୍ଧାର କରିଥିଲେ। ସ୍ଥାନୀୟ ଲୋକ ପୋଖରୀଟିର ଗାର୍ଡୱାଲ ନିର୍ମାଣ ଓ ଏହାର ଉନ୍ନତିକରଣ ସହ ପୁନରୁଦ୍ଧାର ଦାବି କରିଛନ୍ତି।

ଏକାଦଶାହ ଶ୍ରଦ୍ଧାଞ୍ଜଳି



୰ ପଦ୍ମନାଭ ଖାଡଙ୍ଗା

ଆର୍ବିଭାବ : ୧୫.୦୪.୧୯୫୨
ତିରୋଧାନ : ୧୦.୦୩.୨୬

ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା

ଶୋକ ସନ୍ତପ୍ତ : ପୁଅ- ଅରୁଣ, ପୁତୁରା ଦିଲ୍ଲୁ, ଅଭିଜିତ, ସାନଭାଇ ପରମାନନ୍ଦ ପର୍ଶୁରାମ, ପବିତ୍ର, ଜ୍ୱାଇଁ - ରତନ, ଝିଅ ପ୍ରିୟଦର୍ଶିନି ଓ ଝିଆରୀ, ଆତ୍ମୀୟସ୍ୱଜନ

ସା- କୋକୋସିଂହ, ପୋ - କୁଞ୍ଜରୀ, ଥାନା - ଖୋର୍ଦ୍ଧା ସଦର, ପିନ୍ -୭୫୨୦୫୬, ଜି - ଖୋର୍ଦ୍ଧା , ବ୍ଲକ -ବେଗୁନିଆ

## ବିଶ୍ୱବିଦ୍ୟାଳୟରେ ପ୍ରାକ୍ ଐତିହାସିକ ଯୁଗୀୟ କର୍ମଶାଳା ଉଦ୍‌ଯାପିତ

# କୁଳିଅଣାରେ ଲୁକ୍କାୟିତ ପ୍ରାକ୍ ଯୁଗ ସାମଗ୍ରୀର ପୁନରୁଦ୍ଧାରକୁ ଗୁରୁତ୍ୱ





**ବାରିପଦା, ୧୯ ।୩(ସମିସ)**

ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ସହାୟତାରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଜ୍ଞାନ ଓ ଜନଜାତି ଅଧ୍ୟୟନ ବିଭାଗ ପକ୍ଷରୁ ପ୍ରାଗ୍ ଐତିହାସିକ ଯୁଗୀୟ ଆଠଦିନିଆ କର୍ମଶାଳା କୁଳିଅଣାଠାରେ ଆୟୋଜିତ ହୋଇଯାଇଛି। ଏହି କର୍ମଶାଳାକୁ ରେଭେନ୍ସା ବିଶ୍ୱବିଦ୍ୟାଳୟ, ଶର୍ମା ସେଣ୍ଟର ଫର୍ ହେରିଟେଜ ଏଜୁ୍ୟକେସନ ସେଣ୍ଟର, ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ପୁରୀ ସର୍କଲ ମିଳିତ ସହଯୋଗରେ ଆୟୋଜନ କରିଥିଲେ। ଗୁରୁବାର ଏହି ୮ଦିନିଆ କର୍ମଶାଳା ଉଦ୍‌ଯାପିତ ହୋଇଛି। ଏଥିରେ ଜାତୀୟ ମନୁମେଣ୍ଟ ଅଥରିଟିର ପୂର୍ବତନ ଚେୟାରମ୍ୟାନ ତଥା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର କିଶୋର କୁମାର ବାସା, ବୀରବଲ ସାହାନୀ, ପାଲିଓସାଇନ୍ସ ଅନୁଷ୍ଠାନର ବୈଜ୍ଞାନିକ ଡଃ ଅଞ୍ଜଳି ତ୍ରିବେଦୀ, ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗର ଉପନିର୍ଦ୍ଦେଶକ ଡଃ ଦେବଯାନୀ ଭୂୟାଁ, ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ, ବିଶ୍ୱବିଦ୍ୟାଳୟ ପିଏମ୍ ଉଷା ନୋଡାଲ ଅଫିସର ପ୍ରଫେସର ଇନ୍ଦ୍ରଜିତ ନାଏକ, ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ଓ ଜନଜାତି ବିଭାଗର ଆସୋସିଏଟ ପ୍ରଫେସର ଡ. ବସନ୍ତ କୁମାର ମହାନ୍ତ ଓ ଡ. ଭୁବନେଶ୍ୱର ଶବର ଯୋଗଦେଇ କର୍ମଶାଳାକୁ ଉଦ୍‌ଯାପନ ଘୋଷଣା କରିଥିଲେ।

ଏଥିରେ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ଓ ଜନଜାତି ବିଭାଗ, ଇତିହାସ ବିଭାଗ, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ନୃତତ୍ତ୍ୱ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଗଙ୍ଗାଧର ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଗବେଷକ, ଅଧ୍ୟାପକଅଧ୍ୟାପିକା ଅଂଶଗ୍ରହଣ କରିଥିଲେ। ଏହି ୮ ଦିନିଆ କର୍ମଶାଳା ମାଧ୍ୟମରେ ମୟୂରଭଞ୍ଜ ଜିଲ୍ଲା କୁଳିଅଣାଠାରେ ଲୁଚି ରହିଥିବା ପ୍ରାଗ୍ ଐତିହାସିକ ଯୁଗର ସାମଗ୍ରୀର ପୁନଃଜୀବିତ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ସପ୍ତାହ ବ୍ୟାପୀ କର୍ମଶାଳାରେ ଯୋଗଦେଇ ପ୍ରଫେସର ଶାନ୍ତି ପାପୁ ତାମିଲନାଡୁର ପ୍ରାଗ୍ ଐତିହାସିକ ସଂସ୍କୃତି ସହିତ କୁଳିଅଣାର ପ୍ରାଗ୍ ଐତିହାସିକ ସଂସ୍କୃତିର ସମାନତା ଥିବା ମତ ପ୍ରକାଶ କରିଥିଲେ। ପୁରା ସଂସ୍କୃତୀୟ ଉଦ୍ଭିଦ ବିଜ୍ଞାନୀ ଡଃ ଅଞ୍ଜଳି ତ୍ରିବେଦୀଙ୍କ ମତାନୁସାରେ, ପୁରା ସଂସ୍କୃତିୟ ଉଦ୍ଭିଦର ପ୍ରମାଣ ମିଳିବା ଉଦ୍ଦେଶ୍ୟରେ ଏହି (କୁଳିଅଣା) ଅଞ୍ଚଳରୁ ମାଟିର ନମୁନା ପରୀକ୍ଷା ପାଇଁ ସଂଗ୍ରହ କରାଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟସ୍ଥ ଭୂତତ୍ତ୍ୱ ବିଜ୍ଞାନୀ ପ୍ରଫେସର ଶ୍ରୀରୂପ ଗୋସ୍ୱାମୀଙ୍କ ଅନୁସାରେ, କୁଳିଅଣା ଅଞ୍ଚଳରେ ଏକ ପ୍ରାଚୀନ ଲୁପ୍ତ ନଦୀ କିମ୍ବା ଜଳସ୍ରୋତର ପ୍ରମାଣ ଥିବା ସମ୍ଭାବନା ରହିଛି। ଏହି ଅଞ୍ଚଳରୁ ପ୍ରାଚୀନ ଯୁଗୀୟ ସଂସ୍କୃତିର ସମୟକାଳ ତଥା ଗଛପତ୍ର, ପରିବେଶ ଓ ପରିବେଶିକ ପରିସ୍ଥିତିର ବୈଜ୍ଞାନିକ ପ୍ରମାଣ ପାଇବା ଉଦ୍ଦେଶ୍ୟରେ କାମତାସ୍ଥ ପୁରାତତ୍ତ୍ୱ ଉତ୍‌ଖନନ ସ୍ଥଳରୁ ବିଭିନ୍ନ ନମୁନା ସଂଗ୍ରହ କରାଯାଇଛି। ଯାହାକୁ ଭାରତର ବିଭିନ୍ନ ବୈଜ୍ଞାନିକ ସଂସ୍ଥା ପାଖକୁ ପଠାଇବା ପାଇଁ ଯୋଜନା କରାଯାଇଛି। ଏହି ଉତ୍‌ଖନନରୁ ମିଳିଥିବା ପ୍ରାଗ୍ ଐତିହାସିକ ଯୁଗୀୟ ସଂସ୍କୃତିର ପ୍ରମାଣର ପରୀକ୍ଷା ଫଳାଫଳ ଆସିବା ପରେ, ଏହି କୁଳିଅଣା ଅଞ୍ଚଳ କେବଳ ଭାରତରେ ନୁହେଁ, ବିଶ୍ୱ ସ୍ତରରେ ମଧ୍ୟ ଏକ ନୂତନ ଇତିହାସ ସୃଷ୍ଟି କରିପାରିବ ବୋଲି ଭାରତୀୟ ଜାତୀୟ ସ୍ମାରକ ପ୍ରାଧିକାରର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର କିଶୋର କୁମାର ବାସା, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପୁରାତତ୍ତ୍ୱବିଦ ଡ ବସନ୍ତ କୁମାର ମହାନ୍ତ, କୁଳିଅଣା ଅଞ୍ଚଳର ପ୍ରାଗ୍ ଐତିହାସିକ ଓ ପୁରାତତ୍ତ୍ୱ ବିଷୟର ଗବେଷକ ମନୁ ନାୟକ ବିଶ୍ୱାସ ବ୍ୟକ୍ତ କରିଛନ୍ତି।

କୁଳିଅଣାଠାରେ ୧୯୪୮ରେ ପ୍ରସ୍ତର ଯୁଗର ପ୍ରଥମେ କୋଲକାତା ବିଶ୍ୱବିଦ୍ୟାଳୟର ନିର୍ମଳ ବୋଷ ଓ ଧରଣୀ ସେନ ଉତଖନନ କରିଥିଲେ। ଯାହାକି ମୟୂରଭଞ୍ଜ ଓଡ଼ିଶାର ପୁରାତତ୍ତ୍ୱ ଇତିହାସରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ଭାବେ ପରିଚିତ। ପୂର୍ବରୁ ଏଠାରେ ସାର୍କ ପୋସିଲ୍ ଇତ୍ୟାଦି ମିଳିଥିବାବେଳେ ପ୍ରସ୍ତର ଯୁଗର ରହସ୍ୟ ଉନ୍ମୋଚିତ ହୋଇଥିଲା। ମୟୂରଭଞ୍ଜର ବିଭିନ୍ନ ସ୍ଥାନ ବିଶେଷକରି ଶିମିଳିପାଳର ଆଖପାଖ ଅଞ୍ଚଳ, କୁଳିଅଣା ଓ ବୁଢାବଳଙ୍ଗ ନଦୀ ଅବବାହିକାରୁ ମିଳିଥିବା ପ୍ରସ୍ତର ହତିଆର ଓ ଅନ୍ୟାନ୍ୟ ଅବଶେଷ ନିମ୍ନ ପ୍ରସ୍ତର ଯୁଗରୁ ଆରମ୍ଭ କରି ମଧ୍ୟପ୍ରସ୍ତର ଯୁଗ ଓ କେତେକ ସ୍ଥଳରେ ଉଚ୍ଚ ପ୍ରସ୍ତର ଯୁଗ ଓ ମେସୋଲିଥିକ୍ ଯୁଗ ସହିତ ନୂତନ ପ୍ରସ୍ତର ଯୁଗ ସମ୍ପର୍କିତ ବୋଲି ପୁରାତତ୍ତ୍ୱବିଦ ମତ ରଖୁଛନ୍ତି। ଏହି ଅବଶେଷର ଆନୁମାନିକ ବୟସ ପ୍ରାୟ ଅଢେଇ ଲକ୍ଷ ବର୍ଷର ବୋଲି କୁହାଯାଉଛି। ଏହା ଏହି ଅଞ୍ଚଳରେ ମାନବ ବାସର ଦୀର୍ଘ ଐତିହାସିକ ପରମ୍ପରାକୁ ସ୍ପଷ୍ଟ ପ୍ରମାଣିତ କରୁଛି। ପ୍ରାଚୀନ କାଳରେ ଶିମିଳିପାଳ, କୁଳିଅଣା, ବୁଢାବଳଙ୍ଗ ଓ ସୁବର୍ଣ୍ଣରେଖା ନଦୀର ଅବବାହିକା ଓ ମଧ୍ୟଭାଗରେ ପ୍ରାଗ୍-ଐତିହାସିକ ମାନବ ବାସ ପାଇଁ ବିଶେଷ ଭାବେ ଉପଯୁକ୍ତ ଥିଲା। ଏହି ଅଞ୍ଚଳରେ ପର୍ଯ୍ୟାପ୍ତ ଜଳ ସମ୍ପଦ, ଘନ ଜଙ୍ଗଲ, ଶିକାର ଯୋଗ୍ୟ ପଶୁପକ୍ଷୀ ଓ ପ୍ରସ୍ତର ହତିଆର ତିଆରି ପାଇଁ ଆବଶ୍ୟକ କ୍ୱାର୍ଟଜାଇଟ୍, କ୍ୱାର୍ଟଜ୍ ପରି କଞ୍ଚାମାଲ ସହଜରେ ମିଳିପାରୁଥିଲା।

## ଚୈତ୍ର ନବରାତ୍ରର ପ୍ରଥମ ଦିବସ



ବାରିପଦା ମା'ଅମ୍ବିକାଙ୍କ ମା' କାଳୀ ବେଶ

## ବାଉଁଶଡିହା ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ

**ମହୁଲଡିହା, ୧୯।୩ (ସମିସ):** ଠାକୁରମୁଣ୍ଡା ବ୍ଲକ ବାଉଁଶଡିହା ଆଶ୍ରମ ସ୍କୁଲରେ ତୃତୀୟ ବାର୍ଷିକ ଉତ୍ସବ ମହାସମାରୋହରେ ୧୮ ତାରିଖରେ ପାଳିତ ହୋଇଯାଇଛି। ହାତୀଗୋଡା ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକ ଅଭିରାମ ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦିଲ୍ଲୀପ ଧଳ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାକେଶ ଦାସ ଯୋଗଦେଇ ଶିକ୍ଷା ବ୍ୟବସ୍ଥାରେ ଶୃଙ୍ଖଳା ଆଣିବା ଦିଗରେ ଗୁରୁତ୍ୱ ଦେଇଥିଲେ। ବିଶିଷ୍ଟ ସମ୍ମାନିତ ପଞ୍ଚସଖା ଉଚ୍ଚବିଦ୍ୟାଳୟର ଖେଳ ଶିକ୍ଷକ ଦୁଃଶାସନ ମହାନ୍ତ, ସମ୍ମାନିତ ଅତିଥି ନୁନଡିହା ପ୍ରଥମିକ ସ୍କୁଲର ପ୍ରଧାନ ଶିକ୍ଷକ ଚିତ୍ରେଶ୍ୱର ମହାନ୍ତ, ଏସଏମସି ସଭାପତି ମିଶ୍ର ଗିରି, ଭରାଣ୍ଡିଆ ପଞ୍ଚାୟତର ସରପଞ୍ଚ ଅନୀତା ଗୁମୁଲିଆ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଆଶ୍ରମ ସ୍କୁଲ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ବାନାରା ବାର୍ଷିକ ବିବରଣୀ ପାଠ କରିଥିବାବେଳେ ସହକାରୀ ଶିକ୍ଷକ ଅର୍ଜୁନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ଅନୁଷ୍ଠିତ ହୋଇ ଥିବା ବିଭିନ୍ନ କ୍ରୀଡା ପ୍ରତିଯୋଗିତାର କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ବିଦିରି ସାହି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ମହୁଲଡିହା, ୧୯।୩(ସମିସ):** ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ପଞ୍ଚାୟତ ଅନ୍ତର୍ଗତ ବିଦିରି ସାହି ପ୍ରାଥମିକ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବୀରସିଂ ହାଇବୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସାତକୋଶିଆ ପଞ୍ଚାୟତ ସରପଞ୍ଚ ଚାନ୍ଦମଣି ଜାରିକା ଯୋଗଦେଇ ଅଭିଭାବକ ଯେପରି ଆଚରଣ କରିବେ, ପିଲା ତାହାକୁ ଅନୁକରଣ କରିବେ। ତେଣୁ ସେବା ମନୋବୃତ୍ତି ନେଇ କଠିନ ପରିଶ୍ରମ କଲେ ପିଲା ତାହା ଗ୍ରହଣ କରି ଭଲ ମଣିଷ ହୋଇପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ରମେଶ ଚନ୍ଦ୍ର ମହାନ୍ତ, ସାମାଜସେବୀ ହରିଶ ଚନ୍ଦ୍ର ହାଇବୁରୁ, ସ୍କୁଲ ଚେୟାରମ୍ୟାନ ସାନଗାଲା




ହାଇବୁରୁ ପ୍ରମୁଖ ପ୍ରମୁଖ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର କନିଷ୍ଠ ଶିକ୍ଷୟିତ୍ରୀ ରଶ୍ମିପ୍ରଭା ଦାସ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଏ ଅବସରରେ ବିଦ୍ୟାଳୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟ/ସଭ୍ୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରେ ବହୁଭାଷୀ ଶିକ୍ଷୟିତ୍ରୀ ସୋମବାରୀ ବୁଲିଉଲି ଧନ୍ୟବାଦ ଅର୍ପଣ କରିଥିଲେ।

### ଘୋଡ଼ାଘାଟି ବାଙ୍କରେ ବାଇକ୍ ଦୁର୍ଘଟଣାଗ୍ରସ୍ତ

## ଦୁଇ ଗୁରୁତର, ଜଣେ ଆହତ

**ମହୁଲଡିହା, ୧୯।୩(ସମିସ):** ଠାକୁରମୁଣ୍ଡା ବ୍ଲକ ମହୁଲଡିହା ଥାନା ଅନ୍ତର୍ଗତ ୫୩ ନମ୍ବର ରାଜ୍ୟ ରାଜପଥର ଘୋଡ଼ାଘାଟି ବାଙ୍କରେ ଏକ ବାଇକ୍ ଭାରସାମ୍ୟ ହରାଇ ସୁରକ୍ଷା ବାଡାରେ ପିଟି ହେବାରୁ ଦୁଇଜଣ ଗୁରୁତର ଆହତ ହୋଇଥିବାବେଳେ ଜଣେ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଦୁର୍ଘଟଣାଗ୍ରସ୍ତ ତିନିଜଣ ହେଉଛନ୍ତି ଆନନ୍ଦପୁର ଥାନା କାଠକଟା ପଞ୍ଚାୟତ ପୁରୁଣାଘାଟି ଗ୍ରାମର ରଞ୍ଜନ କୁମାର ନାଏକ (୨୦), ଅନୀଲ କୁମାର ନାଏକ (୨୩) ଓ ତରତରା ଡିମିରିବନ୍ଧ ଗ୍ରାମର ସାଗର ନାଏକ (୧୮) ବୋଲି ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ୨ ଜଣ ଗୁରୁତର ଓ ଜଣେ ଆହତ ଥିବା ଜଣାପଡ଼ିଛି। ଖବର ପାଇ ମହୁଲଡିହା ଥାନା ଏଏସଆଇ ସନ୍ତୋଷ କୁମାର ନାୟକ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ଜଣାଯାଇଛି।

## ବେଣ୍ଟକାରପଡ଼ା ସାପ୍ତାହିକ ହାଟ ନିଲାମ ବନ୍ଦ



**ମହୁଲଡିହା, ୧୯।୩(ସମିସ):** ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଦିଗିଧର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବେଣ୍ଟକାରପଡ଼ା ହାଟ ନିଲାମ ପ୍ରକ୍ରିୟା ହୋଇପାରିଲାନାହିଁ। ସରକାରୀ କଟକଣା ଜାରି ହୋଇଥିବାରୁ ହାଟକୁ କୌଣସି ବେପାରୀ ଗୋରୁଗାଇ କିଣିବାକୁ ଆସୁନାହାନ୍ତି। ପୂର୍ବବର୍ଷ ୨୦୨୫ରେ ୧୬ ଲକ୍ଷ ଟଙ୍କାରେ ବେଣ୍ଟକାରପଡ଼ା ହାଟ ନିଲାମ ହୋଇଥିବାବେଳେ ଏବର୍ଷ ସରକାରୀ ଡାକ ୧୭୭୦୦୦୦ (ସତର ଲକ୍ଷ ସତୁରି ହଜାର) ଟଙ୍କା ସରକାରୀ ଡାକଥିଲା। କିନ୍ତୁ କେହି ଅମାନତ ରାଶି ଡିପୋଜିଟ୍ କରିନଥିଲେ। ପୁନର୍ବାର ମାର୍ଚ୍ଚ ୩୦ ତାରିଖରେ ନିଲାମ ପ୍ରକ୍ରିୟା ହେବ ବୋଲି ପଞ୍ଚାୟତ ନିର୍ବାହୀ ଅଧିକାରୀ ଶ୍ରୀକାନ୍ତ ରାଉତ ସୂଚନା ଦେଇଛନ୍ତି।। ଆଜି ଏହି ନିଲାମ କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱପ୍ନେଶ୍ୱର ବେହେରା, ଜିପିଡିଓ ଯଜ୍ଞପ୍ରଭା ମିଶ୍ର, ଏଡିଓ ସୁରେଶ ବାରିକ, ସରପଞ୍ଚ ମଳୟ କୁମାର ପରିମାଣିକ, ନାଏବ ସରପଞ୍ଚ କାଜଲ ଲୋହାର ଉପସ୍ଥିତ ଥିଲେ।

## ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା




**ବେତନଟୀ, ୧୯।୩(ସମିସ):** ବେତନଟୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଏନ୍‌ଏସ୍‌ଏସ୍ କୋ-ୟୁନିଟ୍ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ଅଭିଯାନ ଅବସରରେ ଏକ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ମନୋରଞ୍ଜନ ମହାନ୍ତ, ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ, +୩ ଉଇଙ୍ଗ୍ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ, ୱାଇଆରସି କାଉନସେଲର୍ ଓ ସରକାରୀ ଧନ୍ଦାମୂଳକ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଉପସ୍ଥିତ ଥିଲେ। ସେମାନେ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ। ରାଲି ମହାବିଦ୍ୟାଳୟ ପରିସରରୁ ଆରମ୍ଭ ହୋଇ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ମାଧ୍ୟମରେ ପରିଭ୍ରମଣ କରିଥିଲା। ଏ ଅବସରରେ ଏନ୍‌ଏସ୍‌ଏସ୍ ସେବକମାନେ ପ୍ଲାକାର୍ଡ, ବ୍ୟାନର ଓ ସ୍ଲୋଗାନ୍ ମାଧ୍ୟମରେ ସ୍ଥାନୀୟ ଲୋକମାନଙ୍କୁ ସଡକ ସୁରକ୍ଷାର ଗୁରୁତ୍ୱ ବିଷୟରେ ସଚେତନ କରିଥିଲେ। ସେମାନେ ହେଲମେଟ୍ ପରିଧାନ, ସିଟ୍ ବେଲ୍ଟ ବ୍ୟବହାର, ମଦ୍ୟପାନ କରି ଗାଡ଼ି ଚାଳନାର ବିପଦ, ଯାତାୟାତ ନିୟମ ପାଳନର ଆବଶ୍ୟକତା ସମ୍ପର୍କରେ ଜନସାଧାରଣଙ୍କୁ ଜଣାଇଥିଲେ। ସେବକମାନେ ଏହା ମଧ୍ୟ ବୁଝାଇଥିଲେ ଯେ ସଡକ ଦୁର୍ଘଟଣା କେବଳ ଜଣେ ବ୍ୟକ୍ତିଙ୍କ ଜୀବନକୁ ନୁହେଁ, ସମଗ୍ର ପରିବାରର ସୁଖଶାନ୍ତିକୁ ମଧ୍ୟ ଧ୍ୱଂସ କରିଦେଇଥାଏ। ସଡ଼କ ସୁରକ୍ଷା, ପରିବାର ରକ୍ଷା ଏହି ରାଲିର ମୁଖ୍ୟ ବିଷୟବସ୍ତୁ ଥିଲା ଓ ଏହା ମାଧ୍ୟମରେ ସୁରକ୍ଷିତ ଯାତାୟାତର ସନ୍ଦେଶ ପ୍ରସାରିତ ହୋଇଥିଲା। ଏହି ରାଲିର ମୁଖ୍ୟ ଲକ୍ଷ୍ୟ ଥିଲା ସାଧାରଣ ଲୋକମାନଙ୍କ ମନରେ ସଡକ ସୁରକ୍ଷା ପ୍ରତି ଜାଗୃତି ସୃଷ୍ଟି କରିବା ଓ ଦୁର୍ଘଟଣା ହାର କମାଇବା ପାଇଁ ସାମୂହିକ ଦାୟିତ୍ୱର ଭାବନା ଉଦ୍‌ବୋଧନ କରିବା। ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ଏହି ସଚେତନତାମୂଳକ ପ୍ରୟାସ ସମାଜରେ ଏକ ସକରାତ୍ମକ ପରିବର୍ତ୍ତନର ପ୍ରେରଣା ଦେଇଛି।

# ସରକାରୀ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ବାରିପଦା, ୧୯ ।୩(ସମିସ)**

ପ୍ରତିଭାର ପ୍ରତିଛବି ଓ ସୃଜନଶୀଳତାର ଉତ୍ସବ ଶୀର୍ଷକରେ ଆୟୋଜିତ ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟର ୪୮ତମ ବାର୍ଷିକ ଉତ୍ସବ ସ୍ଥାନୀୟ ସହିଦ ସ୍ମୃତି ଭବନରେ ମହାସମାରୋହରେ ପାଳିତ ହୋଇଯାଇଛି। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରମୋଦ କୁମାର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଙ୍କୁ ସମୟ ସହିତ ତାଳ ଦେଇ ଚାଲିଲା, ଯାନ୍ତ୍ରିକ ଜ୍ଞାନ (ଗୁଗୁଲ)କୁ ନିଜର ସର୍ବସ୍ୱ ନ ଭାବି ଅଭିଭାବକ ଓ ଶିକ୍ଷକଙ୍କ ଦୀର୍ଘ ଜୀବନର ଅଭିଜ୍ଞତାକୁ ମାର୍ଗଦର୍ଶନ ଭାବେ ଗ୍ରହଣ କଲେ ସଫଳତା ସୁନିଶ୍ଚିତ ବୋଲି କହିଥିଲେ। ଜୀବନରେ ଆଗକୁ ବଢ଼ିବାକୁ ହେଲେ ନିଜ ନୈତିକ ମୂଲ୍ୟବୋଧ ପ୍ରତି ସଦାସର୍ବଦା ଯତ୍ନଶୀଳ ହେବାକୁ ପଡ଼ିବ ବୋଲି କହିଥିଲେ। ସେହିପରି ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଉଦବୋଧନ ଦେଇ ପୁସ୍ତକକୁ ନିଜ ଜୀବନର ବନ୍ଧୁ ଭାବେ ଆପଣାଇଲେ ଛାତ୍ରୀମାନେ ନିଜ ଭବିଷ୍ୟତକୁ ସମୃଦ୍ଧ ଓ ସୁରକ୍ଷିତ କରିପାରିବେ ଓ ପିତା, ମାତା ଗୁରୁଜନଙ୍କ ଆଶୀର୍ବାଦରେ ଜଣେ ସଫଳ ମଣିଷ ହେଇପାରିବ ବୋଲି ନିଜ ଅଭିଭାଷଣରେ କହିଥିଲେ। ଡ ପରିଡ଼ାଙ୍କ



କାବ୍ୟିକ ଅଭିଭାଷଣରେ ସହୀଦ ସ୍ମୃତି ଭବନର ପ୍ରେକ୍ଷାଳୟର ସମସ୍ତ ଦର୍ଶକ ବେଶ କିଛି ସମୟ ଧରି ସମ୍ମୋହିତ ହୋଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ ସାଗରିକା ସିଂହ ଉକ୍ତ ସଭାରେ ସଭାପତିତ୍ୱ କରି ଛାତ୍ରୀମାନଙ୍କୁ ଶିକ୍ଷା ଲାଭ କରିବା ସହିତ ଭବିଷ୍ୟତକୁ ନେଇ ଯତ୍ନବାନ ହେବା ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ। ସେହିପରି ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ତଥା ଅର୍ଥନୀତି ବିଭାଗର ବିଭାଗୀୟ ମୁଖ୍ୟ ଡକ୍ଟର ଚନ୍ଦ୍ରକାନ୍ତ ଦାସ ନିଜ ଅଭିଭାଷଣରେ ଛାତ୍ରୀମାନଙ୍କୁ ଗଳ୍ପ ଓ କବିତା ମାଧ୍ୟମରେ ଉପଯୁକ୍ତ ଯୋଜନା ଅନୁଯାୟୀ ଭବିଷ୍ୟତ ଗଠନ ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀ ସଂସଦର ଉପଦେଷ୍ଟା ରୋଜି କାନୁନଗୋ ଅତିଥି ପରିଚୟ ସାଙ୍ଗକୁ ବାର୍ଷିକ ବିବରଣୀ ପାଠ କରିଥିଲେ। ନାଟ୍ୟ ସଂସଦର ଉପ-ସଭାପତି ତଥା ସହକାରୀ ପ୍ରଫେସର ଡ ସ୍ୱାଗତିକା ମିଶ୍ର, କ୍ରୀଡା ସଂସଦର ଉପ-ସଭାପତି ସହକାରୀ ପ୍ରଫେସର ଡ ସ୍ମରଣୀକା ସାହୁ ପ୍ରମୁଖ ମଞ୍ଚରେ ଉପସ୍ଥିତ ରହି କ୍ରୀ?। ଓ ନାଟ୍ୟ ସଂସଦ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। କ୍ରୀଡା, ନୃତ୍ୟ, ସଙ୍ଗୀତ, ସାହିତ୍ୟ ତଥା ବିଶ୍ୱବିଦ୍ୟାଳୟ ସ୍ତରରେ ଶିକ୍ଷାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରି ମହାବିଦ୍ୟାଳୟର ଗୌରବକୁ ବୃଦ୍ଧି କରିଥିବା ଛାତ୍ରୀଙ୍କୁ ପୁରସ୍କାର ସହିତ ମାନପତ୍ର ପ୍ରଦାନ କରାଯାଇଥିଲା।

ସେହିପରି ମହାବିଦ୍ୟାଳୟର ସମସ୍ତ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ଅଞ୍ଜନା ପୃଷ୍ଟି, ଡ ସୁଶ୍ରୀ ସଙ୍ଗୀତା ପତି, ଡ ଅନୁପମା ଭୋଳ, ସୁନୀତା ପ୍ରଧାନ, ଡକ୍ଟର ଦେବସ୍ମିତା ଜେନା, କୁମାରେଶ ନାୟକ ପ୍ରଭୃତି ଅଧ୍ୟାପିକ/ଅଧ୍ୟାପିକା ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ସହକାରୀ ପ୍ରଫେସର ଡ. ଚନ୍ଦ୍ରଶେଖର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ମହାବିଦ୍ୟାଳୟର ନାଟ୍ୟ ସଂସଦ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉତ୍ତମ ମହାନ୍ତିଙ୍କ ସ୍ମୃତିରେ ଏକ ନୃତ୍ୟନାଟିକା କାର୍ଯ୍ୟକ୍ରମ ପରିବେଷଣ ବେଶ୍ ଚିତ୍ତାକର୍ଷକ ଓ ହୃଦୟସ୍ପର୍ଶୀ ହୋଇଥିଲା।

## ସରସ୍ୱତୀ ଶିଶୁମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ



**ବୈଶିଙ୍ଗା, ୧୯।୩ (ସମିସ):** ବୈଶିଙ୍ଗା ଉପକଣ୍ଠ ବରଦାବିହାରସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟା କଳ୍ପଲତା ହାଜରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ପରିଚାଳନା ସମିତି ସଭାପତି ଦେବେନ୍ଦ୍ର ପଣ୍ଡା ଓ ସମ୍ପାଦକ ସତ୍ୟପ୍ରକାଶ ପ୍ରଧାନ ଯୋଗଦେଇ ରାଷ୍ଟ୍ରୀୟ ନବବର୍ଷ ପାଳନ ଓ ଏହାର ପୌରାଣିକ ଓ ଐତିହାସିକ ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀ ରୋଜାଲିନ ସାସମଲ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ବରିଷ୍ଠ ଗୁରୁଜୀ ରମେଶ ଚନ୍ଦ୍ର ଦାସ, ଲକ୍ଷ୍ମୀଧର ମହାନ୍ତ ଯୋଗ ଦେଇ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଗୁରୁମା ସୁଚିତ୍ରା ଦଣ୍ଡପାଟ ପରିଚାଳନା କରିଥିବାବେଳେ ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀ/ଗୁରୁମା ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ରାଷ୍ଟ୍ରୀୟ ନବବର୍ଷର ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ। ସମ୍ପାଦକ ଶ୍ରୀ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।

ସକାଳ
THE SAKALA

# ମାଡ଼ି ଆସୁଛି ମହାସଙ୍କଟ

ଇରାନ୍‌ରେ ଶାସନ କ୍ଷମତା ପରିବର୍ତ୍ତନର ମୂଳ ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିବା ମଧ୍ୟପ୍ରାଚ୍ୟ ଯୁଦ୍ଧ ଏବେ ଇନ୍ଧନ-ଯୁଦ୍ଧର ରୂପ ନେଇଛି। ଆମେରିକା ଓ ଇସ୍ରାଏଲ୍ ଇରାନ୍‌ର ତୈଳ ଓ ପ୍ରାକୃତିକ ବାଷ୍ପ ଉତ୍ସ ଉପରେ ଆକ୍ରମଣ ଜାରି ରଖିଥିବା ବେଳେ ଇରାନ୍ ମଧ୍ୟ ଆମେରିକାର ଉପସାଗରୀୟ ସହଯୋଗୀ ରାଷ୍ଟ୍ରମାନଙ୍କର ତୈଳ ଓ ପ୍ରାକୃତିକ ବାଷ୍ପ ପ୍ରକଳ୍ପ ଉପରେ ପ୍ରତିଆକ୍ରମଣ କରୁଛି। ଆମେରିକାର ଅହଂକାର ଓ ଇସ୍ରାଏଲ୍‌ର ବିସ୍ତାରବାଦୀ ଆଭିମୁଖ୍ୟ ଏବେ ସମଗ୍ର ମଧ୍ୟପ୍ରାଚ୍ୟକୁ ଏକ ଜଳନ୍ତା ଭୂଖଣ୍ଡରେ ପରିଣତ କରିଛି। ଆଞ୍ଚଳିକ ସ୍ତରର ଏହି ଇନ୍ଧନ-ଯୁଦ୍ଧ ଆଉ ମାତ୍ର କିଛିଦିନ ଭିତରେ ସମଗ୍ର ବିଶ୍ୱକୁ ବ୍ୟାପିବ ଏବଂ ବିଶ୍ୱ ଅର୍ଥ ବ୍ୟବସ୍ଥାକୁ ଛାରଖାର କରିଦେବ ବୋଲି ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏବେ ଇନ୍ଧନ ହିଁ ବିଶ୍ୱ ଅର୍ଥନୀତିର ମୁଖ୍ୟ ସଂଚାଳକ। ପୁଣି ବିଶ୍ୱର ୫୦% ପେଟ୍ରୋଲିୟମ୍ ଓ ୪୦% ପ୍ରାକୃତିକ ବାଷ୍ପ ମଧ୍ୟପ୍ରାଚ୍ୟ ଓ ଉପସାଗରୀୟ ଅଞ୍ଚଳରେ ଗଚ୍ଛିତ ଅଛି। ତେଣୁ ମଧ୍ୟପ୍ରାଚ୍ୟ ଓ ଉପସାଗରୀୟ ଇନ୍ଧନ ଭଣ୍ଡାର ଯଦି ଯୁଦ୍ଧରେ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୁଏ ତେବେ ବିଶ୍ୱ ଅର୍ଥନୀତି ଉତ୍କଟ ସଙ୍କଟକୁ ଠେଲି ହୋଇଯିବା ନିଶ୍ଚିତ।

ଇରାନ୍‌ର ବେସାମରିକ ସ୍ଥଳ, ଏପରିକି ବିଦ୍ୟାଳୟ ଉପରେ ଅମାନବୀୟ ଆକ୍ରମଣ କରିଥିବା ଇସ୍ରାଏଲ୍ ଅତି ଅପରିଣାମଦର୍ଶୀ ଭାବେ ଇରାନ୍‌ର ତୈଳ ଭଣ୍ଡାର ଓ ବିଶୋଧନ କେନ୍ଦ୍ର ଆଦି ଉପରେ ଆକ୍ରମଣ କରୁଛି। ଇରାନ୍‌ର ଅର୍ଥନୀତିକୁ ଧୂଳିସାତ କରିବାର ଲକ୍ଷ୍ୟ ରଖିଥିବା ଯୁଦ୍ଧମତ୍ତ ଇସ୍ରାଏଲ୍ କିନ୍ତୁ ଏହାର ସୁଦୂର ପ୍ରସାରୀ ପ୍ରଭାବ ବୁଝିପାରୁନାହିଁ। ଏହିକ୍ରମରେ ଗତ ୧୮ ତାରିଖରେ ବିଶ୍ୱର ସର୍ବବୃହତ୍ ପ୍ରାକୃତିକ ବାଷ୍ପ ଭଣ୍ଡାର ଇରାନ୍‌ର ସାଉଥ୍ ପାର୍ସ ଗ୍ୟାସ୍ ଫିଲ୍ଡ ଓ ବୁସାଲେସ୍ ପ୍ରୋଭିନ୍ସ ସ୍ଥିତ ଆସାଲୁଏ ଇନ୍ଧନ ଭଣ୍ଡାର ଉପରେ ଇସ୍ରାଏଲ୍ ଆକ୍ରମଣ କରିବା ପରେ ଆମେରିକା-ଇସ୍ରାଏଲ୍ ସହଯୋଗୀ କାତାରର ରାସ୍ ଲାଫାନ୍ ଇଣ୍ଡଷ୍ଟ୍ରିଆଲ୍ ସିଟିରେ ଥିବା ବିଶ୍ୱର ସର୍ବବୃହତ୍ ଏଲ୍‌ଏନ୍‌ଜି ରପ୍ତାନୀ ପ୍ଲାଣ୍ଟ ସମେତ ସାଉଦି ଆରବର ସାମ୍‌ରି ରିଫାଇନାରୀ, କୁବୈଲ୍ ପେଟ୍ରୋକେମିକାଲ୍ କମ୍ପ୍ଲେକ୍ସ, ୟୁଏଇର ଅଲ୍ ହୋସନ୍ ଗ୍ରାସ୍ ଫିଲ୍ଡ ଉପରେ ଇରାନ୍ ପାଲଟା ଆକ୍ରମଣ କରିଛି। ଏହାପୂର୍ବରୁ ଇରାନ୍‌ର କାରାଜ, ଶାହରନ୍, ଆଘଦାସେ ଓ ଶହର ଇ-ରେ ସମେତ ଦୈନିକ ୨ ଲକ୍ଷ ୨୫ ହଜାର ଉତ୍ପାଦନ କ୍ଷମତାବିଶିଷ୍ଟ ଇରାନ୍ ରାଜଧାନୀ ତେହେରାନ୍‌ର ତୈଳବିଶୋଧାନାଗାର ଉପରେ ଇସ୍ରାଏଲ୍ ଆକ୍ରମଣ କରି ସେଗୁଡ଼ିକୁ ନଷ୍ଟ କରିସାରିଛି। ଏହି ଆକ୍ରମଣ ଓ ପ୍ରତିଆକ୍ରମଣ ଜନିତ କ୍ଷତିର ଭରଣା ଏତେଶୀଘ୍ର ହେବା ସମ୍ଭବ ନଥିବାରୁ ଏହାର ତତ୍କାଳ ପ୍ରଭାବ ଇନ୍ଧନ ବଜାର ଜରିଆରେ ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରିବାକୁ ଯାଉଛି। କେତେକ ତୈଳ ଉତ୍ପାଦନକାରୀ ରାଷ୍ଟ୍ର ଇରାନ୍ ଆକ୍ରମଣ ଭୟରେ ତୈଳ ଉତ୍ତୋଳନ ପ୍ରକଳ୍ପ ଓ ବିଶୋଧନାଗାରଗୁଡ଼ିକୁ ବନ୍ଦ କରିଚାଲିଛନ୍ତି। ଏହାର ପ୍ରଭାବ ମଧ୍ୟ ବିଶ୍ୱ ତୈଳ ବଜାର ଉପରେ ତତ୍କାଳ ପଡ଼ିଛି। ପରିସ୍ଥିତି ଏଭଳି ହୋଇଛି ଯେ ଇନ୍ଧନଯୁଦ୍ଧର ପରିଣାମରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଭୟଭୀତ ହୋଇସାରିଛନ୍ତି। ତେଣୁ ଇସ୍ରାଏଲ୍‌ର ଏହି ଅପରିଣାମଦର୍ଶୀ କାର୍ଯ୍ୟକଳାପ ପଛରେ ଆମେରିକା ହାତ ନାହିଁ କି ଆକ୍ରମଣର ସୂଚନା ଆମେରିକା ପାଖରେ ନଥିଲା ବୋଲି ଟ୍ରମ୍ପ ଘୋଷଣା କରିବାକୁ ବାଧ୍ୟ ହୋଇଛନ୍ତି। ଏହି ଘୋଷଣା ପଛରେ କାତାର ଉପରେ ଇରାନ୍‌ର ସମ୍ଭାବ୍ୟ ବଡ଼ଧରଣର ଆକ୍ରମଣ ନେଇ ଟ୍ରମ୍ପଙ୍କ ଭୟ ବାରି ହୋଇପଡୁଛି ଏବଂ ଯୁଦ୍ଧର ଗତି କୁଆଡ଼େ ଯାଉଛି ତାହା କିଛିଟା ସ୍ପଷ୍ଟ ହେଉଛି।

ଅପରପକ୍ଷରେ ପେଟ୍ରୋଡଲାର ଚୁକ୍ତି ଅନୁଯାୟୀ ଆରବ ଓ ଉପସାଗରୀୟ ରାଷ୍ଟ୍ରଙ୍କୁ ଆମେରିକା ଦେଇଥିବା ପ୍ରତିରକ୍ଷା ଓ ସୁରକ୍ଷା ପ୍ରତିଶ୍ରୁତି ରକ୍ଷା କରିବାରେ ବିଫଳ ହୋଇଛି। ତେଣୁ ଉପସାଗରୀୟ ଓ ଆରବୀୟ ରାଷ୍ଟ୍ରମାନେ କ୍ଷୁବ୍ଧ ହୋଇଛନ୍ତି। ଇରାନ୍‌ର ଆକ୍ରମଣରେ କ୍ଷତିଗ୍ରସ୍ତ ଭିତ୍ତିଭୂମି ମରାମତି ପାଇଁ ବିପୁଳ ସମ୍ବଳ ଆବଶ୍ୟକ ହେଉଥିବାରୁ ଆରବୀୟ ରାଷ୍ଟ୍ରମାନେ ଆମେରିକାର ଟ୍ରେଜେରି ବଣ୍ଡରେ କରିଥିବା ନିବେଶ ପ୍ରତ୍ୟାହାର କରିବା ଆରମ୍ଭ କରିଛନ୍ତି। ଏହି ପ୍ରକ୍ରିୟା ଯେତେ ତ୍ୱରାନ୍ୱିତ ହେବ ଆମେରିକା ଅର୍ଥନୈତିକ ସଙ୍କଟ ସେତେ ଉତ୍କଟ ହୋଇଚାଲିବ। ବିଶ୍ୱବଜାରରେ ଆମେରିକା ଟ୍ରେଜେରି ବଣ୍ଡର ଚାହିଦା ହ୍ରାସ ପାଇ ମୂଲ୍ୟ କମିଲେ ଡଲାର ମଧ୍ୟ ଦୁର୍ବଳ ହେବ। ସେହିଭଳି ଇରାନ୍ ଆକ୍ରୋଶର ଶିକାର ହୋଇଥିବା ମଧ୍ୟପ୍ରାଚ୍ୟର ବିଭିନ୍ନ ଇନ୍ଧନ ପ୍ରକଳ୍ପରେ ଆମେରିକା ବିପୁଳ ନିବେଶ କରିଛି। ଇରାନ୍ ଆକ୍ରମଣରେ ସେଗୁଡ଼ିକ କ୍ଷତିଗ୍ରସ୍ତ ହେଉଥିବାରୁ ଆମେରିକାର ବିପୁଳ ପୁଞ୍ଜି ବୁଡ଼ିବାରେ ଲାଗିଛି। ଅପରପକ୍ଷରେ ଇରାନ୍ ବିରୋଧରେ ଯୁଦ୍ଧର ଅବଧି ଦୀର୍ଘ ହେବାକୁ ଥିବାରୁ ସେ ବାବଦରେ ମଧ୍ୟ ଆମେରିକାକୁ ବିପୁଳ ବ୍ୟୟ କରିବାକୁ ପଡ଼ିବ। ତେଣୁ ଯୁଦ୍ଧ ପରିସ୍ଥିତିରେ ଖୁବ୍‌ଶୀଘ୍ର ସୁଧାର ନ ଆସିଲେ ଆମେରିକା ଅର୍ଥନୀତି ଭୁଶୁଡ଼ି ପଡ଼ିବା ଥୟ। ଆମେରିକା ଅର୍ଥବ୍ୟବସ୍ଥାରେ ସାମାନ୍ୟତମ ଓଲମବିଲମ ହେଲେ ତାହା କିଭଳି ବିଶ୍ୱର ଅର୍ଥବ୍ୟବସ୍ଥାକୁ ପ୍ରଭାବିତ କରେ ତାହାର ଶେଷତମ ଉଦାହରଣ ୨୦୦୮ ରେ ଆମେ ଦେଖିସାରିଛନ୍ତି। ଏଥର ଆମେରିକା ଏକ ବଡ଼ ଧରଣର ଆର୍ଥିକ ସଙ୍କଟର ସାମ୍ନା କରିବାକୁ ଯାଉଥିବାରୁ ତାହାର ପ୍ରଭାବ ବିଶ୍ୱରେ କ'ଣ ହେବ ତାହା ଅନୁମାନ କରିବା କଷ୍ଟକର ନୁହେଁ।

ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଗୋଟିଏ ପକ୍ଷରେ ଇରାନ୍ ଓ ଅନ୍ୟପକ୍ଷରେ ଆମେରିକା ଓ ଇସ୍ରାଏଲ୍ ପ୍ରତ୍ୟକ୍ଷ ଅର୍ଥନୈତିକ କ୍ଷତିର ସମ୍ମୁଖୀନ ହୋଇଥିବା ବେଳେ ଅବଶିଷ୍ଟ ବିଶ୍ୱର ଅନେକ ରାଷ୍ଟ୍ରର ଅର୍ଥନୀତି ପରୋକ୍ଷ ପ୍ରଭାବିତ ହୋଇଛି। ଏବେ ହର୍ମୁଜ୍ ପ୍ରଣାଳୀ ଦେଇ ଯାଉଥିବା ଜାହାଜ ଉପରେ ଶୁଳ୍କ ଆଦାୟ କରିବ ବୋଲି ଇରାନ୍ ଘୋଷଣା କରିଛି। ବିଶ୍ୱ ଇନ୍ଧନ ସଙ୍କଟକୁ ଟାଳିବା ପାଇଁ ଅନ୍ୟଦେଶର ଇନ୍ଧନବାହୀ ଜାହାଜ ଏହି ଶୁଳ୍କ ଦେବାକୁ ଏକପ୍ରକାର ବାଧ୍ୟ ହେବେ, ଯାହାର ପ୍ରଭାବ ବିଶ୍ୱ ଇନ୍ଧନ ବଜାରକୁ ଆକାଶଛୁଆଁ କରିବ। ଏଥିରେ ଭାରତ ପରି ବୃହତ୍ ଇନ୍ଧନ ଆମଦାନୀକାରୀ ରାଷ୍ଟ୍ରମାନଙ୍କର ଚାଲୁ ଖାତା ନିଅଣ୍ଟ ପରିମାଣ ଉଦ୍‌ବେଗଜନକ ଭାବେ ବଢ଼ିଯାଇ ବଜାର ଅର୍ଥନୀତିର ଅନ୍ୟାନ୍ୟ କ୍ଷେତ୍ରକୁ ଖୁବ୍‌ଶୀଘ୍ର ସଞ୍ଚରି ଯିବ। ମଧ୍ୟପ୍ରାଚ୍ୟରୁ ପ୍ରବାସୀ ଭାରତୀୟମାନଙ୍କର ଘରବାହୁଡ଼ା ପର୍ବ ଆରମ୍ଭ ହେଲେ ଭାରତକୁ ଏକପକ୍ଷରେ ବୈଦେଶିକ ମୁଦ୍ରା ପ୍ରେରଣ ସଙ୍କୁଚିତ ହେବ ଏବଂ ଅପରପକ୍ଷରେ ଆଭ୍ୟନ୍ତରୀଣ ନିଯୁକ୍ତି ସଙ୍କଟ ଉତ୍କଟ ହେବ। ଏହାଛଡ଼ା ଅଧିକ ଲାଭ ଆଶାରେ ମଧ୍ୟପ୍ରାଚ୍ୟରେ ନିବେଶ ଓ ଜମା କରିଥିବା ଭାରତ ସମେତ ବିଶ୍ୱର ଅନ୍ୟାନ୍ୟ ନିବେଶକମାନଙ୍କର ହଜାର ହଜାର କୋଟି ଡଲାର ବୁଡ଼ିଯିବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। ଏହାର ସାମଗ୍ରିକ ପ୍ରଭାବ ବିଶ୍ୱ ପାଇଁ ଅର୍ଥନୈତିକ ମହାସଙ୍କଟକୁ ଆମନ୍ତ୍ରଣ କରିସାରିଛି, ଯାହାର ପରାଭବରୁ ବର୍ତ୍ତିବାର ଆଶା କ୍ଷୀଣ ହୋଇଚାଲିଛି। ●



# ସମ୍ପାଦକୀୟ



ବାସ୍ତବତା ଯେ ଅନ୍ତର୍ନିହିତ ଧାରଣାଠାରୁ ଭିନ୍ନ, ତାହା ଯେକୌଣସି ଘଟଣାରୁ ଧରାପଡ଼ିଯାଏ। ତେଣୁ ବୌଦ୍ଧ ଧର୍ମରେ ଅନ୍ଧବିଶ୍ୱାସ ଓ କଳ୍ପନା ଅଗ୍ରହଣୀୟ।

-ଦଲାଇ ଲାମା

## ଓଡ଼ିଶାରେ ବିଧାନ ପରିଷଦର ଆବଶ୍ୟକତା

**ବୃହସ୍ପତି ସାମଲ**

ଆଗକୁ ହେବାକୁ ଯାଉଥିବା ନିର୍ବାଚନ ମଣ୍ଡଳୀର ସୀମା ପୁନଃନିର୍ଦ୍ଧାରଣ ପ୍ରକ୍ରିୟା ସମାପ୍ତି ପରେ ଓଡ଼ିଶା ବିଧାନସଭାର ଆସନ ସଂଖ୍ୟା ୧୪୭ରୁ ପାଖାପାଖି ୨୦୦କୁ ବଢ଼ିବା ସମ୍ଭାବନାକୁ ଦୃଷ୍ଟିରେ ରଖି ଏକ ନୂଆ, ଅତ୍ୟାଧୁନିକ ବିଧାନସଭା ଭବନ ନିର୍ମାଣ ଯୋଜନା ଏବଂ ଭବିଷ୍ୟତରେ ଯଦି ଉଚ୍ଚ ସଦନ ଗଠିତ ହୁଏ, ତେବେ ବର୍ତ୍ତମାନର ୭୦ ବର୍ଷ ପୁରୁଣା ବିଧାନସଭା ଭବନକୁ ବିଧାନ ପରିଷଦ ଭବନ ଭାବରେ ବ୍ୟବହାର କରାଯାଇପାରିବ ବୋଲି ନିକଟ ଅତୀତରେ ଆଇନ ମନ୍ତ୍ରୀଙ୍କ ବକ୍ତବ୍ୟ ଆସିଥିବାରୁ ଓଡ଼ିଶାରେ ବିଧାନ ପରିଷଦ ଗଠନର ସମ୍ଭାବନା ପୁଣିଥରେ ଚର୍ଚ୍ଚାକୁ ଆସିଛି। ଏହାକୁ ସରକାରଙ୍କ ପକ୍ଷରୁ ପ୍ରଶାସନିକ ପ୍ରସ୍ତୁତିର ଏକ ସଙ୍କେତ ବୋଲି ଦେଖାଯାଉଛି। ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାର ଶାସନକାଳରେ ମଧ୍ୟ ବିଧାନ ପରିଷଦ ଗଠନର ପ୍ରସଙ୍ଗ କେତେକ ସମୟରେ ଉଠିଥିଲା। ସେସମୟରେ ଏହାକୁ ପ୍ରଧାନତଃ ବରିଷ୍ଠ ନେତା, ବିଶେଷଜ୍ଞ ଓ ଦଳୀୟ ପୁରାତନ କର୍ମୀମାନଙ୍କୁ ଥଇଥାନ କରିବାର ଏକ ବିକଳ୍ପ ଉପାୟ ଭାବରେ ବିଚାର କରାଯାଇଥିଲା। କିନ୍ତୁ ଖର୍ଚ୍ଚ, ଉପଯୋଗିତା ଓ ରାଜନୈତିକ ସମ୍ମତିକୁ ନେଇ ମତାନ୍ତର ଥିବାରୁ ଏ ବାବଦରେ ବିଧାନସଭାରେ କୌଣସି ଔପଚାରିକ ପ୍ରସ୍ତାବ ଆଣାଯାଇ ନ ଥିଲା। କିନ୍ତୁ ବର୍ତ୍ତମାନର ବିଜେପି ସରକାରଙ୍କ ଏହି ମତାମତକୁ ଦ୍ୱିସଦନୀୟ ବ୍ୟବସ୍ଥା ସୃଷ୍ଟିର ସମ୍ଭାବନା ସହିତ ଭୌତିକ ପ୍ରତିଷ୍ଠାନିକ ଢାଞ୍ଚାକୁ ସମନ୍ୱିତ କରିବାର ଏକ ପ୍ରଶାସନିକ ପଦକ୍ଷେପ ଭାବରେ ଦେଖାଯାଉଛି। ସୂଚନା ଅନୁଯାୟୀ ଆନୁମାନିକ ୩୮୭.୯୪ କୋଟି ଟଙ୍କା ବ୍ୟୟ ଅଟକଳରେ ନୂଆ ବିଧାନସଭା ଭବନ, ଲୋକ ସେବା ଭବନ ଓ ବର୍ତ୍ତମାନର ବିଧାନସଭା ମଧ୍ୟବର୍ତ୍ତୀ ଜମିରେ ନିର୍ମାଣ ହେବ, ଯେଉଁଠି ଅତ୍ୟାଧୁନିକ ସୁବିଧା ସୁଯୋଗ ସହ ପ୍ରାୟ ୩୦୦ ଜଣ ବିଧାୟକଙ୍କ ପାଇଁ ସମସ୍ତ ପ୍ରକାରର ବ୍ୟବସ୍ଥା ଉପଲବ୍ଧ ହେବ।

ଏଠି କହି ରଖିବା ଉଚିତ ହେବ ଯେ ବିଧାନ ପରିଷଦ ହେଉଛି ଏକ ସ୍ଥାୟୀ ଉଚ୍ଚ ସଦନ, ଯାହା ଆଇନ ନିର୍ମାଣ ପ୍ରକ୍ରିୟାରେ ଅନୁଭବ ଓ ଦକ୍ଷତାକୁ ଆଣିବାର ଉଦ୍ଦେଶ୍ୟ ରଖେ। ସମ୍ବିଧାନର ଧାରା ୧୬୯, ଏକ ରାଜ୍ୟକୁ ବିଧାନ ପରିଷଦ ସୃଷ୍ଟି କିମ୍ବା ବିଲୋପ କରିବାର ସୁଯୋଗ ଦେଇଥାଏ, ଯାହା ପାଇଁ ପ୍ରଥମେ ଏକ ବିଶେଷ ବହୁମତ ସହିତ ବିଧାନସଭାରେ ପ୍ରସ୍ତାବ ପାରିତ ଓ ଅନୁମୋଦିତ ହେବା ଆବଶ୍ୟକ। ପରେ ସଂସଦର ମଞ୍ଜୁରୀ ଓ ରାଷ୍ଟ୍ରପତିଙ୍କ ସମ୍ମତି ଆବଶ୍ୟକ ହୁଏ। ବିଧାନ ପରିଷଦର ସଦସ୍ୟମାନେ ବିଧାୟକ, ସ୍ଥାନୀୟ ସ୍ୱାୟଂଶାସିତ ସଂସ୍ଥା, ସ୍ନାତକ, ଶିକ୍ଷକ ଓ ରାଜ୍ୟପାଳଙ୍କ ଦ୍ୱାରା ମନୋନୟନ ମାଧ୍ୟମରେ ଚୟନ ହୁଅନ୍ତି। ଏହି ପ୍ରଣାଳୀ ଏହାକୁ କମ୍ ନିର୍ବାଚନୀ ଓ ଅଧିକ ସଂସ୍ଥାଗତ ଅନୁଭବ ପ୍ରତିନିଧିତ୍ୱ କରୁଥିବା ସଦନ ଭାବେ ଗଢ଼ିଥାଏ। ପ୍ରତି ଦୁଇବର୍ଷରେ ଏହାର ଏକ-ତୃତୀୟାଂଶ ସଦସ୍ୟ ଅବସର ନେଇଥା'ନ୍ତି ଏବଂ ଏହାର ସଦସ୍ୟ ସଂଖ୍ୟା ବିଧାନସଭା ସଦସ୍ୟ ସଂଖ୍ୟାର ଏକ-ତୃତୀୟାଂଶରୁ ଅଧିକ ହୋଇପାରେ ନାହିଁ। ଏହି ସଦନ ଅର୍ଥ ବିଲ୍ ଆଣିପାରେ ନାହିଁ ଏବଂ ସେଗୁଡ଼ିକୁ କେବଳ ୧୪ ଦିନ ପର୍ଯ୍ୟନ୍ତ ବିଳମ୍ବ କରିପାରେ। ସାଧାରଣ ବିଲ୍ ମାମଲାରେ ମଧ୍ୟ ସର୍ବାଧିକ ଚାରି ମାସ ପରେ ବିଧାନସଭାର ନିଷ୍ପତ୍ତି ହିଁ ଅନ୍ତିମ ହୁଏ। ବିଧାନ ପରିଷଦର ସରକାର ଗଠନ କିମ୍ବା ପତନରେ କୌଣସି ଭୂମିକା ନଥାଏ। ଅନ୍ୟପକ୍ଷରେ ବିଧାନସଭା ହେଉଛି ରାଜ୍ୟର ପ୍ରଧାନ ଆଇନ ନିର୍ମାଣ ସଦନ, ଯାହାର ସଦସ୍ୟମାନେ ସିଧାସଳଖ ଜନତାଙ୍କ ଦ୍ୱାରା ନିର୍ବାଚିତ। ଏହି କାରଣରୁ ଏହା ସର୍ବାଧିକ ଲୋକତାନ୍ତ୍ରିକ ସଂସ୍ଥା ଭାବେ ପରିଚିତ। ମନ୍ତ୍ରିମଣ୍ଡଳ ସମୂହଗତ ଭାବେ ବିଧାନସଭା ପ୍ରତି ଦାୟୀ ଥାଏ ଏବଂ ସରକାର କେବଳ ଏହି ସଦନର ବିଶ୍ୱାସ ହାରାଇଲା ମାତ୍ରେ ପତନ ହୁଏ। ବିଶେଷକରି ଅର୍ଥ ବିଲ୍ ସମ୍ବନ୍ଧୀୟ ସମସ୍ତ ଆର୍ଥିକ ଅଧିକାର ପ୍ରାୟ ସମ୍ପୂର୍ଣ୍ଣ ଭାବେ ବିଧାନସଭାର ହାତରେ ରହିଥାଏ।

ସଂବିଧାନ ରଚନାକାରମାନେ ବିଧାନ ପରିଷଦକୁ ଏକ ଚିନ୍ତନଶୀଳ ଓ ଅନୁଭବ ସମୃଦ୍ଧ ସଦନ ଭାବେ କଳ୍ପନା କରିଥିଲେ, ଯାହା ଆଇନ ନିର୍ମାଣକୁ ଗଭୀରତା ଦେବ। କିନ୍ତୁ ବାସ୍ତବରେ ଅନେକ ରାଜ୍ୟରେ ଏହା ହାରିଥିବା ନେତାଙ୍କ ପାଇଁ ପୁନର୍ବାସ କେନ୍ଦ୍ର, ଦଳୀୟ ନିଷ୍ଠାକୁ ପୁରସ୍କୃତ କରିବାର ଉପାୟ ଏବଂ ଜନମତକୁ ଏଡ଼ାଇ ଯିବାର ଏକ ପଛଦ୍ୱାର ଭାବେ ପରିଣତ ହୋଇଛି। ଏହାଫଳରେ ଏହି ସଦନ ତାହାର ଲୋକତାନ୍ତ୍ରିକ ମୂଲ୍ୟବୋଧ ଓ ନୀତିଗତ ମାନ୍ୟତା ହରାଇଛି। ନାମ ମନୋନୟନ ପ୍ରକ୍ରିୟା ନେଇ ମଧ୍ୟ ଗଭୀର ଆଶଙ୍କା ରହିଛି। ସମ୍ବିଧାନ ରାଜ୍ୟପାଳଙ୍କୁ ଶିକ୍ଷା, ସାହିତ୍ୟ, ବିଜ୍ଞାନ, ଆଇନ ଓ ସାମାଜିକ ସେବା କ୍ଷେତ୍ରରେ ବିଶେଷ ଅବଦାନ ଥିବା ବ୍ୟକ୍ତିମାନଙ୍କ ନାମ ମନୋନୟନ କରିବାର ଅଧିକାର ଦେଇଛି। କିନ୍ତୁ ପ୍ରାୟୋଗିକ ଅନୁଭବ ଦେଖାଏ ଯେ ଏପରି ନାମ ମନୋନୟନ ଅନେକ ସମୟରେ ଶାସକ ଦଳର ଇଚ୍ଛାକୁ ମାତ୍ର ପ୍ରତିବିମ୍ବିତ କରେ। ସରକାରୀ ନିଗମ, ବୋର୍ଡ, କମିଶନ ଓ ସରକାରୀ ଅଧିବକ୍ତା ନିଯୁକ୍ତିରେ ଯେପରି ଦଳୀୟ ନିଷ୍ଠା ଦକ୍ଷତାଠାରୁ ଅଧିକ ଗୁରୁତ୍ୱ ପାଉଛି, ସେହି ପ୍ରବୃତ୍ତି ବିଧାନ ପରିଷଦରେ ମଧ୍ୟ ପୁନରାବୃତ୍ତି ହେବାର ଆଶଙ୍କା ରହିଛି। ଶକ୍ତିଶାଳୀ ସଂଖ୍ୟାଗତ ଆଧିକ୍ୟ ଥିବା ଏକ ସରକାର ପାଇଁ ବିଧାନ ପରିଷଦ ଦଳୀୟ ଏକାଧିକାର ସୃଷ୍ଟି କରିବାର ଆଉ ଏକ ମଞ୍ଚ ହୋଇପାରେ।

ଏହି ପରିପ୍ରେକ୍ଷୀରେ, ଓଡ଼ିଶା ପରି ଏକ ଗରିବ ରାଜ୍ୟରେ ବିଧାନ ପରିଷଦ ଗଠନର ଅର୍ଥ ହେଉଛି ସ୍ଥାୟୀ ଆର୍ଥିକ ବୋଝ, ସଦସ୍ୟଙ୍କ ବେତନ, ଭତ୍ତା, ପେନସନ୍, କର୍ମଚାରୀ ନିଯୁକ୍ତି, ସୁରକ୍ଷା ବ୍ୟବସ୍ଥା ଓ ପ୍ରଶାସନିକ ଖର୍ଚ୍ଚ। ନିକଟରେ ବିଧାୟକ ଓ ମନ୍ତ୍ରୀଙ୍କ ବେତନ ଓ ଭତ୍ତା ବୃଦ୍ଧି ପ୍ରସ୍ତାବକୁ ଲୋକଙ୍କ ତୀବ୍ର ପ୍ରତିକ୍ରିୟା ପରେ ବାତିଲ କରାଯିବା ଏହି ବିଷୟର ସମ୍ବେଦନଶୀଳତାକୁ ସ୍ପଷ୍ଟ କରେ। ଯେତେବେଳେ ବର୍ତ୍ତମାନର ନିର୍ବାଚିତ ପ୍ରତିନିଧିଙ୍କ ଦରମା ବୃଦ୍ଧି ମଧ୍ୟ ଜନମାନସରେ ଅସନ୍ତୋଷ ସୃଷ୍ଟି କରୁଛି, ସେତେବେଳେ ଏକ ନୂଆ ସଦନ ସୃଷ୍ଟି କରିବାର ପ୍ରୟାସ ନିଶ୍ଚିତ ଭାବେ ଗ୍ରହଣଯୋଗ୍ୟ ନୁହେଁ। ଏବେ ବି ଓଡ଼ିଶାର ମହାବାତ୍ୟା ସମୟର କଥା ମନେ ପଡ଼ିଲେ ଦେହ ଶିହରି ଉଠେ। ଆର୍ଥିକ ପରିସ୍ଥିତି ଏତେ ଖରାପ ଥିଲା ଯେ ସେ ସମୟରେ କର୍ମଚାରୀଙ୍କୁ ବେତନ ଦେବାକୁ ତତ୍କାଳୀନ କଂଗ୍ରେସ ସରକାର ପାଖରେ ଅର୍ଥର ଅଭାବ ଥିବା ଯୋଗୁଁ ବାରମ୍ବାର ଓଭରଡ୍ରାଫ୍ଟ କରିବାକୁ ପଡୁଥିଲା। ୨୦୦୦ରୁ ୨୦୦୯ ମଧ୍ୟରେ ଉଭୟ ବିଜେଡି ବିଜେପିର ମିଳିତ ସରକାର ଏବଂ ପରେ ପରେ ୨୦୨୪ ପର୍ଯ୍ୟନ୍ତ ଏକୁଟିଆ ବିଜେଡି ସରକାର ଆର୍ଥିକ ସୁପରିଚାଳନା କରି ଓଡ଼ିଶାକୁ ଏକ ନିଅଣ୍ଟିଆରୁ ବଳକା ରାଜ୍ୟରେ ପରିଣତ କରିଥିଲେ ହେଁ ଦୀର୍ଘ ୨୪ ବର୍ଷର ବିଜେଡି ଶାସନ ତୁଳନାରେ ବିଗତ ୨୧ ମାସର ବିଜେପି ସରକାରରେ ରାଜ୍ୟ ଋଣଭାର ଯଥେଷ୍ଟ ବୃଦ୍ଧି ପାଇଛି।

ବାତ୍ୟା ନିୟନ୍ତ୍ରଣ ଠାରୁ କୋଭିଡ୍ ମୁକାବିଲା ପର୍ଯ୍ୟନ୍ତ ବହୁକ୍ଷେତ୍ରରେ ଓଡ଼ିଶା ଜାତିସଂଘ ସହ ଦେଶବିଦେଶରୁ ପ୍ରଶଂସା ସାଉଁଟି ଥିଲେ ମଧ୍ୟ ଏବେ ବି ଅନେକ ଗାଁକୁ ଭଲ ରାସ୍ତାଟିଏ ନାହିଁ। ନଈନାଳ ଡେଇଁ ବିପଦସଂକୁଳ ଅବସ୍ଥାରେ ଛୋଟ ଛୋଟ ପିଲାମାନେ ପାଠ ପଢ଼ିବାକୁ ସଂଘର୍ଷ କରୁଛନ୍ତି। ଅପପୁଷ୍ଟିରେ ଏବେ ବି ଓଡ଼ିଶାରେ ଅନେକ ନଗଡ଼ାର ଚିତ୍ର ସ୍ପଷ୍ଟ ବାରିହୁଏ। ଶିକ୍ଷା ଓ ସ୍ୱାସ୍ଥ୍ୟର ମାନ ଅନ୍ୟ ରାଜ୍ୟ ତୁଳନାରେ ଢେର ତଳେ। ବିଶୁଦ୍ଧ ପାନୀୟ ଜଳ ତଥା ବିଜୁଳି ବ୍ୟବସ୍ଥା ଏବେ ବି ଅନେକଙ୍କ ପାଇଁ ସ୍ୱପ୍ନ। ଯୁବଗୋଷ୍ଠୀ ବେକାର। ଶ୍ରମିକ ଓ କୃଷକଙ୍କ ଦାବି ଅଣଦେଖା। ରାଜ୍ୟ ସରକାରଙ୍କ ବିଭିନ୍ନ ସଂସ୍ଥା, ସାମୟିକ ଓ ଚୁକ୍ତିଭିତ୍ତିକ କର୍ମଚାରୀରେ ଭରପୂର। ସେମାନଙ୍କୁ ନିୟମିତ କରି ସମାନ କାମକୁ ସମାନ ଦରମା ଦେବାର ଯୋଗ୍ୟତା ଏଯାଏଁ କୌଣସି ସରକାର ଦେଖେଇ ପାରିଲେ ନାହିଁ। ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ କ୍ଷମତାସୀନ ସରକାରଙ୍କୁ ଅନେକ କିଛି କରିବାର ଅଛି। କେବଳ ସୌଧ ନିର୍ମାଣରେ, ଚମତ୍କାରୀ ନାରାବାଜିରେ, ରଙ୍ଗବେରଙ୍ଗର ମାଳମାଳ ବିଜ୍ଞାପନରେ ଅଥବା ରଙ୍ଗ ପରିବର୍ତ୍ତନରେ ବିକାଶ ହୁଏ ନାହିଁ।

ସମ୍ବିଧାନର ଧାରା ୧୬୯ ରାଜ୍ୟମାନଙ୍କୁ ବିଧାନ ପରିଷଦ ଗଠନ କରିବାର ସାମ୍ବିଧାନିକ ଅଧିକାର ଦେଇଛି ସତ, କିନ୍ତୁ ଏହା ବାଧ୍ୟତାମୂଳକ ନୁହେଁ। ଏହା ଏକ ପ୍ରକ୍ରିୟା ମାତ୍ର, ଆଦେଶ ନୁହେଁ। ଏହି ଶକ୍ତିକୁ ବ୍ୟବହାର କରିବା ସମୟରେ ସଂଯମ, ସାର୍ବଜନୀନ ହିତ ଓ ନୀତିଗତ ଦାୟିତ୍ୱ ଆବଶ୍ୟକ। ଯେତେଦିନ ପର୍ଯ୍ୟନ୍ତ ବିଧାନ ପରିଷଦ ପକ୍ଷଧରମାନେ ସ୍ପଷ୍ଟ ଭାବେ ପ୍ରମାଣ କରିପାରୁନାହାନ୍ତି ଯେ ଏହାର ଲାଭ ତାହାର ଖର୍ଚ୍ଚକୁ ଅତିକ୍ରମ କରିବ ଏବଂ ଏହା ରାଜନୈତିକ ବର୍ଗ ବିସ୍ତାର ନୁହେଁ, ବରଂ ଶାସନର ଗୁଣାତ୍ମକତା ବୃଦ୍ଧି କରିବ, ସେପର୍ଯ୍ୟନ୍ତ ଏପରି ପ୍ରସ୍ତାବକୁ ଯୁକ୍ତିସଂଗତ କହିବା କଠିନ। ତେଣୁ ବିଧାନ ପରିଷଦ ପ୍ରସଙ୍ଗର ପୁନରୁତ୍ଥାନ ନିରବ ପ୍ରଶାସନିକ ପ୍ରସ୍ତୁତି ନୁହେଁ, ବରଂ ଖୋଲା ସାର୍ବଜନୀନ ଚର୍ଚ୍ଚା ଦାବି କରେ। ସୌଧ ନିର୍ମାଣ ନୁହେଁ, ବରଂ ଦେଶର ଆର୍ଥିକ ବିକାଶ ସରକାରଙ୍କ ପ୍ରାଥମିକତା ହେବା ଜରୁରୀ। ●

ପଦ୍ମପୁର(କେନ୍ଦୁଝର), ମୋ: ୯୪୩୭୦୨୨୬୬

## କାଦୁଅ ମୂର୍ତ୍ତିରୁ ସିଲିକନ୍ କ୍ଲାଉଡ୍ ପର୍ଯ୍ୟନ୍ତ

**ସୁରେନ୍ଦ୍ରନାଥ ପଶୁପାଳକ**

ଶ୍ରେଣୀଗୃହ କେବଳ ଚାରିକାନ୍ଥର ଏକ ଆବଦ୍ଧ କୋଠରି ନୁହେଁ; ବରଂ ପରିବେଶବିତ୍ ଜି.ଇ. ହଚିନସନଙ୍କ ଭାଷାରେ ଏହା ଏକ 'ହାଇପର-ଭଲ୍ୟୁମ୍'। ଏହା ଏମିତି ଏକ କ୍ଷେତ୍ର, ଯେଉଁଠି ମଣିଷର ଜୈବିକ, ସାମାଜିକ ଓ ଜ୍ଞାନଗତ ବିଭାବର ମିଳନ ଘଟେ। ଭାରତୀୟ ଶିକ୍ଷା ବ୍ୟବସ୍ଥା ଏହି କ୍ଷେତ୍ର ମଧ୍ୟରେ ଏକ ଲମ୍ବା ଯାତ୍ରା କରିଛି। ପ୍ରାଚୀନ ଗୁରୁକୁଳର ମୁକ୍ତଆକାଶରୁ ଆରମ୍ଭ କରି ଆଜିର 'ସ୍ମାର୍ଟ୍ କ୍ଲାସ' ପର୍ଯ୍ୟନ୍ତ ଏହି ପରିବର୍ତ୍ତନ ଯେତିକି ଚମତ୍କାର, ସେତିକି ଚିନ୍ତାଜନକ। ଆଜିର ଏଆଇ ଯୁଗରେ ଆମେ ନିଜକୁ ପଚାରିବା ଉଚିତ୍ ଯେ ଆମେ ପ୍ରକୃତରେ ପ୍ରଗତି କରୁଛୁ ନା ଆମର ବୁଦ୍ଧିମତ୍ତା ଧୀରେ ଧୀରେ ସଂକୁଚିତ ହେଉଛି?

ଭାରତୀୟ ଶିକ୍ଷାର ସବୁଠାରୁ ବଡ଼ ଶାରୀରିକ ପରିବର୍ତ୍ତନ ଥିଲା ମୁକ୍ତ ଗୁରୁକୁଳରୁ ଚାରିକାନ୍ଥର ଆବଦ୍ଧ କୋଠରି। ଗୁରୁକୁଳରେ ଶିକ୍ଷା ଥିଲା ପ୍ରକୃତି ସହ ସଂପୃକ୍ତ, ଯେଉଁଠି ଜ୍ଞାନର କୌଣସି ସୀମା ନଥିଲା। ରବୀନ୍ଦ୍ରନାଥ ଠାକୁର ଏହି ଦର୍ଶନକୁ ଶାନ୍ତିନିକେତନରେ ପ୍ରାଧାନ୍ୟ ଦେଇଥିଲେ। ସେ ବିଶ୍ୱାସ କରୁଥିଲେ ଯେ କାନ୍ଥ ମଣିଷର କଳ୍ପନାକୁ ବନ୍ଦୀ କରିଦିଏ। କିନ୍ତୁ ବ୍ରିଟିଶ୍ ଶାସନ କାଳରେ ଆରମ୍ଭ ହେଲା 'ଫ୍ୟାକ୍ଟ୍ରି ମଡେଲ୍'ବେଞ୍ଚ, ଡେସ୍କ ଓ ଚାରିକାନ୍ଥ। ଏହି ଶିକ୍ଷା ବ୍ୟବସ୍ଥା ମଣିଷକୁ ଏକ ପ୍ରଶାସନିକ ଯନ୍ତ୍ରର କୋଗ୍ ଭାବରେ ଗଢ଼ିବା ପାଇଁ ତିଆରି ହୋଇଥିଲା।




ଶିକ୍ଷାର ପ୍ରକ୍ରିୟାରେ ଜେନ୍ ଏକ୍ସ ରୁ ଜେନ୍ ଆଲ୍‌ଫା ପର୍ଯ୍ୟନ୍ତ ଏକ ବିରାଟ ପରିବର୍ତ୍ତନ ଘଟିଛି। ଜେନ୍ ଏକ୍ସ ଥିଲେ ଶ୍ରମିକ। ସେମାନେ ନିଜେ ନୋଟ୍ ଲେଖୁଥିଲେ, ତାହାକୁ ପୁଣି ଥରେ ନକଲ କରି ମନେ ରଖୁଥିଲେ। ଜେନ୍ ୱାଇ ଆସିବା ପରେ କଲମର ସ୍ଥାନ ନେଲା କି-ବୋର୍ଡ। ଏହିଠାରୁ ହିଁ 'କପି-ପେଷ୍ଟ' ସଂସ୍କୃତିର ଜନ୍ମ ହେଲା। ତଥ୍ୟ ସ୍କ୍ରିନ୍‌ରୁ ସ୍କ୍ରିନ୍‌କୁ ଗଲା ସତ, କିନ୍ତୁ ମସ୍ତିଷ୍କ ଭିତରକୁ ଗଲା ନାହିଁ। ଆଜିର ଜେନ୍ ଆଲ୍‌ଫା ପିଢ଼ିରେ ଏଆଇ ନିଜେ ନୋଟ୍ ଲେଖିଦେଉଛି। ଫଳରେ ମସ୍ତିଷ୍କ କେବଳ ଜ୍ଞାନର ଜଣେ 'ଯାତ୍ରୀ' ହୋଇ ରହିଯାଇଛି, 'ଚାଳକ' ନୁହେଁ। ୧୯୬୦ ଦଶକରେ ଓଡ଼ିଶାର ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ କାଦୁଅରେ ମୂର୍ତ୍ତି ତିଆରି କରିବା ପାଠ୍ୟକ୍ରମର ଅଂଶ ଥିଲା। ଏହା କେବଳ ଖେଳ ନଥିଲା, ବରଂ ଏହା ଥିଲା ମସ୍ତିଷ୍କର ପ୍ରଶିକ୍ଷଣ। କାଦୁଅରେ କାମ କରିବା ଦ୍ୱାରା ହାତର ସୂକ୍ଷ୍ମ କୌଶଳ ବା ମୋଟୋର ସ୍କିଲ୍ ଓ ସୃଜନଶୀଳତା ବଢୁଥିଲା। ଆଜି ସେହି କାଦୁଅର ସ୍ଥାନ ନେଇଛି ଟ୍ୟାବଲେଟ୍।

ବିଶ୍ୱର ଅଭିଜ୍ଞତା ଆମକୁ କିଛି ଅଲଗା ସୂଚନା ଦେଉଛି। ଡେନମାର୍କ, ଯିଏ ଦିନେ ସବୁକିଛି ଡିଜିଟାଲ୍ କରିଦେଇଥିଲା, ସେ ଏବେ ପୁଣି ଥରେ ବହିକୁ ଫେରୁଛି। ଆମେରିକାରେ ଲ୍ୟାପଟପ୍ ଓ ଆଇପ୍ୟାଡ୍ ବଣ୍ଟାଯିବା ପରେ ଗବେଷଣାରୁ ଜଣାପଡ଼ିଲା ଯେ ପିଲାଙ୍କ ମଧ୍ୟରେ ଗଭୀର ଚିନ୍ତାଧାରା ଓ ସୃଜନଶୀଳତା କମିବାରେ ଲାଗିଛି। କଲମ ଓ କାଦୁଅର ସେହି 'ଧୀର' ସଂଘର୍ଷ ହିଁ ମସ୍ତିଷ୍କର ସ୍ନାୟୁକୁ ସକ୍ରିୟ କରିଥାଏ। ବିବର୍ତ୍ତନବାଦର ନିୟମ କହେ, ଯେଉଁ ଅଙ୍ଗର ବ୍ୟବହାର ହୁଏ ନାହିଁ ତାହା ଧୀରେ ଧୀରେ ନଷ୍ଟ ହୋଇଯାଏ। ଯଦି ଆମେ ଆମର ସ୍ମୃତିଶକ୍ତିକୁ ଗୁଗୁଲ୍ ଏବଂ ବିଶ୍ଳେଷଣ ଶକ୍ତିକୁ ଏଆଇ ପାଖରେ ବିକି ଦେବା, ତେବେ ଆମେ ପ୍ରକୃତରେ ପ୍ରଗତି କରୁନାହୁଁ, ବରଂ ଜ୍ଞାନଗତ ପତନ ଆଡ଼କୁ ଗତି କରୁଛୁ ବୋଲି ଭାବିବାକୁ ହେବ।

ଏବେ ଯନ୍ତ୍ର ବଢୁଛି, କିନ୍ତୁ ମଣିଷର ବୈଜ୍ଞାନିକ ଓ ଚିନ୍ତନ ଶକ୍ତି ଦୁର୍ବଳ ହେଉଛି। ବିଜ୍ଞତାର ସୁରକ୍ଷା ବୈଷୟିକ କିମ୍ବା ପ୍ରଯୁକ୍ତି ବିଦ୍ୟା ବିରୁଦ୍ଧରେ କୌଣସି ଯୁଦ୍ଧ ନୁହେଁ। ବୈଷୟିକ ଜ୍ଞାନକୌଶଳ ନିଶ୍ଚିତ ଭାବେ ଦରକାର, କିନ୍ତୁ ସାବଧାନତାର ସହ। ବିଶେଷକରି ପ୍ରାଥମିକ ଶିକ୍ଷା ସମୟରେ ବିଦ୍ୟାଳୟଗୁଡ଼ିକ 'ଧୀର କଲମ' ଏବଂ 'କାଦୁଅର ମୂର୍ତ୍ତି' ପରି ମୌଳିକ କାର୍ଯ୍ୟକୁ ଧରି ରଖିବା ଉଚିତ୍। ତଥ୍ୟ ପାଇଁ ଏଆଇର ସାହାଯ୍ୟ ନିଅନ୍ତୁ, କିନ୍ତୁ ମସ୍ତିଷ୍କର ବିକାଶ ପାଇଁ ଆନାଲଗ୍ ପଦ୍ଧତିକୁ ବଞ୍ଚାଇ ରଖନ୍ତୁ। ଆମକୁ ସମୟର ଚକକୁ ଟିକେ ପଛକୁ ବୁଲାଇବାକୁ ପଡ଼ିବ, ଯେମିତି ଆମ ପିଲାମାନେ ଏଆଇ ଯୁଗର ମାଲିକ ହୋଇ ରହିବେ, କେବଳ ତାହାର ଦାସ ନୁହେଁ। ●

ଭୁବନେଶ୍ୱର, ମୋ: ୭୭୩୫୩୭୪୯୭

## କୀଟଙ୍କୁ କ୍ଷମାପ୍ରାର୍ଥନାର ଆଉ ଏକ ପର୍ବ: କଦଲେଟା

**ଓଜସ୍ୱିନୀ**

### ବିଚିତ୍ର ବିଶ୍ୱାସ

ଜାପାନ ଭଳି ଭାରତରେ ମଧ୍ୟ କୀଟପତଙ୍ଗଙ୍କ ବଳିଦାନକୁ ସ୍ୱୀକୃତି ଓ ସମ୍ମାନ ଦେବା ପାଇଁ ବିଭିନ୍ନ ପର୍ବ ଓ ଉତ୍ସବ ପାଳନ କରାଯାଏ। ଝାଡ଼ଖଣ୍ଡରେ ଏକ ନିଆରା ପରମ୍ପରାଗତ ପର୍ବ ପାଳିତ ହୋଇଥାଏ, ଯାହା 'କଦଲେଟା ପୂଜା' ନାମରେ ପରିଚିତ। ଏହି ପର୍ବକୁ 'ଡଣ୍ଡାକଟ୍ଟନା' ମଧ୍ୟ କୁହାଯାଏ। ମୁଖ୍ୟତଃ ଝାଡ଼ଖଣ୍ଡରେ ରହୁଥିବା ସରନା ନାମକ ଆଦିବାସୀ ସମ୍ପ୍ରଦାୟ ଦ୍ୱାରା ଏହି ପର୍ବ ଭାଦ୍ରବ ମାସ ବା ପ୍ରାୟ ସେପ୍ଟେମ୍ବର ମାସରେ ପାଳନ କରାଯାଇଥାଏ। ଏହି ସମୟରେ କ୍ଷେତରେ ଭରପୂର ଫସଲ ରହିଥାଏ। ଆର୍ଦ୍ର ଜଳବାୟୁ ଯୋଗୁଁ ଫସଲରେ ବିଭିନ୍ନ ପ୍ରକାର କୀଟ ସଂକ୍ରମଣର ଆଶଙ୍କା ଥାଏ। ତେଣୁ ଫସଲକୁ କୀଟଙ୍କଠାରୁ ରକ୍ଷା କରିବା ପାଇଁ କୀଟନାଶକ ଔଷଧ ଅଧିକ ମାତ୍ରାରେ ପ୍ରୟୋଗ କରାଯାଏ। ତେଣୁ ଏହି ପର୍ବର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କୀଟନାଶକ ପ୍ରଭାବରେ ମୃତକୀଟଙ୍କ ବଳିଦାନ ଏବଂ ହତ୍ୟା ଭଳି କୁକର୍ମ ପାଇଁ କ୍ଷମାପ୍ରାର୍ଥନା କରିବା ସହିତ କୀଟଙ୍କ ଆତ୍ମାର ସଦ୍‌ଗତି କାମନା କରିବା। ବିଶ୍ୱାସ ରହିଛି ଯେ ନିଜର ସ୍ୱାର୍ଥ ପାଇଁ କୀଟଗୁଡ଼ିକୁ ମାରି ଦିଆଯାଉଥିବାରୁ ମଣିଷମାନେ ଯେଉଁ ପାପ କରିଥା'ନ୍ତି, କ୍ଷମା ପ୍ରାର୍ଥନା କଲେ ଉକ୍ତ ପାପ ଦୂର ହୋଇଥାଏ। ଯେଉଁଠି ଏହି ପୂଜା ଅନୁଷ୍ଠିତ ହୋଇଥାଏ, ତାହାକୁ 'ସରନା ସ୍ଥଳ', 'କଦଲେଟା ଟାଙ୍ଗ' ବା 'ପୂଜାଟାଙ୍ଗ' ବୋଲି କୁହାଯାଏ। ଲୋକମାନେ ଏକତ୍ରିତ ହୋଇ କ୍ଷମାପ୍ରାର୍ଥନା କରିବା ସହିତ କୀଟଙ୍କ ଆତ୍ମାର ସଦ୍‌ଗତି ପାଇଁ ସମବେତ ପୂଜା କରିଥା'ନ୍ତି।

ପ୍ରଥମେ ପୂଜାସ୍ଥଳକୁ ଗୋବରରେ ଲିପାଯାଇ ପବିତ୍ର କରାଯାଏ। ଏହାପରେ 'ଭେଲ୍‌ଭା' ଓ 'କେଉଁନ୍ଦ' ବା 'ତେନ୍ଦୁ' ନାମକ ଗଛର ପତ୍ରକୁ ପୂଜାସ୍ଥଳରେ ରଖାଯାଏ। ସରନା ସମ୍ପ୍ରଦାୟଙ୍କ ପୂଜକ(ପାହନ, ପୂଜାର ବା ମହତୋ)ଙ୍କ ଦ୍ୱାରା ପୂଜା ସମାପ୍ତ ହେବା ପରେ ସମସ୍ତେ ଉତ୍ତମ ଫସଲ ହେବା ସହିତ ଭଲ ବର୍ଷା ହେବା ଏବଂ ଫସଲକୁ ଜଙ୍ଗଲୀ ପଶୁ ଓ କୀଟପତଙ୍ଗଠାରୁ ସୁରକ୍ଷା ଦେବା ପାଇଁ ପ୍ରକୃତି ମାତା ଆଦିଶକ୍ତିଙ୍କୁ ପ୍ରାର୍ଥନା କରିଥା'ନ୍ତି। ଏହାପରେ କୀଟଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରାଯାଏ। ଏଭଳି କରିବା ଦ୍ୱାରା କୀଟହତ୍ୟା ପାପ ଦୂର ହେବା ସହିତ ଆଦିଶକ୍ତି ପ୍ରସନ୍ନ ହୋଇଥା'ନ୍ତି ଏବଂ ଗ୍ରାମବାସୀଙ୍କ ସୁଖସମୃଦ୍ଧି ବୃଦ୍ଧି ହୋଇଥାଏ ବୋଲି ବିଶ୍ୱାସ ରହିଛି। ପୂଜା ପରେ ଖେଚୁଡ଼ି କିମ୍ବା ଖିରୀ ଭୋଗ ହୋଇଥାଏ, ଯାହାକୁ ପ୍ରସାଦ ଭାବେ ସମସ୍ତେ ଗ୍ରହଣ କରିଥା'ନ୍ତି। ପୂଜାସ୍ଥାନରେ ବିଭିନ୍ନ ପରମ୍ପରାଗତ ବାଦ୍ୟର ତାଳେ ତାଳେ ଲୋକନୃତ୍ୟର ଆୟୋଜନ ମଧ୍ୟ କରାଯାଏ।

କଦଲେଟା ପର୍ବର ତୃତୀୟ ଦିନରେ ଚାଷୀଭାଇମାନେ ନିଜ ନିଜ କ୍ଷେତରେ ଭେଲ୍‌ଭା, କେଉଁନ୍ଦ ଓ ଶାଳ ଗଛର ଡାଳ ପୋତିଥା'ନ୍ତି। ଏହାଦ୍ୱାରା ଫସଲ ଉପରେ ଥିବା କୁଦୃଷ୍ଟି ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି। ସ୍ଥାନୀୟ ମାନ୍ୟତା ଓ ଲୋକବିଶ୍ୱାସ ଅନୁସାରେ ଭେଲ୍‌ଭା ଓ କେଉଁନ୍ଦ ଗଛର ଡାଳ ଓ ପତ୍ର ଝଡ଼ାଫୁଙ୍କା ଦିଗରେ ସହାୟକ। ଏହାବ୍ୟତୀତ ଏହି ଡାଳ ଉପରେ ବିଭିନ୍ନ ପ୍ରକାର ପକ୍ଷୀ ଆସି ବସିଥା'ନ୍ତି, ଯେଉଁମାନେ ଫସଲରେ ଥିବା କେତେକ କୀଟକୁ ନିଜର ଖାଦ୍ୟ ଭାବେ ଗ୍ରହଣ କରିଥା'ନ୍ତି। ତେଣୁ ପରୋକ୍ଷ ଭାବରେ ଫସଲ ସୁରକ୍ଷିତ ହୋଇ ରହିଥାଏ।

ଭାରତର ସ୍ଥଳବିଶେଷରେ ଏଭଳି ଅନେକ କୃଷିଭିତ୍ତିକ ପର୍ବ ପାଳନ କରାଯାଏ, ଯାହାର ନିଜସ୍ୱ ସ୍ୱତନ୍ତ୍ରତା ଓ ମହତ୍ତ୍ୱ ରହିଛି। ଓଡ଼ିଶାରେ ମଧ୍ୟ ବର୍ଷା ଋତୁରେ କ୍ଷେତରେ ବେଉଷଣ ଆରମ୍ଭ ହେବା ପୂର୍ବରୁ ଗେଣ୍ଡାମାନଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା ଓ ପୂଜା କରାଯିବାର ପରମ୍ପରା ଏବେ ମଧ୍ୟ କେତେକ ଗ୍ରାମରେ ବଞ୍ଚି ରହିଛି। କ୍ଷେତକୁ ଯାଉଥିବା ଚାଷୀଭାଇମାନଙ୍କୁ କୌଣସି କ୍ଷତି ନ କରିବା ପାଇଁ ଏହି ପର୍ବରେ ଗେଣ୍ଡାମାନଙ୍କୁ ପ୍ରାର୍ଥନା କରାଯାଇଥାଏ ଏବଂ ଚାଷ ପ୍ରକ୍ରିୟାରେ ଯଦି ଗେଣ୍ଡାମାନଙ୍କର ଶରୀର କ୍ଷତବିକ୍ଷତ ହୁଏ ସେଥିପାଇଁ ମଧ୍ୟ କ୍ଷମାପ୍ରାର୍ଥନା କରାଯାଏ। କୀଟଙ୍କ ବଳିଦାନ ପାଇଁ କ୍ଷମାପ୍ରାର୍ଥନା କରିବାର ଏହି ନିଆରା ଶୈଳୀ ପ୍ରକୃତରେ ଅବର୍ଣ୍ଣନୀୟ। ଏହିଭଳି ପର୍ବରେ ଭାରତୀୟ ସଂସ୍କୃତିର ମୂଳ ଜୀବେଦୟା ସ୍ପଷ୍ଟଭାବେ ଦୃଶ୍ୟମାନ ହେଉଛି, ଯାହାକି ବିଶ୍ୱସ୍ତରରେ ଏକ ଅନନ୍ୟ ଉଦାହରଣ ହୋଇପାରିବ। ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ସରକାରୀ ଜମି ଜବରଦଖଲମୁକ୍ତ କରିବାକୁ ତତ୍ପରତା ଦେଖାଅ: ହାଇକୋର୍ଟ

କଟକ, ୧୯ ।୩(ସମିସ): ସରକାରୀ ଜମିକୁ ଜବରଦଖଲ ମୁକ୍ତ କରିବା ଦିଗରେ ତତ୍ପରତା ପ୍ରକାଶ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଗୋଟିଏପଟେ ଜବରଦଖଲ କ୍ଷେତ୍ରରେ ସରକାର ଶୂନ୍ୟ ସହନଶୀଳ ନୀତି ଗ୍ରହଣ କରୁଥିବା କହୁଥିବା ବେଳେ ଏହାର କାର୍ଯ୍ୟକାରିତା ଉତ୍ସାହଜନକ ହୋଇ ନଥିବା ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। କେନ୍ଦୁଝର ଜିଲ୍ଲା ଚମ୍ପୁଆ ତହସିଲ ଅନ୍ତର୍ଗତ ପ୍ରତାପପସି ମୌଜାର ସରକାରୀ ଜମିରୁ ଜବରଦଖଲ ପ୍ରସଙ୍ଗ ନେଇ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣିରେ ହାଇକୋର୍ଟ ପୂର୍ଣ୍ଣଚ୍ଛେଦ ପକାଇ ହାଇକୋର୍ଟ ଏହା କହିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ସାଇବୁ ମହାନ୍ତ ଓ ଶୁକଦେବ ମହାନ୍ତଙ୍କ ତରଫରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସରକାରୀ ଜମିରୁ ବେଆଇନ ଦଖଲ ଉଚ୍ଛେଦ ପ୍ରସଙ୍ଗରେ ସରକାରଙ୍କ ଉଦାସୀନତା ପ୍ରଦର୍ଶନ ଗ୍ରହଣୀୟ ନୁହେଁ। ଜବରଦଖଲ ଉଚ୍ଛେଦ ପାଇଁ ଆଇନରେ ଥିବା ବ୍ୟବସ୍ଥା ଅନୁସାରେ ପ୍ରକ୍ରିୟା ସରକାର ଆରମ୍ଭ କରିବା ଉଚିତ ବୋଲି ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ପୂର୍ବ ନିର୍ଦ୍ଦେଶ ପାଳନ କରି ଚମ୍ପୁଆ ତହସିଲଦାର ଆର.କେ.ପଣ୍ଡା ଆଜି ମାମଲାର ଶୁଣାଣି ବେଳେ ହାଇକୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ। ଏଥିସହ ୨୨ଜଣ ଜବରଦଖଲକାରୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି ବୋଲି ତହସିଲଦାରଙ୍କ ତରଫରୁ ଦାଖଲ ସତ୍ୟପାଠରେ ଉଲ୍ଲେଖ କରାଯାଇଥିଲା।

ମାମଲାର ବିବରଣୀରୁ ପ୍ରକାଶ ଯେ କେନ୍ଦୁଝର ଜିଲ୍ଲା ଚମ୍ପୁଆ ତହସିଲ ଅନ୍ତର୍ଗତ ପ୍ରତାପପସି ମୌଜାରେ ବ୍ୟାପକ ସରକାରୀ ଜମି ଜବରଦଖଲ କରାଯାଇଥିବା ବେଳେ କର୍ତ୍ତୃପକ୍ଷଙ୍କ ନିଷ୍କ୍ରିୟତାକୁ ବିରୋଧ କରି ଗ୍ରାମବାସୀ ଏହି ଜନସ୍ୱାର୍ଥ ଆବେଦନ ଦାୟର କରିଥିଲେ। ସତ୍ୟପାଠ ଦାଖଲ ପାଇଁ ରହିଥିବା ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନରେ ଅବହେଳା ପାଇଁ ଚମ୍ପୁଆ ତହସିଲଦାରଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ ଗତ ମାର୍ଚ୍ଚ ୧୧ରେ ନିର୍ଦ୍ଦେଶ ଦିଆଯାଇଥିଲା।

## ପିଜି ପ୍ରବେଶିକା ପରୀକ୍ଷା ଆବେଦନ ଅବଧି ୨୨ ଯାଏଁ ବୃଦ୍ଧି

ଭୁବନେଶ୍ୱର, ୧୯ ।୩(ସମିସ): ସ୍ନାତକୋତ୍ତର ନାମଲେଖାଇବାକୁ ଏକକ ପ୍ରବେଶିକା ପରୀକ୍ଷା ସିପିଇଟି ପାଇଁ ଆବେଦନ ଅବଧି ବୃଦ୍ଧି ହୋଇଛି। ଆଗ୍ରହୀ ଛାତ୍ରଛାତ୍ରୀମାନେ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ। ଆବେଦନ ଅବଧି ଗତକାଲି ଶେଷ ହେଉଥିବାବେଳେ ଛାତ୍ରଛାତ୍ରୀଙ୍କ ଆବେଦନକୁ ଦୃଷ୍ଟିରେ ରଖି ଅବଧି ବୃଦ୍ଧି କରାଯାଇଛି। ଆବେଦନରେ କୌଣସି ତ୍ରୁଟି ଥିଲେ ୨୩ ତାରିଖ ୧୧ଟା ମଧ୍ୟରେ ସଂଶୋଧନ କରିପାରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏପ୍ରିଲ ୨୩ ରେ ଏସ୍‌ଏସ୍‌ବି ୱେବସାଇଟ୍‌ରେ ଆଡମିଟ୍ କାର୍ଡ ପ୍ରକାଶ ପାଇବା ପରେ ୨୭ରୁ ମେ ୧୦ ମଧ୍ୟରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ୧୧ ତାରିଖରେ ପ୍ରୋଭିଜିନାଲ୍ ଆନସାର୍ କି ପ୍ରକାଶ ପାଇବା ପରେ କୌଣସି ଉତ୍ତରକୁ ନେଇ ପରୀକ୍ଷାର୍ଥୀଙ୍କ କୌଣସି ଆପତ୍ତି ଥିଲେ ୧୨ ରୁ ୧୪ ମଧ୍ୟରେ ଅଭିଯୋଗ ଦାଖଲ କରିପାରିବେ।

## ଜବତ ବେଆଇନ ବାଣ ବିକ୍ରି ପାଇଁ ଅନୁମତି ଦେଲେ ହାଇକୋର୍ଟ

### ମାମଲା ଫଇସଲା ପର୍ଯ୍ୟନ୍ତ ବିକ୍ରିଲବ୍ଧ ଅର୍ଥ ବ୍ୟାଙ୍କରେ ଜମା ରହିବ

କଟକ, ୧୯ ।୩ (ସମିସ): ପୁଲିସ ଦ୍ୱାରା ଜବତ ହୋଇଥିବା ବେଆଇନ ବାଣକୁ ବିକ୍ରି ପାଇଁ ଅନୁମତି ପ୍ରଦାନ କରିଛନ୍ତି ହାଇକୋର୍ଟ। ଜବତ ବାଣଗୁଡ଼ିକୁ ସର୍ତ୍ତମୂଳକ ଭାବେ ଆବେଦନକାରୀଙ୍କୁ ଫେରସ୍ତ କରାଯିବ। ଆବେଦନକାରୀ ଏହି ବାଣଗୁଡ଼ିକୁ କେବଳ ଜଣେ ଲାଇସେନ୍ସପ୍ରାପ୍ତ ବ୍ୟବସାୟୀଙ୍କୁ ହିଁ ବିକ୍ରି କରିପାରିବେ ଏବଂ ସେହି ବ୍ୟବସାୟୀଙ୍କ ସମସ୍ତ ତଥ୍ୟ କୋର୍ଟଙ୍କୁ ପ୍ରଦାନ କରିବାକୁ ପଡ଼ିବ। ସେହିଭଳି ବାଣ ବିକ୍ରିରୁ ମିଳିଥିବା ସମସ୍ତ ଅର୍ଥ ନିମ୍ନ ଅଦାଲତରେ ଜମା କରାଯିବ। ପରେ ଏହି ଅର୍ଥକୁ ଏକ ସୁଧ ମିଳୁଥିବା ବ୍ୟାଙ୍କ ଆକାଉଣ୍ଟରେ ରଖାଯିବ। ଏହି ଜମାରାଶି ମାମଲାର ଚୂଡ଼ାନ୍ତ ନିଷ୍ପତ୍ତି ଉପରେ ନିର୍ଭର କରିବ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମୀନକେତନ ସାହୁଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ୍ ଭି. ନରସିଂହ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ ଧର୍ମଗଡ଼ ଏସ୍‌ଡିଜେଏମ୍ ଅଦାଲତଙ୍କ ନିର୍ଦ୍ଦେଶକୁ ରଦ୍ଦ କରିଛନ୍ତି ହାଇକୋର୍ଟ। ଏହି ପ୍ରକ୍ରିୟାରେ ବିସ୍ଫୋରକ ଅଧିନିୟମ, ୧୮୮୪ ଏବଂ ବିସ୍ଫୋରକ ନିୟମାବଳୀ, ୨୦୦୮ର ସମସ୍ତ ନିୟମାବଳୀ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକାଶିତ ରାୟରେ ହାଇକୋର୍ଟ କହିଛନ୍ତି ଯେ ବାଣଗୁଡ଼ିକ ଅଧିକ ଦିନ ରହିଲେ ଶୀଘ୍ର ନଷ୍ଟ ହୋଇଯିବାର ସମ୍ଭାବନା ରହିଛି। ବାଣଗୁଡ଼ିକ ନଷ୍ଟ ହୋଇଯିବା ଅପେକ୍ଷା ଏହାକୁ କିଛି ନିର୍ଦ୍ଦିଷ୍ଟ ସର୍ତ୍ତରେ ମୁକ୍ତ କରିବା ନ୍ୟାୟର ପରିପନ୍ଥୀ ହେବ ବୋଲି ହାଇକୋର୍ଟ ମତ ଦେଇଛନ୍ତି। ଆବେଦନକାରୀ ବାଣ ଫେରସ୍ତ ପାଇବାର ଦୁଇ ସପ୍ତାହ ମଧ୍ୟରେ ବିକ୍ରି ପ୍ରକ୍ରିୟା ଶେଷ କରିବାକୁ ହେବ। ବାଣଗୁଡ଼ିକୁ ମୁକ୍ତ କରିବା ପୂର୍ବରୁ ସେଗୁଡ଼ିକର ଫଟୋଗ୍ରାଫି ଏବଂ ଭିଡିଓଗ୍ରାଫି କରାଯିବ। ଏଥିରେ ବ୍ୟାଚ୍ ନମ୍ବର ଏବଂ ବାଣର ପ୍ରକାର ସ୍ପଷ୍ଟ ଭାବେ ଦେଖାଯିବା ଆବଶ୍ୟକ, ଯାହାକୁ ପରବର୍ତ୍ତୀ ସମୟରେ ପ୍ରମାଣ ଭାବେ ବ୍ୟବହାର କରାଯାଇପାରିବ ବୋଲି ଅଦାଲତ କହିଛନ୍ତି।

ପ୍ରକାଶଥାଉକି, ଲକ୍ଷାଧିକ ଟଙ୍କାର ଜବତ ବାଣ ଫେରସ୍ତ ଆବେଦନ କରି ଏସ୍‌ଡିଜେଏମଙ୍କ ଅଦାଲତରେ ଆବେଦନକାରୀ ଦାୟର କରିଥିବା ଆବେଦନ ଖାରଜ ହେବାରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ସରକାରୀ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ନାଗରିକଙ୍କୁ କ୍ଷତିପୂରଣରୁ ବଞ୍ଚିତ କରାଯାଇ ପାରିବ ନାହିଁ : ହାଇକୋର୍ଟ

କଟକ, ୧୯ ।୩ (ସମିସ): କୌଣସି ଜନହିତକର କାର୍ଯ୍ୟରେ ବ୍ୟବହୃତ ବ୍ୟକ୍ତିଗତ ଜମିର ମାଲିକଙ୍କୁ ତାଙ୍କର ନ୍ୟାୟସଙ୍ଗତ କ୍ଷତିପୂରଣରୁ ସରକାର ବଞ୍ଚିତ କରିପାରିବେ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ହାଇକୋର୍ଟ କହିଛନ୍ତି ଯେ ଯେତେବେଳେ ଜଣେ ନାଗରିକଙ୍କ ଜମି ସରକାରୀ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହୁଏ, ସେତେବେଳେ ସେ କ୍ଷତିପୂରଣ ପାଇବାକୁ ସମ୍ପୂର୍ଣ୍ଣ ହକ୍‌ଦାର। ବ୍ରହ୍ମପୁରର ଏକ ଜଳଯୋଗାଣ ପ୍ରକଳ୍ପ ପାଇଁ ଜଣେ ବ୍ୟକ୍ତିଙ୍କ ନିଜସ୍ୱ ଜମି ବ୍ୟବହାର କରାଯାଇଥିବାରୁ ଜମି ମାଲିକଙ୍କୁ ୧୨ ପ୍ରତିଶତ ସୁଧ ସହ କ୍ଷତିପୂରଣ ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ବିଷ୍ଣୁପ୍ରସାଦ ସାହୁଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ୍ ବି.ପି. ରାଉତରାୟ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆସନ୍ତା ୬ ସପ୍ତାହ ମଧ୍ୟରେ ଆବେଦନକାରୀଙ୍କ କ୍ଷତିର ଆକଳନ କରି ସରକାର ଏକ କ୍ଷତିପୂରଣ ରାଶି ସ୍ଥିର କରିବେ। ନିର୍ଦ୍ଧାରିତ କ୍ଷତିପୂରଣ ରାଶିକୁ ଗତ ୨୦୧୯ ଡିସେମ୍ବରରୁ ବାର୍ଷିକ ୧୨ପ୍ରତିଶତ ସୁଧ ହାରରେ ପ୍ରଦାନ କରିବାକୁ ହେବ। କ୍ଷତିପୂରଣ ନିର୍ଦ୍ଧାରଣ ହେବାର ୪ ସପ୍ତାହ ମଧ୍ୟରେ ସମସ୍ତ ଅର୍ଥ ଏବଂ ଆନୁଷଙ୍ଗିକ ଖର୍ଚ୍ଚ ଆବେଦନକାରୀଙ୍କୁ ପ୍ରଦାନ କରାଯିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ 'ଗ୍ରେଟର୍ ବ୍ରହ୍ମପୁର ଜଳ ଯୋଗାଣ ପ୍ରକଳ୍ପ' (ଜାନିବିଲି ପ୍ରକଳ୍ପ) ପାଇଁ ଆବେଦନକାରୀଙ୍କ ବିନା ଅନୁମତିରେ ତାଙ୍କ ଜମି ମଧ୍ୟରେ ୧୧୦୦ ମିଲିମିଟର ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବିଶାଳ ପାଇପ୍ ଲାଇନ୍ ବିଛାଯାଇଥିଲା। ପାଇପ୍ ଲାଇନ୍ ବିଛାଯିବା ଯୋଗୁଁ ଆବେଦନକାରୀଙ୍କର ପ୍ରାୟ ୫୫ବର୍ଗମିଟର ଜମି ପ୍ରଭାବିତ ହୋଇଥିବା କଥା ସ୍ପଷ୍ଟ ହୋଇଛି। ଅନ୍ୟପଟରେ ଆବେଦନକାରୀ ବାରମ୍ବାର ବିଭିନ୍ନ କର୍ତ୍ତୃପକ୍ଷଙ୍କୁ ଜଣାଇବା ସତ୍ତ୍ୱେ ଏପର୍ଯ୍ୟନ୍ତ ତାଙ୍କୁ କୌଣସି କ୍ଷତିପୂରଣ ଦିଆଯାଇନଥିବାରୁ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ମାମଲା ଶୁଣାଣି ବେଳେ ରାଜ୍ୟ ସରକାର ସ୍ୱୀକାର କରିଥିଲେ ଯେ ଟ୍ରାଫିକ୍ ଏବଂ ଅନ୍ୟାନ୍ୟ ଜଟିଳତା ଏଡ଼ାଇବା ପାଇଁ ପାଇପ୍ ଲାଇନ୍‌ଟିକୁ ରାସ୍ତା ପରିବର୍ତ୍ତେ ଆବେଦନକାରୀଙ୍କ ପତିତ ଜମି ଦେଇ ନିଆଯାଇଛି। ଏଣୁ ସୁଧ ସହ ଉପଯୁକ୍ତ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ।

## ବିସ୍ମୃତ ଖାଦ୍ୟ ଓ ବିଲୁପ୍ତପ୍ରାୟ ଶସ୍ୟର ପୁନରୁଦ୍ଧାର ପାଇଁ ପଦକ୍ଷେପ

### ୨୪୭.୦୨୪ କୋଟି ଟଙ୍କାର ବୁଝାମଣାପତ୍ର ସ୍ୱାକ୍ଷର




ଭୁବନେଶ୍ୱର,୧୯ ।୩(ସମିସ): ପୁଷ୍ଟିକର ଓ ସ୍ୱାସ୍ଥ୍ୟପ୍ରଦ ଗୁଣବତ୍ତା ଯୋଗୁଁ ଜୈବ ବିବିଧତାରେ ପରିପୂର୍ଣ୍ଣ ଓଡ଼ିଶାର ଖାଦ୍ୟଶସ୍ୟର ଏକ ଅନନ୍ୟ ପରିଚୟ ରହିଛି। ସମୟକ୍ରମେ ଏଥିରୁ କିଛି ଖାଦ୍ୟ ବିସ୍ମୃତ ଓ ବିଲୁପ୍ତ ପ୍ରାୟ ଅବସ୍ଥାରେ ପହଞ୍ଚିଛି। ବିସ୍ମୃତ ଖାଦ୍ୟ ଓ ବିଲୁପ୍ତ ପ୍ରାୟ ଶସ୍ୟର ପୁନରୁଦ୍ଧାର ପାଇଁ ଏକ ଯୋଜନା ଆଣିଛନ୍ତି ରାଜ୍ୟ ସରକାର। ଓଡ଼ିଶାର ୧୫ଟି ଜିଲ୍ଲାର ୨୫ଟି ଜୈବ ବିବିଧତାରେ ପରିପୂର୍ଣ୍ଣ ବ୍ଲକ ଯଥା ଗନ୍ଧମାର୍ଦ୍ଦନ, ନିୟମଗିରି, ସୁନାବେଡ଼ା, ସାତକୋଶିଆ, ଗୁପ୍ତେଶ୍ୱର, ମାଲ୍ୟଗିରି ଓ ଶିମିଳିପାଳ ଭଳି ପ୍ରମୁଖ ଅଞ୍ଚଳରେ କାର୍ଯ୍ୟକାରୀ ହେବାକୁ ଯାଉଛି। ପାରମ୍ପରିକ ଫସଲ ଓ ଦେଶୀ ବିହନ ପ୍ରଜାତି ଯାହା ପ୍ରଚଳିତ କୃଷିରୁ ଲୋପ ପାଇଯାଉଛି, ତାହାର ସଂରକ୍ଷଣ ଓ ପ୍ରୋତ୍ସାହନ ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ। ବିସ୍ମୃତ ଖାଦ୍ୟ ଓ ବିଲୁପ୍ତ ପ୍ରାୟ ଖାଦ୍ୟଶସ୍ୟର ପୁନଃରୁଦ୍ଧାର ନିମନ୍ତେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ୱାଟରସେଡ୍ ସପୋର୍ଟ ସର୍ଭିସ୍ ଆଣ୍ଡ ଆକ୍ଟିଭିଟିଜ ନେଟୱର୍କ (ୱାସନ) ସହ ପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ ଆଜି ସ୍ୱାକ୍ଷରିତ ହୋଇଛି। ଏହି ଯୋଜନା ଆଗାମୀ ୫ ବର୍ଷ (୨୦୨୫-୨୬ ରୁ ୨୦୨୯-୩୦) ପାଇଁ ରହିଛି ଏବଂ ଏଥିପାଇଁ ମୋଟ ୨୪୭. ୦୨୪ କୋଟି ଟଙ୍କା ରଖାଯାଇଛି। କାର୍ଯ୍ୟକ୍ରମରେ ବିଭାଗ କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମନ, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା, ଅତିରିକ୍ତ ଶାସନ ସଚିବ ଡ. ଗଣେଶ୍ୱର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଅବହେଳିତ ଫସଲଗୁଡିକର ତଥ୍ୟାବଳୀ ପ୍ରସ୍ତୁତି ଓ ସଂରକ୍ଷଣ, ପାରମ୍ପରିକ ଓ ଦେଶୀ ପ୍ରଜାତିର ଚାଷର ବିସ୍ତାର, ଅବହେଳିତ ଫସଲର ପୁନର୍ବାର ଚାଷ, ରାଜ୍ୟ ସମ୍ବଳ କେନ୍ଦ୍ର ସ୍ଥାପନା, କମଳା ପୂଜାରୀ ବୃତ୍ତି କାର୍ଯ୍ୟକ୍ରମ, କୃଷକ କ୍ଷେତ୍ର ପାଠଶାଳା, ପାରମ୍ପରିକ ଖାଦ୍ୟର ପୋଷଣ ତଥ୍ୟାବଳୀ, ମୂଲ୍ୟବୃଦ୍ଧି ଏବଂ ବିସ୍ମୃତ ଶସ୍ୟରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ସାମଗ୍ରୀ ଓ ବ୍ୟବସାୟୀକରଣ ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଇରାନର ପ୍ରତିଶୋଧ...

ଏହାର ପ୍ରତିଶୋଧ ନେବାକୁ ଯାଇ ଏହା ପଡ଼ୋଶୀ ସାଉଦୀ ଏବଂ କତାରର ବଡ଼ ବଡ଼ ତୈଳ ପ୍ରତିଷ୍ଠାନ ଉପରେ ଘନ ଘନ ବୋମାମାଡ଼ କରି ଛାରଖାର କରିଦେଇଛି। ଫଳରେ ସାରା ବିଶ୍ୱରେ ତୈଳ ସଙ୍କଟ ଆହୁରି ଉତ୍କଟ ହେବାକୁ ଲାଗିଲାଣି। ଏହାକୁ ନେଇ ବ୍ୟସ୍ତ ହୋଇପଡ଼ିଥିବା ଆମେରିକାର ରାଷ୍ଟ୍ରପତି ଇସ୍ରାଏଲ ଉପରେ ବିରକ୍ତି ପ୍ରକାଶ କରି ଏଭଳି ଭୁଲ ନକରିବାକୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ ଇରାନର 'ସାଉଥ ପାର୍ସ' ଗ୍ୟାସ୍ ଫିଲ୍ଡ ଉପରେ ଇସ୍ରାଏଲ ଯେଉଁ ଆକ୍ରମଣ କରିଛି, ସେ ସଂପର୍କରେ ଆମେରିକାକୁ ସୂଚନା ଦେଇନଥିଲା। ଇସ୍ରାଏଲ ଆଉ ଏଭଳି ଆକ୍ରମଣ କରିବ ନାହିଁ ବୋଲି ସେ ପ୍ରତିଶ୍ରୁତି ଦେବା ସହିତ କତାର ଉପରେ ଆକ୍ରମଣ ନକରିବା ଲାଗି ଇରାନକୁ ଚେତାବନୀ ଦେଇଛନ୍ତି।

ତେଲ ପରିବହନ ପାଇଁ ଇରାନ ପକ୍ଷରୁ ହର୍ମୁଜ ସମୁଦ୍ର ପଥକୁ ବନ୍ଦ କରିଦିଆଯିବା ପରେ ତେଲ ସଙ୍କଟ ସୃଷ୍ଟି ହୋଇଥିବା ବେଳେ ସାଉଦି ଏବଂ କତାର ତେଲ ପ୍ରତିଷ୍ଠାନ ଉପରେ ଇରାନ ଆକ୍ରମଣ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି। ସାଉଦି ଆରବର ଗୁରୁତ୍ୱପୂର୍ଣ୍ଣ ୟାନବୁ ବନ୍ଦର ଉପରେ ଇରାନ ପ୍ରଚଣ୍ଡ କ୍ଷେପଣାସ୍ତ୍ର ଓ ବୋମାମାଡ଼ କରିଛି। ଲୋହିତ ସାଗର ସ୍ଥିତ ୟାନବୁ ବନ୍ଦରରେ ଥିବା ସାଉଦିର ବୃହତ୍ତ ଆରାମକୋର ତୈଳ ବିଶୋଧନାଗାର ଭୀଷଣ ଭାବେ କ୍ଷତିଗ୍ରସ୍ତ ହୋଇଛି। ଇରାନର ଇସ୍‌ଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ପକ୍ଷରୁ ସାମରେଫ୍ ସମେତ ସାଉଦି ଆରବ, ୟୁଏଇ ଓ କତାରର ଅନେକ ତୈଳ ପ୍ରତିଷ୍ଠାନକୁ ଖାଲି କରିବା ପାଇଁ ଦିଆଯାଇଥିବା ଚେତାବନୀ ପରେ ଏହି ଏହି ଆକ୍ରମଣ ହୋଇଛି। ଏହାସହିତ କତାରର ରାସ୍ ଲାଫାନ ଏଲ୍‌ଏନ୍‌ଜି ପ୍ଲାଣ୍ଟ ଉପରେ ମଧ୍ୟ ଇରାନ କ୍ଷେପଣାସ୍ତ୍ର ମାଡ଼ କରିଛି। ଆକ୍ରମଣ ଯୋଗୁଁ ପ୍ଲାଣ୍ଟର ବ୍ୟାପକ କ୍ଷୟକ୍ଷତି ହୋଇଛି। ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତୈଳ ଯୋଗାଣ ହେଉଥିବା ହର୍ମୁଜ ପ୍ରଣାଳୀ ବନ୍ଦ ହେବା ପରେ ୟାନବୁ ବନ୍ଦର ହିଁ ରପ୍ତାନୀ ପାଇଁ ଶେଷ ଆଶା ଥିଲା। କିନ୍ତୁ ଏଠାରେ ଆକ୍ରମଣ ହେବା ପରେ ଫଳରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ବୃଦ୍ଧି ପାଇବା ସହ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଇରାକ ଓ ଇରାନ ସମେତ ଉପସାଗରୀୟ ଅଞ୍ଚଳ ବିଶ୍ୱର ୩୧ ପ୍ରତିଶତ ତୈଳ ଓ ୮ରୁ ୧୭ ପ୍ରତିଶତ ଗ୍ୟାସ୍ ଉତ୍ପାଦନ କରିଥାଏ।

କତାରର ସବୁଠାରୁ ବଡ଼ ତଥା ବିଶ୍ୱର ଅନ୍ୟତମ ପ୍ରମୁଖ ଏଲ୍‌ଏନ୍‌ଜି ପ୍ଲାଣ୍ଟ ରାସ୍ ଲାଫାନ ଉପରେ ଇରାନର କ୍ଷେପଣାସ୍ତ୍ର ମାଡ଼ ହେବା ପରେ ଏବେ ଭାରତ ପାଇଁ ଚିନ୍ତା ବଢ଼ିଯାଇଛି। ଇରାନର ଏହି ଆକ୍ରମଣ ଯୋଗୁଁ ବିଶ୍ୱର ଏହି ବୃହତ୍ତମ ଏଲ୍‌ଏନ୍‌ଜି ସୁବିଧାରେ ଉତ୍ପାଦନ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଯାଇଛି। ଇସ୍ରାଏଲର ସାଉଥ ପାର୍ସ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଇରାନ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଗତ ୩ ସପ୍ତାହ ଧରି ଚାଲିଥିବା ଏହି ଯୁଦ୍ଧ କାରଣରୁ ବିଶ୍ୱର ସବୁଠାରୁ ବ୍ୟସ୍ତ ବହୁଳ ହର୍ମୁଜ ପ୍ରଣାଳୀ ଏବେ ଯୁଦ୍ଧ କ୍ଷେତ୍ରରେ ପରିଣତ ହୋଇଛି। ଏଠାରେ ୭୦୦ରୁ ଅଧିକ ମାଲବାହୀ ଜାହାଜ ଅଟକି ରହିଛନ୍ତି। ଭାରତୀୟ ଦୃଷ୍ଟିକୋଣରୁ ଏହି ସଙ୍କଟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ ଭାରତ ନିଜର ଶକ୍ତି ଆବଶ୍ୟକତା ପାଇଁ ବହୁ ପରିମାଣରେ କତାର ଉପରେ ନିର୍ଭର କରିଥାଏ। ଭାରତ ନିଜର ପ୍ରାକୃତିକ ଗ୍ୟାସ ଆବଶ୍ୟକତାର ୫୦ ପ୍ରତିଶତ ଅନ୍ତର୍ଜାତୀୟ ବଜାରରୁ ଆଣିଥାଏ। ଏଥିମଧ୍ୟରୁ ପ୍ରାୟ ୨୦ ପ୍ରତିଶତ କତାରରୁ ଆସିଥାଏ। ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଗ୍ୟାସ ଯୋଗାଣ ବାଧାପ୍ରାପ୍ତ ହେବା ଫଳରେ ଭାରତକୁ ଶିଳ୍ପ ଓ ବିଦ୍ୟୁତ ଉତ୍ପାଦନ କ୍ଷେତ୍ରରେ ଗ୍ୟାସ ବ୍ୟବହାର କମାଇବାକୁ ପଡ଼ିବ। ଭାରତ ଦୈନିକ ୧୮୯ ଏମ୍‌ଏମ୍‌ଏସ୍‌ସିଏମ୍‌ଡି ବ୍ୟବହାର ମଧ୍ୟରୁ ପ୍ରାୟ ୪୭.୪ ଏମ୍‌ଏମ୍‌ଏସ୍‌ସିଏମ୍‌ଡି ଯୋଗାଣ ଏବେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ସ୍ଥିତିକୁ ଦୃଷ୍ଟିରେ ରଖି ଭାରତୀୟ ସରକାରୀ ଗ୍ୟାସ୍ କମ୍ପାନୀଗୁଡ଼ିକ ଏବେ ଅନ୍ୟ ନୂତନ ଉତ୍ସରୁ ଏଲଏନ୍‌ଜି କିଣିବା ପାଇଁ ଅର୍ଡର ଆରମ୍ଭ କରିଛନ୍ତି। ଶକ୍ତି ଅର୍ଥନୀତିଜ୍ଞ କିରିଟ୍ ପାରିଖଙ୍କ ଅନୁଯାୟୀ, ଭାରତକୁ ଏହି ପରିସ୍ଥିତିରେ ନିଜର ଘରୋଇ ଗ୍ୟାସ୍ ବ୍ୟବହାର ଉପରେ କଡ଼ା ନିୟନ୍ତ୍ରଣ ରଖିବାକୁ ହେବ।

### ସେୟାର ବଜାରରେ...

ଏକ୍ସଚେଞ୍ଜ (ନିଫ୍‌ଟି) ସୂଚକାଙ୍କରେ ହ୍ରାସ ଦେଖିବାକୁ ମିଳିଛି। ବଜାରର ଏଭଳି ସ୍ଥିତିରେ ନିବେଶକମାନେ ପ୍ରାୟ ୧୨ ଲକ୍ଷ କୋଟି ଟଙ୍କା ହରାଇଥିବା ଜଣାପଡିଛି। କାବରାରରେ ନିଫ୍‌ଟିରେ ୭୭୫.୬୫ ପଏଣ୍ଟ ଅର୍ଥାତ ୩.୨୬%ହ୍ରାସ ହୋଇଥିବା ବେଳେ ୨୩,୦୦୨ରେ ବନ୍ଦ ହୋଇଛି। ସେହିପରି ଆଜି ସେନସେକ୍ସରେ ୨,୪୯୬.୮୯ ପଏଣ୍ଟ ଅର୍ଥାତ ୩.୨୬% ହ୍ରାସ ଘଟି ତାହା ୭୪,୨୦୭.୨୪ ପଏଣ୍ଟରେ ବନ୍ଦ ହୋଇଥିବାବେଳେ ନିଫ୍‌ଟିରେ ୭୭୫.୬୫ ପଏଣ୍ଟ ଅର୍ଥାତ ୩.୨୬% ହ୍ରାସ ଘଟି ୨୩,୦୦୨ କାରବାର ଶେଷ ହୋଇଛି। ପାଖାପାଖି ୨ ବର୍ଷ ପରେ ଉଭୟ ସୂଚକାଙ୍କରେ ଏଭଳି ବୃହତ୍ ହ୍ରାସ ଘଟିଛି। ଏହି ପରିସ୍ଥିତିର ସେତେବେଳେ ଆରମ୍ଭ ହୋଇଛି ଯେତେବେଳେ ଅଶୋଧିତ ତୈଳ ଯୋଗାଣରେ ବାଧା ଭୟ ଦ୍ରୁତ ବଢିଥିଲା। ସାଉଦୀ ଆରବ ୟାନବୁ ବନ୍ଦରରେ ତୈଳ ଲୋଡିଂ ବନ୍ଦ କରାଯିବା ପରେ ବ୍ରେଣ୍ଟ କ୍ରୁଡ ମୂଲ୍ୟ ପାଖାପାଖି ୧୧% ବଢି ବ୍ୟାରେଲ ପିଛା ୧୧୯.୫ ଡଲାରରେ ପହଞ୍ଚିଛି। ଏଣୁ ଦିନରେ କାରବାର ମଧ୍ୟରେ ଘରୋଇ ସେୟାର ବଜାରରେ ଅସ୍ଥିରତା ଢ଼େର ବଢି ଯାଇଥିଲା। କେବଳ ଭାରତ ନୁହେଁ ବିଶ୍ୱର ଅଧିକାଂଶ ପୁଞ୍ଜି ବଜାରର ବେଞ୍ଚମାର୍କ ସୂଚକାଙ୍କ ଗୁରୁବାର ଦୁର୍ବଳ ରହିଛି। ଏଣୁ ମିଡ୍‌କ୍ୟାପ ଓ ସ୍ମଲ କ୍ୟାପ୍ ସେୟାରରେ ମୂଲ୍ୟ ହ୍ରାସ ଘଟିଛି। ଏଥିରେ ଉଭୟ ସୂଚକାଙ୍କରେ ୩% ହ୍ରାସ ପରିଲକ୍ଷିତ ହୋଇଛି। ବଜାର କାରବାରରେ ଅଟୋମୋବାଇଲ କ୍ଷେତ୍ର ସର୍ବାଧିକ ପ୍ରଭାବିତ ହୋଇଥିବାବେଳେ ଏହା ପଛକୁ ଆର୍ଥିକ ସେବା ଓ ଆଇଟି ସେୟାର ରହିଛି। ଏହି ସେୟାରଗୁଡିକ ପ୍ରାୟତଃ ବୈଶ୍ୱିକ ଅନିଶ୍ଚିତତାରେ ଋଣାତ୍ମକ ପ୍ରଦର୍ଶନ କରିଥାନ୍ତି। ଏଥିରୁ ବୈଶ୍ୱିକ ଆର୍ଥିକସ୍ଥିତି ଗୁରୁତର ହେଉଥିବାର ସୂଚନା ମିଳିଛି। ତେବେ ବିଶ୍ଳେଷକମାନେ କହିଛନ୍ତି ଯେ ବଜାରର ମୁଡ ଏବେ ସତର୍କ ରହିଛି। ଦୀର୍ଘ ସମୟ ପର୍ଯ୍ୟନ୍ତ ଯୁଦ୍ଧ ଆହୁରି ବଢିବା ଓ ଶକ୍ତି କ୍ଷେତ୍ରର ବ୍ୟୟ ସମ୍ଭାବିତ ଆର୍ଥିକ ପ୍ରଭାବକୁ ନେଇ ନିବେଶକ ଏବେ ଚିନ୍ତିତ।

### ବିରୋଧୀ ଅଟଳ...

ବିଜେପି ବିଧାୟକମାନେ ବିରୋଧୀ ଦଳର ପ୍ରତିବାଦ ଓ ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରିବାକୁ ନିନ୍ଦା କରିଥିଲେ। ବିଜେପି ବିଧାୟକ ରୁପୁ ଭତ୍ରା, ମନୋରଞ୍ଜନ ଦ୍ୟାନ୍ ସାମନ୍ତରାୟ, ଭାସ୍କର ମଢେଇ, ପୂର୍ଣ୍ଣ ଚନ୍ଦ୍ର ସେଠୀ, ଦୁଷ୍ମନ୍ତ ସ୍ୱାଇଁ, ସନାତନ ବିଜୁଳି ପ୍ରମୁଖ କହିଥିଲେ ଯେ ବିଧାୟକମାନେ ନିଜ ନିଜ ଅଞ୍ଚଳର ସମସ୍ୟା କଥା ଆଲୋଚନା ପାଇଁ ଆଶା ରଖିଛନ୍ତି। ସରକାର ଏସସିବି ହସ୍ପିଟାଲ ଅଘଟଣ ଘଟିବା ପରେ ତତ୍ପରତା ଦେଖାଇଛନ୍ତି। ମୁଖ୍ୟମନ୍ତ୍ରୀ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରିଛନ୍ତି। ୪ ଜଣଙ୍କୁ ନିଲମ୍ବିତ କରାଯାଇଛି; ଏହାସହ ଏହି ଘଟଣାର ତଦନ୍ତ ଚାଲିଛି। ତଥାପି ବିରୋଧୀ ଦଳର ବିଧାୟକମାନେ ଗୃହ ଚଳାଇ ଦେଉନାହାନ୍ତି। ଏହା ଦୁର୍ଭାଗ୍ୟଜନକ ବୋଲି ସେମାନେ କ୍ଷୋଭ ପ୍ରକାଶ କରିଥିଲେ। ଅପରପକ୍ଷେ ଗୃହକୁ ସ୍ୱାଭାବିକ କରିବା ଲାଗି ବାଚସ୍ପତି ଗୃହକୁ ୧୧ ଟା ୫୬ ମିନିଟରେ ମୁଲତବୀ କରି ସର୍ବଦଳୀୟ ବୈଠକ ଡାକିଥିଲେ। ତେବେ ସର୍ବଦଳୀୟ ବୈଠକରୁ କୌଣସି ସୁଫଳ ମିଳି ନ ଥିବାରୁ ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବି ରଖିଥିଲେ। ଅପରାହ୍ନରେ ମଧ୍ୟ ଗୃହରେ ସମାନ ପ୍ରତିବାଦ, ହଟ୍ଟଗୋଳ ଜାରି ରହିଥିଲା। ଗତ ୨ ଦିନ ପରି ଗୁରବାର ମଧ୍ୟ ବିରୋଧୀ ଖର୍ଚ୍ଚଦାବୀ ଆଲୋଚନାକୁ ବର୍ଜନ କରିଥିଲେ। ଅପରପକ୍ଷେ ସରକାର ଜୋର ଜବରଦସ୍ତ ଗୃହ ଚଳାଉଛନ୍ତି ବୋଲି ଅଭିଯୋଗ କରିଛନ୍ତି ବିରୋଧୀ। ଗୃହ ବାହାରେ ପ୍ରତିକ୍ରିୟା ରଖି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି ଯେ ଏସସିବି ଘଟଣାରେ ସରକାର ନୈତିକ ଦାୟିତ୍ୱ ତୁଲାଉନାହାନ୍ତି। ଏପରିସ୍ଥଳେ ବାଚସ୍ପତି ଗଣତନ୍ତ୍ରକୁ ବଞ୍ଚାନ୍ତୁ। ପୂର୍ବ ସରକାରରେ ଅଗ୍ନିକାଣ୍ଡ ହେଲେ ପଦକ୍ଷେପ ନିଆଯାଉଥିଲା। ମାଲିକ ଠାରୁ ଆରମ୍ଭ କରି ହସ୍ପିଟାଲର କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଗିରଫ କରାଯାଇଛି। ଏପରିକି ସ୍ୱାସ୍ଥ୍ୟମନ୍ତ୍ରୀ ମଧ୍ୟ ଇସ୍ତଫା ଦେଇଛନ୍ତି। ମାତ୍ର ଏସସିବି ଘଟଣାରେ ୧୩ଜଣ ଜୀବନ ଗଲା ପରେ କାହିଁକି ସରକାର କାର୍ଯ୍ୟାନୁଷ୍ଠାନ ନେବେ ନାହିଁ। ତୁରନ୍ତ ନୈତିକ ଦାୟିତ୍ୱ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି।

### ନବୀନଙ୍କ ସହ...

ରହି ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରି ଦଳ ବିରୋଧୀ କାର୍ଯ୍ୟ କରିବା ଏବଂ ନବୀନ ପଟ୍ଟନାୟକଙ୍କ ସହ ବିଶ୍ୱାସଘାତକତା କରିଥିବା ଶ୍ରୀମତୀ ଜେନାଙ୍କୁ ଆଗାମୀ ଦିନରେ ଓଡ଼ିଶାବାସୀ ଉଚିତ୍ ଜବାବ ଦେବେ। ରାଜ୍ୟସଭା ନିର୍ବାଚନରେ ଘୋଡ଼ା ବେପାରରେ ସାମିଲ ହୋଇ ଅର୍ଥ ଲୋଭରେ ଶ୍ରୀମତୀ ଜେନା ଯେଉଁ ଦଳବିରୋଧୀ କାର୍ଯ୍ୟ କରିଛନ୍ତି ତାହାକୁ ଯେତେ କଡ଼ା ଭାଷାରେ ନିନ୍ଦା କଲେ କମ ହେବ। ଯଦି ନୈତିକ ସାହସ ଅଛି ତେବେ ସେ ତୁରନ୍ତ ବିଧାୟିକା ପଦରୁ ଇସ୍ତଫା ଦିଅନ୍ତୁ ବୋଲି ସ୍ନେହାଙ୍ଗିନୀ ଆହ୍ୱାନ ଦେଇଛନ୍ତି । ଏହି ପ୍ରତିବାଦ ସଭା କାର୍ଯ୍ୟକ୍ରମରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କର୍ପୋରେଟର ସର୍ବଶ୍ରୀ ଭାରତୀ ସିଂହ, ନୃପେଶ ନାୟକ, କେ. ଶାନ୍ତି, ମାନସୀ ସୁନ୍ଦରରାୟ, ରଞ୍ଜୁଲତା ରାୟ, ପ୍ରଭାସିନୀ ସେଠୀ, ଅଲିଅଳି ମଲ୍ଲିକ, ବରିଷ୍ଠ ନେତ୍ରୀ ସାରଳା ସ୍ୱାଇଁ, ସସ୍ମିତା ନନ୍ଦ, ବନଜା ମହାନ୍ତି, ଲୋରା ମହାପାତ୍ର, ଜ୍ୟୋସ୍ନା ପରଜା, ରୁନୁ ଜେନା, ମୋନାଲିସା ଗନ୍ତାୟତ, ଲକ୍ଷ୍ମୀ ସାହୁ, ଇଲା ସ୍ୱାଇଁ, ତିଳୋତ୍ତମା ଚୌଧୁରୀ, ସ୍ମିତା ସ୍ୱାଇଁ, ସୁସ୍ମିତା ଦାସ ଏବଂ ବିଜୁ ମହିଳା ଜନତା ଦଳର ହଜାର ହଜାର ମହିଳା ସମର୍ଥକ ସାମିଲ ହୋଇଥିଲେ।


## ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. 65-KUR-TRD-OT-2025-26

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ (KUR) ମଣ୍ଡଳରେ ଷ୍ଟ୍ରେନ୍ କ୍ଲାମ୍ପ (Strain Clamp)ରେ ଫିଡର ୱାୟର ଛିଡ଼ିବାକୁ ଏଡ଼ଇବା ପାଇଁ ଷ୍ଟ୍ରେନ୍ କ୍ଲାମ୍ପରୁ ଫିଡର ୱାୟରର ବିଭାଜନକୁ ନିବାରଣ କରିବା ନିମନ୍ତେ ଷ୍ଟାଣ୍ଡାର୍ଡ ଟର୍ମିନେସନ୍ (Standard Termination) ଆରେଞ୍ଜମେଣ୍ଟର ରୂପାନ୍ତରଣ / ବ୍ୟବସ୍ଥା।

**ବିଜ୍ଞାପିତ ମୂଲ୍ୟ :** ₹ 1,97,10,244.28, EMD : ₹ 2,48,600/-, ଶେଷ ହେବା ଅବଧି : 180 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.20.03.2026ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.03.04.2026ରିଖ 1300 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼

PR-1243/Q/25-26

## AFFIDAVIT

I Sovika Das, W/o Subhananda Pradhan Resident of Fringi Bazar, Po- Telenga Bazar, Ps-Purighat, Dist-Cuttack, Pin-753009 Odisha Declare By This Affidavit No 470 dtd-20/01/2026 That Now Onwards I shall Be Known As **Sovika Pradhan** For All Future Purposes.

## AFFIDAVIT

I, Suryamani Hantal, daughter of Late Mangala Das, wife of Late Mohan Das, resident of Village: Kuda, P.O: Gollur, P.S: Padwa, Dist: Koraput, Odisha, PIN: 764038, have changed my name to Suryamani Das as per affidavit no.25 dated 16/03/2026 sworn before the Executive Magistrate, Nandapur, Dist: Koraput, Odisha. Henceforth, I shall be known as **Suryamani Das** for all purposes.

**Suryamani Das**

## AFFIDAVIT

By virtue of an affidavit before the Tahasilder cum Executive Magistrate, Betnoti, affidavit no-4816 on dated 03/12/2025. I Krushna Chandra Mohanta s/o-Surendra Mohanta, At:-Astrapura, Po.- Aguad, p.s. Badasahi, dist:-Mayurbhanj, pin:- 757025, Odisha, which is my and my father actual Name mentioned in my Voter card. But in my adhara card wrongly it is mentioned as Krisna Mahanta S/o- Suren Mahanta So from today I will be known as **Krushna Chandra Mohanta,** S/o, Surendra Mohanta for all purpose.

## AFFIDAVIT

By virtue of an affidavit sworn before the Notary Public, Bhubaneswar on 19/03/2026, I, **Soumya Sudatta Nanda,** aged 24 years, D/o Bibhudutta Nanda, residing at Flat No. 7, 4th Floor, Suryamani Apartment, Nayapalli, Bhubaneswar, Khordha, PIN-751015, Odisha solemnly affirm that my name **Sudatta Nanda** has been changed to **Soumya Sudatta Nanda** and it is one and same person which is myself. Hence, as mentioned in my Central Board of Secondary School Examination certificate, I will be known as **Soumya Sudatta Nanda** for all official and non-official purposes.

## AFFIDAVIT

By virtue of an affidavit (CF No. 01, dtd- 19/03/2026) sworn before the Executive Magistrate, Padampur. I, **Shyamlal Tandi** (new name), S/o Nanda Tandi, permanent & current resident of At- D.Nuapali, Po- Ganiapali, Ps- Melchhamunda, Dist-Bargarh, PIN: 768049, State-Odisha declare that I have changed my name from **Janaik Tandi** (old name) to **Shyamlal Tandi** (new name). Henceforth, I shall be known as **Shyamlal Tandi** (new name) for all future purposes.

**(Shyamlal Tandi)**

## AFFIDAVIT

By virtue of an affidavit no- 898, dated- 19/3/2026 sworn before Executive Magistrate, Banpur, declare that I, Babuli Behera, aged about- 36 years, W/o- Laxmidhar Jalli of Address At- Pathara, Po-Pathara, Ps- Khallikote, Dist-Ganjam, Odisha, Pin-761029, declare that I have changed my name from Babuli Jalli to Babuli Behera. Henceforth, I Babuli Jalli & Babuli Behera both are one and same person. But now onwards I shall be known as **Babuli Behera,** for all future purposes.

**Babuli Behera**

## LOST / ହଜିଛି

ଆମ୍ଭେ ଶ୍ରୀ ନିରଞ୍ଜନ ସେଠୀ, ବ୪ ୨ର୍ଷ, ପିତା-ଜାଗର ସେଠୀ, ସା/ପୋ- ପାଳିଆବିନ୍ଧା, ଥାନା-ତିହିଡି, ଜି-ଭଦ୍ରକ ଘୋଷଣା କରୁଅଛୁ କି ଗତ ତା ୦୪.୦୩.୨୦୨୬ ରିଖ ଦିନ ୧୨ ଘଟିକା ସମୟରେ ମୁଁ ତିହିଡି ବ୍ଲକ୍ ଅଫିସ୍‌କୁ ଆସୁଥିବା ସମୟରେ ମୋ ଡକ୍ୟୁମେଣ୍ଟ ବ୍ୟାଗ୍ କେଉଁଆଡେ ମୋ ଅଜାଣତରେ ପଡିଯାଇଅଛି। ଆମ୍ଭେ ବହୁତ ଖୋଜାଖୋଜି କରି ପାଇଲୁନାହିଁ । ଉକ୍ତ ବ୍ୟାଗ୍‌ରେ ଆମ୍ଭେ ଉମାକାନ୍ତ ପୃଷ୍ଟି, ସୁରେନ୍ଦ୍ର ପୃଷ୍ଟି, ପିତା-ଗଙ୍ଗାଧର ପୃଷ୍ଟି, ସା/ପୋ- ପାଳିଆବିନ୍ଧା, ଥାନା- ତିହିଡି, ଜି-ଭଦ୍ରକ ଙ୍କ ଠାରୁ କିଣିଥିବା ଅର୍ଜିନାଲ ବିକ୍ରସ୍ କବଲା ନଂ ୧୦୩୦୨୧୦୦୩୨୯, ମୌଜା-ପାଳିଆବିନ୍ଧା, ଖାତା ନଂ- ୧୩୬୨/୪୮୪, ପ୍ଲଟ୍ ନଂ- ୭୭୦, ଏରିଆ ଏ୦.୧୫ ଡି., କିଣା ତାରିଖ ତା ୧୫.୦୩.୨୦୨୧ ରିଖ ଉଦିଷ୍ଟ ଥିଲା । ଉକ୍ତ ହଜିବା ବିଷୟ ମୁଁ ତିହିଡି ଥାନାଧିକାରୀଙ୍କୁ ଅବଗତ କରାଇଅଛି ।

ସାକ୍ଷର / - ନିରଞ୍ଜନ ସେଠୀ
ମୋ.୦୭୮୭୩୨୭୦ ୭୨୦

## AFFIDAVIT

I, Govind Kumar Patel, aged about 73 years, S/o- Karshan Patel, resident of At- Shanti Nivas, Jail Road, Ps-Town, Dist- Balasore, Pin-756001, Odisha do hereby declare by this affidavit No. 950, dtd-06/02/2026, that now onwards I shall be known as **GOVIND PATEL** for all future purposes.

## Office of the Project Administrator, ITDA, Th. Rampur at Bhawanipatna

19001/92/2526

**e-procurement notice**

Letter No: 614 Date: 18.03.2026

The Project Administrator, ITDA, Thuamul Rampur at Bhawanipatna invites percentage rate of BIDs through e-Procurement for various civil works. BID documents consisting of details of work, estimated cost, cost of tender paper, EMD, time of completion, class of contractor, set of terms and conditions of contract and other necessary documents can be seen in the website www.tendersodisha.gov.in. The bidder should have necessary portal enrolment with his/her own Digital Signature Certificate (DSC).

1. No. of works: 02
2. Nature of work: Civil construction
3. BID identification No.: ITDA, THR-05/2025-26
4. Date and Time of availability of Bid document in portal: From 11:00 A.M. of 20.03.2026 to 31.03.2026 up to 5:00 P.M. for online bidding
5. Last date & time for receipt of BIDs in portal: 31.03.2026 up to 5:00 P.M.
6. BIDs received online shall be opened on: 02.04.2026 at 11:00 A.M.
7. Name and address of the officer: Project Administrator, ITDA, Th. Rampur at Bhawanipatna

OIPR-19001/19449/1/25-26/0006

**Project Administrator**
**ITDA, Th. Rampur, Bhawanipatna**

## यूनियन बैंक ऑफ इंडिया Union Bank of India

ଭାରତ ସରକାର କା ଉପକ୍ରମ / A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ:ଭୁବନେଶ୍ୱର**
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ଯେହେତୁ ନିମ୍ନସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଟଙ୍କପାଣି ରୋଡ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ କଥିତ ଆକ୍ଟର ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ବନ୍ଧକଦାତାଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ବିଶେଷ କରି ଋଣଗ୍ରହୀତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।** ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଟଙ୍କପାଣି ରୋଡ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

| ଟଙ୍କପାଣି ରୋଡ ଶାଖା / ଋଣଗ୍ରହୀତା/ବନ୍ଧକଦାତାଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ଶ୍ରୀ ବିନୋରୀ, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ବନ୍ଦନା ପ୍ରଧାନ,** ସା: ଏମ୍‌ଆଇଜି-୮୬, କଳିଙ୍ଗ ବିହାର ସ୍କୋୟାର, ଏମ୍ସ ନଗର, ପାତ୍ରପଡା, ଭୁବନେଶ୍ୱର, ଖୋର୍ଦ୍ଧା, ଓଡିଶା-୭୫୧୦୧୯ / **ବନ୍ଧକଦାତା: ଶ୍ରୀମତୀ ବନ୍ଦନା ପ୍ରଧାନ,** ପିତା: ଶ୍ରୀ ନିରଞ୍ଜନ ପ୍ରଧାନ, **ଠିକଣା-୧:** ସା: ପ୍ଲଟ୍ ନଂ.: ୩/୩୧୫, ଫେଜ୍-୩, ଡୁମୁଡୁମା ହାଉସିଂ ବୋର୍ଡ କଲୋନୀ, ପୋ: ଡୁମୁଡୁମା, ଥାନା: ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୧୯, **ଠିକଣା-୨:** ସା: ପ୍ଲଟ୍ ନଂ.: ୩୭/୪୬୮, ଖାତା ନଂ.: ୨୦୩/୭୨, ମୌଜା: ଚମ୍ପାପୁର, ଥାନା: ଖୋର୍ଦ୍ଧା, ଜିଲ୍ଲା: ଖୋର୍ଦ୍ଧା, ଓଡିଶା-୭୫୨୦୫୫ | ଟ.୨୫,୦୪,୯୦୪.୫୮ + ସେବାବଦ ସୁଧ | ୧୬.୧୨.୨୦୨୫ / ୧୭.୦୩.୨୦୨୬ | **ଶ୍ରୀମତୀ ବନ୍ଦନା ପ୍ରଧାନ,** ପିତା: ଶ୍ରୀ ନିରଞ୍ଜନ ପ୍ରଧାନଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୭/୪୬୮, ଖାତା ନଂ.: ୨୦୩/୭୨, ମୌଜା: ଚମ୍ପାପୁର, ଏସ୍‌ଆରଓ: ଖୋର୍ଦ୍ଧା, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, କ୍ଷେତ୍ର: ଏକର୦.୦୩୦ ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ବ୍ରଜବନ୍ଧୁ ବେହେରାଙ୍କ ପ୍ଲଟ୍ ନଂ.: ୧୦୮, ପୂର୍ବ: ରାଜ କିଶୋର ବେହେରାଙ୍କ ପ୍ଲଟ୍ ନଂ.: ୧୦୫, ପଶ୍ଚିମ: ପ୍ଲଟ୍ ନଂ.: ୩୭ |

**ସ୍ଥାନ: ଭୁବନେଶ୍ୱର**
**ତାରିଖ: ୧୯.୦୩.୨୦୨୬**

**ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ**
**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

● ଦୀର୍ଘ ୬୩ ବର୍ଷ ପରେ ବି ମହାବିଦ୍ୟାଳୟକୁ ମିଳୁନି ସରକାରୀ ମାନ୍ୟତା

# ଭିତ୍ତିଭୂମିରେ ହେଉନି ବିକାଶ, ପାଠପଢ଼ା ବାଧାପ୍ରାପ୍ତ

## ଦୁଇଟି ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ଦାବି



ରାଇରଙ୍ଗପୁର, ୧୯।୩(ସମିସ): ଆଦିବାସୀ ବହୁଳ ବାମନଘାଟି ଉପଖଣ୍ଡରେ ଉଚ୍ଚଶିକ୍ଷାର ମୁଖ୍ୟ ମାଧ୍ୟମ ରାଇରଙ୍ଗପୁର ମହାବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟକୁ ବର୍ତ୍ତମାନ ପର୍ଯ୍ୟନ୍ତ ସରକାରୀ ମାନ୍ୟତା ମିଳିପାରିନାହିଁ। ବାରମ୍ବାର ଦାବି ଜଣାଇବା ସତ୍ତ୍ୱେ ୬୩ ବର୍ଷ ପରେ ବି ମାନ୍ୟତା ଅଭାବରୁ ଭିତ୍ତିଭୂମିର ଉନ୍ନତି ସାଧିତ ହୋଇପାରୁନାହିଁ। ଯାହାକୁ ନେଇ ଆଦିବାସୀ ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷାରେ ବିକାଶ ସାଧିତ ହୋଇପାରୁନାହିଁ। ଉକ୍ତ ଦୁଇ ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ପ୍ରଦାନ ପାଇଁ ବିଧାନସଭାରେ ଦାବି ଉପସ୍ଥାପନ ହୋଇଛି।

ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ବିଧାନସଭାର ଶୂନ୍ୟକାଳରେ ରାଷ୍ଟ୍ରପତି ଅଞ୍ଚଳରେ ଥିବା ଉକ୍ତ ଦୁଇଟି ମହାବିଦ୍ୟାଳୟ ସରକାରୀ ମାନ୍ୟତା ଦାବି କରିଛନ୍ତି। ସରକାରୀ ମାନ୍ୟତା ପାଇଁ ମହାବିଦ୍ୟାଳୟ ପ୍ରତି ଏପର୍ଯ୍ୟନ୍ତ ସରକାରଙ୍କ ଶୁଭଦୃଷ୍ଟି ପଡ଼ିନାହିଁ। ଫଳରେ ଶିକ୍ଷା ଗ୍ରହଣ କ୍ଷେତ୍ରରେ ଆଦିବାସୀ ଅଧ୍ୟୁଷିତ ସମଗ୍ର ବାମନଘାଟି ଉପଖଣ୍ଡ ଓ ଆଖପାଖ ଅଞ୍ଚଳର ବିଦ୍ୟାର୍ଥୀଙ୍କ ପାଇଁ ବହୁ ଅସୁବିଧାର କାରଣ ସାଜିଛି। ସରକାରୀ ମାନ୍ୟତା ଅଭାବରୁ ଅନୁଦାନ ଆସିପାରୁନାହିଁ। ଯାହାଫଳରେ ଛାତ୍ରାବାସ ନାହିଁ। ଛାତ୍ରାବାସ ଅଭାବ ଥିବାରୁ ୨୦-୨୫ କିମି ଦୂର ଅଞ୍ଚଳରୁ ନିୟମିତ ଭାବେ ଛାତ୍ରଛାତ୍ରୀ ଯିବାଆସିବା କରୁଛନ୍ତି। ଅଧ୍ୟାପକଙ୍କ ସଂଖ୍ୟା କମ୍ ହେତୁ ଶିକ୍ଷାଦାନରେ ସମସ୍ୟା ହେଉଛି। କଲେଜ ସମ୍ମୁଖରେ ଭଲ ଫାଟକ ବି ନାହିଁ। ସାଇକଲ ଷ୍ଟାଣ୍ଡ ବା ଉନ୍ନତ ପାଠାଗାର, ବିଜ୍ଞାନାଗାର ଭଳି ମୌଳିକ ସୁବିଧା ମଧ୍ୟ ଉପଲବ୍ଧ ନାହିଁ। ପିଜି, ବିଇଡି, ବିଏ ଏଲଏଲବି ପାଠ୍ୟକ୍ରମ ନ ଥିବାରୁ ଛାତ୍ରଛାତ୍ରୀଙ୍କୁ ପଢ଼ିବାକୁ ଦୂରକୁ ଯିବାକୁ ପଡୁଛି। ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ବିପଦପୂର୍ଣ୍ଣ ଅବସ୍ଥାରେ ପୁରୁଣା ଆଜବେଷ୍ଟର କ୍ଲାସ୍‌ରୁମ ଶିକ୍ଷାଦାନ ହେଉଥିବା ବେଳେ ସ୍ମାର୍ଟ୍ କ୍ଲାସ ରୁମ ନାହିଁ। ମହାବିଦ୍ୟାଳୟରେ ଲାଇବ୍ରେରୀ ଓ ଇ- ଲାଇବ୍ରେରୀ ନ ଥିବାରୁ ଛାତ୍ରଛାତ୍ରୀଙ୍କ ଅନେକ ସମସ୍ୟା ହେଉଛି। ଗରିବ ଛାତ୍ରଛାତ୍ରୀ ପଢ଼ିବାରେ ବାଧକ ସାଜିଛି। ରାଇରଙ୍ଗପୁର ଅଧିକାଂଶ ଲୋକେ ଗରିବ ଶ୍ରେଣୀର ଅଟନ୍ତି। ଅନୁଦାନ ନ ମିଳିବାରୁ ଛାତ୍ରଛାତ୍ରୀ ଅଧିକ ଫି ଦେଇ ପଢୁଛନ୍ତି। ଫଳରେ ଟଙ୍କା ଅଭାବରୁ ଅନେକଙ୍କ ପାଠ ପଢ଼ିବାରେ ବେଡି ଲାଗୁଛି। ମହାବିଦ୍ୟାଳୟଟି ସମ୍ପୂର୍ଣ୍ଣ ସରକାରୀ ମାନ୍ୟତା ପାଇଲେ ନାମଲେଖା ଓ ପରୀକ୍ଷା ଫି’ ଛାତ୍ରଛାତ୍ରୀଙ୍କୁ ଅଧିକ ଦେବାକୁ ପଡ଼ିବ ନାହିଁ। ମହାବିଦ୍ୟାଳୟକୁ ସମ୍ପୂର୍ଣ୍ଣ ସରକାରୀ ମାନ୍ୟତା ମିଳିଲେ ଅନେକ ଗରିବ ଛାତ୍ରଛାତ୍ରୀ ଉପକୃତ ହେବେ ବୋଲି କହିଛନ୍ତି। ତେଣୁ ଦୁଇଟି ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ପ୍ରଦାନ କରିବା ନିହାତି ଆବଶ୍ୟକ ଅଟେ। ସରକାରୀ ମାନ୍ୟତା ମିଳିଲେ ଅନୁଦାନ ଆସିବା ସହ ଭିତ୍ତିଭୂମିର ଉନ୍ନତି ସାଧିତ ହେବ। ଏଥିପ୍ରତି ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ମନ୍ତ୍ରୀଙ୍କ ନିକଟରେ ନିବେଦନ କରିଛନ୍ତି।

# କପ୍ତିପଦାରେ ବାଆ ବଙ୍ଗା ପର୍ବ



କପ୍ତିପଦା, ୧୯।୩(ସମିସ): କପ୍ତିପଦା ବ୍ଲକର ମୁଣ୍ଡା ସମୁଦାୟଙ୍କ ଦ୍ୱାରା ବାଘବାସା ଗ୍ରାମରେ ପାରମ୍ପରିକ ଓ ଧାର୍ମିକ ଉତ୍ସାହ ସହିତ ପବିତ୍ର ବାଆ ବଙ୍ଗା ପର୍ବ ପାଳନ କରାଯାଇଛି। ଏହି ପର୍ବରେ ଶାଳ ଗଛ ଓ ଶାଳ ଫୁଲକୁ ପୂଜା କରାଯାଇ ସୁସ୍ଥ ଜୀବନ ଓ ଭଲ ଫସଲ ପାଇଁ ପ୍ରାର୍ଥନା କରାଯାଏ। ସୁଲା ସାକମ ବାଆ ବଙ୍ଗା ପରବ ବାଘବାସା, ଉପରଖୁଣ୍ଟା ଓ ସାଗୁଣୀବାସା ଗ୍ରାମବାସୀଙ୍କ ସଂଯୁକ୍ତ ପ୍ରୟାସରେ ଆୟୋଜିତ ଓ ପରିଚାଳିତ ହୋଇଥିଲା। ଲୋକମାନେ ଏକ ଶୋଭାଯାତ୍ରା କରି ଜଙ୍ଗଲରୁ ଶାଳ ଫୁଲ ଆଣି ବାଘବାସାର ପୂଜା ସ୍ଥଳକୁ ନେଇଥିଲେ। ପରେ ପାହାନମାନେ ପାରମ୍ପରିକ ଭାବେ ପୂଜା କରିଥିଲେ। ପୂଜା ପରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା। ମୁଣ୍ଡରୀ ଭାଷା ସମନ୍ୱୟ ସମିତିର କେନ୍ଦ୍ରୀୟ ଆବାହକ ବୀରବଲ ସିଂ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବୁଧିଆ ସିଂ, ଏମଏଲସିସି ଚାଳିତ ମୁଣ୍ଡାରୀ ଶିକ୍ଷା ବୋର୍ଡର ସଚିବ, ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ସେହିପରି ରବୀନ୍ଦ୍ର ନାଥ ସିଂ, ଭାରତ ମୁଣ୍ଡା ସମାଜ ଅଧ୍ୟକ୍ଷ ଓ ପାହାନ ରପୁ ନାଥ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଆୟୋଜନ କମିଟି ଅଧ୍ୟକ୍ଷ ପଦ୍ମଲୋଚନ ସିଂ ଓ ଶ୍ରୀନାଥ ସିଂ ଉପସ୍ଥିତ ଥିଲେ। ଦେବେନ୍ଦ୍ର ନାଥ ସିଂ ଅଧ୍ୟକ୍ଷତା କରିଥିଲେ। ଅତିଥିମାନେ ମୁଣ୍ଡା ସମୁଦାୟର ସମୃଦ୍ଧ ପାରମ୍ପରିକ ସଂସ୍କୃତି ଓ ଭାଷାକୁ ସୁରକ୍ଷିତ ରଖିବାରେ ଜୋର ଦେଇଥିଲେ। ସେମାନେ କହିଥିଲେ, ମୁଣ୍ଡାମାନଙ୍କର ଅସ୍ତିତ୍ୱ ତାଙ୍କର ଭାଷା ଓ ପାରମ୍ପରିକତା ସହିତ ଅତୁଟ ଭାବେ ଜଡିତ। ପରେ ବିଭିନ୍ନ ଗ୍ରାମରୁ ଆସିଥିବା ସାଂସ୍କୃତିକ ଦଳ ପାରମ୍ପରିକ ନୃତ୍ୟ ଓ ସଙ୍ଗୀତ ପ୍ରଦର୍ଶନ କରି ସନ୍ଧ୍ୟା ପର୍ଯ୍ୟନ୍ତ ମନୋରଞ୍ଜନ କରିଥିଲେ।

# ଶିକ୍ଷକ ଲକ୍ଷ୍ମୀନାରାୟଣ କରଙ୍କ ସ୍ମୃତିଚାରଣ ସଭା

ରାସଗୋବିନ୍ଦପୁର, ୧୯।୩(ସମିସ): ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ଅମରଦା ଗ୍ରାମର ଆଦର୍ଶ ଶିକ୍ଷକ ତଥା ସମାଜସେବୀ ଲକ୍ଷ୍ମୀନାରାୟଣ କରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ପ୍ରତିମୂର୍ତ୍ତି ଉନ୍ମୋଚନ ଓ ସ୍ମୃତିଚାରଣ ସଭା ତାଙ୍କ ଅମରଦାସ୍ଥ ବାସଭବନରେ ଅନୁଷ୍ଠିତ ହୋଇଯାଇଛି।



ସ୍ମୃତିଚାରଣ ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ରାଜଘାଟ ସମ୍ବାଦ ସାହିତ୍ୟ ଘରର ସଭାପତି ସୁଶାନ୍ତ କୁମାର ପରିଡ଼ା ଅଧ୍ୟକ୍ଷତା କରିଥିବାବେଳେ ତମ୍ବାଖୁରି ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ରାମଚନ୍ଦ୍ର ସାହୁ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ସ୍ୱର୍ଗତ କରଙ୍କ ପୁତ୍ର ଶାନ୍ତନୁ କୁମାର କର ଓ ସନ୍ଦୀପ କୁମାର କର, ବଡ଼ଭାଇ ସତ୍ୟନାରାୟଣ କର, ସାନଭାଇ ହରିନାରାୟଣ କରଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମନ୍ମଥ ପ୍ରଧାନ, ସେବକ ବତ୍ସଳ ଘୋଷ ମହାପାତ୍ର, ବଂଶୀଧର ବେହେରା, ସମାଜସେବୀ ବିକର୍ତ୍ତନ କବି, ଛାତ୍ର ସଞ୍ଜୀବ କୁମାର ସାହୁ, ଶିକ୍ଷକ ଯୁଗଳକିଶୋର ମହଲା, ସୁବାସ ଚନ୍ଦ୍ର ଗିରି, ରବୀନ୍ଦ୍ରନାଥ ବେହେରା ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ଲକ୍ଷ୍ମୀନାରାୟଣ କରଙ୍କ ଆଦର୍ଶ ଓ ତାଙ୍କ କର୍ମମୟ ଜୀବନ ସମ୍ପର୍କରେ ବକ୍ତବ୍ୟ ରଖିବା ସହିତ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଛାତ୍ର ସଞ୍ଜୀବ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

● ସ୍ଥାୟୀ ନିଯୁକ୍ତି ଦାବି

# କଳାବ୍ୟାଜ୍ ପିନ୍ଧି ଓସମା ପକ୍ଷରୁ ଶାନ୍ତିପୂର୍ଣ୍ଣ ପ୍ରତିବାଦ

ବାରିପଦା, ୧୯ ।୩(ସମିସ): ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ମନରେଗା ଅଧୀନରେ ଦୀର୍ଘ ୧୫ ବର୍ଷ ଧରି କାର୍ଯ୍ୟରତ ଥିବା ସମସ୍ତ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ (ଏପିଓ) ଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ଦାବିରେ ଓଡ଼ିଶା ଷ୍ଟେଟ୍ ଏମସି ଓ ଏପିଓ ଆସୋସିଏସନ୍ (ଓସମା) ପକ୍ଷରୁ ଏକ ଶାନ୍ତିପୂର୍ଣ୍ଣ ପ୍ରତିବାଦ ଆରମ୍ଭ କରାଯାଇଛି। ସଂଘର ନିଷ୍ପତ୍ତି ଅନୁଯାୟୀ, ରାଜ୍ୟର ସମସ୍ତ ୩୧୪ଟି ବ୍ଲକରେ କାର୍ଯ୍ୟରତ ଏପିଓମାନେ ନିଜର ଦାବି ଉପସ୍ଥାପନ କରିବା ପାଇଁ ଏହି ଅଭିନବ ପ୍ରତିବାଦର ସହାୟତା ନେଇଛନ୍ତି। ଦୀର୍ଘ ୧୫ ବର୍ଷର ନିରନ୍ତର ସେବା ପରେ ମଧ୍ୟ ବ୍ଲକଗୁଡିକରେ କାର୍ଯ୍ୟରତ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ (ଏପିଓ) ଅସ୍ଥାୟୀ ଭାବେ କାର୍ଯ୍ୟ କରୁଛନ୍ତି। ସରକାରଙ୍କ ପୂର୍ବ ପ୍ରତିଶ୍ରୁତି ସତ୍ତ୍ୱେ ଏ ଦିଗରେ କୌଣସି ଦୃଶ୍ୟମାନ ପଦକ୍ଷେପ ନିଆଯାଇ ନ ଥିବା ହେତୁ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ୨୬ ବ୍ଲକରେ କାର୍ଯ୍ୟରତ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ (ଏପିଓ) ନିଜ ନିଜ କାର୍ଯ୍ୟାଳୟରେ କଳାବ୍ୟାଜ୍ ପରିଧାନ କରି ଶାନ୍ତିପୂର୍ଣ୍ଣ ଭାବେ ନିଜର ଦାବି ପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି। ଏହି ପ୍ରତିବାଦ ମଙ୍ଗଳବାର ପର୍ଯ୍ୟନ୍ତ ଚାଲିବ। ଆସନ୍ତା ୩୧ ତାରିଖ ସୁଦ୍ଧା ସମସ୍ତ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ପାଇଁ ତୁରନ୍ତ ସରକାରୀ ନିର୍ଦ୍ଦେଶନାମା ଜାରି କରିବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି। ସଂଘର ରାଜ୍ୟ ସଭାପତି ଗୋପାଳ ପଣ୍ଡା ଓ ସାଧାରଣ ସମ୍ପାଦକ ମାନସ ରଞ୍ଜନ କର ଜଣାଇଛନ୍ତି ଯେ, ଯଦି ନିର୍ଦ୍ଧାରିତ ସମୟ ମଧ୍ୟରେ ଉଚିତ୍ ପଦକ୍ଷେପ ନିଆ ନ ଯାଏ, ତେବେ ସଂଘ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ।

# ଉଦ୍ଭିଦ ବିଜ୍ଞାନ ବିଭାଗର ଆଲୋଚନାଚକ୍ର

ବାରିପଦା, ୧୯ ।୩(ସମିସ): ଭଞ୍ଜପୁରସ୍ଥ ବାରିପଦା ଡିଗ୍ରୀ ମହାବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନ ବିଭାଗର ବାର୍ଷିକ ଆଲୋଚନାଚକ୍ର ଡ. ପ୍ରବୋଧ କୁମାର ଦେଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ସହକାରୀ ପ୍ରାଧ୍ୟାପକ ଡ. ପ୍ରମୋଦ କୁମାର କର ‘ଏଡିବଲ ମୁଶ୍ରୁମ୍ ଆଣ୍ଡ ଦେୟାର କ୍ୟାନ୍ସର ପ୍ରିଭେନସନ’ ସନ୍ଦର୍ଭରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ବିଭାଗ ମୁଖ୍ୟ ସରୋଜ କୁମାର ବେହେରା ଅତିଥି ପରିଚୟ ପ୍ରଦାନ, କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପିକା ସୁଶ୍ରୀ ସୌମ୍ୟା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଗବେଷଣାଗାର ପରିଚାଳକ ଅଶୋକ କୁମାର ପାଲ ଓ ଛାତ୍ରଛାତ୍ରୀ ଯୋଗଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଶେଷରେ ମୁଖ୍ୟଅତିଥି ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ।

# ବୈଭବଙ୍କୁ ଜିଲ୍ଲା ଶିକ୍ଷାଧିକାରୀଙ୍କ ସହାୟତା



ବାରିପଦା, ୧୯ ।୩(ସମିସ): ସ୍ଥାନୀୟ ତକତପୁର ଅଞ୍ଚଳରେ ଅଜା ଘରେ ରହି ନିକଟସ୍ଥ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ୫ମ ଶ୍ରେଣୀରେ ପଢୁଥିଲେ ୧୦ ବର୍ଷର ବାଳକ ବୈଭବ ମହାନ୍ତ। ମାତ୍ର ପାରିବାରିକ ଅବସ୍ଥା ଦିନକୁ ଦିନ ଖରାପ ହେବାରୁ ସେ ବିଦ୍ୟାଳୟକୁ ଯିବାକୁ ମନ ବଳାଇଲେନାହିଁ। ଖବର ପାଇ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ପିଲାଟିକୁ ଉଦ୍ଧାର କରି ଷ୍ଟେସନ ବଜାରସ୍ଥ ଆରଡିଏସି ଶିଶୁ ପ୍ରଯତ୍ନ କେନ୍ଦ୍ରରେ ଥଇଥାନ କରିବା ସହ ସ୍ଥାନୀୟ ନହରପଦାସ୍ଥ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଇ ତା’ର ପାଠପଢ଼ାକୁ ନିୟମିତ କରାଇଛନ୍ତି।

ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ନାୟକ ପିଲାଟିକୁ ଦୁଇ ଯୋଡ଼ା ସ୍କୁଲ ପୋଷକ ଓ ବହିପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆରଡିଏସିର ଅଧୀକ୍ଷକ ବିଷ୍ଣୁନାରାୟଣ ପଟ୍ଟନାୟକ, ବରିଷ୍ଠ ଶିକ୍ଷୟିତ୍ରୀ ସୁଦୀପ୍ତା ବେହେରା, ଅବସରପ୍ରାପ୍ତ ଶିକ୍ଷକ ବଳରାମ ନାଥ, ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ପୁଣିଥରେ ପରିବାରକୁ ଫେରିବା ପର୍ଯ୍ୟନ୍ତ ବୈଭବର ସ୍ୱତନ୍ତ୍ର ଯତ୍ନ ନେବା ପାଇଁ ଶ୍ରୀ ସେଠୀ ଫୋନ ମାଧ୍ୟମରେ ଆରଡିଏସିର ନିର୍ଦ୍ଦେଶକ ବିଜୟ କୁମାର ବେହେରାଙ୍କୁ ଅନୁରୋଧ କରିଥିଲେ। ଜଣେ ଅସହାୟ ଶିଶୁ ପାଇଁ ଦେବଦୂତ ସାଜି ପୁଣିଥରେ ତାକୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିଥିବାରୁ ଜିଲ୍ଲା ଶିକ୍ଷାଧିକାରୀଙ୍କ ପଦକ୍ଷେପକୁ ସମସ୍ତେ ପ୍ରଶଂସା କରିଥିଲେ। ତତସହିତ ଶିକ୍ଷକ ଶିକ୍ଷୟିତ୍ରୀ ନିଜ ନିଜ ଅଞ୍ଚଳର କୌଣସି କାରଣରୁ ସ୍କୁଲକୁ ଆସୁ ନ ଥିବା ପିଲାମାନଙ୍କୁ ତୁରନ୍ତ ବିଦ୍ୟାଳୟକୁ ଫେରାଇ ଆଣିବା ପାଇଁ ସହାୟକ ହେବେ ବୋଲି ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ସେଠୀ ଆଶା ପୋଷଣ କରିଛନ୍ତି।

# ଇତିହାସ ବିଭାଗର ବିଦାୟ ସମ୍ବର୍ଦ୍ଧନା



ରାଇରଙ୍ଗପୁର, ୧୯।୩(ସମିସ): ବହଳଦାସ୍ଥ ଧୀରଜଲାଲ ମହାବିଦ୍ୟାଳୟରେ +୩ ଇତିହାସ ବିଭାଗ ଶେଷ ବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ କିଶୋର କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପିକା ପ୍ରଭାତୀ ମଲ୍ଲିକ ଯୋଗଦେଇ ବିଦାୟୀ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଇତିହାସ ବିଭାଗ ମୁଖ୍ୟ ଅଧ୍ୟାପକ ମୀନକେତନ ମହାନ୍ତି, ଅଧ୍ୟାପିକା ଶ୍ରେୟସୀ ଗିରି ଓ ରାଇମଣି କିସ୍କୁ ସଭା ପରିଚାଳନା କରିଥିଲେ। ବିଭାଗର ଛାତ୍ରଛାତ୍ରୀ ଯମୁନା, ଚମ୍ପା, ଜ୍ୟୋତି, ସସ୍ମିତା, ଲିପ୍ସା, ଭାଗ୍ୟ, ବିଦ୍ୟା, ବନିତା, କୁଆଁର, କୃଷ୍ଣ, ଦୀପକ, ମଙ୍ଗରାଜ, ସୀମା, ମିତା, ସନ୍ଧ୍ୟା, ଫୁଲ, ହିମାଦ୍ରି, ଗୌରାଙ୍ଗ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କୁଡୁମୀ ସେନାର ବ୍ଲକସ୍ତରୀୟ ସାଂଗଠନିକ ବୈଠକ



ବଡ଼ସାହି, ୧୯ ।୩(ସମିସ): ଦୁର୍ଗାପୁର ପଞ୍ଚାୟତସ୍ଥ ଟିକରବାଟୀ ଗ୍ରାମରେ କୁଡୁମୀ ସେନା ପ୍ରତିଷ୍ଠାତା ସଭାପତି ଜୈମୁନୀ କୁମାର ମହାନ୍ତଙ୍କ ଆହ୍ୱାନକ୍ରମେ କୁଡୁମୀ ସେନାର ବଡ଼ସାହି ବ୍ଲକ କାର୍ଯ୍ୟକାରୀ ସଭାପତି ଲୋକନାଥ ମହାନ୍ତଙ୍କ ଅଧ୍ୟକ୍ଷତାରେ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ କୁଡୁମୀ ସଚେତନତା ଅଭିଯାନ (ଗାଁ କେ ଚୋଲୋ) ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବଡ଼ସାହି ବ୍ଲକର ବିଭିନ୍ନ ଗ୍ରାମ ଓ ପଡୋଶୀ ବ୍ଲକ ବେତନଟୀ, ବାରିପଦା, ଶ୍ୟାମାଖୁଣ୍ଟାରୁ ମଧ୍ୟ ବହୁ କୁଡୁମୀ ସେନାର କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ। କୁଡୁମୀ ସେନା ପ୍ରତିଷ୍ଠାତା ସଭାପତି ଜୈମୁନୀ କୁମାର ମହାନ୍ତ ନିଜ ଅଭିଭାଷଣରେ ଆଗାମୀ ଏପ୍ରିଲ ୧୬ରେ ଆରମ୍ଭ ହେବାକୁ ଥିବା ଜାତିଗତ ଜନଗଣନାରେ କିପରି କୁଡୁମୀମାନେ ନିଜ ଜାତି କୁଡୁମୀ, ଭାଷା କୁଡୁମାଲୀ, ଧର୍ମ ପ୍ରକୃତିର ପୂଜକ ବୋଲି ମତ ସାବ୍ୟସ୍ତ କରିବେ ବୋଲି ଆହ୍ୱାନ ଦେଇଥିଲେ। କୁଡୁମୀ ସେନା ଏକ ଦଶନ୍ଧୀ ଧରି ନିଜର ନାର୍ଯ୍ୟ ଅଧିକାର ପାଇଁ ପଲ୍ଲୀରୁ ଦିଲ୍ଲୀ ଯେଉଁ ଆନ୍ଦୋଳନ କରିଆସୁଛି, ସେହି ଆନ୍ଦୋଳନ କିପରି ଆହୁରି ଜୋରଦାର କରାଯିବ ଓ କିପରି କୁଡୁମୀ ଜାତିକୁ ଆଦିବାସୀ ମାନ୍ୟତା ମିଳିବ, କୁଡୁମାଲୀ ଭାଷାକୁ କିପରି ଅଷ୍ଟମ ଅନୁଚ୍ଛେଦର ମାନ୍ୟତା ମିଳିବ, କୁଡୁମୀ ଜାତି ନିଶ ଠାରୁ ଦୂରେଇ ରହିବେ, ବାଲ୍ୟ ବିବାହ ପ୍ରଥାକୁ ଦୂରେଇବେ ଓ ଅନ୍ଧ ବିଶ୍ୱାସଠାରୁ ମଧ୍ୟ ଦୂରେଇ ରହିବେ, ସେ ସମ୍ପର୍କରେ ନିଜର ମତ ରଖିଥିଲେ। ଅନ୍ୟ ସମସ୍ତ କର୍ମକର୍ତ୍ତା ମଧ୍ୟ ନିଜ ନିଜର ମତ ସାବ୍ୟସ୍ତ କରିଥିଲେ।

ଉକ୍ତ ବୈଠକରେ ବଡ଼ସାହି ବ୍ଲକ କୁଡୁମୀ ସେନାର ପ୍ରିୟନାଥ ମହାନ୍ତ, ମନୋରଞ୍ଜନ ମହାନ୍ତ, ଦ୍ୱାରୀ ମହାନ୍ତ, ସନ୍ତୋଷ ମହାନ୍ତ, ଲକ୍ଷ୍ମଣ ମହାନ୍ତ, ଖଗେନ୍ଦ୍ର ମହାନ୍ତ, କୁଡୁମୀ ଛାତ୍ର ସେନାର ଲିପୁନ ମହାନ୍ତ, ବସନ୍ତ ମହାନ୍ତ, ସିପୁନ, ବାପୁନ, ବିଶ୍ୱନାଥ, ନରେନ୍ଦ୍ର, କ୍ଷୀରୋଦ, ସିକୁ, ସ୍ମାଇଲ, ତପୁ, ମହିଳା ସେନା ପକ୍ଷରୁ ସରିତା, ମନୋରମା, କାଞ୍ଚନୀ, ଜୟନ୍ତୀ, ରେବତୀ, ସତ୍ୟଭମା, ବେତନଟି ବ୍ଲକ କୁଡୁମି ସେନାର ମାନଗୋବିନ୍ଦ ମହାନ୍ତ ସ କୁଡୁମୀ ମହିଳା ସେନାର ଦମୟନ୍ତୀ ମହାନ୍ତ ଓ ଅନ୍ୟମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।

# ମୁନି ସମାଜର ବାର୍ଷିକ ଉତ୍ସବ

ପୁରୁଣିଆ, ୧୯।୩(ସମିସ): ଅଖିଳ ଭୂମଣ୍ଡଳୀୟ ସର୍ବୋଶିରୋମଣି ମୁନି ସମାଜର ଗୋରଖପୁର ଶାଖାର ପଣସିଆ ଶିବମୁନି ଯୋଗାଶ୍ରମର ୨୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଅନୁଷ୍ଠିତ ଜ୍ଞାନଯଜ୍ଞରେ ଯୋଗାଚାର୍ଯ୍ୟ କମଳାକାନ୍ତ ମୁନି ଓ ଝାଡ଼ଖଣ୍ଡରୁ ଆସିଥିବା ଯୋଗାଚାର୍ଯ୍ୟ ନିର୍ମଳ ମୁନି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଯୋଗାଚାର୍ଯ୍ୟ ଶିରିଶ ମୁନି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଯୋଗାଚାର୍ଯ୍ୟ ଗଙ୍ଗାଧର ମୁନି, ଯୋଗୀ ରସାନନ୍ଦ ମୁନି ଓ ଯୋଗୀ କୃତ୍ତିବାସ ମୁନି ମଞ୍ଚାସୀନ ରହି ମାର୍ଗଦର୍ଶନ କରିଥିଲେ। ଯୋଗ, ସ୍ୱାସ୍ଥ୍ୟ, ଆବଜ୍ଞାନ ଓ ସ୍ୱତନ୍ତ୍ର ଜ୍ଞାନ ଉପରେ ସମସ୍ତେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଦଗୁରୁ ଶିବମୁନି ମହାରାଜଙ୍କ ଦ୍ୱାରା ପ୍ରତିଷ୍ଠିତ ମୁନି ସମାଜରେ ଲୋକମାନେ ଯୋଗ ସାଧନା ଦ୍ୱାରା କିପରି ନିରୋଗ ଓ ନିରାମୟ ସୁଖ ଶାନ୍ତି ଜୀବନ ବିତାଉଛନ୍ତି ତାହା ଉପରେ ଆଲୋଚନା କରାଯାଇଥିଲା।

# ରାଜ୍ୟସ୍ତରୀୟ କନିଷ୍ଠ ରେଡ୍‌କ୍ରସ ଅଣତାଲିମପ୍ରାପ୍ତ କାଉନସେଲରଙ୍କ ପ୍ରଶିକ୍ଷଣ ଶିବିର



ବାରିପଦା/ବୈଶିଙ୍ଗା, ୧୯ ।୩(ସମିସ): ବେତନଟୀ ବ୍ଲକ ଅନ୍ତର୍ଗତ ରଘୁନାଥ ଉଚ୍ଚବିଦ୍ୟାଳୟରେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗ ଦର୍ଶନରେ ଆୟୋଜିତ ତ୍ରିଦିବସୀୟ ରାଜ୍ୟସ୍ତରୀୟ ରେଡ୍‌କ୍ରସ ଅଣତାଲିମପ୍ରାପ୍ତ କାଉନସେଲରଙ୍କ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଅତୁଲ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଶିବିରରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରତାପ ଚନ୍ଦ୍ର ମିଶ୍ର ମୁଖ୍ୟଅତିଥି ଓ ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ଭାଗୀରଥି ମଲ୍ଲିକ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ରେଡକ୍ରସର ମୂଳମନ୍ତ୍ର ସ୍ୱାସ୍ଥ୍ୟ, ସେବା ଓ ବିଶ୍ୱ ବନ୍ଧୁତାର ସାର୍ଥକତା ସମ୍ପାଦନ କରିବା ପାଇଁ ଉପସ୍ଥିତ ଶିବିରାର୍ଥୀଙ୍କୁ ପରାମର୍ଶ ଦେଇଥିଲେ। ଶିବିରର ରାଜ୍ୟସ୍ତରୀୟ ବରିଷ୍ଠ ସାଧନ କର୍ମୀ ବାମନ ଚରଣ ମହାନ୍ତି, ସୋମନାଥ ନାୟକ, ଜିଲ୍ଲା ଜୁନିୟର ରେଡକ୍ରସ ଅଧିକାରୀ ସ୍ମୃତିରଞ୍ଜନ ପାଣି, ଜିଲ୍ଲା ସାଧନ କର୍ମୀ ସତ୍ୟନାରାୟଣ ଦାସ, ବରିଷ୍ଠ ମାର୍ଗଦର୍ଶକ ଉମାକାନ୍ତ ବେହେରା, ଓଷ୍ଟା ଜିଲ୍ଲା ସଭାପତି ଚିତ୍ତରଞ୍ଜନ ପଲତା ଓ ରାଇକମା ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଜତ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରେଡ୍‌କ୍ରସର ସେବାଭିତ୍ତିକ କାର୍ଯ୍ୟକ୍ରମ ସମ୍ପର୍କିତ ନିଜ ନିଜର ସାରଗର୍ଭକ ବକ୍ତବ୍ୟ ଉପସ୍ଥାପନ କରିଥିଲେ।

ଉକ୍ତ ଶିବିରରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ମୋଟ ୬୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଓ ୯ ଜଣ ସାଧନ କର୍ମୀ ଯୋଗ ଦେଇଥିଲେ। ଶିବିରକ୍ଷର୍ଥୀ ନିଜ ନିଜର ଅଭିଜ୍ଞତା ଉପସ୍ଥାପନ କରିଥିଲେ। କେନ୍ଦ୍ରୀୟ କାର୍ଯ୍ୟାଳୟର ହରିଶ ଚନ୍ଦ୍ର ରାଉତ, ପଙ୍କଜ କୁମାର ବେହେରା, ପ୍ରଦୀପ କୁମାର ଚୌଧୁରୀ, ବିଦ୍ୟାଳୟର ଶିକ୍ଷକ ନିରଞ୍ଜନ ବାରିକ, ହରେକୃଷ୍ଣ ମହାନ୍ତ, ଶୁଭବନ୍ତ ନାୟକ, ତରଣୀ କାନ୍ତ ନାୟକ, ଶୁଭାଶିଷ ପଣ୍ଡା, ପ୍ରଫୁଲ୍ଲ ମିଶ୍ର, ବଂଶୀଧର ଗିରି ଓ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ଶିବିର ପରିଚାଳନା କରିଥିଲେ। ଶେଷରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜିତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

ବହଳଦା ରାସ୍ତା ଅବରୋଧ ବେଳେ ପୁଲିସ ଓ ଗ୍ରାମବାସୀ ମୁହାଁମୁହିଁ ଘଟଣା

# ଗିରଫ ଆଦିବାସୀଙ୍କୁ ଖଲାସ ସହ ନ୍ୟାୟିକ ତଦନ୍ତ ଦାବି

ରାଇରଙ୍ଗପୁର, ୧୯।୩(ସମିସ): ବହଳଦାରେ ରାସ୍ତା ଅବରୋଧ ବେଳେ ପୁଲିସ ଓ ଗ୍ରାମବାସୀ ମୁହାଁମୁହିଁ ଘଟଣାରେ ୩୪ ଜଣ ଆଦିବାସୀ ଗିରଫ ହୋଇଛନ୍ତି। ତେବେ ଗିରଫ ବ୍ୟକ୍ତିଙ୍କୁ ଖଲାସ କରିବା ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ୪୮ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି। ଗିରଫ ୩୪ ଜଣ ଆଦିବାସୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିବା ପାଇଁ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁ ହେରିଟେଜ୍ ଟ୍ରଷ୍ଟ ପକ୍ଷରୁ ଦାବି କରାଯାଇଛି। ଏ ନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ଟ୍ରଷ୍ଟ ପକ୍ଷରୁ ପ୍ରଦାନ କରାଯାଇଛି। ରାସ୍ତା ଅବରୋଧ ବେଳେ ପୁଲିସ ପକ୍ଷରୁ ଲାଠିଚାର୍ଜ କରିବା ପରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଯାହାକୁ ନେଇ ପୁଲିସ ଓ ଗ୍ରାମବାସୀ ମୁହାଁମୁହିଁ ହେବ ସହ ଗ୍ରାମବାସୀ ପୁଲିସଙ୍କୁ ଆକ୍ରମଣ କରିଥିଲେ। ଉକ୍ତ ଘଟଣାରେ ପୁଲିସ ୫୯ରୁ ଉର୍ଦ୍ଧ୍ୱ ଲୋକଙ୍କ ନାମରେ ମାମଲା ରୁଜୁ କରିଛି। ଏଥିସହିତ ୩୪ ଜଣ ଆଦିବାସୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫଙ୍କ ମଧ୍ୟରେ ୨୮ ଜଣ ମହିଳା ରହିଛନ୍ତି। ସେମାନଙ୍କ ଘରେ ଛୋଟ ଛୋଟ ପିଲା ତାଙ୍କ ଅପେକ୍ଷାରେ ରହିଛନ୍ତି। ତେଣୁ ଗିରଫ ୩୪ ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରିବାକୁ ଦାବି କରିଛନ୍ତି।

ଏଥିସହିତ ଉକ୍ତ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଟ୍ରଷ୍ଟ ପକ୍ଷରୁ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ଉକ୍ତ ଘଟଣାକୁ ଟ୍ରଷ୍ଟ ପକ୍ଷରୁ ତୀବ୍ର ନିନ୍ଦା କରିବା ସହ ପୀଡ଼ିତା ଓ ଗିରଫ ହୋଇଥିବା ପରିବାରଙ୍କୁ ସହାନୁଭୂତି ପ୍ରକାଶ କରାଯାଇଛି। ଗିରଫ ହୋଇଥିବା ପରିବାରଙ୍କ ଯନ୍ତ୍ରଣାରେ ଟ୍ରଷ୍ଟ ସାମିଲ୍ ହୋଇ ସେମାନଙ୍କୁ ସମର୍ଥନ କରିବା ସହ ଆହତ କର୍ତ୍ତବ୍ୟରତ ପୁଲିସ୍ ଅଧିକାରୀଙ୍କୁ ସମ୍ମାନ ଜଣାଇଛନ୍ତି। ଏହିପରି ଆକ୍ରମଣକୁ ତୀବ୍ର ନିନ୍ଦା କରିଛନ୍ତି। ଘଟଣାର ପ୍ରକୃତ ଦୋଷୀକୁ ଗିରଫ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜଣାଇଛନ୍ତି। ଟ୍ରଷ୍ଟ ପକ୍ଷରୁ ଅଧ୍ୟକ୍ଷ ଚୁନିୟାନ ମୁର୍ମୁ, ସାଧାରଣ ସମ୍ପାଦକ ମଦନମୋହନ ସୋରେନ, କୋଷାଧ୍ୟକ୍ଷ ଆଲୋକ ବାସ୍କେଙ୍କ ସମେତ ବହୁ ସଦସ୍ୟ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବିପତ୍ରର ନକଲ ଜିଲ୍ଲାପାଳଙ୍କୁ ମଧ୍ୟ ପ୍ରଦାନ କରାଯାଇଛି।

## ମୟୂରଭଞ୍ଜରେ ଅସୁରକ୍ଷିତ ଆଦିବାସୀ

# କେନାଲ କାମକୁ ନେଇ ମରଣାନ୍ତକ ଆକ୍ରମଣ





ବାରିପଦା/ବଡ଼ସାହି,୧୯।୩(ସମିସ):

ମୟୂରଭଞ୍ଜ ଜିଲ୍ଲାରେ ଆଦିବାସୀ ଅସୁରକ୍ଷିତ। ରାଇରଙ୍ଗପୁର ବହଳଦା ଘଟଣା ପରେ ବୁଧବାର ବଡ଼ସାହି ଅଞ୍ଚଳରେ ପୁଣି ଆଦିବାସୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାକୁ ନେଇ ଉଦବେଗ ପ୍ରକାଶ ପାଇଛି।

### ନ୍ୟାୟ ନ ମିଳିଲେ ଆଦିବାସୀ ମେଳି: ଭଞ୍ଜସେନା

ବୁଧବାର ଅରାହ୍ନରେ ବଡ଼ସାହି ଥାନା ଅଞ୍ଚଳରେ କିଛି ଅସାମାଜିକ ଯୁବକ ୨୦/୨୫ଟି ବାଇକ୍‌ରେ ଆଦିବାସୀ ଗାଁରେ ପଶି ମାରଣାସ୍ତ୍ର ଧରି ଆକ୍ରମଣ କରିବାରୁ ୩ ଜଣ ଗୁରୁତର ଆହତ ହୋଇ ବାରିପଦା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଅନ୍ୟ ଜଣେ ବଡ଼ସାହି ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଯାହାକୁ ନେଇ ଭଞ୍ଜସେନା ଆଦିବାସୀ ଶାଖା କର୍ମକର୍ତ୍ତା ଡାକ୍ତରଖାନାକୁ ଯାଇ ଘଟଣା ସମ୍ପର୍କରେ ଅବଗତ ହୋଇଛନ୍ତି। ଜିଲ୍ଲା ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ନ୍ୟାୟ ପ୍ରଦାନରେ ଅବହେଳା କଲେ ଜିଲ୍ଲା ମୁଖ୍ୟାଳୟ ବାରିପଦାରେ ଏକ ଆଦିବାସୀ ମେଳି ଆୟୋଜନ କରାଯିବ ବୋଲି ପ୍ରେସ ବିବୃତିରେ ଜଣାଇଛନ୍ତି।

ସୂଚନା ମୁତାବକ, ବଡ଼ସାହି ଥାନା ଅଧୀନ ଭଣ୍ଡାରିକୁଳା ଗ୍ରାମ ଦେଇ ସୁବର୍ଣ୍ଣରେଖା କେନାଲ କାମ ଚାଲୁ ରହିଛି। ଲୋକଙ୍କ ଯିବାଆସିବା ରାସ୍ତାରେ ମାଟି ଗଦା ହୋଇଥିବାରୁ ଚଳପ୍ରଚଳରେ ବାଧା ଉପୁଜିଥିଲା। ଏହାକୁ ନେଇ ଗ୍ରାମର ଲୋକେ ସମ୍ପୃକ୍ତ ଠିକାଦାରଙ୍କୁ ମାଟି ଉଠାଇବାକୁ କହିଥିଲେ। ମାତ୍ର ଠିକାଦାର ଜଣକ ଲୋକଙ୍କ କଥାକୁ ନ ମାନି କାର୍ଯ୍ୟ କରୁଥିଲେ। ଏହାକୁ ବିରୋଧ କରି ଗ୍ରାମବାସୀ କାମ ବନ୍ଦ କରିଥିଲେ। ଯାହାକୁ ନେଇ ଘଟଣା ଉଗ୍ରରୂପ ଧାରଣ କରିଥିଲା। ବୁଧବାର ଅପରାହ୍ନ ୨ଟା ସମୟରେ ୨୫/୩୦ଟି ବାଇକ୍‌ରେ ଦୁଇଜଣ ଲେଖାଏଁ ୬୦ରୁ ଅଧିକ ଅସାମାଜିକ ଯୁବକ ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଏପରିକି ମହିଳାଙ୍କୁ ଅସଦାଚରଣ କରିବା ସହ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରି ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ଗ୍ରାମର ବିରାମ ମୁର୍ମୁ, ବାସୁ ମୁର୍ମୁ ଓ ପାରା ମୁର୍ମୁ ୩ ଜଣ ଆଦିବାସୀ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ରହିଛନ୍ତି। ଏ ସଂକ୍ରାନ୍ତରେ ରଶ୍ମିତା ମୁର୍ମୁ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଜନାର୍ଦ୍ଦନ ମହାନ୍ତ, ସଂଗ୍ରାମ ଦେଓ ଓ ଅନ୍ୟ ୨୫ଜଣଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ତେବେ ଆକ୍ରମଣ ପୂର୍ବରୁ ଠିକାଦାରଙ୍କ ପକ୍ଷରୁ ସୁପରଭାଇଜର ସୁଶାନ୍ତ ମହାନ୍ତଙ୍କୁ ଆକ୍ରମଣ ଅଭିଯୋଗରେ ବିରାମ ମୁର୍ମୁ ଓ ଦୁଲାରାମ ମୁର୍ମୁ ନାମରେ ପ୍ରଥମେ ମାମଲା ରୁଜୁ ହୋଇଛି। ଉଭୟ ଘଟଣାକୁ ନେଇ ମୟୂରଭଞ୍ଜ ଠିକାଦାର ସଂଘ କର୍ମକର୍ତ୍ତା ଓ ଆକ୍ରମଣର ଶିକାର ଗ୍ରାମବାସୀ ଦିନତମାମ ବଡସାହି ଥାନାରେ ରୁଣ୍ଡ ହେବା ଫଳରେ ଉତ୍ତେଜନାମୂଳକ ସ୍ଥିତି ଉପୁଜି ଥିଲା। ପରବର୍ତ୍ତୀ ସମୟରେ ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ ସଦଳବଳେ ପହଞ୍ଚି ବୁଝାସୁଝା ପରେ ପରିସ୍ଥିତି ଶାନ୍ତ ପଡିଛି। ତେବେ ଗାଁରେ ପରିସ୍ଥିତି ଉତ୍ତେଜନାମୂଳକ ରହିଛି। କେନାଲ କାମ ବନ୍ଦ ରହିଛି।

ପୂର୍ବରୁ ରାଇରଙ୍ଗପୁର ଉପଖଣ୍ଡ ବହଳଦା ଓ ବେତନଟୀ ଥାନା ଅଧୀନ ନହଣ୍ଡାଶୋଳରେ ବାଲି ଚୋରଙ୍କ ଆକ୍ରମଣରେ ଜଣେ ଆଦିବାସୀ ଗୁରୁତର ହେବା ଭଳି ଘଟଣା ପ୍ରତିଦିନ ଦେଖିବାକୁ ମିଳୁଛି। ଦିନକୁ ଦିନ ଗୁଣ୍ଡାରାଜ ବଢୁଥିବାବେଳେ ଆକ୍ରମଣକାରୀଙ୍କୁ ପୁଲିସ ଗିରଫ କରିପାରୁ ନ ଥିବାରୁ ଦିନକୁ ଦିନ ଆଦିବାସୀ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଭଣ୍ଡାରିକୁଳା ଗ୍ରାମରେ ଠିକାଦାରଙ୍କ ଏଭଳି କାର୍ଯ୍ୟକଳାପକୁ ନେଇ ସଂଗଠନ ପକ୍ଷରୁ ନିନ୍ଦା କରାଯାଇଛି। ଘଟଣାରେ ଜଡିଥିବା ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି କଡ଼ା ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସଂଗଠନର ସଙ୍ଗରାୟ ହେମ୍ବ୍ରମ, ଶୁଭମ ସିଂ, ଜିତୁ ସିଂ, କ୍ରିଷ୍ଣା ମୁଣ୍ଡା ଲୋହାର, ସାଗର ମୁଣ୍ଡା ଲୋହାର ପ୍ରମୁଖ ଉପସ୍ଥିତ ଥିଲେ।

---

● ବଡ଼ସାହି ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଙ୍ଘର ନୂତନ କର୍ମକର୍ତ୍ତା

## ରଣଜିତ ଦାସ ସଭାପତି, ଅନନ୍ତ ଶତପଥୀ ସମ୍ପାଦକ

ବଡ଼ସାହି,୧୯।୩(ସମିସ): ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଙ୍ଘର ସାଂଗଠନିକ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସଭାପତି ମହୋଦୟ ସଙ୍ଘର ଆଭିମୁଖ୍ୟ ତଥା ଭବିଷ୍ୟତ କର୍ମପନ୍ଥା ବିଷୟରେ ଆଲୋକପାତ କରିଥିଲେ। ସମସ୍ତ ସଦସ୍ୟଙ୍କ ସହମତିରେ ରଣଜିତ୍ କୁମାର ଦାସଙ୍କୁ ସଭାପତି, ସୁବୋଧ କୁମାର ଦଣ୍ଡପାଟଙ୍କୁ କାର୍ଯ୍ୟକାରୀ ସଭାପତି, ଅନନ୍ତ କୁମାର ଶତପଥୀଙ୍କୁ ସମ୍ପାଦକ, ସନ୍ତୋଷ କୁମାର ବିଶ୍ୱାଳଙ୍କୁ ଯୁଗ୍ମସମ୍ପାଦକ, ରାଜେନ୍ଦ୍ର କୁମାର ଜେନାଙ୍କୁ ସଂଗଠନ ସମ୍ପାଦକ ଓ ଯୋଗେଶ୍ୱର ମିଶ୍ରଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଛି। ଏହି ଚୟନ ପଦ୍ଧତି ବଂକିମ ବିହାରୀ ପାତ୍ରଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ସଭାପତି ସମସ୍ତ ସଦସ୍ୟଙ୍କ ସହଯୋଗ କାମନା କରିଥିଲେ। ଆଗାମୀ ୨୦ ତାରିଖକୁ ସମସ୍ତ ସଦସ୍ୟ ଏକାଠି ହୋଇ ପଖାଳ ଦିବସ ପାଳନ କରିବେ ବୋଲି ସିଦ୍ଧାନ୍ତ ହୋଇଥିବା ଜଣାଯାଇଛି।

## ଆର୍‌ଡିଏସ୍ ଡିଗ୍ରୀ କଲେଜରେ ଆଲୋଚନାଚକ୍ର



ଉଦଳା, ୧୯।୩(ସମିସ): କୁଣ୍ଡାବାଇସ୍ଥିତ ଆର୍‌ଡିଏସ୍ ଡିଗ୍ରୀ ମହାବିଦ୍ୟାଳୟରେ ମାଇକ୍ରୋବାୟୋଲୋଜି ବିଭାଗ ପକ୍ଷରୁ "ମାଇକ୍ରୋବସ ଆଣ୍ଡ କ୍ୟାନ୍ସର' ଶୀର୍ଷକରେ ଏକ ବାର୍ଷିକ ବିଭାଗୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ପ୍ରଦୀପ କୁମାର ଗିରି ଉକ୍ତ ଆଲୋଚନାଚକ୍ରକୁ ଉଦଘାଟନ କରିବାସହ ସମ୍ୟକ ବିଷୟଭିତ୍ତିକ ତଥ୍ୟ ଦେଇ ଅଣୁଜୀବ ବିଜ୍ଞାନ ବିଭାଗକୁ କେମିତି ଶ୍ରେଷ୍ଠ ବିଭାଗ କରାଯାଇ ପାରିବ ସେବିଷୟରେ ମତବ୍ୟକ୍ତ କରିଥିଲେ। ଆଲୋଚନାଚକ୍ରରେ ମୁଖ୍ୟଅତିଥି ତଥା ବିଷୟ ବିଶେଷଜ୍ଞ ଭାବେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ଡ଼ଃ ପ୍ରିୟରଞ୍ଜନ ଦେବତା ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ରାଜେଶ କୁମାର ରାଉତରାୟ ଅତିଥି ପରିଚୟ ପ୍ରଦାନ କରିବା ସହ ଆଲୋଚନାଚକ୍ର ଉପରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥିଙ୍କ ଦ୍ୱାରା ମାଇକ୍ରୋବାୟୋଲୋଜି ବିଭାଗର ଏକ ବାର୍ଷିକ ବିବରଣୀ ପତ୍ର ଉଦ୍‌ଘାଟିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୁଶ୍ରୀ ଅଭିପ୍ସା ମହାପାତ୍ର, ଶୁଭମ ବାରିକ ଏବଂ ଲୌଲି ଜେନା ପ୍ରମୁଖ ନିଜ ନିଜର ସନ୍ଦର୍ଭ ଉପସ୍ଥାପନ କରି ଅତିଥିଙ୍କଠାରୁ ପ୍ରମାଣପତ୍ର ଗ୍ରହଣ କରିଥିଲେ। ପ୍ରାଣୀ ବିଜ୍ଞାନ ବିଭାଗର ଅଧ୍ୟାପକ ସୁବ୍ରତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ଆଲୋଚନାଚକ୍ରରେ ବିଭାଗୀୟ ଡେମୋନଷ୍ଟ୍ରେଟର ଜିତେନ୍ଦ୍ର କୁମାର ବେହେରା ପରିଚାଳନା କରିବା ସହ ଆଟେଣ୍ଡାଣ୍ଟ ଅର୍ଜୁନ କୁମାର ବାରିକ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉକ୍ତ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

---

## କାଳବୈଶାଖୀ ଉଜାଡ଼ିଦେଲା ତରଭୂଜ ଚାଷ



ଡୁରୁମୁଙ୍ଗା, ୧୯।୩(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ଅଞ୍ଚଳରେ ବୁଧବାର କାଳବୈଶାଖୀ ପ୍ରଭାବରେ ବର୍ଷା ପବନ ସହ କୁଆପଥର ବର୍ଷା ଯୋଗୁଁ ଡୁମୁରିଆ ପଞ୍ଚାୟତ ତୋଣ୍ଡ ଅଞ୍ଚଳରେ ବ୍ୟାପକ ଚାଷ ନଷ୍ଟ ହୋଇଛି। ଗ୍ରାମର ବାଣେଶ୍ୱରୀ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଡୁମୁରିଆ ୟୁନିୟନ ବ୍ୟାଙ୍କରୁ ଋଣ କରି ୮ଏକର ପରିମିତ ଜମିରେ ତରଭୁଜ ଚାଷ କରିଥିଲେ। କୁଆ ପଥର ମାଡ଼ରେ ତରଭୂଜ ଗଛ ଛିଡି ଛିନ୍ନ ଛତ୍ର ହୋଇଯାଇଥିବା ବେଳେ ଗଛର ଡଙ୍କ ସବୁ ଛିଡ଼ି ଯାଇ ଝାଉଁଳି ଯାଇଛି। ତରଭୂଜରେ କଳା ଦାଗ ପଡ଼ିଯାଇଛି। ଫଳରେ ଚାଷୀ ମୁଣ୍ଡରେ ହାତ ଦେଇଛନ୍ତି। ଗତ ବର୍ଷ ଏହି ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ତରଭୂଜ ଚାଷ କରି ଲାଭବାନ ହୋଇଥିଲେ। ଚଳିତବର୍ଷ ଅଧିକ ଲାଭବାନ ଆଶାରେ ୟୁନିୟନ ବ୍ୟାଙ୍କ୍ ଡୁମୁରୁଆ ଶାଖାରୁ ୧୦ ଲକ୍ଷ ଋଣ କରି ତରଭୁଜ ଚାଷରେ ନିବେଶ କରିଥିଲେ। ଚଳିତ ବର୍ଷ କାଳବୈଶାଖୀ ଚାଷକୁ ଉଜାଡ଼ି ଦେବାରୁ ଚାଷୀ ଚିନ୍ତାରେ ପଡିଛନ୍ତି। ବ୍ୟାଙ୍କ୍ ଋଣର ମୂଳ ଓ ସୁଧ କିଭଳି ସୁଝିବେ ସେ ଚିନ୍ତାରେ ପଡିଛନ୍ତି ଚାଷୀ। ଗ୍ରୁପର ଋଣ ମୂଳ ସହ ସୁଧକୁ ଛାଡ଼ କରିବା ପାଇଁ ବାଣେଶ୍ୱରୀ ସ୍ୱୟଂ ସହାୟିକା ଗ୍ରୁପ ସଭାପତି ସୁଲେଖା ନାଏକ ଓ ସମ୍ପାଦିକା ମାଳତୀ ନାଏକ ଦାବି କରିଛନ୍ତି।

● ତୃତୀୟ ଦିନରେ ଜେଏମ୍‌ଏମ୍‌ର ହସ୍‌ପିଟାଲ ଆଗରେ ଧାରଣା

## 'ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣାରୁ ଉଠିବୁନି'



ମୋରଡ଼ା,୧୯।୩(ସମିସ): ଗତ ୧୭ ତାରିଖରୁ ଦୁଇ ଦଫା ଦାବି ନେଇ ମୋରଡ଼ା

### ଧାରଣାସ୍ଥଳରେ ପହଞ୍ଚିଲେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ

ବ୍ଲକ ଅଧୀନ ବାରମାଇଲସ୍ଥ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ତରଫରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଆଜି ତୃତୀୟ ଦିନରେ ପହଞ୍ଚିଛି। ଜେଏମ୍‌ଏମ୍ ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ କର୍ମୀ ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିଛନ୍ତି। ଡାକ୍ତରଖାନାରେ ଅଲଟ୍ରାସାଉଣ୍ଡ ଓ ଏକ୍ସରେ ମେସିନ ସ୍ଥାପନ, ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ ଦାବି କରାଯାଇଛି। ତେବେ ଗୁରୁବାର ଧାରଣାସ୍ଥଳରେ ଜିଲ୍ଲା ଚିକିତ୍ସା ଅଧିକାରୀ କିଶୋର କୁମାର ଆଚାର୍ଯ୍ୟ, ଜନସ୍ୱାସ୍ଥ୍ୟ ଅଧିକାରୀ ସୁବାସ ନାଏକ ପ୍ରମୁଖ ପହଞ୍ଚି ସଭାପତି ଦାସଙ୍କ ସହିତ ଆଲୋଚନା କରିଛନ୍ତି। ବର୍ତ୍ତମାନ ପାଇଁ ସପ୍ତାହରେ ଦୁଇଦିନ ନିମନ୍ତେ ପ୍ରସୂତି ଓ ମେଡ଼ିସିନ ବିଭାଗର ସ୍ପେଶାଲିଷ୍ଟ ଆସିବା ପାଇଁ ଅଧିକାରୀଗଣ ଦାସଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଉକ୍ତ ଡାକ୍ତରଖାନାରେ ସମସ୍ତ ଦାବିର ସ୍ଥାୟୀ ସମାଧାନ ନ ହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ଅଡ଼ି ବସିଥିଲେ। ଫଳରେ ଅଧିକାରୀ ନିରାଶ ହୋଇ ସେଠାରୁ ଫେରିଥିଲେ।

● ମାଳିହତା ଗ୍ରାମରେ କଳାକନା ବୁଲାଇଲେ ଦୁର୍ବୃତ୍ତ

## ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି

ମୋରଡ଼ା,୧୯।୩(ସମିସ): ମୋରଡ଼ା ଥାନା ଅଧୀନ ମାଳିହତା ଗ୍ରାମରେ ବୁଧବାର ରାତିରେ ଦୁର୍ବୃତ୍ତମାନେ ଘରେ ପଶି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି କରିଥିବା ଥାନାରେ ଅଭିଯୋଗ ହୋଇଛି। ମାଳିହତା ଗ୍ରାମର କୃତ୍ତିବାସ ବେହେରାଙ୍କ ପୁଅ ଦୀପକ ବେହେରାଙ୍କ ଲିଖିତ ଅଭିଯୋଗ ମୁତାବକ, ଦୁର୍ବୃତ୍ତମାନେ ଘରେ ପଶି ସୁନା ଗହଣା ଚୋରି କରି ନେଇଥିବାବେଳେ ବାକ୍ସ ଭାଙ୍ଗି କିଛି ବାଟ ନେଇ ଭିଙ୍ଗି ଦେଇଛନ୍ତି। ଆଲମିରାର ଭିତର ତାଲା ଭାଙ୍ଗିବାକୁ ଚେଷ୍ଟା କରିଥିଲେ ମଧ୍ୟ ଭାଙ୍ଗି ପାରି ନ ଥିଲେ। ଚୋରୀ ହୋଇଥିବା ସାମଗ୍ରୀର ଆନୁମାନିକ ମୂଲ୍ୟ ୨ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଥିବାବେଳେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବାବେଳେ ସାଇଣ୍ଟିଫିକ୍ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ମୋରଡା ଥାନା ଅଞ୍ଚଳରେ ପୁଲିସ ପାଟ୍ରୋଲିଂ ବଢ଼ାଇବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

---

## ଆଞ୍ଚଳିକ ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ଥାନା ଆଗରେ ଗଣଧାରଣା

ବେତନଟୀ, ୧୯।୩(ସମିସ):ବୈଶିଙ୍ଗା ଥାନା ଅଞ୍ଚଳରେ ଚୋରି, ଡକାୟତି, ରାହାଜାନି, ଛିନତାଇ, ହତ୍ୟା ଭଳି ଅପରାଧିକ ଘଟଣା ଘଟିବା ସହିତ ଚୋରା ମଦ, ଚୋରା ବାଲି ଓ ମୋରମ ଓ କାଠ ମାଫିଆଙ୍କ ଦାଦାଗିରି ବହୁ ମାତ୍ରାରେ ବଢି ଚାଲିଥିବା ଯୋଗୁଁ ଥାନା ଅଞ୍ଚଳବାସୀ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଏଥିପାଇଁ କେତେକ ଥାନା କର୍ମଚାରୀ ଅପରାଧିଙ୍କ ସହିତ ସମ୍ପର୍କ ରଖି ମୋଟା ଅଙ୍କର ଅର୍ଥ ଆଦାୟ କରୁଥିବା ଅଭିଯୋଗ ବିଷୟରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ, ଡିଆଇଜି




ବାଲେଶ୍ୱର, ଏସଡିପିଓ ବେତନଟୀ ଓ ପୁଲିସ ଡିଜି ତଥା ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେଥିପାଇଁ ବୈଶିଙ୍ଗା ଥାନା ଏଏସଆଇ ଶୁଭ୍ରାଂଶୁ ରାଉଳ ଓ ଏପିଆର ଶ୍ରୀ ଦତ୍ତଙ୍କୁ ବଦଳି କରିବା ପାଇଁ ଜିଲ୍ଲା ଏସପି ବଦଳି ନୋଟିସ ଜାରି କରିଥିଲେ। ମାତ୍ର ୧୫ ଦିନରୁ ଅଧିକ ହେବ ସେମାନଙ୍କର ବଦଳି ନ ହେବା ଯୋଗୁଁ ଗତ ସୋମବାର ୧୬ ତାରିଖ ଦିନ ଜିଲ୍ଲା ଏସପିଙ୍କୁ ଭେଟି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନ ନେଲେ ୧୯ ତାରିଖ ଦିନ ଆଞ୍ଚଳିକ ନାଗରିକ ସୁରକ୍ଷା ମଞ୍ଚ ତରଫରୁ ଥାନା ସମ୍ମୁଖରେ ଧାରଣା ଦେବାର ଚେତାବନୀ ଦିଆଯାଇଥିଲା। କୌଣସି ନିର୍ଦ୍ଦେଶ କାର୍ଯ୍ୟକାରୀ ନ ହେବା ଯୋଗୁଁ ଆଜି ପୂର୍ବାହ୍ନ ୧୦ ଘଟିକା ସମୟରେ ଥାନା ସମ୍ମୁଖରେ ଧାରଣା ଦିଆଯାଇଥିଲା। ଇନ୍ଦ୍ରମଣି ମହାପାତ୍ର, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର , ଯୁବ ନେତା ବିନୋଦ ସିଂହ, ନାରୀ ନେତ୍ରୀ ତଥା କଂଗ୍ରେସ ଜିଲ୍ଲା ଉପସଭାପତି ମାଧବୀ ସେନାପତି, ଜଳଧର ପାଣିଙ୍କ ସମେତ ଶହ ଶହ ପୁରୁଷ ଓ ମହିଳା ଯୋଗ ଦେଇଥିଲେ। ସନ୍ଧ୍ୟା ସମୟରେ ଏସଡିପିଓ ମିନତୀ ବିଶ୍ୱାଳ ପହଞ୍ଚି ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶରେ ଆସିଛନ୍ତି ବୋଲି କହି କ'ଣ ସମାଧାନ ଚାହୁଁଛନ୍ତି କୁହନ୍ତୁ। ଏହାପରେ ଇନ୍ଦ୍ରମଣି ମହାପାତ୍ର, ଗଣେଶ୍ୱର ପାତ୍ର, ମାଧବୀ ସେନାପତି ପ୍ରମୁଖ କହିଲେ ପୂର୍ବ ବଦଳି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଯାଉ ଓ ଆଇନଶୃଙ୍ଖଳା ରକ୍ଷା କରିବା ଦିଗରେ ସଚେତନ ହୁଅନ୍ତୁ ବୋଲି ମତ ଦେଇଥିଲେ। ଏସଡିପିଓ ଶ୍ରୀମତୀ ବିଶ୍ୱାଳ ଏକ ସପ୍ତାହ ମଧ୍ୟରେ ସମାଧାନ ହୋଇଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣାରତ ଜନସାଧାରଣ ଧାରଣା ପ୍ରତ୍ୟାହୃତ କରିଥିଲେ।

## ମୟୂରଭଞ୍ଜ ଠିକାଦାର ସଂଘର ଥାନା ସମ୍ମୁଖରେ ବିକ୍ଷୋଭ

ବାରିପଦା, ୧୯।୩(ସମିସ): ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବେତନଟୀ କେନାଲ ଶାଖା ଅଧୀନସ୍ଥ ପାଉଁଶିଆ କେନାଲରେ ଶକ୍ତିମାନ ବିଲଡର ନାମକ ଏକ ଠିକାଦାର ସଂସ୍ଥା କାର୍ଯ୍ୟ କରିଆସୁଥିଲା। କାମ ଚାଲୁଥିବାବେଳେ ବୁଧବାର କିଛି ଅସାମାଜିକ ଯୁବକ ଉକ୍ତ କାମକୁ ବିରୋଧ କରି ୧ ଲକ୍ଷ ଟଙ୍କା ଚାନ୍ଦା ମାଗିଥିଲେ। ସୁପରଭାଇଜର ସୁଶାନ୍ତ ମହାନ୍ତ ନଦେବାରୁ ତାଙ୍କୁ ମରଣାନ୍ତକ ଆକ୍ରମଣ ଓ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ସମସ୍ତ ଗାଡି ଏଠୁ ନେଇପାରିବୁନାହିଁ ବୋଲି ଧମକ ଦେଇଥିଲେ। ଉକ୍ତ ଘଟଣା ତୁରନ୍ତ ବଡ଼ସାହି ଥାନାକୁ ଜଣାଯାଇଥିଲା। କିନ୍ତୁ ପୁଲିସ ସଠିକ ସମୟରେ ନ ପହଞ୍ଚିବାରୁ ଏହା ଗଣ୍ଡଗୋଳର ରୂପ ନେଇଥିଲା। ଏହାକୁ ପ୍ରତିବାଦ କରି ମୟୂରଭଞ୍ଜ ଠିକାଦାର ମହାସଂଘର ପ୍ରାୟ ୫ ଶହରୁ ଊର୍ଦ୍ଧ୍ୱ ସଦସ୍ୟ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ବୋଲି ଜିଲ୍ଲା ସଂଘର ସାଧାରଣ ସମ୍ପାଦକ ତରୁଣ କୁମାର ମହାନ୍ତି ପ୍ରେସ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି। ତେବେ ପୁଲିସ ଅଧିକାରୀ ଘଟଣାର ସମାଧାନ ପ୍ରତିଶ୍ରୁତି ପରେ ସମସ୍ତେ ନିବୃତ୍ତ ରହିଥିଲେ। ସରକାରୀ କାର୍ଯ୍ୟରେ କୌଣସି ଅସାମାଜିକ ବ୍ୟକ୍ତି ହସ୍ତକ୍ଷେପ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲା ଠିକାଦାର ସଂଘ ନିଷ୍ପତ୍ତି ନେଇଛି।

## ଘସିପୁରାରେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ



ଆନନ୍ଦପୁର,୧୯।୩(ସମିସ): ୮୨ ବର୍ଷର ଆଧ୍ୟାତ୍ମିକ ପରମ୍ପରାକୁ ନେଇ ଘସିପୁରାରେ ଆୟୋଜିତ ହୋଇଛି ଅଷ୍ଟପ୍ରହର ନାମଯଜ୍ଞ। ଏଥିପାଇଁ ଘସିପୁରା ଅଞ୍ଚଳ ହୋଇଉଠିଛି ଉତ୍ସବମୁଖର। ନାମ ସଂକୀର୍ତ୍ତନ, ହରିବୋଲ, ହୁଳହୁଳିରେ କମ୍ପୁଛି ଅଞ୍ଚଳ। ପ୍ରତିବର୍ଷ ବାରୁଣୀ ସ୍ନାନ ପରଦିନଠାରୁ ଅଷ୍ଟପ୍ରହର ଅନୁଷ୍ଠିତ ହେଉଛି। ପ୍ରତ୍ୟୁଷରୁ ଅଧିବାସ ପରେ ବୈତରଣୀରେ କଳସ ବୁଡ଼ା ହୋଇଥିଲା। ପୂଜକ ସନ୍ତୋଷ ଦାଶଙ୍କ ଦ୍ୱାରା ପୂଜାକାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଆଜି ନଗର କୀର୍ତ୍ତନରେ ଅତାସାହି, ପୋଡ଼ାଖମଣ, କଇନିପୁରା, ତିହସାହି, ବାଉଁଶଗଡ଼, ବାଲିପଶି, ସାତକୋଶିଆ, ଅମରକୋଲା, ବାଗଦପା, ରାଇତଳା, ଖଳାଟିକର, ତୁଳସୀପୁର, ବିରିଡ଼ିହା ସମେତ ୨୦ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନମଣ୍ଡଳୀ ଯୋଗ ଦେଇଛନ୍ତି। ଗୌରଭକ୍ତମାନେ ପାରମ୍ପରିକ ବେଶଭୁଷାରେ ଏଥିରେ ସାମିଲ ହୋଇଥିବା ବେଳେ ମକରା ସାହି, ମଙ୍ଗଳା ସାହି, ଗେଟ୍‌ସାହି, ଲକ୍ଷ୍ମୀ ବଜାର, ଗୋଡ଼ିକିଆ ସାହିରେ ସେମାନଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସଂଧ୍ୟାରେ ଦଧିହାଣ୍ଡି ଭଙ୍ଗାଯିବା ପରେ ସମସ୍ତ ଜନସାଧାରଣ ଏକ ସଙ୍ଗେ ପ୍ରସାଦ ସେବନ କରିଥିଲେ। ଅଜୟ ସାହୁ, ମଦନ ସାହୁ, ସାଧୁଚରଣ ସାହୁ, ବୈରାଗୀ ସାହୁ, କ୍ଷୀରୋଦ ସାହୁ, ଧନେଶ୍ୱର ସାହୁ, ରାଜ ସାହୁ, ଜୟସେନ ସାହୁ, ନନ୍ଦକିଶୋର ସାହୁ, ଅକ୍ଷୟ ସାହୁ, ଧୂସି ସାହୁ,ଗଣେଶ୍ୱର ସାହୁ, ବିଶ୍ୱନାଥ ମହାରଣା, ନାରାୟଣ ସାହୁ, ପ୍ରଶାନ୍ତ ସାହୁ, ଗୋବର୍ଦ୍ଧନ ସାହୁ, ବିଶ୍ୱନାଥ ସାହୁ, ମନୋରଂଜନ ସାହୁ, ଅନନ୍ତ ସାହୁ, ନରି ସାହୁ, ତ୍ରୈଲୋଚନ ସାହୁ, ସୁଦର୍ଶନ ସାହୁ, ଗୋବିନ୍ଦ ସାହୁ, ତ୍ରିଲୋଚନ ସାହୁ, ଟୁଟୁ ସାହୁ, ମହେଶ୍ୱର ସାହୁ, ସୀତାରାମ ସାହୁ, ରବି ସାହୁ, ହରିହର ସାହୁ, ବିଶ୍ୱନାଥ ସାହୁ ପରିଚାଳନା କରିଥିଲେ।

---

**ମଧୁବାବୁ ପେନସନ ଯୋଜନା ଆବେଦନକାରୀ ସଂଖ୍ୟା ୪୬,୪୮୪**

# ମୟୂରଭଞ୍ଜ ଜିଲ୍ଲାରେ ଭତ୍ତା ଅପେକ୍ଷାରେ ୪୯ ହଜାର

ବାରିପଦା,୧୯।୩(ସମିସ):

ଭତ୍ତା ପାଇଁ ଆବେଦନ କରି ଅପେକ୍ଷାରେ ରହିଛନ୍ତି ଆବେଦନକାରୀଙ୍କରାଜ୍ୟରେ ୬ ଲକ୍ଷରୁ ଅଧିକ ଆବେଦନକାରୀ ଆବେଦନ କରି ନିରାଶ ଥିବା ବେଳେ ମୟୂରଭଞ୍ଜ ଜିଲ୍ଲାର ୪୯ ହଜାର ୩୦୪ ଜଣ ଅପେକ୍ଷାରେ ଅଛନ୍ତି। ନିକଟରେ ଏହି ପ୍ରସଙ୍ଗ ବିଧାନସଭାରେ ମଧ ଉଠିଥିଲା। ଏବାବଦରେ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସୂଚନା ଅନୁସାରେ ମଧୁବାବୁ ପେନସନ ଯୋଜନାରେ ଅପେକ୍ଷାରତ ଆବେଦନକାରୀଙ୍କ ମଧ୍ୟରୁ ୮୦ ବର୍ଷରୁ ଅଧିକ ବୟସର ୩ ହଜାର ୬୯୨ ଜଣ ଆବେଦନକାରୀ ଏବଂ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ୫ ହଜାର ୯୮୧ ଜଣ ବ୍ୟକ୍ତି ପେନସନ ପାଇଁ ଆବେଦନ କରି ଅପେକ୍ଷାରେ ରହିଛନ୍ତି। ସେହିପରି ରାଜ୍ୟରେ ୮୦ ବର୍ଷ ବୟସରୁ ଅଧିକ ବୟସ୍କ ୩ ହଜାର ୬୯୨ ଜଣ ଏବଂ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ୫ ହଜାର



୯୮୧ ଜଣ ଭତ୍ତା ପାଇଁ ଆବେଦନ କରି ଅପେକ୍ଷାରେ ରହିଛନ୍ତି ଆବେଦନକାରୀ। ରହିଛନ୍ତି। ସରକାରୀ ତଥ୍ୟ ଅନୁସାରେ, ଜିଲ୍ଲା ଅନୁଯାୟୀ ଗଞ୍ଜାମରେ ୬୫ ହଜାର ୫୫ ଜଣ ସର୍ବାଧିକ ସଂଖ୍ୟକ ଆବେଦନକାରୀ ପେନସନ ସହାୟତା ପାଇଁ ଅପେକ୍ଷାରେ ଥିବା ବେଳେ ଦ୍ୱିତୀୟ ସର୍ବାଧିକ ଭାବେ ମୟୂରଭଞ୍ଜରେ ୪୯ ହଜାର ୩୦୪ ଜଣ ଆବେଦନକାରୀ ଭତ୍ତା ପାଇଁ ଆବେଦନ କରି ଅପେକ୍ଷାରେ ରହିଛନ୍ତି। ମୟୂରଭଞ୍ଜରେ ୮୦ ବର୍ଷ ବୟସରୁ ଅଧିକ ବୟସ୍କ ୨୩୯ ଏବଂ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ୨୮୬ ଜଣ, ଅପେକ୍ଷାରେ ରହିଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ବର୍ଷ ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ଓଡ଼ିଶା ସରକାର ପେନସନ ଭତ୍ତା ବୃଦ୍ଧି କରିଥିଲେ। କ୍ୟାବିନେଟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିଲା। କ୍ୟାବିନେଟ ନିଷ୍ପତ୍ତି ଅନୁଯାୟୀ, ୮୦ ବର୍ଷ ଏବଂ ତା'ଠୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ଏବଂ ୮୦ ପ୍ରତିଶତ ଅକ୍ଷମତା ଥିବା ବ୍ୟକ୍ତିମାନଙ୍କ ପାଇଁ ପେନସନ ଭତ୍ତା ବୃଦ୍ଧି କରାଯାଇଥିଲା। ନିର୍ଦ୍ଦେଶାବଳୀ ଅନୁଯାୟୀ, ଉପରୋକ୍ତ ବର୍ଗ ପାଇଁ ପେନସନ ମାସିକ ୩,୫୦୦ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ଯୋଜନା ଅଧୀନରେ ପୂର୍ବରୁ ପେନସନ ପରିମାଣ ମାସିକ ୧୨୦୦ ଟଙ୍କା ଥିଲା। ତେବେ ମଧୁବାବୁ ପେନସନ ଯୋଜନାରେ ବାଦ୍ ପଡ଼ିଥିବା ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରସ୍ତାବ ସରକାରଙ୍କ ନିକଟରେ ବିଚାରାଧୀନ ରହିଥିବା ସୂଚନା ମିଳିଛି। ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ମ୍ୟୁନିସିପାଲିଟିରେ ମୋଟ ୪୬,୪୮୪ ଜଣ ବ୍ୟକ୍ତି ମଧୁବାବୁ ଯୋଜନାରେ ଭତ୍ତା ପାଇଁ ବଞ୍ଚିତ ରହିଛନ୍ତି ବା ପ୍ରତୀକ୍ଷାରତ ଅଛନ୍ତି। ଏହି ତାଲିକା ଅନୁଯାୟୀ, ସର୍ବାଧିକ ବଞ୍ଚିତ ହିତାଧିକାରୀ ବେତନଟୀ ବ୍ଲକ୍‌ରେ ୩,୫୭୨ ଜଣ, ବଡସାହିରେ ୩,୩୦୭ ଜଣ ଓ ଶୁଳିଆପଦାରେ ୨,୪୧୨ ଜଣ ରହିଛନ୍ତି। ସେହିପରି କପ୍ତିପଦା ବ୍ଲକରେ ୨,୫୧୭ଜଣ, କୁସୁମି ବ୍ଲକରେ ୨,୮୫୦ଜଣ, ରାସଗୋବିନ୍ଦପୁର ବ୍ଲକରେ ୨,୩୫୧ଜଣ ଓ ଠାକୁରମୁଣ୍ଡା ବ୍ଲକରେ ୨,୩୭୪ଜଣ ବଞ୍ଚିତ ରହିଛନ୍ତି। ମଧୁବାବୁ ପେନସନ ଯୋଜନା ଅଧୀନରେ ବୟସ୍କ, ବିଧବା, ଭିନ୍ନକ୍ଷମ ଓ ଅନ୍ୟ ଯୋଗ୍ୟ ବର୍ଗର ଲୋକଙ୍କୁ ମାସିକ ଭତ୍ତା ପ୍ରଦାନ କରାଯାଏ। ଆବେଦନକାରୀ ଭତ୍ତା ପାଇଁ ପ୍ରତୀକ୍ଷାରତଙ୍କ ସଂଖ୍ୟା ମୟୂରଭଞ୍ଜର ଏକ ଗୁରୁତର ସମସ୍ୟା ସୂଚାଉଛି। ସରକାରଙ୍କୁ ଏହି ଦିଗରେ ଦ୍ରୁତ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି।

# ବାଲେଶ୍ୱର ଜିଲ୍ଲାରେ ଜଳ ପ୍ରକଳ୍ପ କାର୍ଯ୍ୟ ମନ୍ଥର

ବାଲେଶ୍ୱର, ୧୯ ।୩(ସମିସ)

ଗ୍ରାମାଞ୍ଚଳର ଲୋକଙ୍କ ପାଇଁ ରାସ୍ତା ଘାଟ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ ଯୋଗାଣ ଆଦି ବିଭିନ୍ନ କ୍ଷେତ୍ରରେ ବିଭିନ୍ନ ପ୍ରକାର ଯୋଜନାମାନ ପ୍ରସ୍ତୁତ କରାଯାଉଥିବା ବେଳେ ଏଥିପାଇଁ ସରକାର କୋଟି କୋଟି ଟଙ୍କା ମଧ ଖର୍ଚ୍ଚ କରୁଛନ୍ତି । ଲୋକମାନେ ନିଜ ନିଜ ଘରେ ସୁବିଧାରେ ପାଣିପାଇବା ପାଇଁ ଗ୍ରାମ୍ୟ ଜଳଯୋଗାଣ ବିଭାଗ ଦ୍ୱାରା ଜଳଜୀବନ ମିଶନ ମାଧ୍ୟମରେ ପାଇପ ଯୋଗେ ପାଣି ଯୋଗାଇ ଦିଆଯାଉଛି । ହେଲେ ବାଲେଶ୍ୱର ଜିଲ୍ଲାରେ କାର୍ଯ୍ୟ କରୁଥିବା ଗ୍ରାମ୍ୟ ଜଳ ଯୋଗାଣ ବିଭାଗର କାର୍ଯ୍ୟ ମନ୍ଥର ଗତିରେ ଚାଲିଛି । ଏବେ ଖରାଦିନ ହୋଇଥିବାରୁ ଗ୍ରାମାଂଚଳରେ ପାଣିର ସମସ୍ୟା ଅଧିକ ଦେଖାଦେଉଛି । ହେଲେ ଜିଲ୍ଲାରେ କାର୍ଯ୍ୟ କରୁଥିବା ଏହି ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ୧୨ଟି ବ୍ଲକରେ୨୦୨୩-୨୪ଆର୍ଥିକ ବର୍ଷରେ ଗ୍ରାମଂଚଳରେ ରହୁଥିବା ୫ଲକ୍ଷ ୭୭ହଜାର୨୬୩ଟି ଘର ମଧ୍ୟରୁ ୪ ଲକ୍ଷ ୫୭ହଜାର୪ଶହ ଘରକୁ ପାଇ ସଂଯୋଗ କରିଥିଲା । ହେଲେ ଏହାରି ମଧ୍ୟରେ ଦୁଇ ବର୍ଷ ବିତିଯାଇଥିଲେ ସୁଦ୍ଧା ଏହି କାର୍ଯ୍ୟ ମନ୍ଥର ଭାବେ ଚାଲିଛି । ଅନ୍ୟପଟେ ଏହି ବିଭାଗ ଦ୍ୱାରା ପାଖାପାଖି ୨୨ହଜାରରୁ ଅଧିକ ଟିୱେଲ ମଧ ସଂଯୋଗ କରାଯାଇଥିବା ବେଳେ ବହୁ ପଞ୍ଚାୟତରେ ଏବେ ଟିୱେଲ ଗୁଡିକ ଖରାପ ହୋଇପଡ଼ିଛି । ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ୨୦୨୫-୨୬ବର୍ଷରେ ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ଜଳଜୀବନ ମିଶନ ଯୋଜନାରେ ଘରକୁ ଘର ପାଇପ ଯୋଗେ ପାଣି ଯୋଗାଣ କାର୍ଯ୍ୟ କରାଯାଉଛି । ବିଶେଷ କରି ଜିଲ୍ଲାର ୧୨ଟି ବ୍ଲକର ଗ୍ରାମାଂଚଳର ଲୋକମାନଙ୍କ ପାଇଁ ଏହି ବ୍ୟବସ୍ଥା କରାଯାଉଛି । ମୋଟ ଉପରେ ଜିଲ୍ଲାର ୧୨ଟି ବ୍ଲକରେ ୫ଲକ୍ଷ ୭୭ହଜାର ୪୦୮ଟି ଘରକୁ ପାଇପ ଯୋଗେ ପାଣି ଯୋଗାଣ ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ଏ ପର୍ଯ୍ୟନ୍ତ ୫ଲକ୍ଷ୨୮୬ଶହଟି ଘରକୁ ପାଇପ ଯୋଗେ ପାଣି ଯୋଗାଯାଇଛି । ବାକି ଥିବା ଘର ଗୁଡିକ କେବେ ପାଇପ ଯୋଗେ ପାଣି ଯୋଗାଯିବ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

**ଦେଖାଦେଲାଣି ପାନୀୟଜଳ ସଂକଟ**

ଅନ୍ୟପଟେ ଜିଲ୍ଲାର ବାଲେଶ୍ୱର ବ୍ଲକର ୩୭ଟି ପଞ୍ଚାୟତର ୨୪୦ଟି ଗାଁ ପାଇଁ ୩୧୪୮ଟି ନଳକୂପ ରହିଥିବା ବେଳେ ରେମୁଣା ବ୍ଲକର ୩୨ଟି ପଞ୍ଚାୟତର ୨୪୭ଟି ଗାଁ ପାଇଁ ୨୦୭୪, ନୀଳଗିରି ବ୍ଲକର ୨୫ଟି ପଞ୍ଚାୟତର ୧୪୪ଟି ଗାଁ ପାଇଁ ୧୫୮୯, ଜଳେଶ୍ୱର ବ୍ଲକର ୩୫ଟି ପଞ୍ଚାୟତର ୨୦୬ଟି ଗାଁ ପାଇଁ ୧୮୬୭, ଭୋଗରାଇ ବ୍ଲକର ୫୦ଟି ପଞ୍ଚାୟତର ୩୦୭ଟି ଗାଁ ପାଇଁ ୨୨୬୫, ବାଲିଆପାଳ ବ୍ଲକର ୨୮ଟି ପଞ୍ଚାୟତର ୧୮୩ଟି ଗାଁ ପାଇଁ ୧୫୨୯, ବସ୍ତା ବ୍ଲକର ୩୧ଟି ପଞ୍ଚାୟତର ୨୮୩ଟି ଗାଁ ପାଇଁ ୧୬୧୨, ସୋର ବ୍ଲକର ୨୪ଟି ପଞ୍ଚାୟତର ୧୫୬ଟି ଗାଁ ପାଇଁ ୨୦୮୧, ବାହାନଗା ବ୍ଲକର ୨୪ଟି ପଞ୍ଚାୟତର ୧୬୦ଟି ଗାଁ ପାଇଁ ୧୪୭୫, ଔପଦା ବ୍ଲକର ୧୧ଟି ପଞ୍ଚାୟତର ୧୫୪ଟି ଗାଁ ପାଇଁ ୧୧୫୩, ଖଇରା ବ୍ଲକର ୩୭ଟି ପଞ୍ଚାୟତର ୩୩୬ଟି ଗାଁ ପାଇଁ ୨୦୪୯ ଏବଂ ସିମୁଳିଆ ବ୍ଲକର ୨୨ଟି ପଞ୍ଚାୟତର ୧୫୦ଟି ଗାଁ ପାଇଁ ୧୩୨୭ଟି ନଳକୂପ ରହିଛି । ହେଲେ ଏହି ସମସ୍ତ ବ୍ଲକକୁ ମିଶାଇଲେ ମୋଟ ୨୨ହଜାର ୧୬୯ଟି ନଳକୂପ ରହିଛି । ଅନ୍ୟପଟେ ବାଲେଶ୍ୱର ବ୍ଲକର ବିଭିନ୍ନ ପଞ୍ଚାୟତ ଗୁଡିକରେ ନୂଳକୂପ ଗୁଡିକ ଖରାପ ହୋଇପଡ଼ିଥିବା ଜଣାଯାଇଛି । ଏ ନେଇ ଗ୍ରାମ୍ୟ ପାନୀୟ ଜଳ ବିଭାଗ କାର୍ଯ୍ୟନିର୍ବାହୀ ଅଧିକାରୀ ଇଂ. ରେବତୀ କଅଁରଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ଗ୍ରାମାଂଚଳରେ ଯେଉଁ ସବୁ ଟିୱେଲ ଗୁଡିକ ରହିଛି ତାହା ଏ ପର୍ଯ୍ୟନ୍ତ ଠିକ ରହିଛି । ଯେଉଁଠାରୁ ଅଭିଯୋଗ ଆସୁଛି ତାହାକୁ ତୁରନ୍ତ ମରାମତି କରାଯାଉଛି ।

# ବ୍ଲକ ଛକରେ ପାନୀୟ ଜଳ ସମସ୍ୟା ଉତ୍କଟ, ଯାତ୍ରୀ ହନ୍ତସନ୍ତ






କାଳିପଦା, ୧୯।୩ (ସମିସ): ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଅବହେଳାରୁ ବାଲିଆପାଳ ବଜାର ବ୍ଲକ ଛକରେ ଏବେ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଛି । ସରକାରୀ ପାଣି ଟ୍ୟାପରୁ ଅନେକ ସମୟରେ ଦୁର୍ଗନ୍ଧ ଯୁକ୍ତ ଗୋଳିଆ ପାଣି ବାହାରୁଛି । ତାହାର କାରଣ ଖୋଜିବା ପାଇଁ ଆର୍ ଡବ୍ଲ୍ୟୁ ଏସ ଏସ ପାଖରେ ସମୟ ନାହିଁ । ବ୍ଲକ ପ୍ରଶାସନ ଜାଣି ଅଜଣାରେ ରହୁଛି । ଗ୍ରାମ ପଞ୍ଚାୟତ ମଧ ନିରବ । ବ୍ଲକ ଛକର ଉତ୍ତର ପଟ ବାଲିଆପାଳ ଗ୍ରାମ ପଞ୍ଚାୟତ ଅଧୀନରେ ରହିଥିବା ବେଳେ ଦକ୍ଷିଣ ପଟ ମଧୁପୁରା ପଞ୍ଚାୟତ ଅଧୀନରେ ରହିଛି । ଫଳରେ କାମ ଠିକ୍ ଭାବରେ ହୋଇ ପାରୁ ନାହିଁ । ଏଠାରେ ପରିମଳ କଥା କହିଲେ ନ ସରେ । ଛକକୁ ଲାଗି କୁଡ଼ କୁଡ଼ ଅଳିଆ ଆବର୍ଜନା ମାସ ମାସ ଜମା ହୋଇ ପଡ଼ି ରହିଛି । ଫଳରେ ପରିବେଶଟି ପୁତି ଗନ୍ଧମୟ ହୋଇ ଉଠିଛି । ଏଥି ପ୍ରତି କାହାର ମଧ ନଜର ନାହିଁ । ବର୍ଷକୁ ଥରେ କିମ୍ବା ଦୁଇ ଥର ଉଭୟେ ପଞ୍ଚାୟତ ପୃଥକ୍ ପୃଥକ୍ ଭାବେ ରାସ୍ତା କଡ଼ ଡ୍ରେନକୁ ସଫା କରନ୍ତି । ଡ୍ରେନରେ ଅଳିଆ ଆବର୍ଜନା ପୂରି ଯାଉ ଥିବାରୁ ବର୍ଷା ଋତୁରେ ଅନେକ ସମୟରେ ଡ୍ରେନର ଦୁର୍ଗନ୍ଧ ପାଣି ରାସ୍ତା ଉପରକୁ ମାଡ଼ିଆସେ । ସରକାରୀ ଶୌଚାଳୟରେ ପ୍ରାୟେ ଅନେକ ସମୟରେ ତାଲା ପଡ଼ି ଥିବାରୁ ଯାତ୍ରୀମାନେ ତାର ସୁବିଧା ନେଇ ପାରନ୍ତି ନାହିଁ । ବାଧ ହୋଇ ପଦାକୁ ଝାଡ଼ା, ପରିସ୍ରା ଯାଆନ୍ତି । ବ୍ଲକ ଛକ ବାଲିଆପାଳ ବଜାରର ଏକ ପ୍ରମୁଖ ସ୍ଥାନ । ଦୈନନ୍ଦିନ ଏହି ଛକ ପାରି ଯାତ୍ରୀ ବାହୀ ବସ୍, ଟ୍ରକ୍, ଟ୍ରେକର, ପିକ୍ ଅପ୍ ଭ୍ୟାନ୍ ବାଲେଶ୍ୱର, ବାରିପଦା, ଚନ୍ଦନେଶ୍ୱର, ପଶ୍ଚିମ ବଙ୍ଗ, କଟକ, ଭୁବନେଶ୍ୱର, ପୁରୀ, ବ୍ରହ୍ମପୁର, ଢେଙ୍କାନାଳ, ସମ୍ବଲପୁର, ରାଉରକେଲା ଆଦି ସ୍ଥାନକୁ ଯାତାୟାତ କରିଥାଏ । ଛକରେ ଅପେକ୍ଷା କରିଥିବା ଯାତ୍ରୀମାନେ ଏହି ସବୁ ସମସ୍ୟା ଯୋଗୁଁ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କେଇ ବର୍ଷ ତଳେ ଏଠାରେ ସୁଲଭ ଶୌଚାଳୟ ନିର୍ମାଣ ପାଇଁ ସମସ୍ତ କାର୍ଯ୍ୟ ସରିଥିଲା । ତେବେ କେଉଁ କାରଣ ପାଇଁ ସେହି କାମ ବନ୍ଦ୍ ହୋଇ ଗଲା ତାହା ଏବେ ସାଧାରଣ ରେ ପ୍ରଶ୍ନ ବାଚୀ ସୃଷ୍ଟି କରିଛି । ଟ୍ରେଙ୍କର ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ବଜାରବାସୀ ଦୃଢ଼ ଦାବି କରିଛନ୍ତି ।

● ନିମ୍ନମାନର ନିର୍ମାଣ କାମ ଅଭିଯୋଗ

# ମାର୍କେଟ କମ୍ପ୍ଲେକ୍ସ କାମ ବନ୍ଦକଲେ ଗ୍ରାମବାସୀ

ଜଳେଶ୍ୱର, ୧୯।୩ (ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଚମାରଗାଁ ପଞ୍ଚାୟତରେ ସରକାରୀ ଅର୍ଥର ବ୍ୟାପକ ଅପବ୍ୟବହାର ଓ ନିମ୍ନମାନର ନିର୍ମାଣ କାର୍ଯ୍ୟକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଚାପ୍ଲା ମାର୍କେଟରେ ନିର୍ମାଣାଧୀନ ମାର୍କେଟ କମ୍ପ୍ଲେକ୍ସ କାମରେ ଅନିୟମିତତା ଅଭିଯୋଗ କରି ଆଜି ଗ୍ରାମବାସୀ ଏକତ୍ରିତ ହୋଇ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିଦେଇଛନ୍ତି । ପ୍ରାୟ ୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେଉଥିବା ଏହି ପ୍ରକଳ୍ପରେ ବହୁ ଦୁର୍ନୀତି ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସେମାନଙ୍କ କହିବା ଅନୁଯାୟୀ ନିର୍ମାଣରେ ଅତି ନିମ୍ନମାନର ଇଟା ଓ ଲୁହାଛଡ଼ ବ୍ୟବହାର କରାଯାଉଛି । ସିମେଣ୍ଟ କାମ ପାଇଁ ମାଟି ମିଶା ବାଲି ବ୍ୟବହାର ହେଉଥିବା ବେଳେ କଂକ୍ରିଟରେ ସଠିକ୍ ଭାବେ ପାଣି ଦିଆଯାଉନାହିଁ, ଯାହାଦ୍ୱାରା କୋଠାର ସ୍ଥାୟିତ୍ୱ ପ୍ରତି ବିପଦ ସୃଷ୍ଟି ହୋଇଛି । କାର୍ଯ୍ୟସ୍ଥଳରେ କୌଣସି ସୂଚନା ଫଳକ ଲଗାଯାଇ ନାହିଁ । ଆଜି ଦିନ ୨ଟା ସମୟରେ ମନୋରଞ୍ଜନ ଦେ, ଦେବାଶିଷ ଦେ, ସଞ୍ଜୀବ ଦାସ, ମୃତ୍ୟୁଞ୍ଜୟ ରାଉତ୍, ଗିରିଧାରୀ ଚାନ୍ଦ, ବିଜୟ ପ୍ରାମାଣିକ, ହରିଶ ଚନ୍ଦ୍ର ସେନାପତି ଓ ସୁମନ ପାତ୍ରଙ୍କ ସମେତ ବହୁ ଗ୍ରାମବାସୀ ନିର୍ମାଣ ସ୍ଥଳରେ ପହଞ୍ଚିଥିଲେ । କାମର ମାନ ଦେଖି ସେମାନେ ଅସନ୍ତୋଷ ହୋଇ କାମକୁ ସ୍ଥଗିତ ରଖିବାକୁ ଚେତାବନୀ ଦେଇଛନ୍ତି । ଏହି ମର୍ମରେ ଏକ ଦାବିପତ୍ର ଜଳେଶ୍ୱର ବିଡିଓ ଓ ବ୍ଲକ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି ।



# ହାତୀ ଆକ୍ରମଣରେ ମୃତକଙ୍କ ପରିବାରକୁ ଭେଟିଲେ ସିପିଏମ୍ ପ୍ରତିନିଧି ଦଳ

ଜଳେଶ୍ୱର ବ୍ଲକ, ୧୯।୩(ସମିସ): ଜଳେଶ୍ୱର ବ୍ଲକର ଖୁଆଡ ପଞ୍ଚାୟତ ଅନ୍ତର୍ଗତ କେନ୍ଦୁଖୁଣ୍ଟା ଗ୍ରାମରେ ସୋମବାର ମଧ୍ୟ ରାତ୍ରିରେ ଏକ ଗୋଠ ଛଡ଼ା ଦନ୍ତା ହାତୀ ଗୋଟିଏ ଦୁଇ ବର୍ଷର ଶିଶୁକୁ ପାଦରେ ଦଳି ମାରିବା ଘଟଣା ଅଞ୍ଚଳରେ ଏକ କୋକୁଆ ଭୟ ସୃଷ୍ଟି କରିଛି । ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ର ଜଳେଶ୍ୱର ଆଞ୍ଚଳିକ କମିଟି ତରଫରୁ ସମ୍ପାଦକ ଅକ୍ଷୟ କୁମାର ମିଶ୍ର, ଦିଲ୍ଲୀପ କୁମାର ଗିରି, ରବୀନ୍ଦ୍ର କୁମାର ବାରିକ, ସେହି ଗ୍ରାମର ଗୁରୁଭା ହେମ୍ବ୍ରମଙ୍କୁ ସାଥିରେ ଧରି ପୀଡ଼ିତାଙ୍କୁ ଭେଟି ସମସ୍ତ ଘଟଣା ସମ୍ପର୍କରେ ଅବଗତ ହୋଇଥିଲେ । ଉଦ୍ଧବ ବେସ୍ରା ତାଙ୍କର ସ୍ତ୍ରୀ ଚାରୀ ବେସ୍ରା ପିଲାଛୁଆଙ୍କୁ ସାଥିରେ ନେଇ ଶୋଇଥିବା ବେଳେ ରାତ୍ରରେ ହଠାତ୍ ଗୋଟିଏ ଦନ୍ତା ହାତୀ ଘରର କାନ୍ଥ ଭାଙ୍ଗି ଘର ଭିତରକୁ ପ୍ରବେଶ କରିଥିଲା । ହାତୀ କବଳରୁ ପିଲାଛୁଆଙ୍କୁ ନେଇ ପଳାଇବା ପୂର୍ବରୁ ଦୁଇ ବର୍ଷର ଏକ ଶିଶୁକୁ ପାଦରେ ଦଳି ମାରିଦେଇଥିଲା ବୋଲି ବାପା ଉଦ୍ଧବ କାନ୍ଦି କାନ୍ଦି ପ୍ରକାଶ କରିଥିଲା । ଖବର ପାଇ ବନ ବିଭାଗର ଅଫିସର ଘଟଣା ସ୍ଥଳରେ ପହଞ୍ଚି ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରିଥିଲେ । କିନ୍ତୁ ସାଧାରଣ ପ୍ରଶାସନ ତରଫରୁ କେହି ନଯିବା ଏବଂ ସହାୟତାର ହାତ ନ ବଢେଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସିପିଏମ ତରଫରୁ କୁହାଯାଇଛି । ଉଦ୍ଧବ ବେସ୍ରାର ଘରଟିକୁ ହାତୀ ଭାଙ୍ଗି ଦେବା ପରେ ସେ ତାର ସ୍ତ୍ରୀ ପିଲାଛୁଆଙ୍କୁ ସାଥିରେ ନେଇ ସାନଭାଇ ବ୍ରହ୍ମାନନ୍ଦଙ୍କ ଘରେ ଆଶ୍ରୟ ନେଇଛନ୍ତି । ଏଭଳି ଦୁଃଖ ଦେଖି ସାରିବା ପରେ ସିପିଏମ ତରଫରୁ କିଛି ଲୁଗାପଟା, ବିସ୍କୁଟ ଓ ପାଞ୍ଚ ଶତ ଟଙ୍କା ସହାୟତା ପ୍ରଦାନ କରାଯାଇଛି । ଏହାପରେ ବନ ବିଭାଗ ଅଫିସର ପ୍ରହ୍ଲାଦ ନାୟକଙ୍କ ସହିତ ଘଟଣା ସ୍ଥଳରୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇ ତୁରନ୍ତ ପୀଡ଼ିତାଙ୍କ ପରିବାରକୁ ଦଶ ଲକ୍ଷ ଟଙ୍କାର ସହାୟତା ଯୋଗାଇ ଦେବାକୁ ଦାବି କରାଯାଇଛି । ଯୁଦ୍ଧ କାଳୀନ ଭିତ୍ତିରେ ଏକ ସ୍ଥାୟୀ ପକ୍କା ଘର ନିର୍ମାଣ ପାଇଁ ପ୍ରଶାସନ ନିକଟରେ ଦଳ ଦାବି କରିଛି । ଏଥି ସହିତ ହାତୀ ଆକ୍ରମଣରୁ ଅଞ୍ଚଳବାସୀଙ୍କୁ ସୁରକ୍ଷା ଦେବାର ବ୍ୟବସ୍ଥା କରିବା ଏବଂ ହାତୀ କରିଡ଼ର ଭାବରେ ଘୋଷଣା କରାଯାଇ ବିଦ୍ୟୁତ ଆଲୋକରେ ସେହି ଅଞ୍ଚଳକୁ ରାତିରେ ଆଲୋକିତ କରିବା ପାଇଁ ଦାବି କରାଯାଇଛି । ପନ୍ଦର ଦିନ ମଧ୍ୟରେ ପୀଡ଼ିତାଙ୍କୁ କୋଡ଼ିଏ ଲକ୍ଷ ଟଙ୍କାର ଆର୍ଥିକ ସହାୟତା, ଏକ ସ୍ଥାୟୀ ପକ୍କା ଘର ଯୋଗାଇ ଦିଆନଗଲେ ଅଞ୍ଚଳବାସୀଙ୍କୁ ସାଥିରେ ଧରି ବନ ବିଭାଗ ଅଫିସ ସମ୍ମୁଖରେ ଧାରଣା ଦିଆଯିବ ବୋଲି ପାର୍ଟିର ଆଞ୍ଚଳିକ କମିଟି ସମ୍ପାଦକ ଅକ୍ଷୟ କୁମାର ମିଶ୍ର, ବରିଷ୍ଠ ବାମପନ୍ଥୀ ନେତା ଦିଲ୍ଲୀପ କୁମାର ଗିରି, କୃଷକ ନେତା ରବୀନ୍ଦ୍ର କୁମାର ବାରିକ, ଗୁରୁଭା ହେମ୍ବ୍ରମ, ନାରାଣ ବେସ୍ରା, ପ୍ରଦୀପ ହାଁସଦା, ଶ୍ୟାମସୁନ୍ଦର ସୋରେନ, ବ୍ରହ୍ମାନନ୍ଦ ବେସ୍ରା ପ୍ରମୁଖ ଚେତାବନୀ ଦେଇଛନ୍ତି ।



# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଚନ୍ଦନେଶ୍ୱର, ୧୯।୩(ସମିସ): ଭୋଗରାଇର ଜଗନ୍ନାଥପୁର ପଞ୍ଚାୟତ ଅଧୀନ ନେଗୁଆଁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାରାଣୀ ପରିଡ଼ାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆ ଯାଇଛି । ବିଦ୍ୟାଳୟ ପରିସରରେ ଏନେଇ ଆୟୋଜିତ ସଭାକୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ସାହୁ ପୌରୋହିତ୍ୟ କରିଥିଲେ । ମୁଖ୍ୟଅତିଥି ଜଗନ୍ନାଥପୁର ସରପଞ୍ଚ ଅଶୋକ କୁମାର ସାସମଲ ଯୋଗଦେଇ ଶ୍ରୀମତୀ ପରିଡ଼ାଙ୍କ ଗୁଣଗାନ କରିଥିଲେ । ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସଞ୍ଜିତ କୁମାର ମହାନ୍ତି ଯୋଗଦେଇ ଅଭିଭାବକ ଏବଂ ଛାତ୍ରଛାତ୍ରୀଙ୍କ ଭାବବିହ୍ୱଳତା ତାଙ୍କ ନିଷ୍ଠା, ତ୍ୟାଗ ଏବଂ ସେବାର ଖୋରାକ ଯୋଗାଇଛି ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଚନ୍ଦ୍ରାରାଣୀ ଭଞ୍ଜ, ଉର୍ମିଳା ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ଅଜିତ ସାମଲ, ନିଖିଳ ଉତ୍କଳ ପ୍ରଥମିକ ଶିକ୍ଷକ ସଂଘ ଭୋଗରାଇର ସମ୍ପାଦକ ପ୍ରଶାନ୍ତ କୁମାର ପଣ୍ଡା, ଶିକ୍ଷକ ଲମ୍ବୋଦର ଜେନା, ପଦ୍ମ ଲୋଚନ ମାଝୀ, ତାପସ ଦାସ, ଅରୁଣ ଗିରି, ସୁଶାନ୍ତ ନାୟକ, ପରିଚାଳନା କମିଟିର ସଭାପତି ଗୌତମ ଗିରି, ୱାର୍ଡସଭ୍ୟା ପୂର୍ଣ୍ଣିମା ସାହୁ ପ୍ରମୁଖ ଯୋଗଦେଇ ତାଙ୍କ ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ । ଶେଷରେ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସୁଖଲାଲ ବାସ୍ତେ ଧନ୍ୟବାଦ ଦେଇଥିଲେ ।

# ବ୍ୟାଙ୍କ ଋଣ ଶୁଝି ନ ପାରିବାରୁ ଘରବାଡ଼ି ନିଲାମ




ରେମୁଣା, ୧୯।୩ (ସମିସ): ରେମୁଣା ଏନଏସି ଅନ୍ତର୍ଗତ ମଙ୍ଗଳପୁର ଗ୍ରାମରେ କରୁଣାକର ଟୁଙ୍ଗ ନାମକ ବ୍ୟକ୍ତିର ଘରକୁ ବ୍ୟାଙ୍କ ସିଲ କରି ନିଲାମ କରିଛି । କରୁଣାକର ଟୁଙ୍ଗ ଛତୁ ଚାଷ କରିବା ପାଇଁ ବ୍ୟାଙ୍କ ଅଫ ଇଣ୍ଡିଆ ଗଣେଶ୍ୱରପୁର ଶାଖାରୁ ୭ ଲକ୍ଷ ଟଙ୍କା ଋଣ ନେଇଥିଲେ । ସବ୍‌ସିଡ ୧ଲକ୍ଷ ୮୦ ହଜାର ପାଇଥିଲେ । କିଛି ଅସୁବିଧା କାରଣରୁ ବକେୟା ରାଶି ଜମା କରିପାରିନଥିଲେ । ବ୍ୟାଙ୍କ ମ୍ୟାନେଜର ୩ ଟି ନୋଟିସ ପଠେଇବା ପରେ କରୁଣାକର ଟୁଙ୍ଗ ଘରକୁ ଯାଇ ତାଙ୍କ ଘରର ସମସ୍ତ ସାମଗ୍ରୀ ବାହାରକୁ କାଢ଼ିଦେଇ ଘର ତାଲା ପକେଇ ଦେଇଛନ୍ତି ଏବଂ ଅକ୍ସନ କରିଦେଇଛନ୍ତି । କରୁଣାକର ଟୁଙ୍ଗ ଘର ନ ପାଇ ଏଇ ଖରାରେ ବାର ଦୁଆର ହେଉଛନ୍ତି । ତାଙ୍କ ଝିଅ ସସ୍ମିତା ଭୁକ୍ତା ଅକ୍ସନ ଖବର ପାଇ ଆଜି ବ୍ୟାଙ୍କ ମ୍ୟାନେଜରଙ୍କୁ ଆସି ଦେଖାକରି କହିଛନ୍ତି ଯେ ମୋ ବାପା ମୂର୍ଖ ଲୋକ ପାଠପଢ଼ା ଜାଣିନାହାନ୍ତି ତମେ ଇଂରାଜୀରେ ନୋଟିସ ପଠେଇଲେ କେମିତି ଜାଣିବେ । ଝିଅକୁ ମଧ ଖବର ନ ଦେଇ ସେଟେଲମେଣ୍ଟ କରିବା ଆଦୌ ଉଚିତ ନୁହେଁ । ମ୍ୟାନେଜର ରଞ୍ଜିତ କୁମାର ପାଢ଼ୀଙ୍କୁ ଅନୁରୋଧ କରିକହିଛନ୍ତି ଯେ ମୋ ଘରକୁ ମୋତେ ଫେରେଇ ଦିଅନ୍ତୁ । କିନ୍ତୁ ବ୍ୟାଙ୍କ ମ୍ୟାନେଜର କିଛି ପ୍ରତିଉତ୍ତର ରଖିନାହାନ୍ତି ।

# ଆଦିବାସୀ ମହିଳା ସଂଗଠନ ତରଫରୁ ମାଦଳଧୁମ୍ସା କାର୍ଯ୍ୟକ୍ରମ

ରେମୁଣା, ୧୯।୩(ସମିସ): ରେମୁଣା ଏନ୍‌ଏସି ଅନ୍ତର୍ଗତ ବଡ଼ପାଳ ଗ୍ରାମପଞ୍ଚାୟତର ଗୋପାଳପୁରର ବେଲକଣ୍ଡା ସାହିରେ ଆଦିବାସୀ ମହିଳା ସଂଗଠନ ଦ୍ୱାରା ଆୟୋଜିତ ମାଦଳଧୁମ୍ସା କାର୍ଯ୍ୟକ୍ରମରେ ମଞ୍ଜୁଲତା ଦାସ, ଦହପଡ଼ା ସରପଞ୍ଚ ପ୍ରଣତୀ ଜେନା, ସୁତେଇ ସମିତି ସଭ୍ୟ ଗିରିଶ ଚନ୍ଦ୍ର ଦଳେଇ, ୱାର୍ଡ ସଭ୍ୟା ସୁକାନ୍ତି ସେଠୀ, ସମାଜସେବୀ ଅଜୟ ମହାଳିକ ପ୍ରମୁଖ ଉପସ୍ଥିତ ଥିଲେ । ତତ୍‌ପରେ ଗ୍ରାମପଞ୍ଚାୟତ



ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ରାଉତ, ରେମୁଣା ବିଧାୟିକା ପ୍ରାର୍ଥୀ ବିଦ୍ୟାସ୍ମିତା ମହାଳିକ, ବିଜୁ ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ କୁମାର ଦାସ ମଙ୍ଗରାଜ, ରାଜ୍ୟ ଯୁବ ସାଧାରଣ ସମ୍ପାଦକ ତଥା କୁରୁଡ଼ା ସରପଞ୍ଚ ତାପସ କୁମାର ପାଣିଗ୍ରାହୀ, ସରପଞ୍ଚ ଇଂ କମଳ ଲୋଚନ ପଣ୍ଡା, ମନ୍ଦାରପୁର ସରପଞ୍ଚ ପାଣ୍ଡିରୁ ସରପଞ୍ଚଙ୍କ ଉଦ୍ୟମରେ ନବନିର୍ମିତ ମାଆ ଜାହିରା ଠାକୁରାଣୀ ତଳାର ଶୁଭ ଉଦ୍‌ଘାଟନ ଅତିଥିମାନଙ୍କ ଦ୍ୱାରା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବଡ଼ପାଳ ଗ୍ରାମ ପଞ୍ଚାୟତର ସମସ୍ତ ଆଦିବାସୀ ସମ୍ପ୍ରଦାୟର ମହିଳା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ ସହଯୋଗ କରିଥିଲେ ।

# ବ୍ଲକସ୍ତରୀୟ ଆଥଲେଟିକ୍ ପ୍ରତିଭା ଅନ୍ୱେଷଣ



ଜଳେଶ୍ୱର, ୧୯।୩ (ସମିସ): ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ଆଜି ବ୍ଲକସ୍ତରୀୟ ଆଥଲେଟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଜଳେଶ୍ୱର ନୂଆବଜାରସ୍ଥିତ ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ସ୍ପୋର୍ଟସ୍ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପୂର୍ବରୁ ଅନ୍‌ଲାଇନ୍‌ରେ ଆବେଦନ କରିଥିବା ଯୁବକ/ଯୁବତୀ ମାନଙ୍କୁ ଚୟନ କରାଯାଇଥିଲା । ପୁଣି ଜିଲାସ୍ତରୀୟ ଚୟନ ପରେ ସେମାନଙ୍କୁ ରାଜ୍ୟର ବିଭିନ୍ନ ସ୍ପୋର୍ଟସ୍ ହଷ୍ଟେଲରେ ରଖାଯାଇ ପ୍ରଶିକ୍ଷଣ ଦିଆଯିବାର କାର୍ଯ୍ୟକ୍ରମ ରହିଥିବା ଜଣାଯାଇଛି ।

ଅନ୍ୟମାନଙ୍କ ମଧ୍ୟରେ ଜିଲା ଭଲିବଲ କୋଚ୍ ଆର୍ଶିବାଦ ସାହା, ସର୍ପେନ୍ଦୁ ଶେଖର ଆଚାର୍ଯ୍ୟ, ଅମିତ ପଟ୍ଟନାୟକ, ମାନସ ରଞ୍ଜନ ଜେନା ପ୍ରମୁଖ ଯୋଗଦେଇ ଚୟନ ପ୍ରକ୍ରିୟାରେ ସହଯୋଗ କରିଥିଲେ ।

● ବଦଳିକୁ ବିତିଲାଣି ୧୦ ମାସ

# ଯନ୍ତ୍ରୀଙ୍କ କବ୍‌ଜାରେ ଫାଇଲ୍; ଉନ୍ନୟନ କାମ ବାଧାପ୍ରାପ୍ତ

ବାଲେଶ୍ୱର, ୧୯।୩ (ସମିସ): ପ୍ରଶାସନିକ ବ୍ୟବସ୍ଥାରେ ଗୁରୁତର ଅନିୟମିତତାର ଏକ ଘଟଣା ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକରୁ ସାମ୍ନାକୁ ଆସିଛି । ବଦଳି ହୋଇ ୧୦ ମାସ ବିତିଯାଇଥିଲେ ମଧ ଜଣେ ଯନ୍ତ୍ରୀ କାର୍ଯ୍ୟାଳୟର ଫାଇଲ ନିଜ ଅକ୍ତିଆରରେ ରଖିଥିବାରୁ ଉନ୍ନୟନ କାମ ବାଧାପ୍ରାପ୍ତ ହୋଇପଡ଼ିଛି । ଏହା ଫଳରେ ମାସ ମାସ ଧରି କାମ କରିଥିବା କାର୍ଯ୍ୟଗ୍ରାହୀମାନେ ବିଲ ନ ପାଇ ହନ୍ତସନ୍ତ ହେଉଥିବାରୁ ଅସନ୍ତୋଷ ଚରମ ସୀମାକୁ ପହଞ୍ଚିଛି । ସୂଚନା ଅନୁଯାୟୀ, ଯନ୍ତ୍ରୀ ପ୍ରଶାନ୍ତ ଘଡ଼େଇ ୨୦୨୫ ମସିହା ମେ ମାସରେ ରେମୁଣା ବ୍ଲକରୁ ବଦଳି ହୋଇ ବାହାନଗା ବ୍ଲକରେ ଯୋଗଦେଇଥିଲେ । କିନ୍ତୁ ବଦଳି ପରେ ମଧ ସେ ରେମୁଣା ବ୍ଲକର ଏକାଧିକ ଗୁରୁତ୍ୱପୂର୍ଣ୍ଣ ଫାଇଲ ହସ୍ତାନ୍ତର କରିନଥିବା ଅଭିଯୋଗ ଆସିଛି । ଅନ୍ୟପଟେ ସେହି ସମସ୍ତ ଫାଇଲକୁ ନେଇ ବାହାନଗା ବ୍ଲକରେ ବସିଥିବାରୁ ପ୍ରଶାସନିକ କାର୍ଯ୍ୟ ଗୁରୁତର ଭାବେ ପ୍ରଭାବିତ ହେଉଛି । ଫଳସ୍ୱରୂପ, ରେମୁଣା ବ୍ଲକରେ ହୋଇଥିବା ବିଭିନ୍ନ ଉନ୍ନୟନ କାମର ବିଲ୍ ଦୀର୍ଘଦିନ ଧରି ଅଟକି ରହିଛି । କାମ ସମାପ୍ତ କରିଥିବା ସତ୍ତ୍ୱେ ବିଲ ନପାଇ କାର୍ଯ୍ୟଗ୍ରାହୀମାନେ ଆର୍ଥିକ ସଙ୍କଟରେ ପଡ଼ି ବାରମ୍ବାର ରେମୁଣା ବ୍ଲକ କାର୍ଯ୍ୟାଳୟକୁ ଆସି ନୟାନ୍ତ ହେବା ସହ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ବଦଳି ପରେ ବି ଫାଇଲକୁ ନିଜ ନିୟନ୍ତ୍ରଣରେ ରଖି ଯନ୍ତ୍ରୀ ନିଜସ୍ୱ ସ୍ୱାର୍ଥ ସାଧନ କରୁଛନ୍ତି ଓ ବିଲ ପ୍ରକ୍ରିୟାକୁ ଇଚ୍ଛାକୃତ ଭାବେ ଅଟକାଇ ରଖୁଛନ୍ତି ବୋଲି ଅଭିଯୋଗ ହେଉଛି । ଏହା ପ୍ରଶାସନିକ ନୀତି-ନିୟମକୁ ଉଲ୍ଲଂଘନ କରୁଥିବା ବେଳେ ସରକାରୀ କାର୍ଯ୍ୟପ୍ରଣାଳୀ ଉପରେ ମଧ ପ୍ରଶ୍ନ ଉଠାଇଛି । ଏ ନେଇ ରେମୁଣା ବିଡ଼ିଓ ସାର୍ଥକ ସୌରଭ ମହାପାତ୍ରଙ୍କୁ ପଚାରିବାରୁ ଏହି ଘଟଣା ସମ୍ପର୍କରେ ମୁଁ ଅଭିଯୋଗ ପାଇଛି ଏବଂ ଯନ୍ତ୍ରୀ ପ୍ରଶାନ୍ତ ଘଡ଼େଇଙ୍କୁ ନୋଟିସ ଜାରି କରାଯାଇ ତୁରନ୍ତ ଫାଇଲ ଫେରାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ଯଦି ସେ ନିର୍ଦ୍ଦେଶ ଅମାନ୍ୟ କରନ୍ତି, ତେବେ ତାଙ୍କ ବିରୋଧରେ କଡ଼ା ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି ।



# ହିନ୍ଦୁ ନବ ବର୍ଷରେ ପଥ ଉତ୍ସବ






ବାଲେଶ୍ୱର, ୧୯ ।୩(ସମିସ)

ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ହିନ୍ଦୁ ନବବର୍ଷ କମିଟି ପକ୍ଷରୁ ବାଲେଶ୍ୱରରେ ଦୁଇଦିନ ଧରି ହିନ୍ଦୁ ନବବର୍ଷ ପାଳନ କରାଯାଇଛି । ବୁଧବାର ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ପୂର୍ବ ପ୍ରସ୍ତୁତି ଅନୁସାରେ ଆଜି ସକାଳେ ସହରର ଫକୀର ମୋହନ ଗୋଲେଇ ଠାରୁ ଗାନ୍ଧିସ୍ମୃତି ଭବନ ପର୍ଯ୍ୟନ୍ତ ଗୋଟିଏ ପାର୍ଶ୍ୱ ରାସ୍ତାରେ ସକାଳ ସାଢ଼େ ପାଞ୍ଚଟାରୁ ଦିନ ୧୦ଟା ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା ପଥ ଉତ୍ସବ । ସୂର୍ଯ୍ୟ ଆଳତୀରୁ ଆରମ୍ଭ ହୋଇଥିଲା କାର୍ଯ୍ୟକ୍ରମ । ଏହି ଭବ୍ୟ ଆଳତୀରେ ସାମିଲ ହୋଇଥିଲେ କମିଟିର କର୍ମକର୍ତ୍ତା ଏବଂ ସହରବାସୀ । ୨୭ଟି ମଞ୍ଚରେ ବେଦପାଠ, ଗୀତାପାଠ, ସାଇଭଜନ, ଯୋଗ, ପ୍ରାଣାୟମ, ବ୍ୟାୟାମ ସାଙ୍ଗକୁ ପାରମ୍ପରିକ ନୃତ୍ୟ ସାଙ୍ଗକୁ ଆତ୍ମରକ୍ଷା କୌଶଳ, ଚିତ୍ରକଳା ଆଦି ପ୍ରଦର୍ଶିତ ହୋଇଥିଲା ଉତ୍ସବସ୍ଥଳରେ । ସେହିପରି ଶିଶୁ ମଞ୍ଚ ପକ୍ଷରୁ ଶିଶୁ କଳାକାରମାନଙ୍କୁ ନେଇ ଆକର୍ଷଣୀୟ କାର୍ଯ୍ୟକ୍ରମ ମଧ ପରିବେଷଣ କରାଯାଇଥିଲା । ଏହାଛଡ଼ା ଦୃଷ୍ଟିହୀନ ବିଦ୍ୟାଳୟର ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଯୋଗ ଦେଇ ସୁନ୍ଦର ଭଜନ ପରିବେଷଣ କରିଥିଲେ । କୁନି କୁନି ପିଲାଙ୍କର ସ୍କେଟିଂ ପ୍ରଦର୍ଶନ ସମସ୍ତଙ୍କୁ ଆକର୍ଷିତ କରିଥିଲା । ହିନ୍ଦୁ ପରିବାରଙ୍କ ମଧ୍ୟରେ ସନାତନ ସଂସ୍କୃତିକୁ ନେଇ ଜାଗରଣ ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି କମିଟିର କର୍ମକର୍ତା ମାନେ ସୂଚନା ଦେଇଛନ୍ତି । ହିନ୍ଦୁ ନବବର୍ଷ କମିଟିର ସମ୍ପାଦକ ପ୍ରଶାନ୍ତ ମହାନ୍ତି, ଉପସଭାପତି ମଧୁସୁଦନ ହୋତା, ଆବାହକ ସଞ୍ଜୟ ମହାପାତ୍ର, ଉପଦେଷ୍ଟା ମଧୂସୁଦନ ପାଢ଼ୀ, ସୂର୍ଯ୍ୟକାନ୍ତ ପାଢ଼ୀ ଏବଂ ସହ ସମ୍ପାଦକ ସଂଗ୍ରାମ କୁମାର ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ। ମନ ଖୁସି ରହିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ। ବ୍ୟବସାୟରୁ ଲାଭ ମିଳିବ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବୃଷ:** ଦିନଟି ଚିନ୍ତାଜନକ ରହିବ। କଳା, ମନୋରଞ୍ଜନ ପ୍ରତି ଆଗ୍ରହ ବଢ଼ିବ। ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିବେ। ପ୍ରିୟଜନଙ୍କଠାରୁ ଉପହାର ପାଇବେ।

**ମିଥୁନ:** ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ। ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ। ଜମି ବିବାଦ ମାମଲା ସମାଧାନ ହେବ। ସାମାଜିକ କାର୍ଯ୍ୟରେ ସାମିଲ ହେବେ।

**କର୍କଟ:** କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। କୌଣସି ସ୍ଥାନକୁ ବୁଲିବାକୁ ଯାଆନ୍ତୁ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଶତ୍ରୁଙ୍କଠାରୁ ଦୂରତ୍ୱ ରକ୍ଷା କରିବେ।

**ସିଂହ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। କିଛି କ୍ଷେତ୍ରରେ ଅସଫଳ ରହିବେ। କାଳୀ ମା'ଙ୍କ ପୂଜା କରନ୍ତୁ। ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ। ଯୋଗ, ଏକ୍ସରସାଇଜ୍ ପ୍ରତି ଆଗ୍ରହ ପ୍ରକାଶ କରିବେ।

**କନ୍ୟା:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣା ଦୂର ହେବ। ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷାରେ ସଫଳ ହେବେ।

**ତୁଳା:** ବ୍ୟବସାୟରୁ ଲାଭ ମିଳିବ। ପରିବାର ସଦସ୍ୟଙ୍କ ସହ ମତାନ୍ତର ଦୂର ହେବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସନ୍ତାନଙ୍କ ସହଯୋଗ ପ୍ରାପ୍ତ ହେବ। ଋଣ ସମସ୍ୟା ଦୂର ହେବ। ଧାର୍ମିକ ଯାତ୍ରା କରିପାରନ୍ତି।

**ବିଛା:** ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। କୋର୍ଟକଚେରୀ ମାମଲାରୁ ବିଜୟ ଲାଭ କରିବେ। ପ୍ରତିଯୋଗୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। କମ୍ ସମୟରେ ଅଧିକ କାମ କରିବେ।

**ଧନୁ:** ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ। ମନୋରଞ୍ଜନ କାର୍ଯ୍ୟରେ ନିଜକୁ ସାମିଲ କରିବେ। ଅଫିସ୍‌ରେ ନୂଆ ଦାୟିତ୍ୱ ତୁଲାଇବେ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ଧନ ବୃଦ୍ଧି ସହ ଅର୍ଥ ସଞ୍ଚୟ କରିବେ। ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ। ଦାମ୍ପତ୍ୟ ଜୀବନ ହସଖୁସିରେ କଟିବ। ନିବେଶ ପାଇଁ ଅନୁକୂଳ ସମୟ।

**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଛାତ୍ରଛାତ୍ରୀ ଦିନଚର୍ଯ୍ୟାରେ ପରିବର୍ତ୍ତନ ଆଣିବେ। ଅଫିସ୍ କାମରେ ବିଦେଶ ଯାତ୍ରା ଯୋଗ ରହିବ।

**ମୀନ:** କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ। ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ। ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଅଫିସ୍‌ରେ ନୂଆ କାମ ଆରମ୍ଭ କରିବେ। ବିବାହ ପ୍ରସ୍ତାବ ଆସିବ।

## ଆଜିର ଇତିହାସ

- ୧୬୦୨- ୟୁନାଇଟେଡ୍ ଇଷ୍ଟ ଇଣ୍ଡିଆ କମ୍ପାନି ଅଫ୍ ନେଦରଲ୍ୟାଣ୍ଡର ସ୍ଥାପନା।
- ୧୯୨୦- ଲଣ୍ଡନ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ବିମାନ ଉଡ଼ାଣ ଆରମ୍ଭ।
- ୧୯୭୭-ଇନ୍ଦିରା ଗାନ୍ଧୀ ଲୋକସଭା ନିର୍ବାଚନରେ ପରାଜିତ ହେଲେ।
- ୧୯୮୨- ଫ୍ରାନ୍ସ ପରମାଣୁ ପରୀକ୍ଷା କଲା।
- ୨୦୧୪- ଲେଖକ ଖୁସୱନ୍ତ ସିଂହଙ୍କ ପରଲୋକ।



# 'ବ୍ୟାଟଲ୍ ଅଫ୍ ଗଲୱାନ୍' ଟାଇଟଲ୍ ବଦଳିବାର କାରଣ କହିଲେ ନିର୍ଦ୍ଦେଶକ

ବଲିଉଡ୍‌ର ଦବଙ୍ଗ ଖାନ୍ ସଲମାନ୍‌ଙ୍କ ଫିଲ୍ମ 'ବ୍ୟାଟଲ୍ ଅଫ୍ ଗଲୱାନ୍'ର ନାଁ ଇତିମଧ୍ୟରେ ବଦଳି ଯାଇଛି। ଫିଲ୍ମର ଟାଇଟଲ୍ ଏବେ 'ମାତୃଭୂମି: ମେ ୱାର୍ ରେଷ୍ଟ ଇନ୍ ପିସ୍' ରଖାଯାଇଛି। ନିକଟରେ ଫିଲ୍ମର ପ୍ରଯୋଜକ ଏକ ପୋଷ୍ଟର୍ ସେୟାର୍ କରି ଟାଇଟଲ୍ ବିଷୟରେ ଘୋଷଣା କରିଛନ୍ତି। ଇତିମଧ୍ୟରେ ଏହାର ଟାଇଟଲ୍ ପରିବର୍ତ୍ତନ ହେବାର କାରଣ ମଧ୍ୟ ସାମ୍ନାକୁ ଆସିଛି। ଫିଲ୍ମର ଟାଇଟଲ୍ କାହିଁକି ବଦଳିଲା ସେସମ୍ପର୍କରେ ନିର୍ଦ୍ଦେଶକ ଅପୂର୍ବ ଲାଖିଆ ପ୍ରକାଶ କରିଛନ୍ତି। ଅପୂର୍ବ କହିଛନ୍ତି- 'ଆରମ୍ଭରୁ ଆମେ ଦୁଇଟି ଟାଇଟଲ୍ ରେଜିଷ୍ଟର କରୁଥିଲୁ। 'ବ୍ୟାଟଲ୍ ଅଫ୍ ଗଲୱାନ୍' ଓ 'ମାତୃଭୂମି'। ଫିଲ୍ମ ନିର୍ମାଣ କରିବା ସମୟରେ ଆମକୁ ଲାଗିଲା ଏହି ଫିଲ୍ମ କେବଳ ଯୁଦ୍ଧ ଉପରେ ଆଧାରିତ ନୁହେଁ। ପ୍ରକୃତରେ ଏହା ମାନବତା, ସହାନୁଭୂତି ତଥା ଏକ ନିରବ ଲଢ଼େଇ ଯାହାକୁ ଆମ ସୈନିକମାନେ ଲଢ଼ିଥାନ୍ତି। ଫିଲ୍ମରେ ଥିବା 'ମାତୃଭୂମି' ଗୀତକୁ ଦର୍ଶକ ବେଶ୍ ପସନ୍ଦ କରିବାରୁ ଏହାର ଟାଇଟଲ୍ 'ମାତୃଭୂମି: ମେ ୱାର୍ ରେଷ୍ଟ ଇନ୍ ପିସ୍' ରଖିବା ପାଇଁ ଭାବିଲୁ।' ଏଠାରେ ପ୍ରକାଶ ଥାଉ କି, ଫିଲ୍ମର କାହାଣୀ ୨୦୨୦ରେ ଗଲୱାନ୍ ଘାଟିରେ ଘଟିଥିବା ଭାରତ ଓ ଚୀନ୍ ସୈନିକଙ୍କ ମଧ୍ୟରେ ଘଟିଥିବା ସଂଘର୍ଷ ଉପରେ ଆଧାରିତ। ଏଥିରେ ସଲମାନ୍ କର୍ଣ୍ଣେଲ୍ ବି.ସନ୍ତୋଷ ବାବୁଙ୍କ ଭୂମିକାରେ ନଜର ଆସିବେ।

# ଓଡ଼ିଆଙ୍କ ପ୍ରିୟ ପଖାଳ

ଓଡ଼ିଆ ସଂସ୍କୃତିରେ ପଖାଳର ମହତ୍ତ୍ୱକୁ ନେଇ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ କଣ୍ଠରେ 'ଆସ ଜୀବନ ଧନ ମୋର ପଖାଳ କଂସା' ଗୀତର ଚାହିଦା ଆଜିବି କମି ନାହିଁ। ଏହା ପ୍ରତିଟି ଓଡ଼ିଆଙ୍କ ମନରେ ପଖାଳ ପ୍ରତି ଥିବା ଭଲପାଇବାକୁ ପୁନର୍ଜୀବିତ କରିଥାଏ। ଓଡ଼ିଆ ଜନଜୀବନ ସହିତ ପଖାଳର ସମ୍ପର୍କ ବହୁ ନିବିଡ଼ ଓ ପୁରାତନ। ଗାଁ ହେଉ ଅବା ସହର ଯେଉଁଠାରେ ବି ଓଡ଼ିଆ ଲୋକ ରୁହନ୍ତୁ ନା କାହିଁକି ପଖାଳ ପ୍ରତି ଥିବା ଲାଳସା କିନ୍ତୁ କମି ନ ଥାଏ। ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ ପଖାଳର ଗୁରୁତ୍ୱକୁ ଆହୁରି ବଢ଼ାଇବା ପାଇଁ ମାର୍ଚ୍ଚ ୨୦କୁ 'ପଖାଳ ଦିବସ' ରୂପେ ପାଳନ କରାଯାଉଛି। ବିଶ୍ୱର କୋଣ ଅନୁକୋଣରେ ଥିବା ଓଡ଼ିଆମାନେ ଆଜିର ଦିନରେ ପଖାଳ ଖାଇ ଏହାକୁ ବେଶ୍ ଆଡ଼ମ୍ବରରେ ପାଳନ କରିଥାନ୍ତି । ହୋଟେଲ ଓ ରେଷ୍ଟୁରାଣ୍ଟଗୁଡ଼ିକ ମଧ୍ୟ ଏହି ଦିନରେ ସ୍ୱତନ୍ତ୍ର ପଖାଳ କଂସାକୁ ମେନ୍ୟୁରେ ସ୍ଥାନ ଦେଇଥାନ୍ତି । ପଖାଳର ନିବିଡ଼ତା ଓଡ଼ିଆ ଜାତି ସହ କାହିଁ କେଉଁ କାଳରୁ ଯୋଡ଼ି ହୋଇ ରହିଛି। ପ୍ରତିଟି ଓଡ଼ିଆଙ୍କ ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ମଧ୍ୟ ପଖାଳ ପ୍ରିୟ। ପୂର୍ବରୁ ପଖାଳ କେବଳ ଚାଷୀ ମୁଲିଆ ଶ୍ରେଣୀର ଲୋକଙ୍କ ଖାଦ୍ୟ ଭାବେ ପରିଗଣିତ ହେଉଥିଲା। ସମୟ ବଦଳିବା ସହ ଲୋକଙ୍କ ରୁଚିରେ ମଧ୍ୟ ଢେର୍ ପରିବର୍ତ୍ତନ ଆସିଲାଣି । ଏପରିକି ପଞ୍ଚତାରକା ହୋଟେଲ ଏବଂ ରେସ୍ତୋରାଁର ଖାଦ୍ୟ ମେନୁରେ ମଧ୍ୟ ପଖାଳ ସ୍ଥାନ ପାଇଲାଣି । ଗ୍ରାହକଙ୍କ ଚାହିଦାକୁ ନଜରରେ ରଖି ବିଭିନ୍ନ ବଡ଼ ବଡ଼ ରେସ୍ତୋରାଁମାନେ ମଧ୍ୟ ପଖାଳ ସାଙ୍ଗକୁ ଭଳିକି ଭଳି ଆନୁସଙ୍ଗିକ ଖାଦ୍ୟ ପରଷୁଥିବା ନଜରକୁ ଆସୁଛି । ପଖାଳ ସାଙ୍ଗକୁ ବଡ଼ି ଚୁରା, ଭଜା, ଶାଗ, ମାଛ ଭଜା, ଆଳୁ ଭର୍ତ୍ତା, ବାଇଗଣ ପୋଡ଼ା । ଏପରିକି ହୋଟେଲମାନଙ୍କରେ ମାଛ ପୋଡ଼ା, ଛତୁ ପୋଡ଼ା ମଧ୍ୟ ଦିଆଯାଉଛି । ଗରିବ ଲୋକଟିଏ ପାଇଁ ପଖାଳ ସାଙ୍ଗରେ ପିଆଜ, ଲୁଣ ଆଉ ଲଙ୍କା ଟିକେ ହେଲେ ତା'ର ଉଦର ଶାନ୍ତି । ପଖାଳ ଦେହ ପାଇଁ ବହୁ ଉପକାରୀ। ଲୋକେ ଭାତରେ ପାଣି ପୂରାଇ ଏହାକୁ ଟାଇଁ ପଖାଳ ତଥା ସଜ ପଖାଳ, ଦହି ପଖାଳ ଓ ବାସି ପଖାଳ ଭାବେ ଖାଇଥାନ୍ତି। ସେହିପରି ପଖାଳ ସହ ଶୁଖୁଆ, ଚୂନା ମାଛ, ଭଜା, ବଡ଼ି ଓ ଛତୁ ଆଦି ପରଷା ଯାଏ। ଖରାଦିନେ ତାତିରୁ ଆରାମ, ପେଟ ଗରମରୁ ରକ୍ଷା ତଥା ଦେହରେ ଜଳୀୟ ଅଂଶକୁ ଠିକ୍ ରଖିବା ପାଇଁ ପଖାଳ ରାମବାଣ ଭଳି କାମ ଦିଏ। ବିଶ୍ୱର କୋଣ ଅନୁକୋଣରେ ଓଡ଼ିଆଙ୍କର ଏହି ପାରମ୍ପରିକ ଓ ସୁସ୍ୱାଦୁ ଖାଦ୍ୟକୁ ଲୋକପ୍ରିୟ କରାଇବାକୁ ମାର୍ଚ୍ଚ ୨୦ ତାରିଖକୁ 'ବିଶ୍ୱ ପଖାଳ ଦିବସ' ଭାବେ ପାଳନ କରାଯାଉଛି। କେବଳ ଓଡ଼ିଶାରେ ରହୁଥିବା ଲୋକ ନୁହଁନ୍ତି, ବରଂ ରାଜ୍ୟ ତଥା ଦେଶ ବାହାରେ ରହୁଥିବା ପ୍ରତ୍ୟେକ ଓଡ଼ିଆ ଏହି ଦିନ ପଖାଳ ଖାଇ ଏହି ଦିବସକୁ ପାଳନ କରିବା ସହ ଗ୍ରୀଷ୍ମକୁ ସ୍ୱାଗତ କରିଥାନ୍ତି ।





# ଘରଚଟିଆଙ୍କ ପାଇଁ ଦିନଟିଏ

ଗାଁ ସୁନ୍ଦରତାର ଏକ ସ୍ୱତନ୍ତ୍ର ପରିଚୟ ହେଉଛି ଘରଚଟିଆ। ସକାଳ ହେଲେ ଘରଚଟିଆର କିଚିରିମିଚିରି ଶବ୍ଦରେ ଗାଁ ପରିବେଶ ପୂରି ଉଠେ । ପରିବେଶ ସୁନ୍ଦରତାର ସାରଥୀ ସାଜିଥିବା ଏହି ପକ୍ଷୀ ଏବେ ବିଲୁପ୍ତ ପ୍ରାୟ। ଘରଚଟିଆଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଉଥିବାରୁ ସେମାନଙ୍କ ସୁରକ୍ଷା ଉଦ୍ଦେଶ୍ୟରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖକୁ 'ବିଶ୍ୱ ଘରଚଟିଆ ଦିବସ' ଭାବେ ପାଳନ କରାଯାଏ। ହେଲେ ଏବେ ମଣିଷ ସମାଜ ତଥା ଚାଷୀର ପରମ ବନ୍ଧୁ ଭାବେ ବେଶ୍ ଜଣାଶୁଣା ଏହି ଘରଚଟିଆ ଗାଁ ଗହଳିରେ ଆଉ ଦେଖିବାକୁ ମିଳୁନାହାନ୍ତି । ଗାଁରେ ଥିବା ଚାଳିଆ ଘରେ ଘରଚଟିଆ ବାସ କରି ରହୁଥିଲେ। ବର୍ତ୍ତମାନ ଗାଁ ଗହଳିରେ ପ୍ରାୟ ଚାଳିଆ ଘର ନ ଥିବା ଯୋଗୁଁ ଏହି ପକ୍ଷୀ ଆଉ ଦେଖା ଯାଉନାହାନ୍ତି। ଏହା ମଧ୍ୟ ଘରଚଟିଆ ବିଲୁପ୍ତ ହେବାର ଏକ ମୁଖ୍ୟ କାରଣ ବୋଲି କୁହାଯାଇପାରେ। ପ୍ରାୟ ଚାଳଘର ପକ୍କାଘରରେ ପରିବର୍ତ୍ତନ ହେବା ପରେ ଘରଚଟିଆଙ୍କ ସଂଖ୍ୟା କମିଯାଉଛି। ଖାଲି ସେତିକି ନୁହଁ, ବହୁଳ ମାତ୍ରାରେ ମୋବାଇଲ ବ୍ୟବହାର ଯୋଗୁଁ ଟାୱାରରୁ ବାହାରୁଥିବା ତରଙ୍ଗ ହେତୁ ଘରଚଟିଆଙ୍କ ସଂଖ୍ୟା ବିଶେଷ ଭାବରେ କମି ଯାଉଥିବା କୁହାଯାଉଛି। ଅନେକ ଅଞ୍ଚଳରେ ଘରଚଟିଆକୁ ଶୁଭ ବୋଲି ବିବେଚନା କରାଯାଏ। ସେଥିପାଇଁ କେତେକ ଆଦିବାସୀ ସମ୍ପ୍ରଦାୟରେ ଘରକାନ୍ଥରେ ସେମାନଙ୍କ ଚିତ୍ର ଅଙ୍କନ କରାଯାଇ ଥିବା ଦେଖିବାକୁ ମିଳେ। ପୂର୍ବରୁ ଘରଚଟିଆମାନେ ଚାଳ ଘରଗୁଡ଼ିକରେ ବସା ବାନ୍ଧି ରହୁଥିଲେ, ଅଣ୍ଡାରୁ ଛୁଆ ଫୁଟାଉଥିଲେ। ବିଭିନ୍ନ କାରଣରୁ ଏବେ କିନ୍ତୁ ଏହି ପକ୍ଷୀ ବିଲୁପ୍ତି ପଥରେ। ଭାରତୀୟ ପରିବେଶବିତ୍ ମହମ୍ମଦ ଦିଲାୱର୍‌ଙ୍କ ଦ୍ୱାରା ପ୍ରତିଷ୍ଠିତ 'ଦ ନେଚର୍ ଫର୍‌ଏଭର୍ ସୋସାଇଟି' ଦ୍ୱାରା ଏହି ଦିବସ ପାଳନ ଦିଗରେ ପଦକ୍ଷେପ ଆରମ୍ଭ କରାଯାଇଥିଲା। ୨୦୧୦ ମସିହାରେ ପ୍ରଥମ ଥର ପାଇଁ 'ବିଶ୍ୱ ଘରଚଟିଆ ଦିବସ' ପାଳନ କରାଯାଇଥିଲା। ବହୁମାତ୍ରାରେ କୀଟନାଶକ ବ୍ୟବହାର, ଗୃହନିର୍ମାଣ ଢାଞ୍ଚାରେ ପରିବର୍ତ୍ତନ ଓ ଘର ସହ ସଂଲଗ୍ନ ବଗିଚା ହ୍ରାସ ଏହି ପକ୍ଷୀଙ୍କ ହ୍ରାସର ମୁଖ୍ୟ କାରଣ କୁହାଯାଉଛି। ଏହା ସହିତ ମୋବାଇଲ୍ ଓ ଟିଭି ଟାୱାରଗୁଡ଼ିକର ବିକିରଣ ଘରଚଟିଆମାନଙ୍କ ବଂଶକ୍ଷୟର ଅନ୍ୟତମ କାରଣ ହୋଇଛି। ଘରଚଟିଆ ପ୍ରକୃତିର ଏକ ଅମୂଲ୍ୟ ଉପହାର। ବିଶ୍ୱ ଘରଚଟିଆ ଦିବସ ଆମକୁ ସେମାନଙ୍କ ସଂରକ୍ଷଣ ପାଇଁ ସଚେତନ କରେ। ଘରଚଟିଆ ଓ ଅନ୍ୟାନ୍ୟ ପକ୍ଷୀମାନଙ୍କ ସୁରକ୍ଷା ନିମନ୍ତେ ଅଂଶଗ୍ରହଣ କରିବା ପାଇଁ ଏହି ଦିବସ ବାର୍ତ୍ତା ଦିଏ।




## 'ସକାଳ'ର ସ୍ୱାସ୍ଥ୍ୟ

# ବୋନ୍ ଟିବି

ଟିବି ବା ଟ୍ୟୁବରକୁଲୋସିସ୍ ଏକ ସଂକ୍ରାମକ ରୋଗ। ଏହା ସାଧାରଣତଃ ଫୁସ୍‌ଫୁସ୍‌ରେ ହୋଇଥାଏ । ହେଲେ ଫୁସ୍‌ଫୁସ୍ ପରି ଅସ୍ଥିରେ ବି ଟିବି ହୋଇଥାଏ। ବୋନ୍ ଟିବି ଏକ ଗମ୍ଭୀର ସଂକ୍ରାମକ ରୋଗ। ଏହା ମାଇକୋବ୍ୟାକ୍ଟେରିୟମ୍ ଟ୍ୟୁବରକୁଲୋସିସ୍ ଜୀବାଣୁ ଯୋଗୁଁ ହୋଇଥାଏ। ଏଥିରେ ରକ୍ତ ଜରିଆରେ ଜୀବାଣୁ ଅସ୍ଥିରେ ପହଞ୍ଚିଥାନ୍ତି। ଏହାଦ୍ୱାରା ମାଂସପେଶୀ ଯନ୍ତ୍ରଣା ହେଉଥିବାରୁ ଏହାକୁ ସାମାନ୍ୟ ଭାବି ଅନେକ ପେନ୍‌କିଲର ଖାଇଦେଇଥାନ୍ତି। ଫଳରେ ବୋନ୍ ଟିବିର ଚିକିତ୍ସାରେ ଅବହେଳା ହେଲେ ଶରୀରର ସନ୍ଧିଗୁଡିକ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇପାରେ।

**କାରଣ:** ବିଶୃଙ୍ଖଳିତ ଜୀବନ ଶୈଳୀ, ଭୂତାଣୁଜନିତ ରୋଗରେ ଆକ୍ରାନ୍ତ ହୋଇଥିଲେ, ଶରୀରର ପୁଷ୍ଟିକର ଏବଂ ରୋଗପ୍ରତିରୋଧକ ଶକ୍ତି ଦୁର୍ବଳ ଥିଲେ ଏହି ସମସ୍ୟା ହେବାର ଆଶଙ୍କା ଅଧିକ ଥାଏ। ଶରୀରରେ ରୋଗପ୍ରତିରୋଧକ ଶକ୍ତି କମ୍ ହେଲେ ଟ୍ୟୁବରକୁଲୋସିସର ସଂକ୍ରମଣ ଶରୀରର ଯେକୌଣସି ଅଙ୍ଗ କିମ୍ବା ଅସ୍ଥିରେ ହୋଇପାରେ।

**ଲକ୍ଷଣ:** ଚଲାବୁଲାରେ ସମସ୍ୟା, ଖଞ୍ଜାଗୁଡିକୁ ଚଳପ୍ରଚଳ କରିବାରେ କଠିନତା, ଏକ ନିର୍ଦ୍ଦିଷ୍ଟ ସନ୍ଧି କିମ୍ବା ହାଡ଼ ସ୍ଥାନରେ ଫୁଲା, କଠିନତା, ଅସ୍ଥି ଦୁର୍ବଳ ଯୋଗୁ ପକ୍ଷାଘାତ, ଅସ୍ଥିରତା ଆଦି ସମସ୍ୟା ହୋଇପାରେ। ମେରୁଦଣ୍ଡର ବକ୍ରତା, ହାଲୁକା ଜ୍ୱର, ରାତିରେ ଶରୀରରୁ ଝାଳ ବାହାରିବା, ଭୋକ ନଲାଗିବା ଆଦି ଲକ୍ଷଣ ଦେଖାଯାଇଥାଏ।

**ଚିକିତ୍ସା:** ଅସ୍ଥିରେ ହେଉଥିବା ଟିବିର ନିରାକରଣ ପାଇଁ ସଠିକ୍ ସମୟରେ ଏହାର ଲକ୍ଷଣକୁ ଚିହ୍ନଟ କରି ଗୁରୁତ୍ୱପୂର୍ଣ୍ଣ ଟେଷ୍ଟ କରାଯାଏ। ଚିକିତ୍ସା ପାଇଁ ପାଖାପାଖି ୯ ମାସରୁ ଦେଢ଼ ବର୍ଷ ସମୟ ଲାଗିପାରେ। ଜୀବନଶୈଳୀରେ ପରିବର୍ତ୍ତନ, ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ପୁଷ୍ଟିକରଯୁକ୍ତ ଖାଦ୍ୟ ସେବନ କରିବା ଆବଶ୍ୟକ ।



# ସୁସ୍ଥ ମୁଖ, ସୁଖୀ ଜୀବନ

ଭଲ ମୁଖ ସ୍ୱାସ୍ଥ୍ୟ ପ୍ରତ୍ୟେକ ବୟସରେ ସାମଗ୍ରିକ ସୁସ୍ଥତା, ଆତ୍ମବିଶ୍ୱାସ ଏବଂ ଜୀବନର ଗୁଣବତ୍ତା ପାଇଁ ମୌଳିକ ଆବଶ୍ୟକତା। ମୁଖଗହ୍ୱର ସ୍ୱାସ୍ଥ୍ୟ ସମସ୍ତ ଶରୀର ସ୍ୱାସ୍ଥ୍ୟର ପ୍ରତିବିମ୍ବ । ତେଣୁ ପାଟିର ସ୍ୱାସ୍ଥ୍ୟ ତଥା ସ୍ୱଚ୍ଛତା ପ୍ରତି ଲୋକଙ୍କୁ ସଚେତନ କରିବା ପାଇଁ ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖକୁ 'ବିଶ୍ୱ ମୁଖ ସ୍ୱାସ୍ଥ୍ୟ ଦିବସ' ଭାବେ ପାଳନ କରାଯାଇଥାଏ। ଚଳିତ ବର୍ଷର ବିଷୟବସ୍ତୁ ହେଉଛି: 'A Happy Mouth is a Happy Life' ଅର୍ଥାତ୍ ଏକ ସୁସ୍ଥ ପାଟି ହେଉଛି ଏକ ସୁଖୀ ଜୀବନ। ମୁଖ ସ୍ୱାସ୍ଥ୍ୟ ଅର୍ଥ ହେଉଛି ଦାନ୍ତ, ମାଢ଼ି, ଜିଭ ଏବଂ ସମ୍ପୂର୍ଣ୍ଣ ମୁଖକୁ ସଫା ଏବଂ ରୋଗମୁକ୍ତ ରଖିବା। କାରଣ ଖରାପ ମୁଖ ସ୍ୱାସ୍ଥ୍ୟ ହୃଦ୍‌ରୋଗ, ଷ୍ଟ୍ରୋକ୍, ନିମୋନିଆ, ମଧୁମେହ, ଆଲଜାଇମର ରୋଗ ଏବଂ ଗର୍ଭବତୀ ମହିଳାମାନଙ୍କ ମଧ୍ୟରେ ପ୍ରସବର ଯଥେଷ୍ଟ ସମୟ ପୂର୍ବରୁ ତଥା କମ୍ ଓଜନର ଶିଶୁ ପ୍ରସବ ହେବାର ବିପଦ ସହିତ ଜଡ଼ିତ । ତେଣୁ ମୁଖ ସ୍ୱାସ୍ଥ୍ୟକୁ ସୁରକ୍ଷା ଦେବା ପାଇଁ, ପ୍ରତିଦିନ ମୁଖ ପରିଷ୍କାର ଅଭ୍ୟାସ କରିବା ଆବଶ୍ୟକ।





ଡାକ୍ତର ଅଶୋକ କୁମାର ମହାନ୍ତି

- ପ୍ରତ୍ୟେକ ଖାଦ୍ୟ ପରେ ଦାନ୍ତ ଘଷନ୍ତୁ। ଦିନକୁ ଅତି କମ୍‌ରେ ସକାଳେ ଏବଂ ରାତିରେ ଶୋଇବା ପୂର୍ବରୁ ଫ୍ଲୋରାଇଡ୍ ଟୁଥ୍‌ପେଷ୍ଟ ବ୍ୟବହାର କରି ନରମ ବ୍ରଶ୍ ସହିତ ଦୁଇ ମିନିଟ୍ ପାଇଁ ଦାନ୍ତ ଘଷନ୍ତୁ।
- ମାଢ଼ି ତଳୁ ଏବଂ ଦାନ୍ତ ମଧ୍ୟରେ ପ୍ଲାକ୍ ଏବଂ ଖାଦ୍ୟ ପଦାର୍ଥ ବାହାର କରିବାକୁ ପ୍ରତିଦିନ ଦାନ୍ତ ଫ୍ଲସ୍ କରନ୍ତୁ। ଫ୍ଲସ୍ କରିବା ପରେ ଛାଡିଥିବା ଖାଦ୍ୟ କଣିକାକୁ ବାହାର କରିବାକୁ ମାଉଥୱାସ୍ ବ୍ୟବହାର କରନ୍ତୁ ।
- ଜିଭକୁ ବ୍ରଶ୍ କରନ୍ତୁ ଏବଂ ମାଢିକୁ ଆଙ୍ଗୁଠି ସାହାଯ୍ୟରେ ମାଲିସ କରନ୍ତୁ, ଏହା ମାଢ଼ିର ରକ୍ତ ସଞ୍ଚାଳନକୁ ବୃଦ୍ଧି କରିଥାଏ ।
- ପ୍ରତି ତିନି ମାସ ଅନ୍ତରରେ ଟୁଥବ୍ରଶ୍ ପରିବର୍ତ୍ତନ କରନ୍ତୁ। ଜ୍ୱର, ଥଣ୍ଡା, ଫ୍ଲୁ ଅଥବା ପାଟିରେ ଘା' ହେବାରୁ ସୁସ୍ଥ ହେଲା ପରେ ନୂଆ ଟୁଥବ୍ରଶ୍ ବ୍ୟବହାର କରନ୍ତୁ। ପ୍ରଚୁର ପାଣି ପିଅନ୍ତୁ ।
- ସନ୍ତୁଳିତ ଖାଦ୍ୟ ଯଥା- ଫଳ, ପରିବା, ଶସ୍ୟ, କ୍ଷୀରଜାତ ଦ୍ରବ୍ୟ, ମାଂସ, ମାଛ ଏବଂ ଅଣ୍ଡା ସହ ଭିଟାମିନ୍ A, C, D, କ୍ୟାଲସିୟମ ଓ ଫସଫରସ୍ ଯୁକ୍ତ ଖାଦ୍ୟ ଉପରେ ଧ୍ୟାନ ଦିଅନ୍ତୁ। ମିଠା କିମ୍ବା ଚିକ୍କଣଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ ।
- ମୁଖ ସମସ୍ୟାର ପ୍ରାରମ୍ଭିକ ଚିହ୍ନଟ ପାଇଁ ନିୟମିତ ଭାବରେ ପ୍ରତି ଛଅ ମାସରେ ଦନ୍ତ ଶଲ୍ୟ ଚିକିତ୍ସକଙ୍କ ସହିତ ପରାମର୍ଶ କରନ୍ତୁ ।
- ମୁଖ କର୍କଟ, ମାଢି ରୋଗ ଏବଂ ଦାନ୍ତ କ୍ଷତିର ବିପଦ ହ୍ରାସ କରିବା ପାଇଁ ତମାଖୁ ସେବନ ଓ ମଦ୍ୟପାନକୁ ବର୍ଜନ କରନ୍ତୁ।

ତେଣୁ ଏକ ସୁସ୍ଥ ମୁଖ ସ୍ୱାସ୍ଥ୍ୟ ଏବଂ ସୁଖୀଜୀବନ ପାଇଁ ବିଶ୍ୱ ମୁଖ ସ୍ୱାସ୍ଥ୍ୟ ଦିବସରେ ହସକୁ ପ୍ରାଥମିକତା ଦେବାକୁ ପ୍ରତିଜ୍ଞା କରିବା ଏବଂ ସୁସ୍ଥ ଦାନ୍ତ ତଥା ମାଢ଼ିର ଗୁରୁତ୍ୱ ବିଷୟରେ ସଚେତନତା ପ୍ରସାର କରିବା।

ମାଟିମଣ୍ଡପ ସାହି, ପାଟଣା ଲେନ୍,
ପୁରୀ ଟାଉନ୍

# ଆଣ୍ଟି ଏଚ୍‌ସିଭି ଟେଷ୍ଟ

ଆଜିକାଲିର ବିଶୃଙ୍ଖଳିତ ଜୀବନଶୈଳୀ ଯୋଗୁଁ ଲୋକମାନେ ନାନା ରୋଗରେ ଆକ୍ରାନ୍ତ ହେଉଛନ୍ତି। ତେବେ ଲଗାତାର ଥକ୍କାଲାଗିବା, କାମଳ, କ୍ରୋନିକ ଯକୃତ ସଂକ୍ରମଣ, ରକ୍ତଦାନ କରିବା ସମୟରେ ଆଣ୍ଟି ଏଚ୍‌ସିଭି ଟେଷ୍ଟ କରିବା ଏକାନ୍ତ ଆବଶ୍ୟକ। ଆଣ୍ଟି ଏଚ୍‌ସିଭିକୁ ହେପାଟାଇଟିସ୍ ସି ଭାଇରସ୍ ଆଣ୍ଟିବଡି ଟେଷ୍ଟ ନାଁରେ ଜଣାଯାଏ। ଏହା ଏକ ଗୁରୁତ୍ୱପୂର୍ଣ୍ଣ ରକ୍ତ ପରୀକ୍ଷା। ଏଥିରୁ ରକ୍ତ ପ୍ରବାହରେ ହେପାଟାଇଟିସ୍ ସି ଭୂତାଣୁର ଆଣ୍ଟିବଡିକୁ ଚିହ୍ନଟ କରାଯାଏ। ଏଚ୍‌ସିଭି ଆଣ୍ଟିବଡି ପ୍ରୋଟିନ୍ ଅଟେ। ଏହା ପ୍ରତିରକ୍ଷାପ୍ରଣାଳୀ ହେପାଟାଇଟିସ୍ ସି ସହିତ ଲଢ଼ିବା ପାଇଁ ତିଆରି ହୁଏ। ଶରୀରରେ ହେପାଟାଇଟିସ୍ ସି ଭୂତାଣୁ ଅଛି କି ଏହି ଟେଷ୍ଟରୁ ଜଣାପଡ଼େ। ଆଣ୍ଟି ଏଚ୍‌ସିଭି ଟେଷ୍ଟ ରକ୍ତରେ ଯକୃତକୁ କ୍ଷତି ପହଞ୍ଚାଉଥିବା ଭୂତାଣୁର ଚିହ୍ନଟ, କ୍ରୋନିକ ସଂକ୍ରମଣକୁ ସୂଚାଏ। ଏହି ଟେଷ୍ଟ ସର୍ଜରୀ ପୂର୍ବରୁ ବହୁତ ଗୁରୁତ୍ୱପୂର୍ଣ୍ଣ। ଟେଷ୍ଟରେ ପଜିଟିଭ ରିପୋର୍ଟର ଅର୍ଥ ଭୂତାଣୁରେ ସଂକ୍ରମଣ ହୋଇଛନ୍ତି। ଏହି ରୋଗର ନିରୂପଣ ହେଲେ ଚିକିତ୍ସା ପାଇଁ ବିଶେଷଜ୍ଞମାନେ ଗୁରୁତ୍ୱପୂର୍ଣ୍ଣ ଟେଷ୍ଟ କରିଥାନ୍ତି। ତୁରନ୍ତ ସଂକ୍ରମଣ ନିଶ୍ଚିତ କରିବାକୁ ଏଚ୍‌ସିଭି ଆର୍‌ଏନ୍‌ଏ ଟେଷ୍ଟର ଆବଶ୍ୟକ ହୋଇଥାଏ।




## ଘର ବଇଦ

# ହାତ-ପାଦ ଜ୍ୱଳା

- ନାଗେଶ୍ୱର ଫୁଲ ଚୂର୍ଣ୍ଣ ଶତଧୌତ ଘୃତ ଅଭାବେ ପୁରୁଣା ଘିଅ ସହ ମିଶାଇ ହାତ ପାଦରେ ମାଲିସ୍ କରିବେ। ପୁରୁଣା ଘିଅ ନ ମିଳିଲେ ସଜ ଘିଅରେ କରିବେ।
- କଇଞ୍ଚିକାକୁଡ଼ି ପତ୍ର ରସ ଦୁଇ ତୋଳା, ରାଶିତେଲ ଦୁଇ ତୋଳା ଏକତ୍ର କଂସାପାତ୍ରରେ ରଖି ଖରାରେ ରଖିବେ। ହାତ ସହିବା ଭଳି ଗରମ ହେଲେ ସେଥିରୁ କିଛି ମୁଣ୍ଡରେ, କିଛି ହାତ ପାପୁଲି ଓ ପାଦରେ ମାଲିସ୍ କରିବେ।
- ବରକୋଳି ପତ୍ର ରସ ହାତ ପାଦରେ ମାଲିସ କରିଲେ ହାତ-ପାଦ ଜ୍ୱଳାରୁ ଉପଶମ ମିଳିଥାଏ।
- ଅମରପୋଇ ପତ୍ର ବାଟି ଲଗାଇବେ।
- ଅଗସ୍ତି ଫୁଲର ରସ ହାତ ଓ ପାଦରେ ମାଲିସ୍ କରିବେ।
- ଦହିଦହିକା ଗଛର ଚେର ସୁକି ଓଜନ ସେଥିରେ ସାତଟି ଗୋଲମରିଚ ମିଶାଇ ବାଟି ଖାଇବେ, ଏହିପରି ଅନ୍ତତଃ ସାତ ଦିନ ଖାଇଲେ ହାତ ପାଦ ଜ୍ୱଳାରୁ ଆରାମ ମିଳେ। (ଦିନକୁ ଏକ ପାନ) ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)



### ଆଇପିଏଲ୍‌ରେ ଖେଳୁଛନ୍ତି ବିଶ୍ୱର ସୁପରଷ୍ଟାର

# ‘ପିଏସ୍‌ଏଲ ହେଉଛି ରିଟାୟର୍ଡ କ୍ରିକେଟ ଲିଗ୍’







**କରାଚି,୧୯।୩(ଏଜେନ୍ସି):** ଆଇପିଏଲ ବା ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଖେଳୁଛନ୍ତି ବିଶ୍ୱର ସୁପରଷ୍ଟାର। କିନ୍ତୁ ପିଏସଏଲ୍ ବା ପାକିସ୍ତାନ ପ୍ରିମିୟର ଲିଗ୍‌ରେ ଖେଳୁଛନ୍ତି ଅବସରପ୍ରାପ୍ତ ଖେଳାଳି ଓ କମେଣ୍ଟେଟର। ଏମାନଙ୍କୁ ନେଇ ପାକିସ୍ତାନ ବିଶ୍ୱବିଜୟୀ ହେବାକୁ ଚେଷ୍ଟା କରୁଛି। ପାକିସ୍ତାନ କ୍ରିକେଟ ବୋର୍ଡ ଏପରି ଏକ ସଂସ୍ଥା ଯାହା ନିକଟରେ କିଛି ଲକ୍ଷ୍ୟ, ଯୋଜନା କିମ୍ବା ମାର୍ଗଦର୍ଶନ ନାହିଁ। ଏଭଳି ବୋର୍ଡ ପାକିସ୍ତାନରେ କ୍ରିକେଟକୁ ଧ୍ୱଂସ କରିଦେବ ବୋଲି କହିଛନ୍ତି ଦେଶର ପୂର୍ବତନ ଓପନର ଅହମ୍ମଦ୍ ସେହଜାଦ୍। ନିଜ ୟୁ ଟ୍ୟୁବ୍ ଚ୍ୟାନେଲରେ ଆଇପିଏଲ୍ ସହ ତୁଳନା କରି ପିଏସ୍‌ଏଲ୍‌କୁ ‘ରିଟାୟର୍ଡ କ୍ରିକେଟ ଲିଗ୍’ ବୋଲି ବର୍ଣ୍ଣନା କରିଛନ୍ତି ସେହଜାଦ୍। ନିକଟରେ ଅନୁଷ୍ଠିତ ଟି-୨୦ ବିଶ୍ୱକପ୍ ଓ ବାଂଲାଦେଶ ବିପକ୍ଷ ଦିନିକିଆ ସିରିଜ୍‌ରେ ପାକିସ୍ତାନର ଦୁର୍ବଳ ପ୍ରଦର୍ଶନକୁ ସମାଲୋଚନା କରି ସେ ଏହା କହିଛନ୍ତି।

ଅନ୍ୟପକ୍ଷରେ ସେ ଆଇପିଏଲ୍‌କୁ ଭୂୟସୀ ପ୍ରଶଂସା କରିଛନ୍ତି। ଆଇପିଏଲ୍‌ରେ ପ୍ରଚୁର ପରିମାଣରେ ଅର୍ଥ ବିନିଯୋଗ କରାଯାଉଛି। ନୂଆ ଖେଳାଳିଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଓ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି ଓ ଦେଶ ବାହାରର ଖେଳାଳିମାନଙ୍କୁ ଉପଯୁକ୍ତ ଅର୍ଥରାଶି ଦେଇ ଦଳରେ ସାମିଲ କରାଯାଉଛି। ଏହା ଫଳରେ ଆଇପିଏଲ୍‌ରେ ଯେପରି ନବାଗତ ଖେଳାଳି ସୃଷ୍ଟି ହେଉଛନ୍ତି, ଠିକ୍ ସେହିପରି ପ୍ରତିଦ୍ୱନ୍ଦ୍ୱିତାର ମାନରେ ବୃଦ୍ଧି ହେଉଛି। ଏହାକୁ ଆଖିଆଗରେ ରଖି ପାକିସ୍ତାନ କ୍ରିକେଟ ବୋର୍ଡ କିଛି ଶିକ୍ଷା ଲାଭ କରୁ ବୋଲି ସେହଜାଦ୍ କହିଛନ୍ତି।

ଅନ୍ୟ ପକ୍ଷରେ ପାକିସ୍ତାନ ସୁପର ଲିଗ୍‌ରେ କିଛି ଅବସରପ୍ରାପ୍ତ ଖେଳାଳି ଓ କମେଣ୍ଟେଟରଙ୍କୁ ସୁଯୋଗ ଦେଇ ପାକିସ୍ତାନ କ୍ରିକେଟ ବୋର୍ଡ ସେମାନଙ୍କୁ ସୁପରଷ୍ଟାର କରୁଛି। ସେହଜାଦ୍‌ଙ୍କ ମତରେ ଗତ ୮ ବର୍ଷ ପୂର୍ବେ ବୋର୍ଡ ୬ରୁ ୭ ଜଣ ଖେଳାଳିଙ୍କ ଉପରେ ବେଶ ଭରସା କରିଥିଲା। ସେମାନଙ୍କୁ ପ୍ରଚୁର ଅର୍ଥ ଦେଲା ଓ ବିଭିନ୍ନ ଫ୍ରାଞ୍ଚାଇଜର ନେତୃତ୍ୱ ଦେଇ ଅନ୍ତର୍ଜାତୀୟ କ୍ରିକେଟ ଲାଗି ପ୍ରସ୍ତୁତ କରାଗଲା। ଫଳ କ’ଣ ମିଳିଲା? ସେହି ଖେଳାଳି ଏବେ ପର୍ଯ୍ୟନ୍ତ ପିଏସ୍‌ଏଲ୍‌ର ଭାଗ୍ୟ ନିର୍ଦ୍ଧାରଣ କରୁଛନ୍ତି। ସେମାନଙ୍କୁ ସୁପରଷ୍ଟାରର ମର୍ଯ୍ୟାଦା ଦିଆଯାଉଛି। ଏକାଧିକ ଖେଳାଳି ଏହା ମଧ୍ୟରେ ଅବସର ନେଇଯାଇଥିଲେ ମଧ୍ୟ ପିଏସ୍‌ଏଲ୍‌ରେ ଖେଳୁଛନ୍ତି। କିଛି କମେଣ୍ଟ୍ରି ମଧ୍ୟ କରୁଛନ୍ତି। ଏହି ଖେଳାଳିମାନେ ପିଏସ୍‌ଏଲ୍‌ର ପ୍ରତିଦ୍ୱନ୍ଦ୍ୱିତାର ମାନ ଆଦୌ ବଢ଼ାଇପାରିବେ ନାହିଁ। ଏଣୁ ନୂଆ ପ୍ରତିଭାକୁ ଚିହ୍ନଟ କରାଯାଉ ଓ ସେମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦିଆଗଲେ ପାକିସ୍ତାନ କ୍ରିକେଟର ଉନ୍ନତି ହୋଇପାରିବ। ବର୍ତ୍ତମାନ ଯେଉଁ ଖେଳାଳିମାନେ ପାକିସ୍ତାନକୁ ପ୍ରତିନିଧିତ୍ୱ କରୁଛନ୍ତି, ସେମାନଙ୍କ ନିକଟରେ କିଛି ଦାୟିତ୍ୱବୋଧ ଥିଲାଭଳି ମନେହେଉ ନାହିଁ। ସେମାନେ ଭଲ ଖେଳିବା ପରିବର୍ତ୍ତେ ନିଜ ନିଜ ମଧ୍ୟରେ ଝଗଡା ଲାଗୁଛନ୍ତି। ଏହି ଅନ୍ତଦ୍ୱନ୍ଦ୍ୱର୍ ଯୋଗୁ ବର୍ତ୍ତମାନ ପାକିସ୍ତାନ ସବୁଠାରୁ ଦୁର୍ବଳ ଦଳରେ ପରିଣତ ହୋଇଛି। ଦେଶରେ ତ ପ୍ରତିଭାର ଅଭାବ, ଏହା ପରେ ଅନ୍ତଃଦ୍ୱନ୍ଦ୍ୱର୍ ପାକିସ୍ତାନ କ୍ରିକେଟକୁ ଭୁଲୁଣ୍ଠିତ କରୁଛି। ଯାହା ଫଳରେ ଅନ୍ତର୍ଜାତୀୟ ସ୍ତରରେ ପାକିସ୍ତାନ ଏକ ଦୁର୍ବଳ ରାଷ୍ଟ୍ରରେ ପରିଣତ ହୋଇଛି। ପ୍ରଦର୍ଶନ ଲାଗି ଖେଳାଳିମାନେ ଉତ୍ତରଦାୟୀ ହେବା ଉଚିତ। ଯାହା ଫଳରେ ପ୍ରତିଦ୍ୱନ୍ଦ୍ୱିତାର ମାନ ବଢ଼ିବା ସହ ପାକିସ୍ତାନ ଏକ ଶକ୍ତିଶାଳୀ କ୍ରିକେଟ ରାଷ୍ଟ୍ରରେ ପରିଣତ ହୋଇପାରିବ ବୋଲି ଅହମ୍ମଦ୍ ସେହଜାଦ୍ କହିଛନ୍ତି।

## କାର୍ଯ୍ୟକାଳ ବଢ଼ାଇବା ଲାଗି ଅଗରକରଙ୍କ ଅନୁରୋଧ

**ମୁମ୍ବଇ, ୧୯ ।୩ (ଏଜେନ୍ସି):** ନିକଟରେ ଭାରତ ରେକର୍ଡ ତୃତୀୟଥର ଲାଗି ଆଇସିସି ଟି-୨୦ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲା। ଏହି ସଫଳତା ପରେ ଭାରତୀୟ କ୍ରିକେଟ୍ ଦଳର ଚୟନ କମିଟି ମୁଖ୍ୟ ଅଜିତ ଅଗରକର ବିସିସିଆଇ ସାମ୍ନାରେ ଏକ ଅନନ୍ୟ ଦାବି ରଖିଛନ୍ତି। ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ମୁତାବକ ଅଗରକର ୨୦୨୭ ଦିନିକିଆ ବିଶ୍ୱକପ୍ ପର୍ଯ୍ୟନ୍ତ କାର୍ଯ୍ୟକାଳ ବୃଦ୍ଧି କରିବା ଲାଗି ଇଚ୍ଛା ବ୍ୟକ୍ତ କରିଛନ୍ତି। ଏଥିଲାଗି ସେ ବିସିସିଆଇ ନିକଟରେ ମଧ୍ୟ ଦାବି ରଖିଛନ୍ତି। ଏବେ ପ୍ରଶ୍ନ ଉଠିଛି ବିସିସିଆଇ କ’ଣ ଅଗରକରଙ୍କ ଦାବିକୁ ମାନିନେଇ ଦ୍ୱିତୀୟଥର ଲାଗି କାର୍ଯ୍ୟକାଳ ବଢ଼ାଇବ? ଅଗରକରଙ୍କ କାର୍ଯ୍ୟକାଳ ସମୟରେ ଭାରତ ୨୦୨୪ ଟି-୨୦ ବିଶ୍ୱକପ୍ ଓ ୨୦୨୫ ଆଇସିସି ଚାମ୍ପିଅନ୍ସ ଟ୍ରଫି ଜିତିଥିଲା। ଏହାର ପୁରସ୍କାର ସ୍ୱରୂପ ୨୦୨୫ ଆଇପିଏଲ୍ ପୂର୍ବରୁ ବିସିସିଆଇ ଅଗରକରଙ୍କ କାର୍ଯ୍ୟକାଳକୁ ୨୦୨୬ ଜୁନ ପର୍ଯ୍ୟନ୍ତ ବୃଦ୍ଧି କରିଥିଲା। ଅର୍ଥାତ ଆଉ ୩ ମାସ ପରେ ଚୟନ କମିଟିର ଅଧ୍ୟକ୍ଷ ଭାବରେ ଅଗରକରଙ୍କ କାର୍ଯ୍ୟକାଳ ସମାପ୍ତ ହେବ। ଚୟନ କମିଟିର ଅଧ୍ୟକ୍ଷ ଲାଗି ଏବେ ପଶ୍ଚିମାଞ୍ଚଳର ଜଣେ ପୂର୍ବତନ ଖେଳାଳି ଦୌଡ଼ରେ ରହିଛନ୍ତି। ତେବେ ବିସିସିଆଇର ପରବର୍ତ୍ତୀ ନିଷ୍ପତ୍ତି ଉପରେ ଏବେ ସମସ୍ତଙ୍କ ନଜର ରହିଛି।

## ବିଶ୍ୱକପ୍ ହକି
## ଭାରତ-ପାକିସ୍ତାନ ମୁକାବିଲା ୧୯ରେ

**ନୂଆଦିଲ୍ଲୀ,୧୯।୩(ଏଜେନ୍ସି):** ନେଦରଲାଣ୍ଡସ ଓ ବେଲଜିୟମରେ ଅଗଷ୍ଟ ୧୫ରୁ ୩୦ ତାରିଖଯାଏ ଖେଳାଯିବାକୁ ଥିବା ହକି ବିଶ୍ୱକପ୍‌ର ଖେଳସୂଚୀ ପ୍ରକାଶ ପାଇଛି। ଗ୍ରୁପ୍-ଡି’ରେ ସ୍ଥାନ ପାଇଥିବା ପୁରୁଷ ଦଳ ଅଗଷ୍ଟ ୧୫ରେ ୱେଲ୍ସ, ୧୭ରେ ଇଂଲଣ୍ଡ ଓ ୧୯ରେ ପାକିସ୍ତାନ ସହ ଖେଳିବାକୁ କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ସେହିପି ମହିଳା ଦଳ ମଧ୍ୟ ଗ୍ରୁପ୍-ଡି’ରେ ସ୍ଥାନ ପାଇଛି। ଅଗଷ୍ଟ ୧୬ରେ ମହିଳା ଦଳ ପ୍ରଥମ ମ୍ୟାଚ୍‌ରେ



ଚୀନ୍, ୧୮ରେ ଦକ୍ଷିଣ ଆଫ୍ରିକା ଓ ୨୦ରେ ଇଂଲଣ୍ଡ ସହ ଖେଳିବାର କାର୍ଯ୍ୟସୂଚୀରୁ ଜଣାଯାଇଛି।

**ଭାରତର ପୁରୁଷ ଖେଳସୂଚୀ**

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭାରତୀୟ ସମୟ |
|---|---|---|
| ୧୫।୮ | ୱେଲ୍ସ | ଅପରାହ୍ନ ୪ଟା ୩୦ |
| ୧୭।୮ | ଇଂଲଣ୍ଡ | ସନ୍ଧ୍ୟା ୬ଟା ୩୦ |
| ୧୯।୮ | ପାକିସ୍ତାନ | ସନ୍ଧ୍ୟା ୬ଟା ୩୦ |

**ମହିଳା ଦଳର ଖେଳସୂଚୀ**

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭାରତୀୟ ସମୟ |
|---|---|---|
| ୧୬।୮ | ଚୀନ୍ | ଅପରାହ୍ନ ୪ଟା ୩୦ |
| ୧୮।୮ | ଦ.ଆଫ୍ରିକା | ସନ୍ଧ୍ୟା ୬ଟା ୩୦ |
| ୨୦।୮ | ଇଂଲଣ୍ଡ | ସନ୍ଧ୍ୟା ୬ଟା ୩୦ |

## ଆଇପିଏଲ୍‌ରୁ ଏଲିସ୍, କରାନ ଆଉଟ

**ଚେନ୍ନଇ,୧୯।୩(ଏଜେନ୍ସି):** ଚେନ୍ନଇ ସୁପର କିଙ୍ଗ୍‌ସ (ସିଏସ୍‌କେ)ର ଅଷ୍ଟ୍ରେଲୀୟ ଫାଷ୍ଟ ବୋଲର ନାଥାନ ଏଲିସ୍ ଓ ରାଜସ୍ଥାନ ରୟାଲ୍ସର ଇଂଲିଶ ଅଲରାଉଣ୍ଡର ସାମ କରାନ ଆଇପିଏଲ୍‌ରୁ ବାଦ୍ ପଡ଼ିଛନ୍ତି। ଉଭୟ ଖେଳାଳିଙ୍କ ଆଘାତ ସମସ୍ୟା ଏବେ ଠିକ୍ ହୋଇପାରିବ ନାହିଁ ବୋଲି ଜଣାପଡ଼ିବା ପରେ ସିଏସ୍‌କେ ଓ ରୟାଲ୍ସକୁ ଶକ୍ତ ଧକ୍କା ଲାଗିଛି। ‘ଏଲିସ୍ ଆମର ଡେଥ ଓଭର ସ୍ପେଶାଲିଷ୍ଟ ବୋଲର ଥିଲେ। ଏବେ ଆଉ ଜଣେ ବୋଲରଙ୍କୁ ଖୋଜିବୁ’ ବୋଲି ସିଏସ୍‌କେର ସିଇଓ କାଶୀ ବିଶ୍ୱନାଥ କହିଛନ୍ତି। ଅଷ୍ଟ୍ରେଲିଆର ଅନ୍ୟତମ ଫାଷ୍ଟ ବୋଲର ତଥା ସନ୍‌ରାଇଜର୍ସ ହାଇଦରାବାଦ୍‌ର ଅଧିନାୟକ ପ୍ୟାଟ କମିନ୍ସ, ଚାମ୍ପିଅନ ଆର୍‌ସିବିର ଜୋଶ ହାଜ୍‌ଲେଉଡ୍‌ଙ୍କର ମଧ୍ୟ ଚଳିତ ଆଇପିଏଲ୍‌ରେ ଖେଳିବା ନେଇ ଆଶଙ୍କା ରହିଛି। କେକେଆର୍‌ର ଦୁଇ ଫାଷ୍ଟ ବୋଲର ହର୍ଷିତ ରାଣା ବାଦ୍ ପଡ଼ିଥିଲାବେଳେ ମାଥିଶା ପତିରାଣା ଏବେ ମଧ୍ୟ ଫିଟ୍ ହୋଇ ନାହାନ୍ତି। ଏଭଳି ଘଟଣାକୁ ଦେଖିଲେ ଚଳିତ ସଂସ୍କରଣରେ ଆଘାତ ଯୋଗୁଁ ସର୍ବାଧିକ ଖେଳାଳି ଖେଳିବା ନେଇ ଆଶଙ୍କା ପ୍ରକାଶ ପାଇଛି।

### ■ ସିନିଅର ଫେଡେରେସନ୍ କପ୍ ଥ୍ରୋ ବଲ୍
## ଓଡ଼ିଶା ଦଳକୁ କାଂସ୍ୟ

**ଭୁବନେଶ୍ୱର, ୧୯ ।୩ (ସମିସ):** ଆନ୍ଧ୍ର ପ୍ରଦେଶର ତିରୁପତିଠାରେ ୩୪ତମ ସିନିଅର ଫେଡେରେସନ କପ୍ ଥ୍ରୋ ବଲ୍ ଚାମ୍ପିଅନସିପ୍‌ରେ ଓଡ଼ିଶା ପୁରୁଷ ଦଳ କାଂସ୍ୟ ପଦକ ବିଜୟୀ ହୋଇଛି। ଗ୍ରୁପ୍ ପର୍ଯ୍ୟାୟରେ ରାଜସ୍ଥାନ, ଦିଲ୍ଲୀ ଓ କେରଳକୁ ପରାସ୍ତ କରି ଓଡ଼ିଶା ସେମିଫାଇନାଲରେ ପ୍ରବେଶ କରିଥିଲା। କିନ୍ତୁ ସେମିଫାଇନାଲରେ ମଧ୍ୟପ୍ରଦେଶ ନିକଟରୁ ଓଡ଼ିଶା ପରାସ୍ତ ହୋଇଥିଲା। ଏହାପରେ ୩ୟ/୪ର୍ଥ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚରେ ଓଡ଼ିଶା ୨-୧ ସେଟରେ ତାମିଲନାଡୁକୁ ହରାଇ କାଂସ୍ୟ ପଦକ ଜିତିଛି। ଓଡ଼ିଶା ଦଳର ସଫଳତାରେ ରାଜ୍ୟ ଥ୍ରୋ ବଲ୍ ସଂଘର ସଭାପତି ଭୂପେନ୍ଦ୍ର ସିଂ, ସମ୍ପାଦକ ଜିତେନ୍ଦ୍ରନାଥ ଦାସ ଓ ଯୁଗ୍ମ ସମ୍ପାଦକ ଯଶୋବନ୍ତ ପରମଗୁରୁ ଶୁଭକାମନା ଜଣାଇଛନ୍ତି। ଏଥିସହ ଆର୍ଥିକ ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ପ୍ରତିଯୋଗିତାରେ ଅର୍ଥାଭାବ ଯୋଗୁ ଓଡ଼ିଶା ମହିଳା ଦଳ ଅଂଶଗ୍ରହଣ କରିପାରି ନ ଥିଲା। ଏହାକୁ ନେଇ ସମ୍ପାଦକ ଦୁଃଖ ପ୍ରକାଶ କରିବା ସହ କ୍ରୀଡ଼ା ବିଭାଗ ସହ ଆଲୋଚନା କରିବେ ବୋଲି କହିଛନ୍ତି।



### ଜାତୀୟ ଯୁବ ଭଲିବଲ୍
## ସେମିଫାଇନାଲରେ ଓଡ଼ିଶା




**ଭୁବନେଶ୍ୱର, ୧୯ ।୩ (ସମିସ):** କିଟ୍‌ସ୍ଥିତ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମରେ ଚାଲିଥିବା ୨୬ତମ ଜାତୀୟ ଯୁବ ଭଲିବଲ୍ ଚାମ୍ପିଅନସିପ୍‌ରେ ଆୟୋଜକ ଓଡ଼ିଶାକୁ ବଡ଼ ସଫଳତା ମିଳିଛି। ଓଡ଼ିଶାର ଉଭୟ ବାଳକ ଓ ବାଳିକା ଦଳ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମଥର ଲାଗି କୌଣସି ଜାତୀୟ ଭଲିବଲ୍ ଚାମ୍ପିଅନସିପ୍‌ର ଉଭୟ ପୁରୁଷ ଓ ମହିଳା ବିଭାଗରେ ଓଡ଼ିଶା ସେମିଫାଇନାଲ ଖେଳିବା ଏହା ପ୍ରଥମ ଘଟଣା। ଗୁରୁବାର ଅନୁଷ୍ଠିତ ବାଳିକା କ୍ୱାର୍ଟର ଫାଇନାଲରେ ଓଡ଼ିଶା ୩-୧ (୨୬-୨୪, ୨୫-୧୭, ୨୨-୨୫, ୨୫-୧୧) ସେଟରେ ଦିଲ୍ଲୀକୁ ପରାସ୍ତ କରିଥିଲା। ଓଡ଼ିଶା ବାଳିକା ଦଳ ଏଥିପୂର୍ବରୁ ଡିଫେଣ୍ଡିଂ ଚାମ୍ପିଅନ ପଶ୍ଚିମବଙ୍ଗକୁ ମାତ୍ ଦେଇଥିଲା। ସେହିଭଳି ବାଳକ କ୍ୱାର୍ଟରରେ ଓଡ଼ିଶା ସମାନ ୩-୧ ସେଟ (୧୬-୨୫, ୨୫-୧୯, ୨୫-୨୧, ୨୫-୧୭)ରେ ଶକ୍ତିଶାଳୀ ତାମିଲନାଡୁକୁ ହରାଇ ସେମିଫାଇନାଲ ଟିକଟ ହାସଲ କରିଥିଲା। ସେମିଫାଇନାଲରେ ଓଡ଼ିଶା ବାଳକ ଦଳ ପଞ୍ଜାବକୁ ଏବଂ ବାଳିକା ଦଳ ତାମିଲନାଡୁକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ଏହି ସଫଳତା ଲାଗି ଓଡ଼ିଶା ଭଲିବଲ୍ ସଂଘର ସଭାପତି ପ୍ରଫେସର ଅଚ୍ୟୁତ ସାମନ୍ତ ଉଭୟ ଦଳର ଖେଳାଳିଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

## କ୍ୟାରିୟରରେ ୯୦୦ ଗୋଲ୍ ଦେଲେ ମେସି



**ଫ୍ଲୋରିଡା, ୧୯ ।୩ (ଏଜେନ୍ସି):** ଆର୍ଜେଣ୍ଟିନାର ମହାନ ଫୁଟ୍‌ବଲ ଖେଳାଳି ଲିଓନେଲ ମେସି ତାଙ୍କ କ୍ୟାରିୟରରେ ଆଉ ଏକ ମାଇଲଖୁଣ୍ଟ ହାସଲ କରିଛନ୍ତି। ମେସି କ୍ୟାରିୟରର ୯୦୦ତମ ଗୋଲ୍ ଦେଇଛନ୍ତି। ଏଠାରେ ଗତକାଲି ଅନୁଷ୍ଠିତ କନକାଫ୍ ଚାମ୍ପିଅନସିପ୍ କପ୍‌ର ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚରେ ଇଣ୍ଟର ମିଆମି ତାରକା ମେସି ନାଶଭିଲ୍ଲେ ଏସ୍‌ସି ବିପକ୍ଷ ମ୍ୟାଚରେ ଏହି କୀର୍ତ୍ତିମାନ ହାସଲ କରିଥିଲେ। ମ୍ୟାଚର ୭ମ ମିନିଟରେ ମେସି ଗୋଲସ୍କୋର କରିଥିଲେ। ଯାହାକି ତାଙ୍କ କ୍ୟାରିୟରର ୯୦୦ତମ ଗୋଲ୍ ଥିଲା। ଯେଉଁଥିରେ ସେ ବାର୍ସିଲୋନା କ୍ଲବ ପାଇଁ ସର୍ବାଧିକ ୬୭୨ଟି ଗୋଲ୍ ଦେଇଛନ୍ତି। ସେହିଭଳି ପ୍ୟାରିସ ସେଣ୍ଟ-ଜର୍ମେନ ପାଇଁ ୩୨ଟି ଓ ବର୍ତ୍ତମାନର କ୍ଲବ ଇଣ୍ଟର ମିଆମି ପାଇଁ ୮୧ଟି ଗୋଲ୍ ଦେଇଛନ୍ତି। ଅପରପକ୍ଷରେ ଜାତୀୟ ଦଳ ଆର୍ଜେଣ୍ଟିନା ପକ୍ଷରୁ ଖେଳି ମେସି ୧୧୫ଟି ଗୋଲ୍‌ସ୍କୋର କରିଛନ୍ତି। ବିଶ୍ୱ ଫୁଟବଲରେ ୯୦୦ ଗୋଲ୍ ଦେବାରେ ମେସି ଦ୍ୱିତୀୟ ପୁରୁଷ ଖେଳାଳି ହୋଇଛନ୍ତି। ତାଙ୍କ ପୂର୍ବରୁ ପ୍ରଥମ ଖେଳାଳି ଭାବେ ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲ୍ଡୋ ଏହି କୀର୍ତ୍ତିମାନ କରିଥିଲେ। ୪୧ ବର୍ଷୀୟ ରୋନାଲ୍ଡୋ ବର୍ତ୍ତମାନ ସୁଦ୍ଧା ୯୬୫ଟି ଗୋଲ୍ ଦେଇ ଶୀର୍ଷରେ ରହିଛନ୍ତି।

## ତୃତୀୟ ସନ୍ତାନର ପିତୃତ୍ୱ ଲାଭ କଲେ କାର୍ତ୍ତିକ



**ଚେନ୍ନଇ, ୧୯ ।୩ (ଏଜେନ୍ସି):** ପୂର୍ବତନ ଭାରତୀୟ କ୍ରିକେଟର୍ ଦୀନେଶ କାର୍ତ୍ତିକ ୩ୟ ସନ୍ତାନର ଜନକ ହୋଇଛନ୍ତି। ତାଙ୍କ ପତ୍ନୀ ତଥା ଭାରତୀୟ ସ୍କ୍ୱାଶ ଖେଳାଳି ଦୀପିକା ପାଲିକଲ ଏକ କନ୍ୟା ସନ୍ତାନ ପ୍ରସବ କରିଛନ୍ତି। ୪୦ ବର୍ଷୀୟ ଦୀନେଶ ସାମାଜିକ ଗଣମାଧ୍ୟମରେ ଏହି ସୂଚନା ତାଙ୍କ ପ୍ରଶଂସକଙ୍କୁ ଜଣାଇଛନ୍ତି। କନ୍ୟା ସନ୍ତାନର ନାମ ରାହ ପାଲିକଲ କାର୍ତ୍ତିକ ରଖାଯାଇଛି। କବୀର ଓ ଜିଆନ ସେମାନଙ୍କ ଛୋଟ ଭଉଣୀକୁ ସ୍ୱାଗତ କରିବା ପାଇଁ ବହୁତ ଉତ୍ସାହିତ ରହିଛନ୍ତି ବୋଲି ଦୀନେଶ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଏହି ଚର୍ଚ୍ଚିତ କ୍ରୀଡ଼ା ଦମ୍ପତି ୨୦୧୫ରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ୨୦୨୧ରେ ଉଭୟଙ୍କ କବୀର ଓ ଜିଆନ ନାମରେ ଯାଁଆଳା ପୁତ୍ର ସନ୍ତାନ ହୋଇଥିଲା। କାର୍ତ୍ତିକ ବର୍ତ୍ତମାନ ଆଇପିଏଲ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) କୋଚିଂ ଦଳରେ ସାମିଲ ରହିଛନ୍ତି। ସେ ଆର୍‌ସିବିର ବ୍ୟାଟିଂ କୋଚ୍ ଭାବେ କାର୍ଯ୍ୟ କରୁଛନ୍ତି।

## ଏଥେନ୍ସ ଅନ୍ତର୍ଜାତୀୟ ଉଶୁ: ଜିନ୍ଦଲର ଶିବାନୀଙ୍କୁ ସ୍ୱର୍ଣ୍ଣ, ମଞ୍ଜୁଙ୍କୁ ରୌପ୍ୟ ପଦକ

**ଭୁବନେଶ୍ୱର,୧୯ ।୩ (ସମିସ):** ଅନ୍ତର୍ଜାତୀୟ ଉଶୁ ଚାମ୍ପିଅନସିପ୍‌ରେ ବଡ଼ବିଲ ଜିନ୍ଦଲ ସ୍ପୋର୍ଟ୍ସ ହଷ୍ଟେଲର ଦୁଇ ଅନ୍ତେବାସୀ ଶିବାନୀ ମୁଣ୍ଡା ଓ ମଞ୍ଜୁ ମୁଣ୍ଡା ପଦକ ବିଜୟୀ ହୋଇଛନ୍ତି। ଏଥେନ୍ସ ଅନ୍ତର୍ଜାତୀୟ ଉଶୁର ଶିବାନୀ ୧୪ ବର୍ଷରୁ କମ୍ ୩୯ କିଲୋଗ୍ରାମ୍ କାଟାଗୋରୀରେ ସ୍ୱର୍ଣ୍ଣ ପଦକ ଓ ମଞ୍ଜୁ ବରିଷ୍ଠ ୪୮ କେଜିରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଜିନ୍ଦଲ ଫାଉଣ୍ଡେସନ, କେନ୍ଦୁଝର ଜିଲ୍ଲା ଓ ଓଡ଼ିଶା ଉଶୁ ସଂଘର ମିଳିତ ସହଯୋଗରେ ଏହି କ୍ରୀଡ଼ାର



ଉନ୍ନତି ହୋଇଛି। କେନ୍ଦୁଝରରେ ୬୦ ଶଯ୍ୟା ବିଶିଷ୍ଟ ସ୍ପୋର୍ଟ୍ସ ହଷ୍ଟେଲ ରହିଛି। ଏଠାରେ ଅନ୍ତେବାସୀମାନେ ପାଠ ପଢ଼ିବା ସହ ଖେଳରେ ମଧ୍ୟ ପ୍ରଶିକ୍ଷଣ ନେଉଛନ୍ତି। କେନ୍ଦୁଝର ଜିଲ୍ଲା ସିଆଳିଯୋଡାଠାରେ ଆଉ ଏକ ଉଶୁ ପ୍ରଶିକ୍ଷଣ କେନ୍ଦ୍ର ରହିଛି। ଏହି କେନ୍ଦ୍ରରେ ୩୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପ୍ରଶିକ୍ଷଣ ନେଉଛନ୍ତି। ଉଭୟ କେନ୍ଦ୍ର ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶାଲୁ ଜିନ୍ଦଲଙ୍କ ନେତୃତ୍ୱ ଓ ଜିନ୍ଦଲ ଷ୍ଟିଲ୍‌ର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ମାର୍ଗଦର୍ଶନରେ କ୍ରୀଡ଼ାରେ ଉତ୍କର୍ଷ ଆଣିବା ଲାଗି ସମସ୍ତ ପ୍ରକାର ଉଦ୍ୟମ ଚାଲୁରହିଛି।

### ● ଆଇଏସ୍‌ଏଲ୍-୧୨
## ପ୍ରଥମ ବିଜୟ ଲକ୍ଷ୍ୟରେ ଓଡ଼ିଶା ଏଫ୍‌ସି

**ଭୁବନେଶ୍ୱର, ୧୯ ।୩ (ସମିସ):** ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସଏଲ୍)ର ଦ୍ୱାଦଶ ସଂସ୍କରଣରେ ଶୁକ୍ରବାର ଓଡ଼ିଶା ଏଫ୍‌ସି ଓ ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି ସାମ୍ନାସାମ୍ନି ହେବେ। ଗୌହାଟୀର ଇନ୍ଦିରା ଗାନ୍ଧୀ ଆଥଲେଟିକ ଷ୍ଟାଡିୟମରେ ସନ୍ଧ୍ୟା ୫ଟାରେ ଏହି ମ୍ୟାଚ୍ ଖେଳାଯିବ। ଭୁବନେଶ୍ୱରଭିତ୍ତିକ ଦଳ ଓଡ଼ିଶା ଏଫ୍‌ସି ଏହି ମ୍ୟାଚ୍ ଜିତି ସିଜନର ପ୍ରଥମ ବିଜୟ ପଏଣ୍ଟ ହାତେଇବା ଲକ୍ଷ୍ୟରେ ରହିଛି। ବର୍ତ୍ତମାନ ସୁଦ୍ଧା ଓଡ଼ିଶା ୩ଟି ମ୍ୟାଚ୍ ଖେଳି ୨ଟି ଡ୍ର ଓ ଗୋଟିଏ ପରାଜୟବରଣ କରିଛି। ଦଳ ୨ ପଏଣ୍ଟ ପାଇ ୧୪ ଦଳୀୟ ଟେବଲ ତାଲିକାରେ ୧୧ତମ ସ୍ଥାନରେ ରହିଛି। ଅପରପକ୍ଷରେ ନର୍ଥଇଷ୍ଟ ୟୁନାଇଟେଡ୍ ୫ ମ୍ୟାଚ୍ ଖେଳି ୩ଟି ଡ୍ର ଏବଂ ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ୬ ପଏଣ୍ଟ ପାଇଛି। ପଏଣ୍ଟ ଟେବଲରେ ସ୍ଥିତି ଦୃଢ଼ କରିବା ଲାଗି ଉଭୟ ଦଳ ଏହି ମ୍ୟାଚରେ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇବେ।

### ପ୍ରଶାନ୍ତ-ଶୁଭାଶିଷ ସ୍ମାରକୀ କ୍ରିକେଟ୍
## ଫାଇନାଲରେ ମୁକ୍ତେଶ୍ୱର




**ଭୁବନେଶ୍ୱର, ୧୯ ।୩ (ସମିସ):** ଆୟୋଜକ ମୁକ୍ତେଶ୍ୱର କ୍ରିକେଟ କ୍ଲବ୍ ପ୍ରଥମ ଦଳ ଭାବେ ପ୍ରଶାନ୍ତ ମହାପାତ୍ର ଓ ଶୁଭାଶିଷ ଭୂୟାଁ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ସ୍ଥାନୀୟ ବିଜେବି କଲେଜ୍ ଗ୍ରାଉଣ୍ଡରେ ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମୁକାବିଲାରେ ମୁକ୍ତେଶ୍ୱର ୮୭ ରନରେ ସହରର ପ୍ରତିଦ୍ୱନ୍ଦ୍ୱୀ ପାରାମାଉଣ୍ଟ ସ୍ପୋର୍ଟିଂକୁ ପରାସ୍ତ କରିଥିଲା। ଏହି ମ୍ୟାଚରେ ୯୭ ବଲ୍‌ରୁ ୧୦୮ ରନ୍ କରିଥିବା ବରିଷ୍ଠ ଓପନର ଅନୁରାଗ ଷଡଙ୍ଗୀଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ ଅର୍ଚ୍ଚିଡ ବିଲ୍ଡର୍ସର ବନ୍ଦନ ମହାନ୍ତି। ଆସନ୍ତାକାଲି ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମୁକାବିଲା ରାଉରକେଲା ୟୁଥ୍ କ୍ରିକେଟ କ୍ଲବ୍ ଓ ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ସହ ଆୟୋଜକ ମୁକ୍ତେଶ୍ୱର ଫାଇନାଲ ମୁକାବିଲା କରିବ। ଆଜିର ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମୁକ୍ତେଶ୍ୱର ନିର୍ଦ୍ଧାରିତ ୪୦ ଓଭରରେ ୭ ୱିକେଟ ହରାଇ ୨୬୦ ରନ୍ କରିଥିଲା। ଦଳ ପକ୍ଷରୁ ଅନୁରାଗଙ୍କ ଶତକ ବ୍ୟତୀତ ହିମାଂଶୁ ବିସ୍ତ ୨୯ ବଲ୍‌ରେ ୫୧ ଓ ରମଣୀ ଜେନା ୪୫ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ସେକ୍ ନକ୍ୱିବ୍ ଓ ରୀତେଶ ପ୍ରିୟରଞ୍ଜନ ୨ଟି ଲେଖାଏଁ ୱିକେଟ ପାଇଥିଲେ।

ଜବାବରେ ୨୬୧ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ପାରାମାଉଣ୍ଟ ୪ ଓଭରରେ ୫୧ ରନ୍ କରି ଧମାକାଦାର ବ୍ୟାଟିଂ ଆରମ୍ଭ କରିଥିଲା। କିନ୍ତୁ ମୁକ୍ତେଶ୍ୱର ବୋଲରମାନେ ମିଡଲ ଓଭରରେ ଚମତ୍କାର ବୋଲିଂ କରି ୧୮ ଓଭରରେ ୯୩ ରନ୍ ବ୍ୟୟ କରି ୬ଟି ୱିକେଟ ନେବା ଫଳରେ ପାରାମାଉଣ୍ଟର ଲଢ଼େଇ ଶେଷ ହୋଇଯାଇଥିଲା। ଫଳରେ ଦଳ ୨୮.୩ ଓଭରରେ ୧୭୩ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଦେବାଶିଷ ସାମନ୍ତରାୟ ୩୨ ଓ ବିଦ୍ୟାଧର ମହାପାତ୍ର ୩୫ ରନ୍ କରିଥିଲେ। ବିଜୟୀ ଦଳ ପକ୍ଷରୁ ସାଇପ୍ରୟାସ ପଟ୍ଟନାୟକ ସର୍ବାଧିକ ୪ଟି, ଚନ୍ଦ୍ରାଂଶୁ ବାଘେଲ, ପ୍ରତୀକ ସ୍ୱାଇଁ, ଅଭିନବ ନନ୍ଦ ୨ଟି ଲେଖାଏଁ ୱିକେଟ ନେଇ ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ।

### ଏଲ୍‌ଏଲ୍‌ସିସି କପ୍ କ୍ରିକେଟ
## କ୍ୱାର୍ଟର ଫାଇନାଲ୍‌ରେ ସହିଦ୍ ଓ ପ୍ରଗତି ସ୍ପୋର୍ଟିଂ

**ଭୁବନେଶ୍ୱର, ୧୯ ।୩ (ସମିସ):** ଭୁବନେଶ୍ୱରର ଦୁଇ ଦଳ ସହିଦ୍ ସ୍ପୋର୍ଟିଂ ଓ ପ୍ରଗତି ସ୍ପୋର୍ଟିଂ ଆଇଆର୍‌ସି ଭିଲେଜ୍ ପଡ଼ିଆରେ ଚାଲିଥିବା ୫ମ ଏଲଏଲସିସି କପ୍ ୧୪ ବର୍ଷରୁ କମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଖେଳାଯାଇଥିବା ପ୍ରି-କ୍ୱାର୍ଟର ମ୍ୟାଚରେ ସହିଦ୍ ସ୍ପୋର୍ଟିଂ ୭ ୱିକେଟରେ ବିବିସିଏ (ଭରତ ଭୂଷଣ କ୍ରିକେଟ ଏକାଡେମୀ)କୁ ପରାସ୍ତ କରିଛି। ସେହିପରି ପୂର୍ବରୁ ଖେଳାଯାଇଥିବା ମ୍ୟାଚ୍‌ରେ ମୁକ୍ତେଶ୍ୱର କ୍ରିକେଟ କ୍ଲବ୍‌କୁ ୭ ୱିକେଟରେ ହରାଇ ପ୍ରଗତି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ପ୍ରଗତିର ନମନ ଶତପଥୀ ୫୯ ବଲ୍‌ରେ ଅପରାଜିତ ୬୮ ରନ୍ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିପରି ସହିଦ୍ ସ୍ପୋର୍ଟିଂର ଆର୍ଯ୍ୟ ମୋରେ ଅଲରାଉଣ୍ଡ ସଫଳତା ହାସଲ କରି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେ ପ୍ରଥମେ ବୋଲିଂ କରି ୪ ଓଭରରେ ଗୋଟିଏ ମେଡେନ୍ ଓଭର ପକାଇ ମାତ୍ର ୧୫ ରନ୍ ଦେଇ ୪ଟି ୱିକେଟ ପାଇଥିଲେ। ଏହା ପରେ ବ୍ୟାଟିଂରେ ୨୫ ବଲ୍‌ରୁ ୧୦ ଚୌକା ସହ ୪୨ ରନ୍ କରିଥିଲେ।




ନମନ୍ ଶତପଥୀ | ଆର୍ଯ୍ୟ ମୋରେ

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବିବିସିଏ ୨୩.୨ ଓଭରରେ ୧୨୧ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳର ହିତାଂଶୁ ଦାସ ୨୪ ରନ୍ କରିଥିଲେ। ଆର୍ଯ୍ୟଙ୍କ ବ୍ୟତୀତ ଜୟପ୍ରକାଶ ନାଥ ବୋଲିଂରେ ସଫଳତା ପାଇ ୧୩ ରନ୍‌ରେ ୩ଟି ୱିକେଟ ପାଇଥିଲେ। ଜବାବରେ ୧୨୨ ରନ୍‌ର ବିଜୟ ଲକ୍ଷ୍ୟକୁ ସହିଦ୍ ସ୍ପୋର୍ଟିଂ ୧୩.୨ ଓଭରରେ ୩ ୱିକେଟ ହରାଇ ହାସଲ କରିନେଇଥିଲା। ଦଳ ପକ୍ଷରୁ ଆର୍ଯ୍ୟଙ୍କ ୪୨ ରନ୍ ବ୍ୟତୀତ ସୁରଜ ଧଳ ୩୮ ବଲ୍‌ରେ ୧୦ ଚୌକା ସହ ୪୪ ରନ୍‌ର ଯୋଗଦାନ ଦେଇଥିଲେ। ପ୍ରତିପକ୍ଷ ଦଳର ପ୍ରତ୍ୟୁଷ ରଞ୍ଜନ ଜେନା ୨ଟି ୱିକେଟ ପାଇଥିଲେ।

ପୂର୍ବରୁ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ମୁକ୍ତେଶ୍ୱର ପ୍ରଥମେ ବ୍ୟାଟିଂ କରି ୭ ୱିକେଟରେ ୧୩୬ ରନ୍ କରିଥିଲା। ଆଶୁତୋଷ ପଟ୍ଟନାୟକ ୭୬ ରନ୍ କରିଥିଲାବେଳେ ପ୍ରତିପକ୍ଷ ଦଳର ଶ୍ରୀରାମ ପ୍ରଧାନଙ୍କୁ ୫ଟି ୱିକେଟ ମିଳିଥିଲା। ଜବାବରେ ପ୍ରଗତି ମାତ୍ର ୩ ୱିକେଟ ହରାଇ ବିଜୟୀ ହୋଇଥିଲା।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS